# ଧରିତ୍ରୀ
DHARITRI

ବୁଧବାର, ଜୁନ୍ ୧୭/୨୦୨୦ (୨୦ ପୃଷ୍ଠା) | Wednesday, June 17/2020

୪୬ଶ ଭାଗ ୨୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଓଡ଼ିଶା ଏଫ୍‌ସି ସହ ଥୋଇବାଙ୍କ ଚୁକ୍ତି**
ଭାରତୀୟ ଫୁଟବଲ ପ୍ରତିଭା ଥୋଇବା ସିଂ ମୋଇରାଙ୍ଗଥେମ୍ ଆଇଏସ୍‌ଏଲ୍‌ରେ ଖେଳିବା ପାଇଁ ଓଡ଼ିଶା ଏଫ୍‌ସି ସହ ୩ ବର୍ଷିଆ ଚୁକ୍ତି କରିଛନ୍ତି।
୨୦

୧୦
**ଭାଙ୍ଗିପଡ଼ିଛନ୍ତି ଅଙ୍କିତା**
ବଲିଉଡ୍ ଷ୍ଟାର ସୁଶାନ୍ତ ସିଂଙ୍କ ମୃତ୍ୟୁ ଖବର ପରଠାରୁ ଭାଙ୍ଗିପଡିଛନ୍ତି ତାଙ୍କ ପୂର୍ବତନ ପ୍ରେମିକା ଅଙ୍କିତା ଲୋଖଣ୍ଡେ।



# ଚାଇନା ସହ ସଂଘର୍ଷ
## ୨୦ ଯବାନ ଶହୀଦ
## ପିଏଲ୍‌ଏର ୪୩ ସୈନ୍ୟ ମୃତାହତ

**ନୂଆଦିଲ୍ଲୀ,୧୬ା୬**

କଥା କଟାକଟିରୁ ହାତାହାତି ତା' ପରେ ସଂଘର୍ଷ ଓ ଶେଷରେ ଫୁଟିଛି ଗୁଳି। ସଂଘର୍ଷ ବେଳେ ଟେକାମାଡ଼ରେ ଟଳିପଡ଼ିଛନ୍ତି ଭାରତୀୟ ସେନାର ଜଣେ ଅଧିକାରୀଙ୍କ ସମେତ ୨୦ ଯବାନ। ଲଦାଖ ସୀମାରେ ଭାରତ-ଚାଇନା ସେନା ମଧ୍ୟରେ ବିବାଦର ଏହା ହେଉଛି ସଦ୍ୟ ପରିଣତି। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ୫ ସପ୍ତାହ ଧରି କୁହୁଳୁଥିବା ଧୂଆଁ ନିଆଁର ରୂପ ନେବା ପରେ ଭାରତୀୟ ଯବାନ ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ମଧ୍ୟରେ ହୋଇଛି ଘମାଘୋଟ ଲଢ଼େଇ। ଏହି ଲଢ଼େଇରେ ପିଏଲ୍‌ଏର ୪୩ ସୈନ୍ୟ ମୃତାହତ ହୋଇଥିବା ଜଣାପଡ଼ିଛି। ଏଥିସହ ସୀମା ଅତିକ୍ରମ ନ କରିବାକୁ ଭାରତକୁ ଚେତାବନୀ ଦେଇଛି ଚାଇନା। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଜରୁରୀ ବୈଠକ ଡକାଇବା ପରେ ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରିଛନ୍ତି। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ୪୫ ବର୍ଷରେ ଦୁଇଦେଶ ମଧ୍ୟରେ ପ୍ରଥମଥର ପାଇଁ ଏଭଳି ହିଂସାତ୍ମକ ଲଢ଼େଇ ହୋଇଛି, ଯାହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମିତି ଦେଖିଲେ ୧୯୭୫ ପରେ ଭାରତ-ଚାଇନା ସୀମାରେ ଏତେ ବଡ଼ ସଂଘର୍ଷ କେବେ ଘଟି ନ ଥିଲା ଯଦିଓ ମଝିରେ ମଝିରେ ଦୁଇଦେଶ ଏକାଧିକ ଥର ମୁହାଁମୁହିଁ ହୋଇଛନ୍ତି। ୨୦୧୭ରେ ଡୋକ୍‌ଲାମ ବିବାଦ ପରେ ସ୍ଥିତି ସ୍ୱାଭାବିକ ମନେହେଉଥିଲେ ☞ପୃଷ୍ଠା-୪



### ୪୫ ବର୍ଷରେ ସବୁଠୁ ବଡ଼ ଲଢ଼େଇ

୧୯୭୫ରେ ଅରୁଣାଚଳ ପ୍ରଦେଶର ତୁଲୁଙ୍ଗ୍‌ରେ ଭାରତୀୟ ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୪ ଯବାନ ଶହୀଦ ହୋଇଥିଲେ। ଏହା ପରେ ଦୁଇଦେଶର ସେନା ଅନେକ ଥର ମୁହାଁମୁହିଁ ହୋଇଥିଲେ ହେଁ ଏଭଳି ରକ୍ତାକ୍ତ ସଂଘର୍ଷ କେବେ ଘଟି ନ ଥିଲା। ଗଲୱାନ ଉପତ୍ୟକାର ଡରବୁକ-ଶାୟୋକ୍-ଦଉଲତ ବେଗ୍ ଓଲ୍ଡି ରୋଡ୍‌କୁ ସଂଯୋଗ ପାଇଁ ଭାରତ ପକ୍ଷରୁ ଫିଙ୍ଗର ଏରିଆରେ ଆଉ ଏକ ରାସ୍ତା ନିର୍ମାଣ ବେଳେ ଚାଇନା ଆପତ୍ତି ଉଠାଇଥିଲା। ଏହାକୁ ନେଇ ଗତ ମେ ୫ ଓ ୬ ତାରିଖରେ ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ ଭାରତ ସହ ସଂଘର୍ଷ ହୋଇଥିଲା। ସେହିପରି ମେ ୯ ତାରିଖରେ ଉତ୍ତର ସିକିମରେ ଦୁଇପକ୍ଷ ମୁହାଁମୁହିଁ ହୋଇଥିଲେ। ସୋମବାର ରାତିରେ ଘଟିଥିବା ସଂଘର୍ଷରେ ଭାରତର ୨୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର ୪୩ ସୈନ୍ୟ ମୃତାହତ ହୋଇଛନ୍ତି।

**ଘାତକ ହେଲା ସୀମା ବିବାଦ**
- ସୀମା ଅତିକ୍ରମ ନ କରିବାକୁ ଭାରତକୁ ଚାଇନାର ଚେତାବନୀ
- ପ୍ରତିରକ୍ଷା ମନ୍ତ୍ରୀ ଡାକିଲେ ଜରୁରୀ ବୈଠକ, ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ଜଣାଇଲେ
- ଲୁହାରଡ୍ ଓ ଟେକାମାଡ଼ରେ ଯବାନଙ୍କ ଜୀବନ ଯାଇଥିବା କୁହାଯାଉଛି

# ବଢ଼ିଲା ବସ୍ ଭଡ଼ା

**କିଲୋମିଟର ପିଛା ୩ ଓ ୬ ପଇସା ବୃଦ୍ଧି**



| ବସ୍ | ଥିଲା (ପଇସାରେ) | ହେଲା (ପଇସାରେ) |
|---|---|---|
| ସାଧାରଣ | ୬୭ | ୭୦ |
| ଏକ୍ସପ୍ରେସ୍ | ୭୦ | ୭୩ |
| ଡିଲକ୍ସ | ୯୫ | ୧୦୧ |
| ଏସି ଡିଲକ୍ସ | ୧୧୭ | ୧୨୩ |

**ଭୁବନେଶ୍ୱର,୧୬ା୬(ବ୍ୟୁରୋ)**

ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ଏ ନେଇ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତଦନୁଯାୟୀ ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୩ ପଇସା ଲେଖାଏ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୬ପଇସା ବୃଦ୍ଧି ପାଇଛି। ଏଥିଯୋଗୁ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୬୭ପଇସାରୁ ୭୦ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ୍ ୭୦ରୁ ୭୩ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୯୫ପଇସାରୁ ୧ ଟଙ୍କା ୧ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୧୭ ପଇସାରୁ ୧ଟଙ୍କା ୨୩ ପଇସାକୁ ବୃଦ୍ଧି ପାଇଛି। ସୂଚନା ଯୋଗ୍ୟ ଯେ, ୨୦୨୦ ମାର୍ଚ୍ଚ ୨୧ରେ ବସ୍ ଭଡ଼ା ହ୍ରାସ ପାଇଥିଲା। ତୈଳଦର ବୃଦ୍ଧି ପାଇବା ଯୋଗୁ ସରକାର ବସ୍ ଭଡ଼ା ବଢ଼ାଇଛନ୍ତି। ତେବେ ଏହି ଭଡ଼ା ବୃଦ୍ଧିକୁ ନେଇ ବସ୍ ମାଲିକମାନେ ଖୁସି ନାହାନ୍ତି। ଗତ କିଛିଦିନ ମଧ୍ୟରେ ଡିଜେଲ ଦର ଲିଟର ପିଛା ୭ ଟଙ୍କା ବୃଦ୍ଧି ହେଲାଣି। ଆନ୍ତର୍ଜାତିକ ବଜାରରେ ତୈଳ ଦର ହ୍ରାସ ପାଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ବିକ୍ରି ମୂଲ୍ୟ ଉପରେ ୬୯ ପ୍ରତିଶତ ଟିକସ ଲଗାଇ ଦର ବୃଦ୍ଧି କରୁଛନ୍ତି। ଏହାକୁ ପ୍ରତ୍ୟାହାର କରିବା ଦରକାର। କରୋନା ମହାମାରୀ ସମୟରେ ବସ୍‌ରେ ଯାତ୍ରୀ ହେଉ ନ ଥିବା ବେଳେ ଭଡ଼ା ବୃଦ୍ଧି ଯାତ୍ରୀଙ୍କ ପାଇଁ କଷ୍ଟଦାୟକ ହେବ ବୋଲି ଘରୋଇ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।




**ଆଜିର ସମ୍ପାଦକୀୟ**
ହାତୀ ପାଇଁ କୁମ୍ଭୀରକାନ୍ଦଣା

**ଆଜିର ମନ୍ତବ୍ୟ**
"ଅନ୍‌ଲକ୍-୧ ପରେ ଅର୍ଥନୀତିରେ ସୁଧାର ପରିଲକ୍ଷିତ ହୋଇଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# କୌଶିକଙ୍କ ଲକରରୁ ୩୭.୯ଲକ୍ଷ ଜବତ

**ପିଏନ୍‌ବିରୁ ୩୨ କୋଟି ଠକେଇ ମାମଲା**
- ୟୁବିଆଇରେ ସିବିଆଇର ଛାନଭିନ୍, ଏକାଧିକ ସ୍ଥାନରେ ଚଢ଼ାଉ
- ଅନ୍ୟ ୮ ଅଭିଯୁକ୍ତଙ୍କ ଆକାଉଣ୍ଟ ଓ ଲକ୍‌ର ମଧ ଯାଞ୍ଚ
- ଜବତ ଟଙ୍କାକୁ ନେଇ ଇଡିର ଖୋଳତାଡ଼

**ଭୁବନେଶ୍ୱର,୧୬ା୬(ବ୍ୟୁରୋ)**

ଭୁବନେଶ୍ୱର ଷ୍ଟେଶନ ସ୍କୋୟାରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ (ପିଏନ୍‌ବି) ଶାଖାରେ ୩୨ କୋଟି ଠକେଇ ଘଟଣାର ତଦନ୍ତ ଚଳାଇଛି ସିବିଆଇ। ମଙ୍ଗଳବାର ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନ ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ କୌଶିକ ମହାନ୍ତିଙ୍କ ଲକରରୁ ୩୮ ଲକ୍ଷ ଟଙ୍କା ଜବତ କରିଛି। ସିବିଆଇର ଏକ ଟିମ୍ ପଟିଆ କିଟ୍ ସ୍କୋୟାରସ୍ଥିତ ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ୟୁବିଆଇ) ଶାଖାକୁ ଯାଇ ଛାନ୍‌ଭିନ କରିଥିଲା। ଅଧିକାରୀମାନେ କୌଶିକଙ୍କ ☞ପୃଷ୍ଠା-୪

# ସମୁଦ୍ରକୁ ବୋହିଯାଉଛି ଅଧା ପାଣି

**୨୦୫୧ ବେଳକୁ ରାଜ୍ୟରେ ଉତ୍କଟ ଜଳ ସଙ୍କଟ**

- ଆଶଙ୍କା ବ୍ୟକ୍ତ କଲେ ପରିବେଶବିତ୍
- ୧୧ ବଡ଼ ନଦୀରୁ ଚାଲିଯାଉଛି ୫୦୬୪୫.୯୧ ଏମ୍‌ସିଏମ୍ ଜଳ
- ୪ ବୃହତ୍, ୧୦ ମଧ୍ୟମ ବ୍ୟାରେଜ ନିର୍ମାଣ କରିବାକୁ ଯୋଜନା



**ଭୁବନେଶ୍ୱର,୧୬ା୬(ବ୍ୟୁରୋ)**

ରାଜ୍ୟରେ ବୋହିଯାଉଥିବା ନଦୀଜଳକୁ ରୋକାଯାଇ ପାରୁନାହିଁ। ଅଧାରୁ ଅଧିକ ପାଣି ସମୁଦ୍ରକୁ ଚାଲିଯାଉଛି। ଜଳବାୟୁ ପରିବର୍ତ୍ତନ ଓ ଅନ୍ୟାନ୍ୟ କାରଣରୁ ଅଧିକାଂଶ ନଦୀରେ ଜଳପ୍ରବାହ ହ୍ରାସ ପାଇଲାଣି। ଏପରି କି ଅନେକ ନଦୀ ବର୍ଷାଦିନେ ମଧ ଶୁଖିଲା ପଡୁଛି। ଜଳ ସଂରକ୍ଷଣ ନ କଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ନେଇ ପରିବେଶବିତ୍‌ମାନେ ଚେତାବନୀ ଦେଲେଣି। ୨୦୫୧ ବେଳକୁ ରାଜ୍ୟରେ ଉତ୍କଟ ପାନୀୟ ଜଳ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

ରାଜ୍ୟରେ ବଡ଼ ନଦୀ ସମେତ ଶାଖା ଓ ଉପନଦୀକୁ ମିଶାଇ ପ୍ରାୟ ୩୩ ନଦୀ ବିଭିନ୍ନ ଜିଲା ଦେଇ ପ୍ରବାହିତ ହେଉଛି। ତେବେ ରାଜ୍ୟର ୧୧ଟି ପ୍ରମୁଖ ନଦୀର ପାଣିକୁ ରୋକାଯାଇ ପାରୁନାହିଁ। ☞ପୃଷ୍ଠା-୪






ଚାଇନା ସୈନ୍ୟଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଜଣେ କମାଣ୍ଡିଂ ଅଫିସର ଓ ୨ ଯବାନଙ୍କ ବଳିଦାନ ବେକାର ଯିବନାହିଁ। କେନ୍ଦ୍ର ସରକାର ଏହାର ପ୍ରତିଶୋଧ ନେବା ଜରୁରୀ।
-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ

# ଗଲୱାନ ଉପତ୍ୟକା କଳହ ମଞ୍ଜି

## ଏହି ଭୂଖଣ୍ଡକୁ ନେଇ ଏତେ ବିବାଦ କାହିଁକି



**ନୂଆଦିଲ୍ଲୀ,୧୬।୬**

ଖ୍ରୀଷ୍ଟପୂର୍ବ ୫୦୦ରେ ଚାଇନାର ନାମଚୀନ ସେନା ଜେନେରାଲ ସୁନ୍ ଜୁ 'ଦି ଆର୍ଟ ଅଫ୍ ୱାର୍' ଶୀର୍ଷକ ପୁସ୍ତକରେ ଲେଖିଥିଲେ, ଯୁଦ୍ଧର ସର୍ବୋତ୍ତମ କଳା ହେଉଛି ବିନା ଲଢ଼େଇରେ ଶତ୍ରୁ ପକ୍ଷକୁ ହରାଇ ଦିଅ। ଅଢ଼େଇ ହଜାର ବର୍ଷ ପରେ ମଧ୍ୟ ଚାଇନାରେ ଏହି ପୁସ୍ତକର ଦିଆଯାଇଥିବା ଶିକ୍ଷାକୁ ଗୁରୁତ୍ୱ ଦିଆଯାଏ ଠିକ୍ ସେହିପରି ଯେପରି ଭାରତରେ ଚାଣକ୍ୟ ନୀତିର ପ୍ରାଧାନ୍ୟ ରହିଛି। ଚାଇନାର ଶକ୍ତିଶାଳୀ ସେନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଏବେ ମଧ୍ୟ ସେହି ଯୁଦ୍ଧ କୌଶଳକୁ ଅକ୍ଷରେ ଅକ୍ଷରେ ପାଳନ କରୁଛି, ଯାହାର ସଦ୍ୟ ପ୍ରମାଣ ଗଲୱାନ ଉପତ୍ୟକାରେ ସୋମବାର ରାତିରେ ହୋଇଥିବା ସଂଘର୍ଷ। ଏଠାରେ ପ୍ରଶ୍ନ ଉଠୁଛି ଗଲୱାନ ଉପତ୍ୟକାକୁ ନେଇ ବିବାଦ କାହିଁକି।

ପୂର୍ବ ଲଦାଖର ଗଲୱାନ ନଦୀର ବିସ୍ତୀର୍ଣ୍ଣ ଅବବାହିକାକୁ ଗଲୱାନ ଉପତ୍ୟକା ବୋଲି କୁହାଯାଉଛି। ବ୍ରିଟିଶ ଅମଳରେ ଲେହର ଗୁଲାମ ରସୁଲ ଏହି ନଦୀକୁ ଆବିଷ୍କାର କରିଥିବାରୁ ତାଙ୍କ ନାମ ଅନୁସାରେ ଏହାର ନାମକରଣ ହୋଇଛି। ୧୯୬୨ ଯୁଦ୍ଧ ପରେ ଏହି ଉପତ୍ୟକାରେ ଭାରତ ଓ ଚାଇନା ସେନା ମଧ୍ୟରେ ପ୍ରଥମଥର ପାଇଁ ଏତେବଡ଼ ସଂଘର୍ଷ ଘଟିଛି। ଗଲୱାନ ଉପତ୍ୟକା ଭାରତ-ଚାଇନା ସୀମା ବା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)କୁ ଲାଗି ରହିଛି। ଏହା ବେଜିଂ ନିୟନ୍ତ୍ରଣରେ ଥିବା ଭାରତୀୟ ଭୂଖଣ୍ଡ ଅକ୍ସାଇ ଚୀନ ସଂଲଗ୍ନ ଅଞ୍ଚଳ ହୋଇଥିବାରୁ ପ୍ରତିରକ୍ଷା ଦୃଷ୍ଟିରୁ ଉଭୟ ଦେଶ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଗଲୱାନ ନଦୀକୁ ଚାଇନା ପ୍ରଥମେ ୧୯୫୬ରେ ନିଜର ବୋଲି ଦାବି କରିଥିଲା। ୧୯୬୦ରେ ଏହି ଦାବିକୁ ଜୋରଦାର କରିବା ସହ ଦୁଇବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ଭାବେ ଦଖଲ କରିଥିଲା। ସେବେଠୁ ଉଭୟ ଭାରତ ଓ ଚାଇନା ସମ୍ପୃକ୍ତ କ୍ଷେତ୍ରରେ ଶାନ୍ତି ବଜାର ରଖିଆସୁଛନ୍ତି। ତେବେ ଗଲୱାନ ଉପତ୍ୟକାକୁ ନେଇ କୌଣସି ମ୍ୟାପ ଉପରେ ଦୁଇଦେଶ ମଧ୍ୟରେ ସହମତି ପ୍ରକାଶ ପାଇନାହିଁ। କେବଳ ସ୍ଥାନୀୟ ସ୍ତରରେ ଦୁଇ ସେନା ମଧ୍ୟରେ ବୁଝାମଣା ହୋଇଛି।

**ଚାଇନାର ସନ୍ଦେହ:**

ଗଲୱାନ ଉପତ୍ୟକା ସବ୍ ସେକ୍ଟର ନର୍ଥ (ଏସ୍ଏସ୍ଏନ୍) ଅଧୀନରେ ଆସୁଛି, ଯାହାକି ସିଆଚେନ ହିମବାହର ଠିକ୍ ପୂର୍ବରେ ଅବସ୍ଥିତ। ଏହା ହେଉଛି ଭାରତରୁ ଅକ୍ସାଇ ଚୀନକୁ ଯିବା ପାଇଁ ଏକମାତ୍ର ପଥ। ପ୍ରତିରକ୍ଷା ଦୃଷ୍ଟିରୁ ଭାରତ ସେଠାରେ ରାସ୍ତା ନିର୍ମାଣ କରୁଥିବାରୁ ବିବାଦ ସୃଷ୍ଟି ହୋଇଥିବା ଚାଇନା କହୁଛି। ଗଲୱାନ ନାଳା ଉପରେ ଭାରତ ବ୍ରିଜ୍ ନିର୍ମାଣ କରୁଥିବା ଦର୍ଶାଇ ଚାଇନା ଆପତ୍ତି ଉଠାଇଛି। ଏହି ସେତୁ ଶାୟୋକ୍-ଦଉଲତ ବେଗ୍ ଓଲ୍ଡି ରୋଡ୍ ଉପରେ ନିର୍ମାଣ ହେଉଛି, ଯାହାକୁ ଗତବର୍ଷ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଥିଲେ। ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନାନୁସାରେ ଏଲ୍ଏସିଠାରୁ ୭.୫ କି.ମି. ଦୂରରେ ଏହି ବ୍ରିଜ୍ ରହିଥିଲେ ସୁଦ୍ଧା ଚାଇନା ଏହାକୁ ବିରୋଧ କରୁଛି। କାରଣ ଅକ୍ସାଇ ଚୀନ ଉପରେ ନୂଆଦିଲ୍ଲୀ ଦାବି ଉଠାଇବ ବୋଲି ଚାଇନା ସନ୍ଦେହ କରୁଛି। ଅକ୍ସାଇ ଚୀନକୁ ପୁନଃ ଦଖଲ କରିବା ପାଇଁ ଭାରତ ଏହି ବ୍ରିଜ୍ ଦେଇ ତା'ର ମିଶନ ପୂରା କରିବ ବୋଲି ଚାଇନା ଚିନ୍ତା କରୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହିସବୁ କାରଣରୁ ଗଲୱାନ ଉପତ୍ୟକାରୁ ଭାରତୀୟ ଯବାନମାନଙ୍କୁ ବିନା ଯୁଦ୍ଧରେ ଘଉଡ଼ାଇଦେବା ପାଇଁ ଚାଇନା ସେନା ଉଦ୍ୟମ ଚଳାଇଛି।




# ବିବାଦରେ ୩,୪୮୮ କି.ମି. ଏଲ୍ଏସି




ଭାରତ ଓ ଚାଇନା ମଧ୍ୟରେ ୩,୪୮୮ କି.ମି. ବିସ୍ତୃତ ସୀମା ରହିଛି। ଏହାକୁ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) କୁହାଯାଏ। ଏହି ସୀମାରେ ଶାନ୍ତି ବଜାୟ ରଖିବା ପାଇଁ ଉଭୟ ପକ୍ଷ ଉଦ୍ୟମ କରୁଥିଲେ ବି ସୀମା ଠିକ୍ ଭାବେ ନିର୍ଦ୍ଧାରଣ ହୋଇ ନ ଥିବାରୁ ମଝିରେ ମଝିରେ ବିବାଦ ସୃଷ୍ଟି ହୋଇଥାଏ। ଚାଇନା ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତର ଏକ ଅଂଶ ବୋଲି ଦାବି କରିଥାଏ। ଏହାସହ ଅରୁଣାଚଳକୁ କେନ୍ଦ୍ରର କୌଣସି ମନ୍ତ୍ରୀ ବା ଅନ୍ୟ ଦେଶର ଅତିଥି ଗଲେ ଚାଇନା ତାକୁ ବିରୋଧ କରେ। ୨୦୧୭ ଜୁନ୍‌ରେ ସିକିମ ସୀମାର ତ୍ରିକୋଣୀୟ ମାଳଭୂମି ଡୋକ୍‌ଲାମରେ ସୃଷ୍ଟି ହୋଇଥିବା ବିବାଦ ୭୩ ଦିନ ଧରି ଚାଲିଥିଲା। ସେହିପରି ଗତବର୍ଷ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଯିବା ପରେ ଏହାକୁ ଚାଇନାର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ ବୋଲି ବେଜିଂ ଆପତ୍ତି ଉଠାଇଥିଲା।

## ଆଲୋଚନା ବେଳେ ସଂଘର୍ଷ

ଭାରତ-ଚାଇନା ସୀମା ବିବାଦକୁ ନେଇ ଦୁଇଦେଶର ସେନା ମୁହାଁମୁହିଁ ହୋଇଛନ୍ତି। ଇଷ୍ଟର୍ନ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ, ଗଲୱାନ୍ ଉପତ୍ୟକା, ଡେମ୍‌ଚୋକ୍ ଓ ଦଉଲତ ବେଗ୍ ଓଲ୍ଡିରେ ଉଭୟ ପକ୍ଷର ବହୁସଂଖ୍ୟକ ସୈନ୍ୟ ମୁତୟନ ଅଛନ୍ତି। ଚାଇନା ସେନାର ବାରମ୍ବାର ସୀମା ଉଲ୍ଲଂଘନକୁ ଭାରତ ବିରୋଧ କରିଆସୁଛି। ଏହାସହ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଲାଗି ଚାଇନାର ସେନା ପ୍ରତ୍ୟାହାର କରିବାକୁ ଭାରତ ଦାବି କରୁଛି। ଇତିମଧ୍ୟରେ ଏନେଇ ଏକାଧିକ ଥର ଉଭୟ ପକ୍ଷର କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। କିନ୍ତୁ ସମାଧାନର ବାଟ ବାହାରିପାରିନାହିଁ। ସୋମବାର ଇଷ୍ଟର୍ନ ଲଦାଖସ୍ଥିତ ଗଲୱାନ୍ ଉପତ୍ୟକାର ପାଟ୍ରୋଲିଂ ପଏଣ୍ଟ ୧୪ ଏବଂ ହଟ୍ ସ୍ପ୍ରିଂ ଏରିଆର ପାଟ୍ରୋଲିଂ ପଏଣ୍ଟ ୧୭ରେ ଦୁଇପକ୍ଷର ବ୍ରିଗେଡ୍ କମାଣ୍ଡର ଓ କମ୍ପାନୀ ସ୍ତରୀୟ ଆଲୋଚନା ହୋଇଥିଲା। ଏହା ପୂର୍ବରୁ ଜୁନ୍ ୬ ତାରିଖରେ ଲେହର ୧୪ କର୍ପ କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଓ ତିବ୍ବତ ମିଲିଟାରି ଡିଷ୍ଟ୍ରିକ୍ଟ ମେଜର ଜେନେରାଲ ଲିଉ ଲିନ୍ ଚାଇନା ପ୍ରତିପକ୍ଷଙ୍କ ସହ ୭ ଘଣ୍ଟା ଧରି ଆଲୋଚନା କରିଥିଲେ। ଗତ ଶନିବାର ଭାରତୀୟ ସେନାମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେ କହିଥିଲେ ଯେ ଆଲୋଚନା ଫଳପ୍ରଦ ହୋଇଛି। ଗଲୱାନ ଉପତ୍ୟକାରୁ ଉଭୟ ପକ୍ଷର ସେନା ପର୍ଯ୍ୟାୟକ୍ରମେ ହଟୁଛନ୍ତି। ତେବେ ଆଲୋଚନା ଚାଲିଥିବାବେଳେ ଏତେବଡ଼ ସଂଘର୍ଷ କିପରି ଘଟିଲା ସେନେଇ ସବୁଠି ଚର୍ଚ୍ଚା ହେଉଛି।

# ଉଭୟ ପକ୍ଷ ସତ ଲୁଚାଉଛନ୍ତି



**ନୂଆଦିଲ୍ଲୀ/ବେଜିଂ,୧୬।୬**

ଗଲୱାନ ଉପତ୍ୟକାରେ ସୋମବାର ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର ୪୩ ସୈନ୍ୟ ମୃତାହତ ହୋଇଥିବା ଜଣାପଡ଼ିଛି। ଭାରତୀୟ ସେନା ପକ୍ଷରୁ ୨୦ ଯବାନ ଶହୀଦ ହୋଇଥିବା ସ୍ପଷ୍ଟ କରାଯାଇଛି। ପ୍ରଥମେ ସେନା ପକ୍ଷରୁ ଜଣେ ଅଧିକାରୀଙ୍କୁ ମିଶାଇ ୩ ସେନାକର୍ମୀ ନିହତ ହୋଇଥିବା ଦର୍ଶାଯାଇଥିଲା। ପରେ ଆହତ ଥିବା ୧୭ ସେନା ଶହୀଦ ହୋଇଥିବା କୁହାଯାଇଛି। ଏହି ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ପାଟ୍ରୋଲିଂ ଲାଇନ୍ ୧୪ରେ କେଉଁ ପରିସ୍ଥିତିରେ କେଉଁ କାରଣରୁ ସଂଘର୍ଷ ଘଟିଲା ଏବଂ ଉଭୟ ପକ୍ଷର ସୈନ୍ୟ ଟେକାମାଡ଼ରେ ପ୍ରାଣ ହରାଇଛନ୍ତି ନା ଗୁଳିମାଡ଼ରେ ସେମାନଙ୍କ ଜୀବନ ଯାଇଛି ତାହା ଜାଣିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସୁକତା ଲାଗି ରହିଥିବାବେଳେ ବିଧିବଦ୍ଧ ଭାବେ କିଛି ସ୍ପଷ୍ଟ କରାଯାଇ ନାହିଁ।

ଗଲୱାନ ଉପତ୍ୟକାରେ ଉତ୍ତେଜନା ହ୍ରାସ ପାଇଁ ଉଦ୍ୟମ ଚାଲିଥିବାବେଳେ ଚାଇନା ପକ୍ଷରୁ ପ୍ରଥମେ ଆକ୍ରମଣ କରାଯାଇଥିବା ଭାରତୀୟ ସେନା କହିଛି। ଅନ୍ୟପକ୍ଷରେ ଭାରତ ଉପରେ ଚାଇନା ଦୋଷ ଲଦିଛି। ଭାରତୀୟ ଯବାନମାନେ ପ୍ରଥମେ ସୀମା ଉଲ୍ଲଂଘନ କରି ଚାଇନା ପଟକୁ ଅନୁପ୍ରବେଶ କରିଥିଲେ। ଏଥିଯୋଗୁ ଏହି ସଂଘର୍ଷ ଘଟିଛି ବୋଲି ଚାଇନା କହିଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଭାରତୀୟ ଯବାନ ମୃତାହତ ହେବା ନେଇ ଜାଣିନାହିଁ ବୋଲି କହୁଛି। ସେହିପରି ପିଏଲ୍ଏର ସୈନ୍ୟ ମୃତାହତ ହେବା ନେଇ ମଧ୍ୟ ମୁହଁ ଖୋଲୁନାହିଁ। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ-ଚାଇନା ସୀମା ବିବାଦରେ ମଧ୍ୟସ୍ଥତା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେତେବେଳେ ଭାରତ ଏହି ପ୍ରସ୍ତାବକୁ ଗୁରୁତ୍ୱ ଦେଇ ନ ଥିବାବେଳେ ଚାଇନା ପ୍ରତ୍ୟାଖ୍ୟାନ କରିଥିଲା। ସୀମାରେ ସ୍ଥିତି ସ୍ଥିର ଓ ନିୟନ୍ତ୍ରଣାଧୀନ ଥିବା ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ଉଭୟ ପକ୍ଷ ତଥ୍ୟ ଲୁଚାଉଥିବା ବୋଲି ସାଧାରଣରେ ଧାରଣା ସୃଷ୍ଟି ହୋଇଛି। କାରଣ ମଙ୍ଗଳବାର ପ୍ରଥମେ ଚାଇନାର ୫ ସୈନ୍ୟ ନିହତ ଓ ୧୧ ଆହତ ହୋଇଥିବା ନେଇ ସେଠାକାର ସରକାରୀ ଗଣମାଧ୍ୟମ ଗ୍ଲୋବାଲ୍ ଟାଇମ୍ସ ପକ୍ଷରୁ ଟୁଇଟ୍ କରାଯାଇଥିବା ରିପୋର୍ଟ ଆସିଥିଲା। ପରେ ଚାଇନାର ଶାସକ କମ୍ୟୁନିଷ୍ଟ ପାର୍ଟି ଦ୍ୱାରା ପରିଚାଳିତ ଏହି ଖବରକାଗଜର ଏଡିଟର-ଇନ୍-ଚିଫ୍ ହୁ ଜିଜିନ୍ ଏକ ଟୁଇଟ୍ କରି କହିଲେ, ଗଲୱାନ ଘାଟିରେ ସଂଘର୍ଷ ହୋଇଥିବା ନେଇ ସେ ପ୍ରକାଶ କରିଥିଲେ। ତେବେ ଏଥିରେ ଚାଇନାର ସୈନ୍ୟ ମୃତାହତ ହୋଇଥିବା ନେଇ ସେ କିଛି ସୂଚନା ଦେଇନାହାନ୍ତି। ଇତିମଧ୍ୟରେ ଚାଇନା ଗଣମାଧ୍ୟମରେ ଆଉ ଏକ ରିପୋର୍ଟ ଆସିଛି। ସେଥିରେ ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଭାରତକୁ ଚେତାବନୀ ଦେଇଥିବା କୁହାଯାଇଛି। ରିପୋର୍ଟ ଅନୁସାରେ ୱାଙ୍ଗ୍ ୟି କହିଛନ୍ତି, ଭାରତ ସୀମା ଅତିକ୍ରମ କିମ୍ବା କୌଣସି ଏକତରଫା କାର୍ଯ୍ୟ କଲେ ସୀମା ସ୍ଥିତି ଅଧିକ ଜଟିଳ ହେବ।

# ଭାରତ ୨ ଥର ସୀମା ଲଂଘିଛି: ଚାଇନା



**ବେଜିଂ,୧୬।୬:**

ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ବେଜିଂରେ ଖବରଦାତାମାନଙ୍କୁ କହିଛନ୍ତି, ଭାରତୀୟ ଯବାନମାନେ ସୋମବାର ବେଆଇନ କାର୍ଯ୍ୟକଳାପ ପାଇଁ ଦୁଇଥର ବର୍ଡର ଲାଇନ୍ ଅତିକ୍ରମ କରିଥିଲେ। ସେମାନେ ପିଏଲ୍ଏକୁ ଆକ୍ରମଣ କରି ଉତ୍ତେଜନା ବଢ଼ାଇଥିଲେ। ଫଳରେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ଘଟିଥିଲା। ତେବେ ଭାରତୀୟ ଯବାନଙ୍କ ମୃତାହତ ନେଇ ସେ ଅବଗତ ନ ଥିବା କହିଛନ୍ତି। ସୀମାରେ ଉତ୍ତେଜନା ହ୍ରାସ ପାଇଁ ସୋମବାର ପିଏଲ୍ଏ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ କରାଯାଇଥିଲା। ଏହି ସଂଘର୍ଷ ପରେ ବେଜିଂ ନୂଆଦିଲ୍ଲୀ ନିକଟରେ କଡ଼ା ଆପତ୍ତି ଜଣାଇଛି। ଭାରତକୁ ସୀମା ଅତିକ୍ରମ ନ କରିବାକୁ ତାଗିଦ କରାଯାଇଥିବା ଝାଓ ସୂଚନା ଦେଇଛନ୍ତି।

## 'ଗୁଳିରେ ମରିଥିଲେ ଭୟଙ୍କର ସ୍ଥିତି ହୋଇଥାନ୍ତା'



**ଶ୍ରୀନଗର,୧୬।୬:** ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ସୋମବାର ଚାଇନା ଓ ଭାରତୀୟ ସେନାଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିବା ବେଳେ ଭାରତର ୨୦ ଯବାନ ଶହୀଦ ହୋଇଛନ୍ତି। ଗୁଳିମାଡ଼ରେ ଏମାନେ ମରି ନ ଥିବାବେଳେ ଉଗ୍ର ଆକ୍ରମଣ ଯୋଗୁ ସେମାନଙ୍କର ପ୍ରାଣଯାଇଛି। ଯଦି ମାଡ଼ଗୋଳ ବେଳେ ଚାଇନା ଗୁଳିମାଡ଼ରେ ଭାରତୀୟ ସେନଙ୍କ ମୃତ୍ୟୁ ହୋଇଥାନ୍ତା, ତେବେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥାନ୍ତା ବୋଲି ନ୍ୟାଶନାଲ କନ୍‌ଫରେନ୍ସ ନେତା ଓମାର ଅବ୍‌ଦୁଲ୍ଲା ଟୁଇଟ କରି ପ୍ରକାଶ କରିଛନ୍ତି। ସେମାନଙ୍କୁ ପିଟି ପିଟି ହତ୍ୟା କରାଯିବା ମଧ୍ୟ ଆତଙ୍କିତ ବିଷୟ। ଗତ ୫ ସପ୍ତାହ ଧରି ଦୁଇଦେଶର ସେନା ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ମୁହାଁମୁହିଁ ସ୍ଥିତିରେ ଥିଲେ ବୋଲି ସେ କହିଛନ୍ତି।

## କେନ୍ଦ୍ରକୁ ଜବାବ ମାଗିଲା କଂଗ୍ରେସ



**ନୂଆଦିଲ୍ଲୀ,୧୬।୬:** ଭାରତ ଓ ଚାଇନା ସେନା ମଧ୍ୟରେ ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ରକ୍ତାକ୍ତ ସଂଘର୍ଷ ଯୋଗୁ ଜଣେ ଅଧିକାରୀଙ୍କୁ ମିଶାଇ ୨୦ ଯବାନ ଶହୀଦ ହେବା ଘଟଣାକୁ କଂଗ୍ରେସ ଆଶ୍ଚର୍ଯ୍ୟ, ବିଶ୍ୱସନୀୟ ଘଟଣା ବୋଲି କହିଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଏନେଇ ସରକାର ଉତ୍ତର ରଖନ୍ତୁ ବୋଲି କହିଛନ୍ତି। ଦୀର୍ଘଦିନ ଧରି ମୁହାଁମୁହିଁ ସ୍ଥିତି ଓ ସରକାରଙ୍କ ଅଣଦେଖାରୁ ଏଭଳି ଘଟଣା ଘଟିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରକାଶ କରିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଆଲୋଚନା ଲାଗି ସର୍ବଦଳୀୟ ବୈଠକ ଡକାଯିବା ଉପରେ କଂଗ୍ରେସ ଗୁରୁତ୍ୱ ଦେଇଛି।

## ୧୦୦ ଭେଣ୍ଟିଲେଟର ପଠାଇଲା ଆମେରିକା

**ନୂଆଦିଲ୍ଲୀ,୧୬।୬**

ମହାମାରୀ କରୋନାର ପ୍ରାଦୁର୍ଭାବ ବଢ଼ିଚାଲିଥିବା ବେଳେ ଆମେରିକା ପକ୍ଷରୁ ମଙ୍ଗଳବାର ଭାରତକୁ ୧୦୦ ଭେଣ୍ଟିଲେଟର ପ୍ରଦାନ କରାଯାଇଛି। ଏହାର ଦାମ୍ ପ୍ରାୟ ୧.୨ ନିୟୁତ ଡଲାର ହେବ। କରୋନା ବିରୋଧରେ ଲଢ଼େଇ ଲାଗି ଆମେରିକା ଏଭଳି ସହଯୋଗ କରିଛି। ଭାରତ ଲାଗି ଜରୁରିକାଳୀନ ଭାବେ ଏହା ଦରକାର ଥିବାରୁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହା ପ୍ରଦାନ କରାଯାଇଥିବା ଆମେରିକା ଦୂତାବାସ ପକ୍ଷରୁ ପ୍ରକାଶ କରାଯାଇଛି। ଅତ୍ୟାଧୁନିକ କାରିଗରି ବିଦ୍ୟାରେ ପ୍ରସ୍ତୁତ ଏହି ଭେଣ୍ଟିଲେଟର କରୋନା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରକୁ କରୋନା ବହୁଳଭାବେ ପ୍ରଭାବିତ କରିଥିବାରୁ ସହଯୋଗ ମାଧ୍ୟମରେ ଏହାର ସଫଳ ମୁକାବିଲା କରାଯାଇପାରିବ।

## 'କରୋନା ପରୀକ୍ଷା ବନ୍ଦହେଲେ ମାମଲା କମିବ'



**ୱାଶିଂଟନ,୧୬।୬**

ଯଦି କୋଭିଡ୍-୧୯ ପରୀକ୍ଷା ବନ୍ଦ କରାଯିବ, ତେବେ ମାମଲା କମିଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି। ଦକ୍ଷିଣ ଓ ପଶ୍ଚିମ ଅଞ୍ଚଳରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଓକ୍ଲାହୋମା, ଦକ୍ଷିଣ କାରୋଲିନା, ଆରିଜୋନାରେ ଭୟଙ୍କର ଭାବେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଉଛି। ସେହିଭଳି ଆର୍କାନ୍‌ସାସ୍, ଓରେଗନ, ଫ୍ଲୋରିଡା, ନେଭାଡାରେ ଦୁଇ ସପ୍ତାହ ପୂର୍ବରୁ ସ୍ଥିତି ଯାହାଥିଲା, ଏବେ ୧୦୦%ରୁ ଅଧିକ ବଢ଼ିଛି। ଲୁଇଜିଆନା, ଆଲାବାମା, ଟେନେସି, ଉତ୍ତର କାରୋଲିନା ଏବଂ ଉଟାରେ ୩୯ରୁ ୬୦% ମଧ୍ୟରେ ଏହା ସୀମିତ ରହିଛି। କରୋନା ପରୀକ୍ଷା ବନ୍ଦ କରିଦେଲେ ଆଉ ମାମଲା ବଢ଼ିବନି ବୋଲି ବରିଷ୍ଠ ଅଧିକାରୀଙ୍କୁ ନେଇ ଗୋଲଟେବୁଲ ବୈଠକରେ ଟ୍ରମ୍ପ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ମନ୍ତବ୍ୟକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି।

## ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୬।୬**

ଜମ୍ମୁ-କଶ୍ମୀରରେ ଆତଙ୍କବାଦ ବିରୋଧୀ ଲଢ଼େଇରେ ସୁରକ୍ଷାକର୍ମୀଙ୍କୁ ସଫଳତା ମିଳିଛି। ଶୋପିଆନ୍ ଜିଲାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେଠାରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା କଶ୍ମୀର ଜୋନ୍ ପୋଲିସ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସ୍ଥାନୀୟ ତୁର୍କୱଙ୍ଗମ୍ ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚିଥିବା ଖବର ଗୋଇନ୍ଦା ବିଭାଗ ସୂତ୍ରରୁ ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଘେରାବନ୍ଦୀ ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କ ଆତ୍ମସମର୍ପଣ ପାଇଁ ସତର୍କ ସୂଚନା ଦିଆଯାଇଥିବା ସତ୍ତ୍ୱେ ସେମାନେ ସୁରକ୍ଷାକର୍ମୀଙ୍କ ଉପରକୁ ପ୍ରଥମେ ଗୁଳି ଚାଳନା କରିଥିଲେ। ଏହାର ଜବାବରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ହିଜ୍‌ବୁଲ୍ ମୁଜାହିଦ୍ଦିନ୍‌ର ଜଣେ କମାଣ୍ଡର ଥିବା କୁହାଯାଉଛି। ଆତଙ୍କବାଦୀଙ୍କ ନିକଟରୁ ୨ଟି ଏକେ-୪୭, ରାଇଫଲ ଆଦି ଜବତ ହୋଇଥିବା କଶ୍ମୀର ଜୋନ୍ ପୋଲିସ କହିଛି।

# କରୋନା କମିଲେ ଅର୍ଥନୀତି ସୁଧୁରିବ

**ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦିଙ୍କ ଆଲୋଚନା**

- **ମାସ୍କ ପିନ୍ଧି ଦୁଇ ଗଜ ଦୂରତା ରଖିବାକୁ ଗୁରୁତ୍ୱ**
- **ବିଶ୍ୱ ଅପେକ୍ଷା ଭାରତର ସ୍ଥିତି ଭଲ ରହିଛି**



**ନୂଆଦିଲ୍ଲୀ,୧୬।୬**

ମହାମାରୀ କରୋନାକୁ ନେଇ ଚିନ୍ତା ବଢ଼ିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। କିଭଳି ଭୂତାଣୁ ଉପରେ ନିୟନ୍ତ୍ରଣ ଅଣାଯିବ ଓ କି ପଦକ୍ଷେପ ଗ୍ରହଣ କରାଯିବ, ସେନେଇ ମୋଦି ଆଲୋଚନା କରିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମାନଙ୍କ ସହ ଏହା ମୋଦିଙ୍କ ଷଷ୍ଠ ଆଲୋଚନା ହୋଇଥିବା ବେଳେ ସମୟସାପେକ୍ଷ ନିଷ୍ପତ୍ତି ଉପରେ ଗୁରୁତ୍ୱାରୋପ କରାଯାଇଛି।

ଆଲୋଚନାରେ ଏବେକାର ସଫଳ ପଦକ୍ଷେପ ଭବିଷ୍ୟତରେ ଆମେ ଏକାଠି ଲଢ଼ିବାର ଅଭିଜ୍ଞତାକୁ ଦର୍ଶାଇବ ବୋଲି ମୋଦି ପ୍ରକାଶ କରିଛନ୍ତି। ଲକ୍‌ଡାଉନ୍ ହଟିବା ପରେ ଏବେ ସାଧାରଣ ଜୀବନଯାପନ ଆରମ୍ଭ ହେଲାଣି। ଲୋକମାନେ ବାଣିଜ୍ୟ, ବ୍ୟବସାୟ ଓ ଅଫିସ୍‌କୁ ଫେରିଲେଣି। ସ୍ୱାଭାବିକ ପ୍ରକ୍ରିୟା ସହ ଆର୍ଥିକ ସୁଧାର ସ୍ଥିତି ଆସିଲାଣି। ମହାମାରୀ କରୋନା କମିଲେ ଆର୍ଥିକ ଅଭିବୃଦ୍ଧି ଦେଖାଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସାରା ବିଶ୍ୱକୁ ଦେଖିଲେ ଭାରତର ସ୍ଥିତି ଭଲ ଅଛି ଓ କମ୍ ଲୋକଙ୍କ ମୃତ୍ୟୁ ଘଟିଛି। ତେବେ କରୋନା ବିରୋଧରେ ଲଢ଼େଇ ଲାଗି ଆମେ ସତର୍କତାର ସହ ଆଗକୁ ମାଡ଼ିବା ଦରକାର। ବାହାରକୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ନିହାତି ଜରୁରୀ। ଦୁଇ ଗଜ ଦୂରତା ରକ୍ଷାକରିବା ସହ ହାତ ଧୋଇ ସାନିଟାଇଜ୍ କରିବା ନିତାନ୍ତ ଆବଶ୍ୟକ ବୋଲି ମୋଦି କହିଛନ୍ତି। ହାଟବଜାର ଖୋଲିଛି, ଆମକୁ ଅଧିକ ସତର୍କ ଓ ସାବଧାନ ହୋଇ କାମ କରିବାକୁ ପଡ଼ିବ। ଦେଶରେ ଏବେ ଆରୋଗ୍ୟଙ୍କ ସଂଖ୍ୟା ୫୦%ରୁ ଅଧିକ ହେଲାଣି। ପ୍ରବାସୀ ଶ୍ରମିକମାନେ ନିଜ ନିଜ ଘରକୁ ଫେରିଛନ୍ତି। ଅନ୍‌ଲକ୍-୧କୁ ୨ ସପ୍ତାହ ପୂରିଛି, ହେଲେ ବିଶ୍ୱ ସ୍ଥିତିକୁ ଦେଖିଲେ ଭାରତର ସ୍ଥିତି ସେତେ ବିଗିଡ଼ି ନାହିଁ। ଭବିଷ୍ୟତ ରଣନୀତି ଲାଗି ରାଜ୍ୟ ମୁଖ୍ୟମାନଙ୍କ ଗୁରୁଦାୟିତ୍ୱ ରହିଛି। ସେମାନଙ୍କ ମତାମତ ଓ ବାସ୍ତବ ସ୍ଥିତିକୁ ବିଚାରକୁ ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି, ଭାରତରେ ଗତ କିଛିଦିନ ହେବ ଉଗ୍ର ସଂକ୍ରମଣ ସ୍ଥିତି ଦେଖାଦେଇଥିବା ବେଳେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩ ଲକ୍ଷ ୪୫ ହଜାରରେ ପହଞ୍ଚିଲାଣି। ମୃତ୍ୟୁସଂଖ୍ୟା ୯,୯୦୦ ଟପିଛି। ଗତ ୫ ଦିନ ହେବ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ସାମ୍ନାକୁ ଆସୁଛି। ମହାରାଷ୍ଟ୍ର, ତାମିଲନାଡୁ, ରାଜଧାନୀ ଦିଲ୍ଲୀ, ପଶ୍ଚିମବଙ୍ଗ, କର୍ନାଟକ, ଗୁଜରାଟ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଉଗ୍ରରୂପ ଧାରଣ କରିଛି। ତେଣୁ ପ୍ରଧାନମନ୍ତ୍ରୀ ୧୬ ଓ ୧୭ରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ମଙ୍ଗଳବାର ମୋଦି ପଞ୍ଜାବ, ଗୋଆ, କେରଳ, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଓ ଉତ୍ତର-ପୂର୍ବ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। କେତେକ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ, ପ୍ରଶାସନିକ ଅଧିକାରୀ ମଧ୍ୟ ଏହି ଆଲୋଚନାରେ ଭାଗ ନେଇଛନ୍ତି। ବୁଧବାର ମୋଦି ଓଡ଼ିଶା ସମେତ ୧୫ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳଙ୍କ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ୨୦ରୁ ପୁଣି ଝାରସୁଗୁଡ଼ା-ରାୟପୁର ବିମାନ ସେବା

**ଭୁବନେଶ୍ୱର, ୧୬।୬(ବ୍ୟୁରୋ):** ଆଲାଏନ୍ସ ଏୟାର ପକ୍ଷରୁ ଆସନ୍ତା ୨୦ ତାରିଖରୁ ଝାରସୁଗୁଡ଼ାରୁ ରାୟପୁର ବିମାନ ସେବା ପୁଣି ଆରମ୍ଭ ହେବ। ଗତବର୍ଷ ଜୁନ୍ ୬ରୁ ଝାରସୁଗୁଡାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଭୁବନେଶ୍ୱର ଏବଂ ରାୟପୁରକୁ ସିଧାସଳଖ ଦୁଇଟି ବିମାନ ଚଳାଚଳ କରୁଥିଲା। କିନ୍ତୁ କରୋନା ମହାମାରୀ ଯୋଗୁ ଦେଶରେ ହୋଇଥିବା ଲକ୍‌ଡାଉନ୍ ପାଇଁ ଏହି ସେବା ବନ୍ଦ ରଖାଯାଇଥିଲା। ତିନି ମାସର ବ୍ୟବଧାନ ପରେ ରାୟପୁରକୁ ପୁଣି ବିମାନ ସେବା ମିଳିବ। ସୂଚନାଯୋଗ୍ୟ, ଘରୋଇ ବିମାନ ଚଳାଚଳ ଆରମ୍ଭ କରିବାକୁ କେନ୍ଦ୍ର ଅନୁମତି ଦେବାପରେ ଆଲାଏନ୍ସ ଏୟାର ଜୁନ୍ ୧ରୁ କୋଲକାତା-ଝାରସୁଗୁଡା-ଭୁବନେଶ୍ୱର ବିମାନ ଚଳାଚଳ ଆରମ୍ଭ କରିସାରିଛି।

### ଆମ୍ବ ଖାଇବାକୁ ନ ଦେବାରୁ ସ୍ତ୍ରୀଙ୍କୁ ହତ୍ୟା

**ଭଦ୍ରକ ଅଫିସ, ୧୬।୬:** ରଜରେ ଆମ୍ବ ଖାଇବା ପାଇଁ ନ ଦେବାରୁ ନିସାଶକ୍ତ ସ୍ୱାମୀ ବାଉଁଶରେ ପିଟିପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଜଳମଣ୍ଡୁଆ ଜେନାସାହି ଗ୍ରାମରେ ଏହି ଘଟଣା ଘଟିଛି। ମୃତ ମହିଳା ହେଲେ ସସ୍ମିତା ଜେନା। ଅଭିଯୁକ୍ତ ସ୍ୱାମୀ କାର୍ତ୍ତିକଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୩୪/୨୦) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ଦ୍ୱିତୀୟ ରଜ ରାତିରେ କାର୍ତ୍ତିକ ନିଶାଗ୍ରସ୍ତ ଅବସ୍ଥାରେ ଘରେ ପହଞ୍ଚି ସେ ପୂର୍ବରୁ କିଣିଥିବା ଆମ୍ବ ଖାଇବାକୁ ମାଗିଥିଲେ। ପିଲାମାନେ ସବୁ ଆମ୍ବ ଖାଇ ଦେଇଛନ୍ତି ବୋଲି ସ୍ତ୍ରୀ ସସ୍ମିତା କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କାର୍ତ୍ତିକ ହଠାତ୍ ଏକ ବାଉଁଶ ଫାଳିଆରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଟ୍ରାକ୍ଟର ଓଲଟି ୪୦ ଆହତ

**ମାଲକାନଗିରି, ୧୬।୬(ଡି.ଏନ୍.ଏ.):** ଏକ ଟ୍ରାକ୍ଟର ଲୋକଙ୍କୁ ଧରି ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ଥିବା ୪୦ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ମାଥିଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମାଡକାପଦର ଅଞ୍ଚଳର ୪୦ ଜଣ ବ୍ୟକ୍ତି ମଙ୍ଗଳବାର ଗୋବିନ୍ଦପାଲି ସାପ୍ତାହିକ ହାଟକୁ ଜିନିଷପତ୍ର କ୍ରୟ କରିବା ପାଇଁ ଆସୁଥିଲେ। ବର୍ଷାରେ ଘାଟି ରାସ୍ତାର ଉଭୟ ପାର୍ଶ୍ୱରେ କାଦୁଅ ଥିବା ଏବଂ ମରାମତି କାର୍ଯ୍ୟ ଚାଲିଥିବାରୁ ଏକ ବୁଲାଣିରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ବସିଥିବା ୪୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଗୋବିନ୍ଦପାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ମାଥିଲି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ମୃତ୍ୟୁ ଆଶଙ୍କା କମାଏ ଡେକ୍ସାମେଥାସୋନ ଷ୍ଟେରଏଡ୍

**କୋଭିଡ-୧୯ ସଂକ୍ରମିତଙ୍କ ପାଇଁ ଖୁସି ଖବର**

**ଲଣ୍ଡନ, ୧୬।୬**

କରୋନା ମହାମାରୀ ବା କୋଭିଡ୍-୧୯ଜନିତ ସଂକ୍ରମଣ ସାରା ବିଶ୍ୱରେ ବଢ଼ିବାରେ ଲାଗିଛି। ଏପରି କି ମୃତ୍ୟୁ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏବେ ସୁଦ୍ଧା ସାରା ବିଶ୍ୱରେ କରୋନା ମହାମାରୀ ଯୋଗୁ ୪ଲକ୍ଷ ୩୧ହଜାରରୁ ଊର୍ଦ୍ଧ୍ୱଲୋକଙ୍କ ମୃତ୍ୟୁ ଘଟିଲାଣି। ଏହିରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନ ଥିବାରୁ ବିଭିନ୍ନ ଦେଶ ଏଥିପାଇଁ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏହିକ୍ରମରେ ମଙ୍ଗଳବାର ବ୍ରିଟେନର 'ରିକଭରି' ନାମକ କ୍ଲିନିକର ଗବେଷକମାନେ ପରୀକ୍ଷାମୂଳକଭାବେ ଏକ ଔଷଧର ବ୍ୟବହାର ସମ୍ପର୍କରେ ସୂଚନା ଦେଇଛନ୍ତି। ଗବେଷକଙ୍କ ମତରେ ମଣିଷ ଶରୀରରେ ଦିଆଯାଉଥିବା 'ଡେକ୍ସାମେଥାସୋନ' ନାମକ ଷ୍ଟେରଏଡର ସ୍ୱଳ୍ପ ଡୋଜ୍ କରୋନା ସଂକ୍ରମିତଙ୍କ ଠାରେ ଭଲ କାମ କରୁଛି। କୋଭିଡ-୧୯ରେ ଗୁରୁତର ଭାବେ ସଂକ୍ରମିତ ହୋଇ ଭେଣ୍ଟିଲେଟର ଏବଂ ଅକ୍ସିଜେନରେ ରହି ଚିକିତ୍ସିତ ହେଉଥିବା କେତେକ ସଂକ୍ରମିତଙ୍କଠାରେ ଡେକ୍ସାମେଥାସୋନ୍




ଷ୍ଟେରଏଡ ପରୀକ୍ଷାମୂଳକଭାବେ ପ୍ରୟୋଗ କରାଯାଇଥିଲା। ଏଥିରୁ ଜାଣିବାକୁ ମିଳିଥିଲା ଯେ, ଏହି ଷ୍ଟେରଏଡ ବ୍ୟବହାର କରାଯାଉଥିବା ସଂକ୍ରମିତଙ୍କ ମୃତ୍ୟୁ ହାର ଅନ୍ୟମାନଙ୍କଠାରୁ କମ୍। ପ୍ରତି ୩ଜଣ ଗୁରୁତର ସଂକ୍ରମିତଙ୍କ ମଧ୍ୟରେ ଜଣେ ସୁସ୍ଥ ହୋଇପାରୁଛନ୍ତି। ଏହି ଷ୍ଟେରଏଡ ଜୀବନ ବଞ୍ଚାଇଦେବ। ଏପରି କି ଏହାର ମୂଲ୍ୟ ମଧ୍ୟ ବହୁତ କମ୍ ବୋଲି ଗବେଷଣାର ସଦସ୍ୟ ତଥା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ମାର୍ଟିନ ଲାଣ୍ଡ୍ରେ କହିଛନ୍ତି। ଅନ୍ୟତମ ସଦସ୍ୟ ତଥା ପରୀକ୍ଷକ ପିଟର ହର୍ବେଙ୍କ କହିବାହେଲା ଡେକ୍ସାମେଥାସୋନ ଏପରି ଏକ ଷ୍ଟେରଏଡ ଯାହାକୁ ଅନ୍ୟ ରୋଗର ସଂକ୍ରମଣ ହ୍ରାସ କରିବାରେ ବହୁଳ ଭାବେ ବ୍ୟବହାର କରାଯାଇଥାଏ। ତେଣୁ କରୋନା ସଂକ୍ରମିତଙ୍କ ଠାରେ ଏହାକୁ ବ୍ୟବହାର କରାଗଲେ ଏହା ମୃତ୍ୟୁହାରକୁ ଯଥେଷ୍ଟ ପରିମାଣରେ କମାଇବ ବୋଲି ପିଟର କହିଛନ୍ତି।

# ଭାରତରେ ଦିନକରେ ୧୯୬୭ ମୃତ

**ନୂଆଦିଲ୍ଲୀ, ୧୬।୬**

ଘାତକ ମହାମାରୀ କରୋନା ଜୀବନ ନେଇଚାଲିଛି। ମଙ୍ଗଳବାର ଗୋଟିଏ ଦିନରେ ୧୯୬୭ ସଂକ୍ରମିତଙ୍କ ମୃତ୍ୟୁ ଘଟିବା ପରେ ମୋଟ ମୃତ୍ୟୁସଂଖ୍ୟା ୧୧,୮୮୨ରେ ପହଞ୍ଚିଛି। ସେହିପରି ସୋମବାର ରାତି ୧୧ଟା ପରଠାରୁ ନୂଆ ୯,୭୮୯ ଜଣ ନୂଆ ଆକାନ୍ତ ଚିହ୍ନଟ ହୋଇଛନ୍ତି। ଏହାସହ କରୋନା ସଂକ୍ରମିତଙ୍କ ସଂଖ୍ୟା ୩,୫୨,୮୧୫ରେ ପହଞ୍ଚିଛି। ୨୪ ଘଣ୍ଟା ମଧ୍ୟରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୧୪୦୯ ଜଣ କେବଳ ମହାରାଷ୍ଟ୍ରର । ଦିଲ୍ଲୀର ୪୩୭ ଓ ତାମିଲନାଡୁର ୪୯ ଜଣ ସଂକ୍ରମିତଙ୍କ ଜୀବନ ନେଇଛି କରୋନା। କରୋନା ସଂକ୍ରମଣ ମୃତାହତଙ୍କ ସଂଖ୍ୟା ଉପରେ ନଜର ରଖିଥିବା ୱାର୍ଲ୍ଡୋମିଟର ୱେବ୍‌ସାଇଟରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ କରୋନା ମୁକାବିଲା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି। ୨୪ ଘଣ୍ଟା ମଧ୍ୟରେ ୭,୨୨୦ ଜଣ ସଂକ୍ରମିତ ଭଲ ହୋଇଛନ୍ତି। ଫଳରେ ଭାରତରେ ସଂକ୍ରମିତଙ୍କ ଆରୋଗ୍ୟ ହାର ୫୨.୪୭%ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଟେଷ୍ଟିଂ କ୍ଷମତା ଦୈନିକ ୩ ଲକ୍ଷରେ ପହଞ୍ଚିଛି। ଦିନକ ମଧ୍ୟରେ ୧,୫୪, ୯୩୫ ଜଣଙ୍କ ନମୁନା ଯାଞ୍ଚ କରାଯାଇଛି। ଏଥିସହ ଦେଶରେ ଅଦ୍ୟାବଧି ସାମ୍ପୁଲ ଟେଷ୍ଟ କରାଯାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୫୯,୨୧,୦୬୯ରେ ପହଞ୍ଚିଛି। ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ଆବଦ୍ଧାଞ୍ଚଳରେ ବ୍ୟବହାର କରାଯାଇପାରେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

# ରାଜ୍ୟରେ ୨୮% ଅଧିକ ବର୍ଷା

- ୪ ଜିଲାରେ ସ୍ୱଳ୍ପ ବୃଷ୍ଟି
- ୧୮ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ଗତ ୧୬ ଦିନ ମଧ୍ୟରେ ରାଜ୍ୟକୁ ଭଲ ବର୍ଷା ହୋଇଛି। ଏହି ସମୟରେ ସ୍ୱାଭାବିକଠାରୁ ୨୮ ପ୍ରତିଶତ ଅଧିକ ହୋଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଜୁନ ପହିଲାରୁ ୧୬ ତାରିଖ ମଧ୍ୟରେ ୮୬.୪ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୧୦.୭ ପ୍ରତିଶତ। ରାଜ୍ୟର ୫ ଜିଲାରେ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ୧୨ ଜିଲାରେ ପ୍ରବଳ ବର୍ଷା ହୋଇଛି। ସେହିପରି ୯ଟି ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୪ ଜିଲାରେ ସ୍ୱଳ୍ପ ବୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡାରେ ସ୍ୱାଭାବିକ ଠାରୁ ୧୪୧ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ଢେଙ୍କାନାଳ ୯୩, ଗଜପତି ୬୨, ଗଞ୍ଜାମ ୯୩ ଏବଂ କୋରାପୁଟରେ ସ୍ୱାଭାବିକଠାରୁ ୭୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ସେହିପରି ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ, ଜଗତସିଂହପୁର, କନ୍ଧମାଳ, ମାଲକାନଗିରି, ମୟୂରଭଞ୍ଜ, ସୁନ୍ଦରଗଡ, ନୟାଗଡ ଏବଂ ରାୟଗଡା ଜିଲାରେ ସ୍ୱାଭାବିକ ଠାରୁ ଅଧିକ ହୋଇଛି। ବରଗଡ, ଯାଜପୁର, କେନ୍ଦ୍ରାପଡା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ମାତ୍ର ୪ ଜିଲାରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇଛି। ବଲାଙ୍ଗୀରରେ ୪୧ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ବୌଦ୍ଧ ୩୧, ନବରଙ୍ଗପୁର ୨୨ ଏବଂ ନୂଆପଡା ଜିଲାରେ ୨୨ ପ୍ରତିଶତ କମ ବର୍ଷା ହୋଇଛି।

ରାଜ୍ୟକୁ ଜୁନ ୧୧ ତାରିଖରେ ମୌସୁମୀ ଆସିଥିଲା। ଏହା ପରଠାରୁ ବର୍ଷା ପରିମାଣ ବଢି ଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟରେ ବର୍ଷା ବଢିଛି। ମୌସୁମୀ ଆସିବା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ ମୌସୁମୀ ବର୍ଷା ହେଉଥିବା ବେଳେ ପରେ ଏଥିରେ ବୃଦ୍ଧି ଘଟିଛି। ଉତ୍ତର ବଙ୍ଗୋପସାଗର ଏବଂ ପଶ୍ଚିମ ବଙ୍ଗ ଉପକୂଳରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ଆସନ୍ତା ୧୮ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଅଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ନୂଆପଡା, ବଲାଙ୍ଗୀର, ସୋନପୁର ଏବଂ କେନ୍ଦୁଝର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ଣ୍ଣ ଜାରି କରାଯାଇଛି।

# ପରିବାରର ୫ଜଣଙ୍କୁ ବିଷ ଦେଇ ହତ୍ୟା ଉଦ୍ୟମ

**ମାଲକାନଗିରି, ୧୬।୬(ଡି.ଏନ୍.ଏ.)**

ନିଶା ସେବନ କଲେ ମଣିଷ ନିଜର ହିତାହିତ ଜ୍ଞାନ ହରାଇଥାଏ। ସେ ସମୟରେ ସେ କ'ଣ କରିଥାଏ ନିଜେ ବୁଝିପାରି ନ ଥାଏ। ମାଲକାନଗିରି ଜିଲାରେ ଜଣେ ବ୍ୟକ୍ତି ନିଶା ସେବନ କରି ନିଜ ପରିବାରର ୫ଜଣଙ୍କୁ ବିଷ ଦେଇ ହତ୍ୟା ଉଦ୍ୟମ କରିବା ପରି ଘଟଣା ମଙ୍ଗଳବାର ନଜରକୁ ଆସିଛି। ଜିଲାର ମାଥିଲି ବ୍ଲକ କାଳିଆନାୟକଗୁଡା ଗ୍ରାମରେ ଏପରି ଘଟିଥିବା ଜଣାପଡିଛି। ପ୍ରକାଶ ଯେ, କାଳିଆନାୟକଗୁଡା ଗ୍ରାମରେ ସପରିବାର ରହୁଥିବା ନରସିଂହ ମାଝି (୪୮) ସୋମବାର ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ଘରେ ସ୍ତ୍ରୀ ପୂର୍ଣ୍ଣ ମାଝି ରାନ୍ଧିଥିବା ଖାଦ୍ୟରେ ସେ ବିଷ ମିଶାଇ ଦେଇଥିଲେ। ଏହା ଜାଣି ନ ପାରି ନରସିଂହଙ୍କୁ ଛାଡି ସ୍ତ୍ରୀ ପୂର୍ଣ୍ଣ, ୨ ଝିଅ ଗୌରୀ, ସୁମିତ୍ରା, ପୁଅ ବାସୁଦେବ ଏବଂ ନରସିଂହଙ୍କ ସମ୍ପର୍କୀୟ ଭାଇ ବନ୍ଧୁ ନାୟକ ଖାଦ୍ୟ ଖାଇଥିଲେ। କିଛି ସମୟ



ଚିକିତ୍ସିତ ଗୁରୁତରମାନେ।

ପରେ ସେମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ଗ୍ରାମବାସୀ ଏହା ଜାଣିପାରି ସମସ୍ତଙ୍କୁ ତୁରନ୍ତ ମାଥିଲି ଡାକ୍ତରଖାନାକୁ ନେଇଥିଲେ। ଖାଦ୍ୟ ବିଷାକ୍ତ ହେବାରୁ ଏପରି ହୋଇଥିବା ଡାକ୍ତର ଜାଣିପାରିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଜଣାପଡିଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ବିଷାକ୍ତ ଖାଦ୍ୟ ଖାଇ ଦମ୍ପତି ମୃତ

**ଖଣ୍ଡପଡ଼ା, ୧୬।୬(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ବୋଦସା ପଞ୍ଚାୟତରେ ସୋମବାର ବିଳମ୍ବିତ ରାତିରେ ବିଷାକ୍ତ ଖାଦ୍ୟଖାଇ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୋଦସା ଗ୍ରାମର ଭାଗୀରଥି ସ୍ୱାଇଁ (୬୦) ଓ ତାଙ୍କ ସ୍ତ୍ରୀ କୌଶଲ୍ୟା ସ୍ୱାଇଁ (୫୪)। ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ରଜ ସଂକ୍ରାନ୍ତି ଅବସରରେ ଘରେ ସୁସ୍ୱାଦୁ ଖାଦ୍ୟପେୟର ବ୍ୟବସ୍ଥା ହୋଇଥିଲା। ଏହି ଦମ୍ପତି ମଧ୍ୟାହ୍ନଭୋଜନ ଖାଇ ସାରିବା ପରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଭାଗୀରଥିଙ୍କ ୨ପୁଅ ବାହାରେ ରହୁଥିବା ବେଳେ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ଉଭୟଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୌଶଲ୍ୟାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଭାଗୀରଥିଙ୍କୁ କଟକ ବଡ ଡ଼ାକ୍ତରଖାନା ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ସେମାନଙ୍କ ଅନ୍ତିମ ସଂସ୍କାର କରାଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଦୁଃଖଦ ଘଟଣା ଘଟିଲା ତାହା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି।

## ସାମାଜିକ ଦୂରତ୍ୱକୁ ବେଖାତିର



ବିନା ମାସ୍କରେ ଥିବା ନାବାଳିକା ଓ ଯୁବତୀମାନଙ୍କୁ ନେଇ ମଙ୍ଗଳବାର କଟକ ଖାନନଗର କାଳୀମନ୍ଦିର ରାସ୍ତାରେ ଯାଉଥିବା ଏକ ଅଟୋ।

# ସିଏମ୍‌ସି ମନା କଲା 'ଶବ ଛୁଇଁବୁନି'

**ମୃତ୍ୟୁ ପରେ ଲାଗିଲା ହୋମ୍ କ୍ୱାରାଣ୍ଟାଇନ ଷ୍ଟିକର**

**କଟକ ଅଫିସ, ୧୬।୬**

ମହାନଦୀ ବିହାରରେ ମଙ୍ଗଳବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ବୃଦ୍ଧଙ୍କ ମୃତଦେହ ୮ ଘଣ୍ଟା ପଡ଼ି ରହିବା ପରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ବୃଦ୍ଧ ଜଣଙ୍କ ଗତ ୧୦ ତାରିଖରୁ ହୋମ କ୍ୱାରାଣ୍ଟାଇନରେ ଥିଲେ। ସିଏମ୍‌ସି ପକ୍ଷରୁ ଯାଇଥିବା ଏହି ଆମ୍ବୁଲାନ୍ସର କର୍ମଚାରୀମାନେ ମୃତଦେହ ଉଠାଇବା ଲାଗି ମନା କରିଦେଇଥିଲେ। ଏପରିକି ଘରର ଦୁଆର ମଧ୍ୟ ମାଡ଼ି ନ ଥିଲେ ବୋଲି ତାଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ହୋମ କ୍ୱାରାଣ୍ଟାଇନରେ ଥିଲେ ସୁଦ୍ଧା ତାଙ୍କର ଏଯାଏ ସ୍ୱାବ୍ ପରୀକ୍ଷା ହୋଇ ନ ଥିଲା କି ଘର କବାଟରେ ହୋମ କ୍ୱାରାଣ୍ଟାଇନ ଷ୍ଟିକର ଲାଗି ନ ଥିଲା। ଏନେଇ ଉତ୍ତେଜନା ସୃଷ୍ଟି ଓ ସିଏମ୍‌ସି କର୍ମଚାରୀଙ୍କ ସହ ପାଟିତୁଣ୍ଡ ହୋଇଥିବା ବେଳେ କେତେଜଣ ବରିଷ୍ଠ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଛି।

ମୃତ ବ୍ୟକ୍ତି ଜଣଙ୍କ ହେଲେ ମହାନଦୀବିହାର ପ୍ଲଟ ନଂ-୨୨୨ର ବାସିନ୍ଦା ବିଶ୍ୱନାଥ ମହାନ୍ତି (୬୬)। ମାଡ୍ରାସରେ ପୁଅ ସ୍ୱସ୍ତିକ ମହାନ୍ତିଙ୍କ ପାଖରେ ରହୁଥିବା ବେଳେ ଗତ ୧୦ ତାରିଖରେ ସେ କଟକ ଫେରିଥିଲେ। କଟକ ଫେରିବା ନେଇ ସେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଜଣାଇ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ଇତି ମଧ୍ୟରେ ଜଣେ ହେଲେ ସ୍ୱାସ୍ଥ୍ୟକର୍ମୀ ଘରକୁ ଆସି ନ ଥିବା ବିଶ୍ୱନାଥଙ୍କ ସମ୍ପର୍କୀୟ ନିଖିଳ ମହାନ୍ତି କହିଛନ୍ତି। ମଙ୍ଗଳବାର ଭୋର ୬ଟା ୩୦ରେ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ନେବା ପାଇଁ ସିଏମ୍‌ସି ଓ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ୮ ଘଣ୍ଟା ବିଳମ୍ବରେ ସିଏମ୍‌ସିର ଏକ ଆମ୍ବୁଲାନ୍ସ ପହଞ୍ଚିବା ପରେ କର୍ମଚାରୀମାନେ ମୃତଦେହ ଉଠାଇବାକୁ ମନା କରିଥିଲେ। ତେବେ ମୃତ୍ୟୁ ପରେ ବିଶ୍ୱନାଥଙ୍କ ସ୍ୱାବ୍ ପରୀକ୍ଷା ହୋଇଛି ଓ ରିପୋର୍ଟ ନେଗେଟିଭ ଆସିଛି। ଏବେ ମୃତଦେହ ଏସ୍‌ସିବିରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ଛୁଇଁବା ଆବଶ୍ୟକ ନାହିଁ। କେବଳ ମୃତଦେହ ନେବା ଆମ ଦାୟିତ୍ୱ। ଏହାଛଡ଼ା ଆମ୍ବୁଲାନ୍ସ ବିଳମ୍ବରେ ପଠାଇବାକୁ ସେମାନଙ୍କ ପରିବାର ଲୋକେ କହିଥିବା କମିଶନର ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ରାଜ୍ୟରେ ୩୫୭୬ ପୁରୁଷ, ୫୮୭ ମହିଳା ଆକ୍ରାନ୍ତ

**୧୦୮ ନୂଆ ପଜିଟିଭ୍, ୧୨୦ ସୁସ୍ଥ**
- ମୋଟ ଆକ୍ରାନ୍ତ ୪୧୬୩, ସୁସ୍ଥ ୨୯୭୪, ମୃତ ୧୧
- କରୋନାରେ ୧୭୪ ଓଡ୍ରାଫ, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ କର୍ମଚାରୀ
- କଟକରେ ରହିଛନ୍ତି ସର୍ବାଧିକ ସକ୍ରିୟ ସଂକ୍ରମିତ

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ରାଜ୍ୟରେ ଆଉ ୧୦୮ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୧୬୩ରେ ପହଞ୍ଚିଥିବାବେଳେ ୫୮୭ଜଣ ମହିଳା ଓ ୩୫୭୬ଜଣ ପୁରୁଷ ରହିଛନ୍ତି। ସେପଟେ ଦିନକୁ ଦିନ ଛୋଟପିଲା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏବେ ୦ରୁ ୧୪ବର୍ଷ ବୟସ ମଧ୍ୟରେ ୧୨୪ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ୩୦୧୪ଜଣ, ୪୧ରୁ ୬୦ବର୍ଷ ମଧ୍ୟରେ ୯୧୮ଜଣ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ୧୦୭ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି।

ଅନ୍ୟପକ୍ଷରେ ଚିହ୍ନଟ ପଜିଟିଭ୍ କେସ୍ ମଧ୍ୟରୁ କ୍ୱାରାଣ୍ଟାଇନ ସେଣ୍ଟରରୁ ୯୫ଜଣ ଓ ସ୍ଥାନୀୟ ଆକ୍ରାନ୍ତ ୧୩ଜଣ ରହିଛନ୍ତି। ମାଲକାନଗିରିରୁ ସର୍ବାଧିକ ୨୧ଜଣ ରହିଥିବାବେଳେ ପୁରୀରୁ ୧୫, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରୁ ୯ଜଣ ଲେଖାଏ, ଗଞ୍ଜାମରୁ ୮, ଖୋର୍ଦ୍ଧାରୁ ୭, ଗଜପତିରୁ ୭, କେନ୍ଦୁଝରରୁ ୫, ବାଲେଶ୍ୱରରୁ ୪, ସୁନ୍ଦରଗଡ଼ରୁ ୨, ଅନୁଗୋଳ, କଟକ, କଳାହାଣ୍ଡି, ବରଗଡ଼ ଓ ବଲାଙ୍ଗୀରରୁ ଜଣେ ଲେଖାଏ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୧୬ ଅଗ୍ନିଶମ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଫଳରେ ୧୭୪ଜଣ ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇସାରିଲେଣି ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏପଟେ ଶେଷ ୨୪ ଘଣ୍ଟା ମଧ୍ୟରେ ଯେତିକି ଆକ୍ରାନ୍ତ ହୋଇଛନ୍ତି, ତା'ଠାରୁ ଅଧିକ ସୁସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ, ରାଜ୍ୟରେ ଆଉ ୧୨୦ ରୋଗୀ ସୁସ୍ଥ ହୋଇଛନ୍ତି। ଯାଜପୁରରୁ ସର୍ବାଧିକ ୧୯ ସୁସ୍ଥ ହୋଇଥିବାବେଳେ କଟକରୁ ୧୫, ମୟୂରଭଞ୍ଜ ଓ ଖୋର୍ଦ୍ଧାରୁ ୧୧ ଲେଖାଏ, ନୂଆପଡ଼ାରୁ ୯, ସୁନ୍ଦରଗଡ଼ରୁ ୭, କନ୍ଧମାଳରୁ ୬, ବଲାଙ୍ଗୀର, ନୟାଗଡ଼ରୁ ୫ ଲେଖାଏ ରହିଛନ୍ତି। ବାଲେଶ୍ୱର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଝାରସୁଗୁଡ଼ାରୁ ୪ ଲେଖାଏ ଥିବାବେଳେ କେନ୍ଦୁଝର, ଗଞ୍ଜାମ, ପୁରୀରୁ ୩ ଲେଖାଏ, ଅନୁଗୋଳ, କଳାହାଣ୍ଡି, କୋରାପୁଟରୁ ୨ଜଣ ଲେଖାଏ ଓ ମାଲକାନଗିରିରୁ ଜଣେ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୨୯୭୪କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୧୧୭୫ଜଣ ସକ୍ରିୟ ରୋଗୀ ଥିବାବେଳେ କଟକରେ ସର୍ବାଧିକ ୧୬୨ଜଣ ରହିଛନ୍ତି। କରୋନାଜନିତ ମୃତ୍ୟୁ ୧୧ ରହିଥିବାବେଳେ ୩ଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଛି।

# ପାଣିରେ ଗଲା ୬ ଜୀବନ

## ନଦୀରେ ଭାସିଗଲେ ଭାଉଜ, ଦିଅର

**ବୈପାରିଗୁଡ଼ା/କୁନ୍ଦୁରା, ୧୬।୬(ଡି.ଏନ.ଏ.)**

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ କଳାପଡ଼ା ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ନଦୀ ପାର ହେଉଥିବା ବେଳେ ଜଣେ ମହିଳା ଓ ଜଣେ ପୁରୁଷ ନଦୀରେ ଭାସିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଲା ପରଜା(୫୩) ଏବଂ ଚେତି ପରଜା। ଉଭୟେ ଦିଅର ଭାଉଜ ବୋଲି ଜଣାପଡିଛି। ଚେତି ହେଉଛନ୍ତି ଜଲାଙ୍କ ଦିଅର। କୋଷାଗୁମୁଡାରେ ଥିବା ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବାରୁ ଉଭୟେ ତାଙ୍କ ଦଶାହରେ ଯୋଗଦେବାକୁ ଯାଉଥିଲେ। ବାଟରେ ପଡୁଥିବା କନିଆଯୋଡି ନଦୀ ପାର ହେଉଥିବା ବେଳେ ଜଲା ଓ ଚେତି ଭାସି ଯାଇଥିଲେ। ଖବର ଜଣାପଡିବା ପରେ କେତେଜଣ ବ୍ୟକ୍ତି ବୈପାରିଗୁଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସେଠାରୁ ଦମକଳବାହିନୀ ଆସି ଅନେକ ସମୟ ଧରି ଖୋଜାଖୋଜି କରିବା ପରେ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା। ମଙ୍ଗଳବାର ବୈପାରିଗୁଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନଂ. ୧୧,୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୋଖରୀରେ ବୁଡ଼ିଗଲେ ୨ ଯାଆ

**ବାରିପଦା ଅଫିସ/ଚିତ୍ରଡ଼ା, (ଡି.ଏନ୍.ଏ)**

ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ି ୨ ଯାଆ ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମାକୁନ୍ଦ ଗାଁରେ ମଙ୍ଗଳବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ଦ୍ୱୟ ହେଲେ ଉକ୍ତ ଗ୍ରାମର ଯମୁନା ହାଁସଦା ଓ ସାଲେପା ହାଁସଦା। ସକାଳେ ୨ ଯାଆ ସ୍ୱୟଂ ସହାୟିକା ଗୋଷ୍ଠୀର ବୈଠକରେ ଯୋଗଦେଇ ଘରକୁ ଫେରିଥିଲେ। ପରେ ସାଙ୍ଗ ହୋଇ ଗ୍ରାମରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ପୋଖରୀରେ ଉଭୟ ବୁଡ଼ି ଯାଇଥିଲେ। ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜିଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ଅପରାହ୍ନରେ ଉଭୟ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକ ଉଦ୍ଧାର କରି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୋରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୦) ରୁଜୁ ହୋଇଛି।

## ମହାନଦୀକୁ ଡେଇଁପଡ଼ିଲେ ଯୁବତୀ

**ବାଙ୍କୀ, (ସ୍ୱ.ପ୍ର.)**

ବାଙ୍କୀ ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁ ଉପରୁ ମଙ୍ଗଳବାର ମହାନଦୀକୁ ଡେଇଁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ବୟସ ୨୫ ବର୍ଷ ହୋଇଥିବା ବେଳେ ତିଗିରିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ଡମପଡ଼ା ଅଗ୍ନିଶମ କର୍ମଚାରୀ ଦୀର୍ଘ ୩ ଘଣ୍ଟା ଧରି ସେଠାରେ ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ମୁଖ୍ୟଚିକିତ୍ସାଳୟକୁ ପଠାଇଛନ୍ତି। ସ୍ଥାନୀୟ ପୋଲିସ ପକ୍ଷରୁ ମୃତଦେହ ଜବତ କରଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢ଼େ ୨ଟା ବେଳେ ସମ୍ପୃକ୍ତା ଯୁବତୀ ଜଣକ ସେତୁ ଉପରେ ଏକ ବାଡକୁ ଧରି ମୋବାଇଲ୍ ଫୋନ୍‌ରେ କଥା ହେଉଥିଲେ। ଏହି ସମୟରେ ହଠାତ୍ ସେ ମହାନଦୀକୁ ଡେଇଁ ପଡ଼ିଥିଲେ।

## ଟିକ୍‌ଟକ୍ ହେଲା କାଳ: ନଦୀରେ ବୁଡ଼ିଗଲେ ଯୁବକ

**ପଟ୍ଟାମୁଣ୍ଡାଇ, (ସ୍ୱ.ପ୍ର.):** ଗାଧୋଉଥିବା ବେଳେ ମୋବାଇଲେ ଟିକଟକ୍ ଭିଡିଓ କରିବା କାଳ ହୋଇଛି। କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଟପାଳ ପଞ୍ଚାୟତ ଅନ୍ତର୍ଗତ ନାହିଆଦିଆ ଗ୍ରାମରେ ଏଭଳି ଘଟଣା ଘଟିଛି। ସେଠାରେ ଥିବା ବାହ୍ମଣୀ ନଦୀରେ ବୁଡ଼ି ଜଣେ ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ କେନ୍ଦ୍ରାପଡ଼ା ଟାଉନ୍ ଫକୀରାବାଦ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ ୫ ଜଣ ସାଙ୍ଗଙ୍କସହ ନାହିଆଦିଆଗ୍ରାମସ୍ଥିତ ବାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ଟିକ୍‌ଟକ୍ ଭିଡିଓ କରୁଥିବା ବେଳେ ନଦୀ ଭିତରେ ଜେସିବି ଖୋଳିଥିବା ଗାତରେ ଖସି ପଡ଼ିଥିଲେ। ଏହାଦେଖି ଅନ୍ୟ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଗୋଡ଼ ତଳକୁ ଖସିଯିବାରୁ ସମ୍ପୃକ୍ତ ଯୁବକ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୧ଶହ କର୍ମଚାରୀଙ୍କୁ ଛଟେଇ କରିବ ଜାଗୁଆର୍




**ଲଣ୍ଡନ,୧୬।୬**

ଟାଟା ମୋଟର୍ସ'ର ନିଜସ୍ୱ ୟୁନିଟ ଜାଗୁଆର ଲ୍ୟାଣ୍ଡ ରୋଭର(ଜେଏଲ୍ଆର) ଇଂଲଣ୍ଡ ୟୁନିଟରୁ ୧୧ଶହରୁ ଊର୍ଦ୍ଧ୍ୱ ଚୁକ୍ତିବଦ୍ଧ କର୍ମଚାରୀଙ୍କୁ ଛଟେଇ କରିବ। ମଙ୍ଗଳବାର କମ୍ପାନୀର ମୁଖପାତ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ,କୋଭିଡ୍-୧୯ ସଂକ୍ରମଣ ଜନିତ ସମସ୍ୟା ଓ ବାଣିଜ୍ୟିକ ମାନ୍ଦାବସ୍ଥା ପାଇଁ କମ୍ପାନୀ ଏହି ନିଷ୍ପତ୍ତି ଗ୍ରହଣ କରିଛି। କମ୍ପାନୀର ଇଂଲଣ୍ଡ ୟୁନିଟ ଗତ ୩ମାସ ହେବ ବିଭିନ୍ନ ସମସ୍ୟା ସହ ଲଢେଇ କରୁଛି। ଫଳରେ କମ୍ପାନୀ ଗତ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସରେ ବିକ୍ରି ୩୦% ଖସି ଥିବା ବେଳେ ସାରା ବର୍ଷ ପାଇଁ ମୋଟ ୧୨.୧% କ୍ଷତି ସହିଛି। ସେହିଭଳି ଇଣ୍ଟରନେଟ ବାଣିଜ୍ୟିକ କମ୍ପାନୀ ପଲିସି ବଜାରର ଗ୍ରୁପର ଋଣ ଏବଂ କ୍ରେଡିଟ କାର୍ଡ ସେବା ଯୋଗାଉଥିବା ସହାୟକ କମ୍ପାନୀ ପୈସା ବଜାର ମଧ୍ୟ ବିଭିନ୍ନ ସମସ୍ୟା କାରଣରୁ ପ୍ରାୟ ୧୫ଶହରୁ ୨୦୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ସୂଚନା ମିଳିଛି ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୟାରେ ନ ଦେଲେ ପିଣ୍ଡ ନୁହେଁ,
ପ୍ରୟାଗରେ ନ ମଣ୍ଡିଲେ ମୁଣ୍ଡ ନୁହେଁ ;
ପୁରୀରେ ନ ଖାଇଲେ ତୁଣ୍ଡ ନୁହେଁ ।**

ଗୟାକ୍ଷେତ୍ର ପିଣ୍ଡଦାନ ଲାଗି ସର୍ବୋତ୍କୃଷ୍ଟ। ଏଠାରେ ପିଣ୍ଡଦାନ କରାଗଲେ ପିତୃଲୋକ ପରିତୃପ୍ତ ହୋଇଥାନ୍ତି ତଥା ପିତୃପୁରୁଷଙ୍କର ମୋକ୍ଷ ହୋଇଥାଏ। ପ୍ରୟାଗରେ ଲଣ୍ଡିତ ମସ୍ତକ ହୋଇ ବୁଡ଼ ପକାଇଲେ ବହୁ ପୁଣ୍ୟ ମିଳିଥାଏ। ସେହିପରି ପୁରୀ ନୀଳାଚଳ ଧାମ ଶ୍ରୀକ୍ଷେତ୍ରରେ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଭୋଗ ଲଗାଯାଉଥିବା ମହାପ୍ରସାଦ ସର୍ବୋତ୍କୃଷ୍ଟ ହୋଇଥିବା ବେଳେ ଏହାକୁ ଖାଇବା ବଡ଼ ସୌଭାଗ୍ୟର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗାଇବୁ ଗୀତା ଖାଇବୁ ପିତା
ତେବେ ତୁ ହୋଇବୁ ଜଗତଜିତା ।**

ଗୀତା ଅତ୍ୟନ୍ତ ପବିତ୍ର ଗ୍ରନ୍ଥ। ଜୀବନର ବହୁ ସାରତତ୍ତ୍ୱ ଗୀତାରେ ଉଲ୍ଲେଖ କରାଯାଇଛି। ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ। ସେହିପରି ପିତା ନିୟମିତ ଖାଇବା ସ୍ୱାସ୍ଥ୍ୟପକ୍ଷେ ଖୁବ ହିତକର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

## ଚାଇନା ସହ...

ହେଁ ବିବାଦ ଛିଣ୍ଡି ନ ଥିଲା। ଏହି ଅଛିଣ୍ଡା ବିବାଦ ଟାଣି ହୋଇଯାଇଥିଲା ପୂର୍ବ ଲଦାଖର ଗଲୱାନ ଉପତ୍ୟକାକୁ। ଏହି ଅତ୍ୟୁଚ୍ଚ ଉପତ୍ୟକାର ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ ଭାରତୀୟ ଯବାନଙ୍କ ପାଟ୍ରୋଲିଂକୁ ନେଇ ଗତ ମେ ୫ ତାରିଖରେ ପିଏଲ୍ଏ ସୈନ୍ୟ ଆପତ୍ତି ଉଠାଇଥିଲେ। ଏନେଇ ଦୁଇ ଦେଶର ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଥିଲା, ଯାହାକି ପରଦିନ ମଧ୍ୟ ଜାରି ରହିଥିଲା। ଭାରତ-ଚାଇନା କମାଣ୍ଡରସ୍ତରୀୟ ଆଲୋଚନା ପରେ ଦୁଇଦେଶର ସେନା କିଛିମାତ୍ରାରେ ପଛକୁ ଘୁଞ୍ଚିଥିବା କୁହାଯାଉଥିଲା। ତେବେ ଆଲୋଚନା ଜାରି ରହିଥିବାବେଳେ ଚାଇନା ପକ୍ଷରୁ ଏକ ଷ୍ଟ୍ରାଟେଜିକ୍ ରୋଡ୍ ନିର୍ମାଣ ଚାଲିଥିଲା। ଏହା ହିଁ ସଦ୍ୟ ବିବାଦର ମୂଳମଞ୍ଜି ବୋଲି କୁହାଯାଉଛି। ସୂଚନାନୁସାରେ ସୋମବାର ରାତିରେ ଗଲୱାନ ଘାଟିର ପାଟ୍ରୋଲିଂ ପଏଣ୍ଟ ୧୪ରେ ଭାରତୀୟ ଯବାନ ଏବଂ ପିଏଲ୍ଏ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଉଭୟ ପଟୁ ଟେକାମାଡ଼ ଓ ଲୁହାରଡ୍‌ରେ ଆକ୍ରମଣ ହୋଇଥିଲା। ଟେକା ଓ ଲୁହାରଡ୍ ମାଡ଼ରେ ଭାରତୀୟ ସେନାର ବିହାର ରେଜିମେଣ୍ଟ କମାଣ୍ଡିଂ ଅଫିସର କଲୋନେଲ ସନ୍ତୋଷ ବାବୁ ଶହୀଦ ହୋଇଛନ୍ତି। ଅନ୍ୟ ୧୭ଜଣ ଆହତ ହୋଇ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁବରଣ କରିଛନ୍ତି। ସେହିପରି ସଂଘର୍ଷ ବେଳେ ଭାରତୀୟ ସେନାର ଆକ୍ରମଣରେ ପିଏଲ୍ଏର ୪୩ ସୈନ୍ୟ ମୃତାହତ ହୋଇଥିବା ଏକ ଜାତୀୟ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଉଭୟ ଭାରତ ଓ ଚାଇନା ସେନା ପକ୍ଷରୁ ଆନୁଷ୍ଠାନିକ ଭାବେ ଏନେଇ କିଛି ସ୍ପଷ୍ଟ କରାଯାଇନାହିଁ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏନେଇ ନୂଆଦିଲ୍ଲୀସ୍ଥିତ ସାଉଥ୍ ବ୍ଲକ୍‌ରେ ସ୍ଥିତି ସମୀକ୍ଷା କରିଛନ୍ତି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ବିପିନ ରାୱତ୍, ତିନିସେନା ମୁଖ୍ୟ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉକ୍ତ ଜରୁରୀ ବୈଠକରେ ଉପସ୍ଥିତ ଥିଲେ। ଏହି ଘଟଣା ପରେ କୂଟନୈତିକ ସ୍ତରରେ କି ପଦକ୍ଷେପ ନିଆଯିବା ଉଚିତ ବୋଲି ରାଜନାଥ ତିନିସେନା ମୁଖ୍ୟଙ୍କୁ ପରାମର୍ଶ ମାଗିଛନ୍ତି। ବୈଠକ ପରେ ପ୍ରତିରକ୍ଷାମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ଜମ୍ମୁ-କଶ୍ମୀର ଗସ୍ତକୁ ବାତିଲ କରିଦେଇଛନ୍ତି।

## କୌଶିକଙ୍କ ଲକରରୁ ...

ବ୍ୟାଙ୍କ୍ ଆକାଉଣ୍ଟ ସହ ତାଙ୍କ ଲକରକୁ ଯାଞ୍ଚ କରିଥିଲେ। ଲକରରୁ ନଗଦ ୩୭.୯୦ ଲକ୍ଷ ଟଙ୍କା ମିଳିଥିଲା। ପରେ ଉକ୍ତ ଲକରକୁ ସିଲ୍ କରାଯାଇଥିବାବେଳେ ଅନ୍ୟ କେତେକ ବ୍ୟାଙ୍କ୍‌ରେ ମଧ୍ୟ ଛାନ୍‌ଭିନ୍ କରାଯାଇଛି। ସେହିଭଳି କୌଶିକଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଭୁବନେଶ୍ୱର, କଟକ ଓ ରାଜ୍ୟ ବାହାରେ ଏକାଧିକ ଟିମ୍ ଚଢ଼ାଉ କରିଥିବା ସିବିଆଇ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ଏହି ଠକେଇର ଖୋଳତାଡ଼ ଆରମ୍ଭ କରିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିବିଆଇ ଅଧିକାରୀଙ୍କ ସହ ଆଲୋଚନା କରି ଠକେଇ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାରେ ଲାଗି ପଡ଼ିଛି। ଲକରରୁ ଜବତ ଟଙ୍କାକୁ ନେଇ ମଧ୍ୟ ଇଡି ଖୋଳତାଡ଼ ଆରମ୍ଭ କରିଛି। ଉଭୟ ସିବିଆଇ ଏବଂ ଇଡ଼ିର ସମନ୍ୱୟରେ ତଦନ୍ତ ଆଗକୁ ବଢ଼ିଛି। ଏଥିସହ ମାମଲା ରୁଜୁ ହୋଇଥିବା ୯ଜଣ ଅଭିଯୁକ୍ତଙ୍କ ସମ୍ପତ୍ତି ସଂକ୍ରାନ୍ତ ତଥ୍ୟ ହାସଲ ପାଇଁ ଉଦ୍ୟମ ଚାଲିଛି। ସେମାନେ କେଉଁସବୁ ବ୍ୟାଙ୍କ, ସମ୍ପର୍କୀୟ ଓ ଅନ୍ୟ କାହା ପାଖରେ ଟଙ୍କା ରଖିଛନ୍ତି କି ? ଉକ୍ତ ଠକେଇ ଟଙ୍କାରେ ସୁନା, ଜମି ଅବା ଅନ୍ୟ କିଛି ସମ୍ପତ୍ତି କରିଛନ୍ତି ତାହାର ଚିକିନିଖି ଜାଣିବାକୁ ଉଭୟ ସିବିଆଇ ଓ ଇଡି ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ସୂଚନାଯୋଗ୍ୟ, ୨୦୧୦ରେ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନ ଲିମିଟେଡ୍ କମ୍ପାନୀ ଆରମ୍ଭ କରିଥିଲେ ଅବିନାଶ ମହାନ୍ତି। ଏହି କମ୍ପାନୀ ବିଦେଶକୁ ଲୁହାପଥର ରପ୍ତାନି କରୁଥିବା ସମ୍ପର୍କିତ କାଗଜପତ୍ର ଦାଖଲ କରାଯାଇ ଷ୍ଟେଶନ ସ୍କୋୟାରସ୍ଥିତ ପିଏନ୍‌ବି ଶାଖାରୁ ବିଭିନ୍ନ ସମୟରେ ୩୨ କୋଟି ଟଙ୍କା ଋଣ ଉଠାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସଂସ୍ଥା ହଠାତ୍ ଗାଏବ ହୋଇଯାଇଥିଲା। ଠକେଇ ନେଇ ଜଣାପଡିବା ପରେ ପିଏନ୍‌ବିର ସର୍କଲ ମୁଖ୍ୟ ଗଣପତିଲାଲ ଗତ ୯ ତାରିଖରେ ସିବିଆଇରେ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡିଛି ଯେ, ୨୦୧୦ରୁ ୨୦୧୫ ମଧ୍ୟରେ ଏହି ଠକେଇ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ତତ୍କାଳୀନ ବ୍ୟାଙ୍କ ଅଧିକାରୀଙ୍କ ସମେତ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନ ଲିମିଟେଡ୍ ମ୍ୟାନେଜମେଣ୍ଟର ୯ଜଣଙ୍କ ନାମରେ ସିବିଆଇ ମାମଲା ରୁଜୁ କରିଛି। ଷ୍ଟେଶନ ସ୍କୋୟାରସ୍ଥିତ ପିଏନ୍‌ବି ଶାଖାର ତତ୍କାଳୀନ ଚିଫ୍ ମ୍ୟାନେଜର ନାଗମଣି ସତ୍ୟନାରାୟଣ ପ୍ରସାଦ ଓ ମନୋରଞ୍ଜନ ଦାଶ, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଏସ୍.ସି. ଶର୍ମା, ସିନିୟର ମ୍ୟାନେଜର ପ୍ରିୟତୋଷ ଦାଶଙ୍କ ସମେତ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନର ଏମ୍‌ଡି ଅବିନାଶ ମହାନ୍ତି, ପୂର୍ବତନ ନିର୍ଦ୍ଦେଶକ କୌଶିକ ମହାନ୍ତି ଓ ଅଂଶୁମାନ ସାମନ୍ତରାୟ ଏବଂ ବିଧୁଭୂଷଣ ନାୟକଙ୍କ ନାମରେ ସିବିଆଇ ଆଇପିସି ଦଫା ୧୨୦(ବି), ୪୨୦, ପିସି ଆକ୍ଟର ଦଫା ୧୩(୨) ଓ ୧୩(୧)(ଡି)ରେ ମାମଲା ରୁଜୁ କରି ତଦନ୍ତ କରୁଛି। ସିବିଆଇ ଟିମ୍ ଓଡ଼ିଶା ଓ ବାହାର ରାଜ୍ୟରେ ଚଢାଉ କରିଥିଲେ ମଧ୍ୟ ଏଯାଏ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଠକେଇର ମାଷ୍ଟରମାଇଣ୍ଡ କୁହାଯାଉଥିବା ସଂସ୍ଥାର ଏମ୍‌ଡି ଅବିନାଶ ମହାନ୍ତି ଧରାପଡିଲେ ସବୁ ଗୁମର ଖୋଲିଯିବ ବୋଲି କୁହାଯାଉଛି।

## ସମୁଦ୍ରକୁ ବୋହିଯାଉଛି ...

ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା, ବୁଢ଼ାବଳଙ୍ଗ, କୋଲାବ, ଇନ୍ଦ୍ରାବତୀ, ବାହୁଦା, ନାଗାବଳୀ ଏବଂ ସୁବର୍ଣ୍ଣରେଖା ନଦୀର ୯୫,୫୪୦ ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍) ଜଳଧାରଣ କ୍ଷମତା ରହିଛି। ସେଥିରୁ ୨୧,୭୯୩.୧୯ ଏମ୍‌ସିଏମ୍ ଜଳ ଚାଷ ପାଇଁ ବ୍ୟବହାର କରାଯାଉଥିବା ବେଳେ ପାନୀୟ ଓ ଦୈନନ୍ଦିନ ବ୍ୟବହାର ପାଇଁ ୨୮୩.୯୫, ଶିଳ୍ପ ପାଇଁ ୨,୨୭୫.୮୫ ଏବଂ ପରିବେଶ ପାଇଁ ୨୦,୫୪୧.୧୦ ଏମ୍‌ସିଏମ୍ ଉପଯୋଗ ହେଉଥିବା ସର୍ଭେରୁ ଜଣାପଡିଛି। ଏସବୁ ସତ୍ତ୍ୱେ ନଦୀର ଆହୁରି ୫୦,୬୪୫.୯୧ ଏମ୍‌ସିଏମ୍ ଜଳ ବଳକା ରହୁଛି। ତେବେ ସେହି ଜଳକୁ ରୋକିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହା ସମୁଦ୍ରକୁ ଚାଲିଯାଉଛି। ମହାନଦୀରୁ ୨୫,୯୪୦.୨୮, ବ୍ରାହ୍ମଣୀରୁ ୭,୮୧୯.୭୧, ବୈତରଣୀରୁ ୨,୨୧୫.୮୦, ବଂଶଧାରାରୁ ୨,୪୬୮.୪୭, ବୁଢାବଳଙ୍ଗରୁ ୧୬୬୮.୦୪, କୋଲାବରୁ ୪,୬୯୯.୮୧, ଇନ୍ଦ୍ରାବତୀରୁ ୨,୦୩୮.୬୭, ନାଗାବଳୀରୁ ୧,୬୧୪.୮୧, ସୁବର୍ଣ୍ଣରେଖାରୁ ୧,୪୫୧.୫୯ ଏବଂ ଋଷିକୁଲ୍ୟା ନଦୀରୁ ୭୩୬.୭୨ ଏମ୍‌ସିଏମ୍ ଜଳ ସମୁଦ୍ରକୁ ଚାଲିଯାଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏବେଠୁ ଉତ୍କଟ ଜଳାଭାବ ଦେଖାଦେଲାଣି। ନଦୀଗୁଡ଼ିକ ଉପରେ ପାନୀୟ ଜଳ ପାଇଁ ନିର୍ଭର କରୁଥିବା ସହରଗୁଡ଼ିକ ଆସନ୍ତା ୨୦ ବର୍ଷ ମଧ୍ୟରେ ଭୟଙ୍କର ଜଳ ସଙ୍କଟର ସମ୍ମୁଖୀନ ହେବେ ବୋଲି ପରିବେଶବିତ୍‌ମାନେ ଆଶଙ୍କା କଲେଣି। ଜନସଂଖ୍ୟା ଯେପରି ହୁ ହୁ ହୋଇ ବଢ଼ିଚାଲିଛି କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ରାଉରକେଲା, ବ୍ରହ୍ମପୁର ସମେତ ଅନ୍ୟାନ୍ୟ ସହରକୁ ପାନୀୟ ଜଳ ଯୋଗାଇବା କାଠିକର ପାଠ ହୋଇଯିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଭାଗୀରଥି ବେହେରା କହିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ୨୦୦୧ରେ ରାଜ୍ୟର ପ୍ରମୁଖ ନଦୀର ଜଳଧାରଣ କ୍ଷମତା ୧୨୦.୩୯୭ ବିଲିୟନ କ୍ୟୁବିକ ମିଟର(ବିସିଏମ୍) ଥିବା ବେଳେ ୨୦୫୧ ବେଳକୁ ଏହା ୧୦୮.୧୧୩ ବିସିଏମ୍‌କୁ ଖସି ଆସିବ। ନଦୀ ଜଳ ପ୍ରବାହ ହ୍ରାସକୁ ନେଇ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରବାହିତ ଜଳକୁ ସଂରକ୍ଷଣ କରିବା ପାଇଁ ୪ଟି ବୃହତ ବ୍ୟାରେଜ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବ୍ରାହ୍ମଣୀ ନଦୀର ଦୁବୁଲାପାଲ, ନୂଆଘର, ସନ୍ତେଇଭଞ୍ଜ, କୋଏଲ ନଦୀର ଝାରବେଡାଠାରେ ବ୍ୟାରେଜ ନିର୍ମାଣ କରାଯିବ। ଏଗୁଡ଼ିକର ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏହାଛଡ଼ା ଅନ୍ୟ ନଦୀରେ ୧୦ଟି ବ୍ୟାରେଜ ନିର୍ମାଣ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ସେହି ପ୍ରକଳ୍ପଗୁଡ଼ିକ ହେଲା ଅନୁଗୋଳ ଜିଲାର ସମାକୋଇ ବ୍ୟାରେଜ, ଦେବଗଡ଼ ଜିଲାର କଳା, ମୟୂରଭଞ୍ଜ ଜିଲାର ଖଇରବନ୍ଧନ, ବୁଢାବଳଙ୍ଗ, କାତ୍ରା, ବାଲେଶ୍ୱରର ଜଳେଶ୍ୱର, ବୌଦ୍ଧର ସତୀଘାଟି, କେନ୍ଦୁଝରର ଭୀମକୁଣ୍ଡ ଏବଂ ନବରଙ୍ଗପୁରର ତୁରୀ-ଗୁନ୍ତାତ। ସେହିପରି ପୋତି ହୋଇ ପଡୁଥିବା ନଦୀଗୁଡିକୁ ବଞ୍ଚାଇ ରଖିବା ସହ ପାନୀୟ ଜଳ ଓ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଜଳ ସଞ୍ଚୟ କରିବା ସକାଶେ ରାଜ୍ୟ ସରକାର ଖୁବଶୀଘ୍ର ନୂଆ ସଂଶୋଧିତ ନଦୀ ନୀତି (ରିଭର ପଲିସି)-୨୦୧୯ ଆଣିବାକୁ ଯାଉଛନ୍ତି। ଚିଠା ନୀତି ପ୍ରସ୍ତୁତ ହୋଇ ସାରିଛି। ରାଜ୍ୟର ନଦୀଗୁଡ଼ିକର ବର୍ତ୍ତମାନ ସ୍ଥିତିକୁ ପରଖା ଯିବ। ଜଳ ପ୍ରବାହ ଓ ଏହାର ଜଳଧାରଣ କ୍ଷମତାକୁ ଆକଳନ କରାଯିବ। ଏଥିସହ ନଦୀର ଜୈବବିବିଧତା ଓ ଉଭୟ ପାର୍ଶ୍ୱରେ ଥିବା ଜନବସତିଗୁଡ଼ିକର ଜୀବିକାକୁ ମଧ୍ୟ ଧ୍ୟାନ ଦିଆଯିବ। ପରିବେଶ ଆଇନ ଅନୁଯାୟୀ ନଦୀରେ କେଉଁ ସମୟରେ କେତେ ଜଳ ପ୍ରବାହ ହେଉଛି ଏବଂ ଏହା ଉପରେ ନିର୍ଭର କରୁଥିବା ଜୀବଜନ୍ତୁ ଓ ବୃକ୍ଷଲତାଗୁଡ଼ିକ ଉପରେ ଜଳବାୟୁ ପରିବର୍ତ୍ତନର କି ପ୍ରଭାବ ପଡୁଛି ସେ ନେଇ ତର୍ଜମା କରାଯିବ। ତଦନୁଯାୟୀ ସରକାର ଏକ ଦୀର୍ଘମିଆଦୀ ସଂରକ୍ଷଣ ଓ ପୁନରୁଦ୍ଧାର ଯୋଜନା କରିବେ ବୋଲି ଜଳ ସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଯେଉଁ କାମ ଆଜି ଆରମ୍ଭ କରିବେ ସେଥିରେ ନିଶ୍ଚିତ ସଫଳତା ମିଳିବା କଷ୍ଟକର ହୋଇପାରେ। କଷ୍ଟ ସ୍ୱୀକାର ପୂର୍ବକ କୌଣସି ସାହାଯ୍ୟପ୍ରାର୍ଥୀ ଲୋକଙ୍କୁ ସହାନୁଭୂତି ପ୍ରଦାନକରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ।

**ବୃଷ** ଶୁକ୍ରଙ୍କ ସୁପ୍ରଭାବଜନିତ ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପ ମନରେ ଦୁଃଖ ଦେଇପାରେ, କିନ୍ତୁ କିଛି କହିପାରିବେ ନାହିଁ । ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପରିବହନରେ ଝଗଡାର ସମ୍ଭାବନା ରହିଛି । ପାରିବାରିକ ସ୍ତରର ଏମିତି କେତେକ କଥା ରହିଛି।

**ମିଥୁନ** ରାଶିରେ ବୁଧାଦିତ୍ୟ ଯୋଗ କାରଣରୁ କଠିନ ପରିଶ୍ରମଜନିତ ଆଜି ଅପରାହ୍ଣରେ ଦେହଟା ଟିକିଏ ଭଲ ଲାଗି ନ ପାରେ । ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି ।

**କର୍କଟ** କେତୁ ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଅତି ବିଶ୍ୱସ୍ତ ଲୋକ ଠାରୁ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡିପାରେ । ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ଖୁସୀ ହେବେ । ଆବଶ୍ୟକୀୟ ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ ।

**ସିଂହ** ପାପାକ୍ରାନ୍ତ ଧନ ଏକାଦଶାଧିପତିଙ୍କ କୁପ୍ରଭାବରୁ ଧନହାନି କିମ୍ବା ଅର୍ଥନୈତିକ ଅପରାଧରେ ଦୋଷୀ ହୋଇପାରନ୍ତି । ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିବାକୁ ବାଧ୍ୟ ହେବେ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭଲ।

**କନ୍ୟା** ଦୁର୍ବଳତା କାରଣରୁ ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି କାର୍ଯ୍ୟକୁ ସ୍ଥଗିତ ରଖିପାରନ୍ତି । ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ସାହାଯ୍ୟରେ ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଚିନ୍ତା ଦୂର ହେବ । ଜଣେ ବନ୍ଧୁଙ୍କ ଟାଣ କଥାକୁ କେନ୍ଦ୍ର କରି ଝଗଡା ଲାଗିପାରେ।

**ତୁଳା** ନିଜର ଲୋକମାନେ ପୂର୍ବରାଗ ସ୍ମରଣକରି ଦାଉ ସାଧିପାରନ୍ତି। ଆଜି କୌଣସି ଦୂର ସମ୍ପର୍କୀୟ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କର୍ମ ସମ୍ପାଦନ କରିବେ । ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସୀ ହୋଇପାରନ୍ତି । ଅଫିସରେ ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି।

**ବିଛା** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମ ଗୁଡିକ ସମ୍ପନ୍ନ କରିବାରେ ସମର୍ଥ ହେବେ । ଅନ୍ୟ ମାନଙ୍କ ଉପରେ ପୂର୍ଣ୍ଣ ଭରସାକରି ନୀରବରେ ବସି ରହିଲେ ସମସ୍ୟା ଭିତରେ ଛନ୍ଦି ହେବାକୁ ପଡିପାରେ। ଅନୁରାଧା ନକ୍ଷତ୍ର ସାଧାରଣ କଥାକୁ ଅସାଧାରଣ ଭାବେ କଳ୍ପନା କରି ଆଶଙ୍କାଗ୍ରସ୍ତ ହୋଇପାରନ୍ତି।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ନିଜର ଲୋକମାନଙ୍କ ସହ ଯୁକ୍ତି ତର୍କବିତର୍କର ସମ୍ମୁଖୀନ ହେବେ । ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ । ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ପରେ ବେଶି ହଇରାଣ ହୋଇପାରନ୍ତି ।

**ମକର** ଅତୀତକଥାର ଆଲୋଡନ ଦ୍ୱାରା ଅଟକି ରହିଥିବା କାର୍ଯ୍ୟଟି ଆକସ୍ମିକ ଭାବରେ ଆଜି ସମାଧାନ ହୋଇଯିବ । ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଯେଉଁ କାମରେ ଯାଉଛନ୍ତି ସେଠାରୁ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି ।

**କୁମ୍ଭ** ପ୍ରଶଂସା ପାଇବା ତେଣେଥାଉ ଅନ୍ୟମାନେ ଦୋଷ ଖୋଜିବେ । ଆଜିର ପ୍ରତ୍ୟୁଷଯାତ୍ରା, ପ୍ରଶାସନିକ କାର୍ଯ୍ୟ, ଆଇନଅଦାଲତ ତଥା କଳାସାହିତ୍ୟ କ୍ଷେତ୍ର ମନ୍ଦ ହେବନି । ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହେବେ ।

**ମୀନ** ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ । ଉତ୍ତରଭାଦ୍ରପଦ ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ବ୍ୟକ୍ତିଙ୍କ ଗହଣରେ କିଛି ସମୟ କଟାଇପାରନ୍ତି । ବ୍ୟବସାୟ, ପରିବହନ,ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ବସୁମତି ସ୍ନାନ, ଶ୍ରୀମନ୍ଦିରରେ ଅଣସର ଏକାଦଶୀ, ଆଷାଢ଼ ଶୁକ୍ଳପକ୍ଷର ଖଳିଲାଗି ଏକାଦଶୀ ବୁଧବାର, ସକାଳ ଘ.୦୭.୫୦ମି.ଗତେ ଦ୍ୱାଦଶୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ, ଜୁନ୍ ୧୭ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦ୍ୱାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ମେଷ ରାଶିର ଘାତଚନ୍ଦ୍ର, ସକାଳ ଘ.୦୭.୫୦ମି. ଗତେ ଘ.୧୧.୨୧ମି. ମଧ୍ୟେ, ଘ.୦୧.୫୯ମି. ଗତେ ଘ.୦୫.୩୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୩ମି. ଗତେ ଘ.୦୯.୫୯ମି. ମଧ୍ୟେ. ଘ. ୧୨.୦୯ମି. ଗତେ ଘ.୦୧.୩୫ମି. ମଧ୍ୟେ ଅମୃତବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Candidate settled in Africa, Business-Import & export Min Annual income - 30000 USD Age - 32 Height-5'9",Caste-Oriya Halua Brahmin Looking for a beautiful unmarried oriya brahmin bride, age below 30, Height 5'3" to 5'7", B.com / B.sc or above. serious interested candidate can whatsapp only Mob- +91 9867526974 / +233 559469928. D-17483

ସରକାରୀ ସଂସ୍ଥାରେ Asst. Manager ରେ ଚାକିରୀଥିବା divorcee ତେଲି 55 ବର୍ଷୀୟ ପାତ୍ରପାଇଁ 45 ବର୍ଷରୁ ଉର୍ଦ୍ଧ୍ୱ ଗୌରବର୍ଣ୍ଣା ପାତ୍ରୀ ଆବଶ୍ୟକ। Caste no bar. 8099377058, 7020206623. D-69413

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony", 7978736177. D-68245

**GROOM WANTED**

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି ? ସବୁଜାତିର ବରପାତ୍ର ପାଇଁ "Akankshya Matrimony", 7978736177. D-68244




**SALE**

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner-9090963952.** D-69112

ଭୁବନେଶ୍ୱର, ରଙ୍ଗବଜାର, BJEM School ନିକଟରେ ଅଗ୍ରିମ boundary wall ଘରବାରି ପଟ୍ଟା plot ଦିଆଯାଉଛି।7008045582, 9692003948. D-17455

**3900sqft. plot immediately sale Jharpada, Bhubaneswar, BDA yellow zone buyers directly Contact- DEEPAK-9937329999.** D-68087

Cuttack near OMP Square 4800 Sq.ft. Mini Apartment with 6 Nos. of Flat inbuilt (4 Nos. of 3 BHK Flat & 2 Nos. of 2 BHK Flat). Entire property for sale. Asking Price 1.5 Crore. Whatsapp - 9938219434. D-17471

**Bhubaneswar** ଏୟାରପୋର୍ଟରୁ **7km** ଦୂରରେ ଘରକରିବା ପ୍ଲଟ୍ **14,00,000/, investment plot 2,88,000/-, Prianka. 8249680401.** D-69119

Litigation free Residential Plot, Patia & Low Cost. Firmhouse land available. 8328811411, 9861971879. D-69120

**2400sqft. BDA corner plot (East facing) sale at Sum Hospital, Bhubaneswar. Contact- DEEPAK-9937329999.** D-68086




3BHK flat ready to move at Metro Mansion Ravi talkies square Contact- 9437033384. D-69122

2BHK flat with parking at Lingipur rent family. Contact: 7894381416. D-59952

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Leo Packers & Movers India's No.1 Packers, since -1975 Households, Car, Office, Shifting, Local /Countrywide, 9438133699, 9439339938. D-17473




Monalisa massage club : All types body massage with hiprofile smart lady rooms service available 9708545108. D-17503

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69282

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69280

Herbal full body massage by smart / expert therapist. Contact: 8338067247. D-69281

Full body herbal massage with refreshment expert therapist. 7381239385, 06742540855. D-69285

Experience full body massage with us (expert). Call: 7377048581, 06742597822. D-69284

Newly open full body massage SPA in Bhubaneswar. Contact: 7205058838. D-69283

**AFFIDAVIT**

By virtue of an affidavit before Executive Magistrate, Bhubaneswar. I, Gayatri Dash married to Sri Chandrasekhar Sharma, hereby declare that I have changed my surname from "Dash" to "Sharma". Henceforth. I shall be known as Gayatri Sharma for all purposes. D-69286

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସ୍ଥିତି ସ୍ୱାଭାବିକ ପରେ ଏଏଲ୍‌ପି ପ୍ରଶିକ୍ଷଣ ଆରମ୍ଭ

**ଭୁବନେଶ୍ୱର, ୧୬।୬(ବ୍ୟୁରୋ):** ଦେଶରେ ଅନ୍‌ଲକ୍-୦.୧ ଜାରି ରହିଥିବାବେଳେ ଅନ୍ୟ କେତେକ ରାଜ୍ୟରେ ଲକ୍‌ଡାଉନ୍ ବଳବତ୍ତର ରହିଛି। ଓଡ଼ିଶାରେ ମଧ କରୋନା କଟକଣା ଜାରି ରହିଛି। ଏହା ସମ୍ପୂର୍ଣ୍ଣ ରୂପେ ହଟିଯିବା ପରେ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ (ଏଏଲ୍‌ପି) ପ୍ରାର୍ଥୀଙ୍କ ପ୍ରଶିକ୍ଷଣକୁ ପୁନଃ ଆରମ୍ଭ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ଖାଲି ହେବାକୁ ଥିବା ପଦବୀକୁ ଦୃଷ୍ଟିରେ ରଖି ଏଏଲ୍‌ପି ପଦବୀ ପୂରଣ ନିମନ୍ତେ ୨୦୧୮ ଫେବୃୟାରୀରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବଶ୍ୟକ ପରୀକ୍ଷା ସରିବା ପରେ ୨୦୧୯ ଅଗଷ୍ଟରୁ ୨୦୨୦ ଜାନୁୟାରୀ ମଧରେ ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଆର୍‌ଆର୍‌ବି) ଭୁବନେଶ୍ୱର ଓ ସିକନ୍ଦରାବାଦ ଦ୍ୱାରା ଯୋଗ୍ୟ ବିବେଚିତ ୨୭୦୨ଜଣ ପ୍ରାର୍ଥୀଙ୍କର ଏକ ପ୍ୟାନେଲ୍ ମିଳିଥିଲା। ତଦ୍‌ନୁଯାୟୀ ତିନୋଟି ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲ୍ଟିୟର୍ ଓ ସମ୍ବଲପୁରକୁ ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୯୫୧ ଜଣଙ୍କୁ ପ୍ରଶିକ୍ଷଣ ନିମନ୍ତେ ପଠାଯାଇଥିଲା। ଇତିମଧ୍ୟରେ ୨୮୬ ଜଣ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି। କିନ୍ତୁ ଏହା ମଧରେ ଲକ୍‌ଡାଉନ୍ ଘୋଷଣା ଫଳରେ ଅବଶିଷ୍ଟ ପ୍ରାର୍ଥୀଙ୍କ ପ୍ରଶିକ୍ଷଣ ସାମୟିକ ରୂପେ ଅଟକି ରହିଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ପୂର୍ବତଟ ରେଳପଥ ତୁରନ୍ତ ପ୍ୟାନେଲ୍‌ରେ ଥିବା ଅବଶିଷ୍ଟ ପ୍ରାର୍ଥୀଙ୍କର ପ୍ରଶିକ୍ଷଣ କାର୍ଯ୍ୟ ପୁନଃ ଆରମ୍ଭ କରିବ। ପ୍ୟାନେଲ୍‌ରେ ଥିବା ପ୍ରାର୍ଥୀମାନଙ୍କର ବୟସ ସୀମା ଏଥିପାଇଁ ବାଧାପ୍ରାପ୍ତ ହେବ ନାହିଁ। ଆର୍‌ଆର୍‌ବିର ମେଧା ତାଲିକା, ସ୍ଲଟ୍‌ର ଉପଲବ୍ଧତା ଓ ଖାଲିଥିବା ପଦବୀର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ପ୍ରଶିକ୍ଷଣ ନିମନ୍ତେ ଡକାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ୩୦ ଯାଏ ୧୬ ଘଣ୍ଟିଆ ଶଟ୍‌ଡାଉନ

**ଖୋର୍ଦ୍ଧା ଅଫିସ,୧୬।୬**

କରୋନା ନିୟନ୍ତ୍ରଣ ଲାଗି ଖୋର୍ଦ୍ଧା ଉପଖଣ୍ଡରେ ଅପରାହ୍ନ ୨ଟା ରୁ ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଜୁନ୍ ୩୦ ଯାଏଁ ଏହି କଟକଣା ବଳବତ୍ତର ରହିବ। ଦୈନିକ ୧୬ଘଣ୍ଟା ଖୋର୍ଦ୍ଧା ଉପଖଣ୍ଡରେ ଶଟ୍‌ଡାଉନ ରହିବ। ତେବେ ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା ପୌରାଞ୍ଚଳ, ବେଗୁନିଆ, ବୋଲଗଡ଼, ବାଣପୁର, ଚିଲିକା ଓ ଖୋର୍ଦ୍ଧା ବ୍ଲକ ଏବଂ ବାଣପୁର ଓ ବାଲୁଗାଁ ବିଜ୍ଞାପିତ ପରିଷଦ ଅଞ୍ଚଳରେ ଏହି ନିୟମ ଲାଗୁ ହେବ। ଔଷଧ ଓ ପେଟ୍ରୋଲ ପମ୍ପ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ ବୋଲି ମଙ୍ଗଳବାର ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି। ତେବେ ଭୁବନେଶ୍ୱର ମହାନଗର ନିଗମ ପାଇଁ ଏହି କଟକଣା ଲାଗୁ ହେବ ନାହିଁ ବୋଲି ଜିଲାପାଳ କହିଛନ୍ତି। ଏହି ଘୋଷଣା ପରେ ଅପରାହ୍ନ ୨ଟା ପରେ କେବଳ ମେଡିକାଲ ଏବଂ କୌଣସି ଜରୁରୀ କାମରେ ବାହାରକୁ ଆସିଥିବା ଲୋକେ ବାଇକ୍‌ରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଘୋଷଣାନାମାକୁ ନେଇ କେତେଜଣ ବ୍ୟବସାୟୀ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। କରୋନା ଯୋଗୁ ଗତ ତିନି ମାସ ଧରି ବେପାର ଠପ୍ ହୋଇପଡ଼ିଥିଲା। ଉଠା ଦୋକାନୀ ଏବଂ ସାଧାରଣ ବୋପାରୀ ରାଜରାସ୍ତାକୁ ଚାଲି ଆସିବେ। ରଜ ଦୁଇଦିନ ଶଟ୍‌ଡାଉନ ରହିଥିବାରୁ ବେପାର ସମ୍ପୂର୍ଣ୍ଣ ମାନ୍ଦା ରହିଥିଲା। ଏବେ ପୁଣି ଅପରାହ୍ନ ପରେ ବନ୍ଦ ଯୋଗୁ ଉଠା ଦୋକାନୀ ପ୍ରଭାବିତ ହେବେ ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି।

### ଖୋର୍ଦ୍ଧା ଉପଖଣ୍ଡ

■ ଅପରାହ୍ନ ୨ଟାରୁ ସକାଳ ୬ ପର୍ଯ୍ୟନ୍ତ ବନ୍ଦ ରହିବ ବଜାର

### ଏମାନେ କ’ଣ କୁହନ୍ତି

“ ଜିଲାପାଳଙ୍କ ଏହି ଘୋଷଣାନାମା ପରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଅପରାହ୍ନ ୨ଟା ପରେ ଔଷଧ ଓ ପେଟ୍ରୋଲ ପମ୍ପ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ କରିବା ଲାଗି ଉପଖଣ୍ଡର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବ।

**ଅଜୟ ପ୍ରତାପ ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ, ଖୋର୍ଦ୍ଧା**

“ ତିନିମାସ ଧରି ବେପାର ବନ୍ଦ ରହିଛି। ଲକ୍‌ଡାଉନ ପରେ ଦୋକାନ ଖୋଲିବାକୁ ଅନୁମତି ମିଳିଥିଲେ ମଧ୍ୟ ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ବେପାର କିଛି ନାହିଁ। ଏବେ ପୁଣି ଶଟ୍‌ଡାଉନ ଘୋଷଣା ହେବା ପରେ ବେପାର ସମ୍ପୂର୍ଣ୍ଣ ଠପ୍ ହୋଇଯିବ।

**ଗୋପାଳ ସାମନ୍ତରାୟ, ଦୋକାନୀ**

“ ପ୍ରଶାସନ ସମସ୍ତ ଉପଖଣ୍ଡ ଅଞ୍ଚଳରେ ଶଟ୍‌ଡାଉନ ଲାଗୁ କରିବା ଆବଶ୍ୟକ ନୁହେଁ। ଯେଉଁ ସ୍ଥାନରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧି ପାଉଛି ଉକ୍ତ ଅଞ୍ଚଳକୁ ଶଟ୍‌ଡାଉନ କରାଯାଉ।

**ସୁଜନ ମିଶ୍ର, ସାମାଜିକ କର୍ମୀ**

# ଥାନାରେ ନିଯୁକ୍ତ ହେବେ ଅଧିକ କର୍ମଚାରୀ

### ଭିଡିଓ କନଫରେନ୍ସରେ କହିଲେ ଡିଜିପି

**କଟକ ଅଫିସ୍,୧୬।୬**

ଥାନାରେ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ସହ ସବୁ ଥାନାକୁ ସଶକ୍ତ କରାଯିବ। ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସରେ ମଙ୍ଗଳବାର ଆଲୋଚନା ବେଳେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏହା କହିଛନ୍ତି। ଥାନାଗୁଡ଼ିକରେ କର୍ମଚାରୀଙ୍କ ଅଭାବ କଥା କେତେକ କେତେକ ବରିଷ୍ଠ ଅଧିକାରୀ କହିବା ପରେ ଅତିରିକ୍ତ ମାନବ ସମ୍ବଳ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି। କରୋନା ଭୁତାଣୁର ସଂକ୍ରମଣକୁ ପ୍ରତିହତ କରିବା ପାଇଁ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଉପରେ ଡିଜିପି ଅଭୟ ଗୁରୁତ୍ୱାରୋପ କରିଥିଲେ। ସାମାଜିକ ଦୂରତ୍ୱ ସହ ଗିରଫ, ଅନୁସନ୍ଧାନ ଓ ତଦନ୍ତ ବେଳେ ଯଥେଷ୍ଟ ସତର୍କତା ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ଦିନ ଭିତରେ ରାଜ୍ୟର କେତେକ ଥାନାରେ ଅଭିଯୁକ୍ତଙ୍କ ଗିରଫଦାରୀ ଓ ସଙ୍ଗରୋଧ କେନ୍ଦ୍ରରେ ନିୟୋଜିତ ଥିବାବେଳେ କର୍ମଚାରୀମାନେ କରୋନା ଆକ୍ରାନ୍ତ ହୋଇଥିଲେ। ଅନ୍ୟପକ୍ଷରେ ନିର୍ଭୟା ପାଣ୍ଠିରୁ ଥାନାଗୁଡ଼ିକ ପାଇଁ ବିଭିନ୍ନ ସରଞ୍ଜାମ କିଣିବା, ସିସିଟିଏନ୍‌ଏସ୍ ପ୍ରସଙ୍ଗ, ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ ଏବଂ ଅନ୍ୟ ଉପକରଣ, ସାନିଟାଇଜର ଆଦି ଯୋଗାଣ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଗୋଇନ୍ଦା ସ୍ୱତନ୍ତ୍ର ଡିଜି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା), ଆଇଜି (ରାଜ୍ୟ ଅପରାଧ ନଥି ସଂସ୍ଥା), ଆଇ.ଜି (ଆଧୁନିକୀକରଣ), ଆଇଜି (ପ୍ରୋଭିଜନିଂ) ଏବଂ ଆଇଜି (ପର୍ସୋନେଲ) ଉପସ୍ଥିତ ଥିଲେ।

# ଭର୍ଚୁଆଲ ରାଲିକୁ ସମ୍ବୋଧିତ କଲେ କେନ୍ଦ୍ରମନ୍ତ୍ରୀ



**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ମୋଦିଙ୍କ ଉପରେ ଦେଶର ଜନତାଙ୍କ ବିଶ୍ୱାସ ବଢ଼ିଛି। ଅନ୍ୟ ରାଜନୈତିକ ବ୍ୟକ୍ତିତ୍ୱଙ୍କ ଅପେକ୍ଷା ୮୫ ପ୍ରତିଶତ ଲୋକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶ୍ୱାସ କରିଛନ୍ତି। ଓଡ଼ିଶାରେ ୧୦୦ରୁ ୯୬ଜଣ ଲୋକଙ୍କର ମୋଦିଜୀଙ୍କ ଉପରେ ଭରସା କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର କହିଛନ୍ତି। ମହିଳା ଭର୍ଚୁଆଲ ରାଲିକୁ ସମ୍ବୋଧିତ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟବାସୀ ଲୋକ ସଭା ନିର୍ବାଚନରେ ଭାଜପା ୩୮.୪% ଭୋଟ ଏବଂ ୮ଜଣ ଲୋକ ସଭା ଏମ୍‌ପିଙ୍କୁ ବିଜୟୀ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିଛନ୍ତି। ଓଡ଼ିଶାରେ ଦୀର୍ଘ ୨୦ବର୍ଷ ଧରି ବିରୋଧୀ ଦଳ ଥିବା କଂଗ୍ରେସକୁ ପଛରେ ପକାଇ ରାଜ୍ୟବାସୀ ଭାଜପାକୁ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ଦେଇଛନ୍ତି। ଗତ ନିର୍ବାଚନରେ ଜନତା ୯୧ଲକ୍ଷରୁ ଅଧିକ ଭୋଟ ଭାଜପାକୁ ଦେଇଛନ୍ତି। ଅନ୍ୟପଟେ ପୂର୍ବ ଭାରତର ବିକାଶକୁ ମୋଦି ସବୁ ସମୟରେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ପୂର୍ବ ଭାରତର ବିକାଶ ନ ହେବା ପର୍ଯ୍ୟନ୍ତ ଦେଶରେ ସନ୍ତୁଳିତ ବିକାଶ ହେବା ଅସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ଗତ ମନ୍ କି ବାତ୍ କାର୍ଯ୍ୟକ୍ରମରେ କହିଛନ୍ତି। ପୂର୍ବଭାରତର ସିଂହଭାଗ ଲାଭ କେବଳ ଓଡ଼ିଶା ହିଁ ପାଇବ ବୋଲି ଧର୍ମେନ୍ଦ୍ର ମହିଳା ଭର୍ଚୁଆଲ ରାଲିକୁ ସମ୍ବୋଧିତ କରି କହିଛନ୍ତି। ବର୍ତ୍ତମାନ କରୋନାର ମହାବିପତ୍ତି ସମୟରେ ୪କୋଟି ମହିଳା ଏବଂ ଓଡ଼ିଶାର ୪୦ ଲକ୍ଷ ମହିଳାଙ୍କୁ ୧୫୦୦ ଟଙ୍କା ଲେଖାଏଁ ଜନଧନ ଯୋଜନାରେ ଅର୍ଥ ପ୍ରଦାନ କରାଯାଇଛି। ମୋଦି ସରକାର ୮ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟରେ ୫୦୦କୋଟିରୁ ଉର୍ଦ୍ଧ୍ୱ ଅଗ୍ରିମ ଟଙ୍କା ପଠାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନରେ ମହିଳାଙ୍କ ପ୍ରତି ଦାୟିତ୍ୱ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଖୋର୍ଦ୍ଧାରେ ୧୨ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୬।୬**

ଖୋର୍ଦ୍ଧା ଜିଲାରେ(ଭୁବନେଶ୍ୱରକୁ ବାଦ୍ ଦେଇ) ମଙ୍ଗଳବାର ପୁଣି ୧୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ମେଣ୍ଢଶାଳାର ୧୧ଜଣ ଓ ଟାଙ୍ଗୀ ବ୍ଲକର ଜଣେ ରହିଛନ୍ତି। ମେଣ୍ଢଶାଳାରୁ ଚିହ୍ନଟ ସମସ୍ତ ଆକ୍ରାନ୍ତ ପଶ୍ଚିମବଙ୍ଗରୁ ଆସି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର(ଟିଏମସି)ରେ ରହିଥିଲେ। ସେହିପରି ଟାଙ୍ଗୀରୁ ଚିହ୍ନଟ ଆକ୍ରାନ୍ତ ଓମାନରୁ ଆସି ଟିଏମ୍‌ସିରେ ରହିଥିଲେ। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ମଙ୍ଗଳବାର ୧୩୫ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି।

# ଲାଗିଲା କଳସ, ଓଲଟ ଶୁଆ

**ପୁରୀ ଅଫିସ,୧୬।୬:** ରଥଯାତ୍ରା ପାଇଁ ଚାଲିଥିବା ତିନିରଥ ନିର୍ମାଣ କାମ ସରି ସରି ଆସୁଛି। ରଥଖଳାରୁ କାମ ପ୍ରାୟ ଶେଷ ହୋଇଥିବାବେଳେ ଏବେ ରଥ ଉପରେ ଅଳ୍ପ କିଛି କାମ କରାଯାଉଛି। ମଙ୍ଗଳବାର ତିନିରଥରେ କଳସ, ଅଁଳା ସହ ଓଲଟ ଶୁଆ ଲଗାଯାଇଛି। ଚିତ୍ରକର ସେବକମାନେ ରଥଗୁଡ଼ିକର ଚତୁଃପାର୍ଶ୍ୱ ରଙ୍ଗ ଦେଉଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରୂପକାର ଓ ଚିତ୍ରକର ସେବକମାନେ ପାର୍ଶ୍ୱ ଦେବୀଦେବ, ସଖୀ, ଶିଖର ଡମ୍ବରୁ, ହଂସପଟା ରଙ୍ଗ କାମ ଶେଷ କରିଛନ୍ତି। ରଥର ସାରଥୀଙ୍କ ରଙ୍ଗ କାମ ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥ ପ୍ରଭାରେ ରୂପକାର ସେବକମାନେ ଖୋଦେଇ କାମ ଶେଷ କରିବା ପରେ ମଙ୍ଗଳବାର ସେଥିରେ ପ୍ରାଇମର ଏବଂ ଗୋଟିଏ ପରସ୍ତ ରଙ୍ଗ ଦିଆହୋଇଛି। ବୁଧବାର ରଙ୍ଗ କାମ ସମ୍ପୂର୍ଣ୍ଣ ହେବ ବୋଲି ଚିତ୍ରକର ସେବକମାନେ ଆଶା ରଖିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ମହଲାରେ ଦରଜି ସେବକମାନେ ରଥକନା କାମ ଜାରି ରଖିଛନ୍ତି। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣରେ ସମ୍ପୃକ୍ତ ସେବକମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତ ସେବକ ସୁସ୍ଥ ଥିବା ଜଣାପଡ଼ିଛି।

**ରଥଖଳାରୁ...**



# ‘ରଥଯାତ୍ରା ବନ୍ଦ ହେଲେ କଳଙ୍କମୟ ଇତିହାସ ସୃଷ୍ଟି ହେବ’

**ପୁରୀ ଅଫିସ,୧୬।୬**

କରୋନା ପାଇଁ ଏଥର ରଥଯାତ୍ରା ହେବ ନା ନାହିଁ ସେ ନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ। ଏପଟେ କିନ୍ତୁ ଦିନ ପାଖେଇ ଆସୁଛି। ତେଣୁ ରଥଯାତ୍ରାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଥିବାବେଳେ ଏହି ପ୍ରସଙ୍ଗରେ ମନ୍ତବ୍ୟ ରଖିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର (ଜଗୁନି)। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଜଗୁନି କହିଛନ୍ତି, ରଥଯାତ୍ରା ବନ୍ଦ ହେଲେ ଏକ କଳଙ୍କମୟ ଇତିହାସ ସୃଷ୍ଟି ହେବ। ରଥଯାତ୍ରା ବନ୍ଦ ହେଉ ବୋଲି କେହି ଚାହିଁବେନି। ଓଡ଼ିଶା ସରକାର ମଧ କେବେହେଲେ ରଥଯାତ୍ରା କ୍ଷେତ୍ରରେ ପଛାଇବେ ନାହିଁ। ନିକଟରେ ସୁନ୍ଦର ଭାବେ ସ୍ନାନଯାତ୍ରା ସମ୍ପନ୍ନ କରିଛନ୍ତି ସରକାର। ସେହିଭଳି ରଥଯାତ୍ରା ମଧ କରିବେ। ରଥଯାତ୍ରା ବନ୍ଦ ହେଲେ ଏହା ଭକ୍ତ ଏବଂ ରାଜ୍ୟ ସରକାରଙ୍କ ପାଇଁ ମଧ ଖରାପ ସାବ୍ୟସ୍ତ ହେବ। ବର୍ତ୍ତମାନ କରୋନା ପାଇଁ ରଥଯାତ୍ରାକୁ ନେଇ ଅନିଶ୍ଚିତତା ରହିଛି। ମାତ୍ର ରଥଯାତ୍ରା ହେଲେ କରୋନା ଭୟ ଦୂର ହୋଇଯିବ। ଏହି ପ୍ରସଙ୍ଗରେ କୋର୍ଟ କେବେ ମନା କରିବେ ନାହିଁ, ରାଜ୍ୟ ସରକାରଙ୍କ ଉପରେ ନିଷ୍ପତ୍ତି ଛାଡ଼ିବେ। ରଥଯାତ୍ରା ଏକ ବଡ଼ ଚ୍ୟାଲେଞ୍ଜ। ତେଣୁ ସରକାର ନିଶ୍ଚିତ କରିବେ। ରଥ ଟଣାକୁ ନେଇ କିଛି ସମସ୍ୟା ହେବନାହିଁ। ସେବାୟତ, ପୋଲିସ ମିଶି ରଥ ଟାଣିପାରିବେ। ରଥ ଦକ୍ଷିଣ ମୋଡ଼ ବେଳେ ପୋଲିସ ଟାଣନ୍ତି, ସେମିତି ଟାଣିବେ। ରଥଯାତ୍ରା ବନ୍ଦ ହୋଇ କଳଙ୍କମୟ ଇତିହାସ ସୃଷ୍ଟି ନ ହେଉ ବୋଲି ଜଗନ୍ନାଥ କହିଛନ୍ତି।

### ସେବାୟତ, ପୋଲିସ ମିଶି ରଥ ଟାଣିପାରିବେ



ଜଗନ୍ନାଥ ସ୍ୱାଇଁ ମହାପାତ୍ର

### ସାଧୁସନ୍ଥଙ୍କୁ ରଥଟଣା ଦାୟିତ୍ୱ ଦିଆଯାଉ

**ଭୁବନେଶ୍ୱର (ବ୍ୟୁରୋ),୧୬।୬**

ଅଖିଳ ଭାରତୀୟ ସନ୍ଥ ସମିତି, ଓଡ଼ିଶା ଶାଖାର ସଭାପତି ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ ଏକ ବିବୃତ୍ତିରେ ଚଳିତବର୍ଷ ରଥଟଣାକୁ ନେଇ ନିଜର ମତ ରଖିଛନ୍ତି। ଏଥର ରଥଟଣା କାର୍ଯ୍ୟରେ ସାଧୁସନ୍ଥମାନଙ୍କୁ ସାମିଲ କରାଯାଉ ବୋଲି ସେ କହିଛନ୍ତି। ଏ ନେଇ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।




କାକଟପୁରର ମହର୍ଷି ବିଶ୍ୱାମିତ୍ର ଆଶ୍ରମ ଓ ପୁରୀର ହାତୀ ଆଖଡ଼ା ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଅଣସର ଭାର ନିଆଯାଉଛି।

# ଚକାକୁ ବିଜେ ହେଲେ ମହାପ୍ରଭୁ

**ପୁରୀ ଅଫିସ,୧୬।୬**

ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅର୍ଥାତ୍ ମଙ୍ଗଳବାର ଅଣସର ଗୃହରେ ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି। ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ଫୁଲୁରି ତେଲ ଲାଗି ହୋଇଥିଲା। ଷଷ୍ଠୀରୁ ନବମୀ ଯାଏ ଓଷୁଅ ଲାଗି କରାଯାଇଥିଲା। ମଙ୍ଗଳବାର ଦଶମୀ ତିଥିରେ ଚକା ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ପତିଦିଅାଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀଘର ଭୋଗ ବଢ଼ିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ଦଇତାପତି ସେବକମାନେ ବଡ଼ଠାକୁର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ମହାପ୍ରଭୁଙ୍କ ନିକଟରେ ଚକଟା ଭୋଗ ଓ ପଣାଭୋଗ ସରିବା ପରେ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପତିଦିଅାଁଙ୍କ ସନ୍ଧ୍ୟା ଆଳତି ଏବଂ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପତିଦିଅାଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ବେହେରଣ ଦ୍ୱାରା ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା।

### ଆଜି ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ

ବୁଧବାର ଖଳି ଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଗୃହରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗିନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳା ବସ୍ତ୍ର ଓ ଧଳା ପୁଷ୍ପ ଲାଗି ହେଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

# ରଥ ପ୍ରତିଷ୍ଠା ପାଇଁ ଦେଉଳ ପୁରୋହିତଙ୍କୁ ଅନୁମତି

### ରଥଯାତ୍ରା ସମ୍ଭାବନା ଆଉ ପାଦେ ବଢ଼ିଲା

**ପୁରୀ ଅଫିସ,୧୬।୬:** ମହାମାରୀ କରୋନା ଯୋଗୁ ମହାପ୍ରଭୁଙ୍କ ରଥ ବଡ଼ଦାଣ୍ଡରେ ଗଡ଼ିବ ନା ନାହିଁ ତାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି। ଆସନ୍ତା ୨୩ ତାରିଖରେ ରଥଯାତ୍ରା। ମଝିରେ ଆଉ ମାତ୍ର ୬ଦିନ ଥିବାବେଳେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ କିଛି ସ୍ପଷ୍ଟ କରିନାହାନ୍ତି। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ତେବେ ଏହାରି ମଧରେ ରଥଯାତ୍ରାକୁ ନେଇ ସମ୍ଭାବନା ଆଉ ପାଦେ ବଢ଼ିଛି। ରଥ ପ୍ରତିଷ୍ଠା ପାଇଁ ମଙ୍ଗଳବାର ଦେଉଳ ପୁରୋହିତଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଅନୁମତିପତ୍ର ପ୍ରଦାନ କରିଛି। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ଏ ସମ୍ପର୍କରେ ଗଣମାଧମକୁ ସୂଚନା ଦେଇଛନ୍ତି। ଏବେ ସ୍ରୋତର ପ୍ରତିକୂଳ ପରିସ୍ଥିତିରେ ସବୁକିଛି ଚାଲିଛି ଏବଂ ଏଭଳି ସ୍ଥିତିରେ ମହାପ୍ରଭୁଙ୍କ ରଥଯାତ୍ରା ହେଉ ଆମେ ସମସ୍ତେ ଆଶା କରିବା ବୋଲି ମହାପାତ୍ର କହିଛନ୍ତି। ସୂଚନାଥାଉ କି, ରଥଯାତ୍ରା ଦିନ ଦେଉଳ ପୁରୋହିତ ତିନିରଥ ପ୍ରତିଷ୍ଠା କରିଥାନ୍ତି।

# ବଡ଼ଦାଣ୍ଡରୁ ହଟିବେ ଉଠାଦୋକାନୀ

**ପୁରୀ ଅଫିସ,୧୬।୬:** କରୋନା ପାଇଁ ଏଥର ମହାପ୍ରଭୁଙ୍କ ରଥ ବଡ଼ଦାଣ୍ଡରେ ଗଡ଼ିବ ନା ନାହିଁ ସେ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ହେଲେ ରଥଯାତ୍ରା ଯେତିକି ପାଖେଇ ଆସୁଛି ସମସ୍ତଙ୍କ ମନରେ ସେତିକି ଉତ୍କଣ୍ଠା ବଢୁଛି। ଅନ୍ୟପକ୍ଷରେ ପ୍ରଶାସନିକ ପ୍ରସ୍ତୁତିକୁ ନେଇ ଧୀରେ ଧୀରେ ଘୋଷଯାତ୍ରା ସମ୍ଭାବନା ମଧ ବଢ଼ିବାରେ ଲାଗିଛି। ବଡ଼ଦାଣ୍ଡରେ ଥିବା ଉଠାଦୋକାନୀଙ୍କୁ ହଟିଯିବା ଲାଗି ମଙ୍ଗଳବାର ପୌରସଂସ୍ଥା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଶହ ଶହ ଉଠାଦୋକାନୀଙ୍କ ପସରା ରହିଛି। ଅନେକ ବ୍ୟବସାୟୀ କ୍ୟାବିନ ମଧ ପକାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପୌରସଂସ୍ଥା ପକ୍ଷରୁ ମାଇକ ଯୋଗେ ଏହି ଉଠାବ୍ୟବସାୟୀମାନଙ୍କୁ ହଟିଯିବା ପାଇଁ କୁହାଯାଇଛି। ୧୯ ତାରିଖ ସୁଦ୍ଧା ସେମାନେ ତାଙ୍କ କ୍ୟାବିନକୁ ଉଠାଇନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଭଳି ନିର୍ଦ୍ଦେଶ ପରେ ରଥଯାତ୍ରା ନେଇ ଏକପ୍ରକାର ସମ୍ଭାବନା ଦୃଢ ହେବାକୁ ଲାଗିଲାଣି। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ପୌରସଂସ୍ଥା ସମାନ ଢଙ୍ଗରେ ଉଠାଦୋକାନୀଙ୍କୁ ବଡ଼ଦାଣ୍ଡରୁ ହଟାଇଥାଏ। ଉଭୟ ପାର୍ଶ୍ୱରେ ଥିବା ଅସ୍ଥାୟୀ କ୍ୟାବିନଗୁଡ଼ିକୁ ଦୋକାନୀମାନେ ବିଭିନ୍ନ ଗଳି ମଧକୁ ନେଇଯାଇଥାନ୍ତି। ବାହୁଡ଼ା ପରେ ପୁଣି ଦୋକାନୀମାନେ ତାଙ୍କ କ୍ୟାବିନ ଆଣି ପୂର୍ବ ସ୍ଥାନରେ ପକାଇଥାନ୍ତି। ପ୍ରଶାସନର ଏଭଳି ପ୍ରସ୍ତୁତି ଯୋଗୁ ବଡ଼ଦାଣ୍ଡରେ ଏଥର ରଥ ଗଡ଼ିବ ବୋଲି ଆଲୋଚନା ହେଉଛି।

# ଆଜି ଦଶମୂଳ ଲାଗି ହେବେ ଦାରୁଦିଅାଁ

**ପୁରୀ ଅଫିସ,୧୬।୬**

ଅଣସରରେ ଥିବା ମହାପ୍ରଭୁ ବୁଧବାର ଦଶମୂଳ ଲାଗି ହେବେ। ଜ୍ୱରରେ ପୀଡ଼ିତ ଦାରୁଦିଅାଁ ଦଶମୂଳ ଲାଗି ହେଲେ ସୁସ୍ଥ ହୁଅନ୍ତି। ଏଥିଲାଗି ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ଦଶମୂଳ ପ୍ରସ୍ତୁତ କରି ଶ୍ରୀମନ୍ଦିର ଗାରଦରେ ଦାଖଲ କରିଛନ୍ତି। ବୈଦ୍ୟ ସେବକ କହିଛନ୍ତି, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ନି, କୃଷ୍ଣପର୍ନି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂତନ କାଠଚୁଲିରେ କଢ଼େଇ ବସାଯାଇ ଖୁଆ, ଶର୍କରା, ସର, ମହୁ, ଘିଅ, ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ ଥଣ୍ଡା କରି ଗୋଲାକାର ମୋଦକ ପ୍ରସ୍ତୁତ କରାଯାଏ। ୩ଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୂର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଏ। ଏଥିପାଇଁ ୧୦ ଦିନ ଶୁଦ୍ଧପୂତ ଭାବେ ରହି ବୈଦ୍ୟ ସେବକଙ୍କୁ ଅରୁଆ ଅନ୍ନ ଖାଇବାକୁ ପଡ଼ିଥାଏ।

ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁ ମାନବୀୟ ଲୀଳା କରିଥାନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଚତୁର୍ଦ୍ଧାବିଗ୍ରହ ୧୦୮ଗଡୁ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି। ଏହା ପରଠାରୁ ଆଷାଢ଼ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳାବସ୍ତ୍ର ପରିଧାନ କରିଥାନ୍ତି। ଠାକୁରଙ୍କୁ ଧଳା ଫୁଲ ଲାଗି ହୋଇଥାଏ। ଆଷାଢ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ ଏବଂ ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ଲାଗି ମହାପ୍ରଭୁଙ୍କୁ ଦଶମୂଳ ଲାଗି କରାଯିବ।



> ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଜତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। –ଶ୍ରୀମା



# ହାତୀ ପାଇଁ କୁମ୍ଭୀରକାନ୍ଦଣା

ଜୁନ୍ ୩ରେ କେରଳରେ ଗର୍ଭିଣୀ ହାତୀ ବାଣଭର୍ତ୍ତି ସପୁରି ଖାଇ ମରିଯିବା ପରେ ସମଗ୍ର ଦେଶରେ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଭଳି ଅମାନୁଷିକ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦିଆଯିବା ନେଇ ଦାବି ଜୋର ଧରିଥିଲା। ସୋସିଆଲ ମିଡିଆରେ ଯେଭଳି ଭାବେ ଏହି ଖବର ଟ୍ରେଣ୍ଡିଂ କରିଥିଲା, ତାହା ଆଗରୁ କଦାପି ଦେଖିବାକୁ ମିଳି ନ ଥିଲା। ବିଶ୍ୱାସ କରାଯାଉଥିଲା ଯେ ଭୂପୃଷ୍ଠ ଉପରେ ବିଚରଣ କରୁଥିବା ଏହି ବୃହତ୍‌କାୟ ପ୍ରାଣୀ ପ୍ରତି ଅତ୍ୟାଚାର କମିବ। କିନ୍ତୁ ତାହା ଘଟୁନାହିଁ। ଛତିଶଗଡ଼ର ବଳରାମପୁର ଓ ସୁରଜପୁର ଜିଲାରେ ଥିବା ଜଙ୍ଗଲରେ ଜୁନ୍ ୯, ଜୁନ୍ ୧୦ ଓ ୧୧ ତାରିଖରେ କ୍ରମାଗତ ଭାବେ ୩ଟି ମାଈ ହାତୀଙ୍କ ମୃତଦେହ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ବିଷ ଦିଆଯାଇ ମାରି ଦିଆଯାଇଥିବାର କେତେକ ପ୍ରମାଣ ମିଳିଛି। ଓଡ଼ିଶା କଥା ଦେଖିଲେ, ୧୪ ଜୁନ୍‌ରେ କେନ୍ଦୁଝର ଜିଲା ବୈତରଣୀ ସଂରକ୍ଷିତ ଜଙ୍ଗଲର ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ଅଧୀନ ଗୁରୁବେଡ଼ା ଜଙ୍ଗଲରେ ଗୋଟିଏ ହାତୀର ଦାନ୍ତ ଓ ଅନ୍ୟଟିର ଶୁଣ୍ଢ କାଟି ନିଆଯିବା ପରେ ସେମାନଙ୍କ ମୃତ୍ୟୁ ଘଟିଛି। ସାଧାରଣ ଲୋକ ଯେତେବେଳେ ବନ୍ଧୁବାନ୍ଧବଙ୍କ ମୃତ୍ୟୁ ଘଟେ ଶ୍ମଶାନରେ ଶବଦାହ କରୁଥାନ୍ତି ସେତେବେଳେ ସମଗ୍ର ଜୀବନକୁ ଶ୍ମଶାନ ବୈରାଗ୍ୟ ଦୃଷ୍ଟିରେ ଦେଖନ୍ତି। ସେଭଳି ହାତୀ ମୃତ୍ୟୁ ସମ୍ପର୍କିତ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ଭାରତର ବ୍ୟବସ୍ଥାପକମାନେ କ୍ଷଣକ ପାଇଁ ସେହିଭଳି ମାନସିକତା ପୋଷଣ କରନ୍ତି। ତତ୍‌କ୍ଷଣାତ୍ ପାସୋରି ମଧ୍ୟ ଯାଆନ୍ତି।

ହାତୀ ଓ ମଣିଷ ସଂଘର୍ଷର ଉଦାହରଣ ଖୋଜିଲେ ବହୁତ ମିଳିବ। ଗତ ୧୫ ଦିନର ପରିସଂଖ୍ୟାନ ଦେଖିଲେ କେବଳ କେରଳ, ଛତିଶଗଡ଼ ଏବଂ ଓଡ଼ିଶାରେ ୬ ହାତୀଙ୍କ ପ୍ରାଣ ଗଲାଣି। ପ୍ରତିଟି ହାତୀ ମୃତ୍ୟୁ ପଛରେ ମଣିଷର ପ୍ରଚ୍ଛନ୍ନ ହାତ ଥିବା ଜଣାପଡ଼ିଛି। ବନ୍ୟପ୍ରାଣୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ମାରିଦିଆଯିବା ଘଟଣାରୁ ଏହା ସ୍ପଷ୍ଟ ହେଉଛି ଯେ, ଶିକାରୀ ଏବଂ ଏହିଭଳି ବ୍ୟବସାୟରେ ଲିପ୍ତ ଥିବା ବ୍ୟକ୍ତିମାନେ ପ୍ରଚଳିତ ଆଇନକୁ ଖାତିର କରୁନାହାନ୍ତି। ପୁଣି ଦେଖାଯାଉଛି, ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ କୌଣସି ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ଶିକାରୀଙ୍କ ସହ ସାଲିସ କରି ଫାଇଦା ଉଠାଇଥାଆନ୍ତି। ସେଥିପାଇଁ ଗିରଫ ହେଉଥିବା ଶିକାରୀ ଖୁବ୍ ଶୀଘ୍ର ମୁକ୍ତ ହୋଇଯାଉଛନ୍ତି। ଛତିଶଗଡ଼ରେ ଲାଗ୍‌ଲାଗ୍ ୩ ଦିନରେ ୩ ମାଈ ହାତୀଙ୍କ ମୃତ୍ୟୁକୁ ସେଠାକାର ବନ୍ୟପ୍ରାଣୀପ୍ରେମୀ କଦାପି ସ୍ୱାଭାବିକ ମୃତ୍ୟୁ ନୁହେଁ ବୋଲି ଅଭିଯୋଗ କରିବା ସହିତ ଏହାର ତଦନ୍ତ ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ଏକ ମାସ ସମୟସୀମାକୁ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୩ ମାଈ ହାତୀଙ୍କ ମୃତ୍ୟୁ ପରେ ଛତିଶଗଡ଼ ସରକାର ମାସେ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ଜଙ୍ଗଲ ବିଭାଗ ଦ୍ୱାରା ଗଠିତ ୪ ଜଣିଆ ପ୍ୟାନେଲକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବନ୍ୟପ୍ରାଣୀ କର୍ମକର୍ତ୍ତାମାନେ ଏକ ମାସ ସମୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଏଭଳି ଗମ୍ଭୀର ବିଷୟରେ ତଦନ୍ତ ସମୟସୀମାକୁ କମାଇ ଦିଆଯାଇ ତୁରନ୍ତ ରିପୋର୍ଟ ପ୍ରକାଶ କରାଯିବା ଦରକାର।

ଏଥିସହିତ ମନେରଖିବାକୁ ହେବ ଯେ ଶିକାରୀଙ୍କ ବ୍ୟତୀତ ସ୍ଥାନୀୟ ଗ୍ରାମବାସୀ ଓ ଚାଷୀ ମଧ୍ୟ ବନ୍ୟଜନ୍ତୁଙ୍କ ଶତ୍ରୁ ପାଲଟି ଯାଉଛନ୍ତି। ହାତୀଙ୍କ ଚଲାପଥରେ ଚାଷକାର୍ଯ୍ୟ କରାଯାଉଥିବାରୁ ତାହାର କ୍ଷତି ଘଟିଲେ ପଶୁଙ୍କ ପ୍ରତି ଉତ୍‌କ୍ଷିପ୍ତ ହୋଇ ବାଣ, ବୋମା ଏବଂ ଇଲେକ୍ଟ୍ରିକ୍ ତାରବାଡ଼ ଭଳି ଅନେକ ଉପାୟରେ ସେମାନଙ୍କୁ ମାରି ଦିଆଯାଉଛି। କେରଳର ଗର୍ଭିଣୀ ହାତୀ ହତ୍ୟା ମଧ୍ୟ ଏହିଭଳି କାରଣରୁ ଘଟିଥିଲା। କୁହାଯାଉଛି ଯେ ସପୁରି ଭିତରେ ରଖାଯାଇଥିବା ବାଣ ବାର୍‌ହାଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା।

ଓଡ଼ିଶା କଥା ଦେଖିଲେ ଯେତେଗୁଡ଼ିଏ ହାତୀ ମୃତ୍ୟୁ ଘଟୁଛି ତାହାର ନିୟମିତ ତଦନ୍ତ କରାଯାଉଛି କି ନାହିଁ, ଯଦି କରାଯାଉଛି ତାହାର କୌଣସି ରିପୋର୍ଟ କେବେ ବାହାରୁଥିବା ଭଳି ଦୃଷ୍ଟିଗୋଚର ହେଉନାହିଁ। ସେହିଭଳି ଏଠାରେ କ୍ରମାଗତ ଭାବେ ବାଘ ଛାଲ ଜବତ ହେଉଥିବା ଦେଖିବାକୁ ମିଳୁଛି। ଜୁନ୍ ୬ ତାରିଖରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ୍‌ର ଗିରିପୂଜା ଜଙ୍ଗଲରୁ ଦୁଇଟି କଲରାପତରିଆ ବାଘ ଓ ଦୁଇଟି ଚିତା ହରିଣ ଛାଲ ଜବତ ହୋଇଥିଲା। ପୁନର୍ବାର ଜୁନ୍ ୧୩ରେ ଖୋର୍ଦ୍ଧା ବନଖଣ୍ଡ ଜାମୁଗଣ୍ଡରୁ ୨ ବାଘ ଛାଲ ଓ ହାଡ଼ ଜବତ କରାଯାଇଥିଲା। ଏହି ପଶୁ–ମଣିଷ ଲଢ଼େଇ ବ୍ୟବସାୟ ପାଇଁ ହେଉ ବା ଚାଷ ସକାଶେ ଏବେ ତୀବ୍ରତର ହେବାରେ ଲାଗିଛି। ହାତୀ ସୁରକ୍ଷା ଦିଗରେ 'ଧରିତ୍ରୀ' ପକ୍ଷରୁ ୨୦୧୪ ମସିହାରେ ଜନସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ସେହି ସମୟରେ ଦେଖାଦେଇଥିଲା ଯେ ସାମାଜିକ ଓ ସରକାରୀ ଦିଗରୁ ଏହି ସମସ୍ୟା ପ୍ରତି ଖୋଲା ମନରେ ଆଗ୍ରହ ପ୍ରକାଶ ପାଉନାହିଁ। ବିଶେଷକରି ହାତୀ ବଞ୍ଚାଇବା ଦିଗରେ ଯେଉଁ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବା ଆବଶ୍ୟକ ଯଥା– ପଶୁ ଚାଲିବା ପାଇଁ କରିଡର, ତା'ର ଉଭୟ ପାର୍ଶ୍ୱରେ ସେମାନଙ୍କ ଖାଦ୍ୟ ଉପଯୋଗୀ ଗଛ ରୋପଣ, ଜନବସତିଠାରୁ ଦୂରତା, ବିଭିନ୍ନ କରିଡରକୁ ଯୋଡ଼ିବା ଏବଂ ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ବାସସ୍ଥଳୀ ପାଖରେ ଶିଳ୍ପ ସ୍ଥାପନ କରା ନ ଯିବା ଭଳି କେତୋଟି ଅତ୍ୟାବଶ୍ୟକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଏହାସବୁ ପ୍ରଥମେ କରାଗଲେ, ପରବର୍ତ୍ତୀ ସମୟରେ ପଶୁଙ୍କ ସୁରକ୍ଷା ପାଇଁ ବହୁବିଧ ପଦକ୍ଷେପ ନିଆଯାଇପାରନ୍ତା। କିନ୍ତୁ ମୌଳିକ କାର୍ଯ୍ୟ କରାଯାଉ ନ ଥିବାରୁ ଖୋଦ୍ ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ଭରତପୁର, ଡମପଡ଼ା ଜଙ୍ଗଲ ମଧ୍ୟରେ ଶିଳ୍ପାୟନ କରାଯିବା ସହିତ ଜନବସତି ପାଇଁ ଅନୁମତି ଦିଆଯାଉଛି। କେବଳ ସେତିକି ନୁହେଁ, କରିଡରକୁ ବିଚ୍ଛେଦ କରିବା ଭଳି ଜାତୀୟ ରାଜପଥ ମଧ୍ୟ ନିର୍ମାଣ କରାଯାଉଛି। ସେଥିରେ ଯୁକ୍ତି ବଢ଼ାଯାଉଛି ଯେ, ଭିତ୍ତିଭୂମି ସୃଷ୍ଟି କରି ମଣିଷର ଉନ୍ନତି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଗୁରୁତ୍ୱ ଧାରଣ କରୁନାହିଁ। ଏଭଳି ଯୁକ୍ତି କରୁଥିବା ମାନସିକତା ବୁଝିବା ପାଇଁ ଅକ୍ଷମ ଯେ ପୃଥିବୀର ଭାରସାମ୍ୟ ବଜାୟ ରହିଲେ ମଣିଷ ଜାତି ବଞ୍ଚିରହିବା ସହିତ ଉନ୍ନତି କରିପାରିବ। ସବୁଆଡ଼େ ୬ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ଏବଂ ଶିଳ୍ପ ସ୍ଥାପନ ଶେଷରେ ମଣିଷକୁ ବିନାଶ କରିବ।

# ଆର୍ଥିକ ପ୍ୟାକେଜ୍‌ର ଉପହାସ



ବିଚିତ୍ର ବିଶ୍ୱାଳ

ଆମ ଓଡ଼ିଆରେ ଗୋଟେ କଥା ଅଛି, 'ଉପରେ ପାଣି ଦେଇ ଭିତରେ ଚେର କାଟିବା'। ଏହାର ଅର୍ଥ ହେଉଛି, ଲୋକଙ୍କୁ ଲାଗୁଥିବ ପାଣି ଦେଇ ଗଛକୁ ବଞ୍ଚାଯାଉଛି, କିନ୍ତୁ ଅସଲରେ ଭିତରେ ଚେର କାଟି ଗଛକୁ ମାରିବାର ବ୍ୟବସ୍ଥା କରାଯାଉଥିବ। ଲକ୍‌ଡାଉନ୍‌ର ଶିକାର ଲୋକମାନଙ୍କ କ୍ଷେତ୍ରରେ ଆମ ସରକାର ଠିକ୍ ସେପରି କରିଛନ୍ତି।

କରୋନାଜନିତ ଦୀର୍ଘ ଦୁଇମାସରୁ ଊର୍ଦ୍ଧ୍ୱ କାଳ ଲକ୍‌ଡାଉନ୍ ଯୋଗୁ ଦେଶର କୋଟି କୋଟି ଜନସାଧାରଣଙ୍କ ଜୀବନ ଜୀବିକା ବିପନ୍ନ ହୋଇଯାଇଛି। ଲକ୍ଷାଧିକ ଲୋକ ରୋଜଗାର ହରେଇ ବେକାର ହୋଇଯାଇଛନ୍ତି। କୃଷକମାନେ ଅସହାୟ ହୋଇପଡ଼ିଛନ୍ତି। ଶ୍ରମିକମାନଙ୍କ ଅବସ୍ଥା ତ ନ କହିବା ଭଲ। ଏ ପରିସ୍ଥିତିରେ ଦେଶବାସୀଙ୍କୁ ଏହି ସଙ୍କଟରୁ ଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି ଓ ଦେଶବାସୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଚିରାଚରିତ ଢଙ୍ଗରେ ଏହାକୁ 'ଆତ୍ମନିର୍ଭରଶୀଳ ଭାରତ' ଯୋଜନା ଭାବେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ଓ ତା'ପରେ ତାଙ୍କ ସରକାରଙ୍କ କାମ ଦେଖି ଏହା ସଂପୂର୍ଣ୍ଣ ଭାବେ ଉପରେ ପାଣି ଦେଇ ଭିତରେ ଚେର କାଟିବା ଭଳି ଜଣାଯାଉଛି।

ପ୍ରଧାନମନ୍ତ୍ରୀଙ୍କ ୨୦ ଲକ୍ଷ କୋଟିର ପ୍ୟାକେଜ୍ ଘୋଷଣା ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାକୁ ଯେତେବେଳେ ପାଞ୍ଚ ଦିନ ଧରି ବ୍ୟାଖ୍ୟା କଲେ, ସେତେବେଳେ ବୁଝି ହୋଇଗଲା ଯେ, ଏହା ବୁଡ଼ି ଯାଉଥିବା ଦେଶର ଅର୍ଥନୀତି ଓ କୋଟି କୋଟି ଲୋକଙ୍କର ଉଜୁଡ଼ି ଯାଇଥିବା ଜୀବନ ଜୀବିକା ପ୍ରତି ସଞ୍ଜୀବନୀ ହେବା ପରିବର୍ତ୍ତେ ସେମାନଙ୍କ ପାଇଁ କେବଳ ମରୀଚିକା ହୋଇ ଆସୁଛି। ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ଆତ୍ମନିର୍ଭର ଭାରତ ପ୍ରତି ତାଙ୍କର ଯେ ଆଦୌ ଆନ୍ତରିକତା ନାହିଁ, ଏହା ବେଶ୍ ସ୍ପଷ୍ଟ ଭାବେ ବୁଝି ହେଉଛି। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ଭାରତର ଘୋଷଣା ପରେ ପରେ ଅର୍ଥମନ୍ତ୍ରୀ ଘୋଷଣା କରିଦେଲେ ଦେଶର ଏକାଧିକ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ କରାଯିବ। ଏହି ବିଦେଶୀ ପୁଞ୍ଜିନିବେଶ ଶବ୍ଦକୁ ଟିକେ ଭଲ ଭାବେ ବୁଝିଲେ, ଏହାର ଅର୍ଥ ହେଉଛି, ଦେଶର ଏକାଧିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ବିଦେଶୀ କମ୍ପାନୀମାନଙ୍କୁ ବିକ୍ରି କରିଦିଆଯିବ। ଭାରତ ସରକାରଙ୍କ ଅଧିକାର ସେଥିରେ ଆଦୌ ରହିବ ନାହିଁ କିମ୍ବା ମାତ୍ର କେତେ ପ୍ରତିଶତ ରହିବ। ଗୋଟିଏ କଥା ବୁଝି ହେଉନାହିଁ, 'ଆତ୍ମନିର୍ଭରଶୀଳ' ଓ 'ଘରୋଇକରଣ', ଦୁଇଟା ଯାକ ଏକାଠି କିପରି ସମ୍ଭବ? ଗୋଟିଏ ପଟେ ସରକାର ଲୋକମାନଙ୍କୁ କହୁଛନ୍ତି, ଆତ୍ମନିର୍ଭରଶୀଳ ହୁଅ, କିନ୍ତୁ ଅନ୍ୟପଟେ ନିଜେ ଆତ୍ମନିର୍ଭରଶୀଳ ନ ହୋଇ ସରକାରୀ କ୍ଷେତ୍ରଗୁଡ଼ିକୁ ବିଦେଶୀ କମ୍ପାନୀମାନଙ୍କ ହାତକୁ ଟେକି ଦେଉଛନ୍ତି। ତା'ହେଲେ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ କ'ଣ?

ଅର୍ଥମନ୍ତ୍ରୀ ସୀତାରାମନଙ୍କ ଘୋଷଣା ଅନୁଯାୟୀ ସରକାର ଖଣି, ବିମାନ ଚଳାଚଳ, ପ୍ରତିରକ୍ଷା, ରେଳ ଓ ଆହୁରି ଅନେକ କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ହାତକୁ ଟେକି ଦେବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହାତରେ ଥିବା କୋଇଲା କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକୁ ଅନୁମତି ଦିଆଯାଇଛି। ମହାକାଶ ଯାତ୍ରା ଓ ଗବେଷଣା କ୍ଷେତ୍ରରେ ଘରୋଇ ସଂସ୍ଥାଗୁଡ଼ିକୁ ସାମିଲ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆଜି ପର୍ଯ୍ୟନ୍ତ ଆମ ଦେଶରେ ଏହି କାର୍ଯ୍ୟ ଇସ୍ରୋ ହିଁ କରୁଥିଲା। ପ୍ରତିରକ୍ଷା ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶକୁ ୭୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୪୯ ପ୍ରତିଶତ ଥିଲା। ଏବେ ବିଦେଶୀମାନେ ଆମ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ମାଲିକାନା ଜାହିର କରିପାରିବେ। ଏଥିରୁ ବୁଝାପଡୁଛି, ସରକାରଙ୍କ ନିଜର ଆତ୍ମନିର୍ଭରଶୀଳତା ଉପରେ ଭରସା ନାହିଁ। ଯଦି ଥାଆନ୍ତା ତେବେ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରାୟତ୍ତ କ୍ଷେତ୍ରଗୁଡ଼ିକୁ ବିଦେଶୀଙ୍କ ହାତକୁ ଟେକି ଦେବା ପାଇଁ ଆଗଭର ହୁଅନ୍ତେ କାହିଁକି? ଯଦି ସରକାରଙ୍କର ନିଜ ଉପରେ ଆତ୍ମନିର୍ଭରଶୀଳ ହେବାକୁ ଭରସା ପାଉନାହିଁ, ତେବେ ସେ ଲୋକମାନଙ୍କୁ ଆହ୍ୱାନ ଦେଉଛନ୍ତି କିପରି? ନା ଏହା କେବଳ ଫମ୍ପା ଘୋଷଣା! ଏତଦ୍‌ବ୍ୟତୀତ ପୂର୍ବରୁ ସରକାର ଖୁଚୁରା କ୍ଷେତ୍ରକୁ ବି ବିଦେଶୀ କମ୍ପାନୀଙ୍କ ପାଇଁ ଖୋଲି ସାରିଛନ୍ତି। ଦେଶବାସୀଙ୍କ ତରଫରୁ ଅନେକ ବିରୋଧ ସତ୍ତ୍ୱେ ବି ସରକାର ନିଜ ଜିଦ୍‌ରେ ଅଟଳ ରହି ଖୁଚୁରା କ୍ଷେତ୍ରକୁ, ଯେଉଁଥିରେ କୋଟି କୋଟି ଲୋକଙ୍କ ଜୀବନ ଜୀବିକା ନିର୍ଭର କରେ, ସେଥିରେ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି ଦେଇଛନ୍ତି। ତା'ହେଲେ ଲୋକମାନେ ଆତ୍ମନିର୍ଭରଶୀଳ ହେବେ କିପରି? କେବଳ ଘରୋଇ କମ୍ପାନୀଙ୍କ ପାଇଁ ରାସ୍ତା ଖୋଲି ଦିଆଯାଉନି, ସେମାନଙ୍କୁ ଅନେକ ସବ୍‌ସିଡି ଓ ଛାଡ଼୍ ବି ଦିଆଯାଉଛି। ଗୋଟିଏ ପଟେ ସରକାରଙ୍କ ପାଖରୁ ୧୫ ହଜାର ଟଙ୍କା ଋଣ ନେଇ (ସରକାରଙ୍କ ପ୍ୟାକେଜ୍ ଅନୁଯାୟୀ) ଯେକୌଣସି ଗୋଟେ ଛୋଟ ସଂସ୍ଥା ଆରମ୍ଭ କରିଥିବା ଗୋଟେ ଲୋକ, କୋଟି କୋଟି ଟଙ୍କା ସବ୍‌ସିଡି ଓ ଏକାଧିକ ସୁବିଧା ପାଉଥିବା ଏହି ଧନକୁବେର କମ୍ପାନୀମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତାରେ ତିଷ୍ଠିପାରିବ କି? ଏହା କଦାପି ସମ୍ଭବ ନୁହେଁ। କାରଣ ବାଘ ସହିତ ଛେଳି କେବେ ବି ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ। ବଡ଼ ପୁଞ୍ଜିର ଚରିତ୍ର ହେଉଛି ସେ ଛୋଟ ପୁଞ୍ଜିକୁ ଗିଳିଦେବ। ୧୫ ହଜାର ଟଙ୍କାର ଋଣ ନେଇ ସଂସ୍ଥା ଆରମ୍ଭ କରିଥିବା ଲୋକଟି ଆତ୍ମନିର୍ଭରଶୀଳ ହେବା ପରିବର୍ତ୍ତେ ଆତ୍ମପ୍ରବଞ୍ଚନାର ଶିକାର ହେବ। ତେଣୁ ସରକାର କେବଳ ଆତ୍ମନିର୍ଭରଶୀଳ କଥା କହିଲେ ହେବ ନାହିଁ, ସେଥିପାଇଁ ପରିବେଶକୁ ବି ଅନୁକୂଳ କରିବା ପାଇଁ ହେବ। ଆତ୍ମନିର୍ଭରଶୀଳତା କଥା କହୁଥିବା ସରକାର ହ୍ୟାଣ୍ଡଲୁମ୍ ଓ ହାଣ୍ଡିକ୍ରାଫ୍ଟକୁ ବି ଜିଏସ୍‌ଟିରୁ ମୁକ୍ତ ରଖିନାହାନ୍ତି। କରୋନାର ଏହି ବିପଦ ସମୟରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରେଇବା ପାଇଁ ହେଲେ, ସେମାନଙ୍କୁ ଅସଲ ଅର୍ଥରେ ସହଯୋଗ କରିବା ପାଇଁ ହେବ। ସେମାନଙ୍କୁ ମାତ୍ର କେଇ ହଜାର ଟଙ୍କା ଋଣ ଦେଇ ତାଙ୍କୁ ଅମ୍ବାନୀ କି ଆଦାନୀ କିମ୍ବା କେଉଁ ବିଦେଶୀ କମ୍ପାନୀଙ୍କ ଆହାର ହେବା ପାଇଁ ଛାଡ଼ି ଦେବା ଆଦୌ ନ୍ୟାୟସଙ୍ଗତ ଓ ଯୁକ୍ତିଯୁକ୍ତ ନୁହେଁ।

ଲକ୍‌ଡାଉନ୍ ଥାଉ ଥାଉ ସରକାର ପ୍ରଥମେ ପ୍ୟାକେଜ୍ ଘୋଷଣା କରି ଓ ତା'ପରେ ତୁରନ୍ତ ଯେପରି ରାଷ୍ଟ୍ରାୟତ୍ତ କ୍ଷେତ୍ରଗୁଡ଼ିକୁ ଘରୋଇ କ୍ଷେତ୍ର ହାତକୁ ଟେକି ଦେଲେ, ଯେମିତି ବୁଝାପଡୁଛି, ସରକାର ଏମିତି ଏକ ସୁଯୋଗ ଅପେକ୍ଷାରେ ଥିଲେ, ନିଜ ଅର୍ଥଦାତା କମ୍ପାନୀମାନଙ୍କ ନିର୍ବାଚନ ସମୟରେ ଦେଇଥିବା ଋଣ ଶୁଝିବା ପାଇଁ।

ପ୍ରଧାନମନ୍ତ୍ରୀ ପ୍ରଥମ ଦିନ ଘୋଷଣା କରିଥିବା ୨୦ ଲକ୍ଷ କୋଟି ଟଙ୍କାର ପରିମାଣ ଶୁଣି ଲୋକ ଯେତିକି ଖୁସି ହୋଇଥିଲେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତା'ର ବ୍ୟାବହାରିକ ବ୍ୟାଖ୍ୟା କରିବା ବେଳେ ଲୋକମାନଙ୍କର ଖୁସି ପାଣିରେ ମିଳେଇ ଗଲା। ୨୦ ଲକ୍ଷ କୋଟିର ସିଂହ ଭାଗ କେବଳ ଋଣ, ଋଣ ଓ ଋଣ ପାଇଁ ହିଁ ଉଦ୍ଦିଷ୍ଟ। ଲୋକମାନେ ଜୀବନ ଜୀବିକା ହରେଇ ଅତ୍ୟନ୍ତ ସଂକଟଜନକ ପରିସ୍ଥିତିରେ ଥିବା ବେଳେ, ସରକାର ସେମାନଙ୍କ ପାଇଁ କେବଳ ଋଣର ହିଁ ବ୍ୟବସ୍ଥା କରିଛନ୍ତି। ଯେତେବେଳେ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି, ଘରେ ଖାଦ୍ୟର ସଙ୍କଟ ଠିଆ ହୋଇଛି, ଜମିରେ ଫସଲ ପଚିଗଲାଣି, ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଛୋଟ ବେପାରୀମାନଙ୍କର ବେପାର ବନ୍ଦ, ସେତେବେଳେ ସେମାନେ ଋଣ ନେଇ (ଅଳ୍ପ ସୁଧରେ ବି ହେଉ) ନିଜକୁ ଠିଆ କରିବା ପାଇଁ ସାହସ ଜୁଟେଇ ପାରିବେ କି? ସେମାନେ ତ ଆଉ ଅମ୍ବାନୀ, ଆଦାନୀଙ୍କ ପରି ପୁଞ୍ଜିପତି ନୁହନ୍ତି ବା ନୀରବ ମୋଦି ବା ବିଜୟ ମାଲ୍ୟା ପରି ଋଣ ଟଙ୍କା ଫାଙ୍କି ଦେଇ ବିଦେଶକୁ ଉଡ଼ିଯାଇ ପାରିବେ ନାହିଁ! ତେଣୁ ଏଭଳି ପରିସ୍ଥିତିରେ ଆଶା କରାଯାଉଥିଲା, ସରକାର ଲୋକଙ୍କ ସଙ୍କଟକୁ ବୁଝି, ତାଙ୍କୁ ସୁହାଇଲା ପରି ଏକ ଅର୍ଥନୈତିକ ପ୍ୟାକେଜ୍ ଆଣିବେ। କିନ୍ତୁ ସରକାର ଯେଉଁ ପ୍ୟାକେଜ୍ ଆଣିଛନ୍ତି, ସେଥିରେ ଅନେକ ଲୋକଙ୍କର ଭୂମିକା ହିଁ ରହିବ ନାହିଁ। କାରଣ ଏପରି ଅନିଶ୍ଚିତ ପରିସ୍ଥିତିରେ ଅନେକ ଲୋକ ଋଣ ନେବାକୁ ଆଗଭର ହେବେ ନାହିଁ। ଯଦି ବି ନେବେ, ସେଥିରେ ସେମାନେ ନିଜ ସଂସ୍ଥା ଠିଆ କରିପାରିବେ ନାହିଁ। ଏପରି ସଂକଟଜନକ ପରିସ୍ଥିତିରୁ ଲୋକମାନଙ୍କୁ ମୁକାବିଲା ପାଇଁ ପ୍ରଥମେ ସେମାନଙ୍କୁ ସିଧା ଆର୍ଥିକ ସାହାଯ୍ୟ ଦରକାର ଥିଲା। ଚାଷୀ, ଶ୍ରମିକ, ଛୋଟ ବେପାରୀ ଯେଉଁମାନେ ଲକ୍‌ଡାଉନ୍ ଯୋଗୁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ ସରକାର ଯଦି ସିଧା ଅନ୍ତତଃପକ୍ଷେ ଅତି କମ୍‌ରେ ୧୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ଦେଇଥାନ୍ତେ, ସେମାନେ ଅଧିକ ଉପକୃତ ହୋଇଥାନ୍ତେ ଓ ଅଣ୍ଟା ସଳଖି ଠିଆ ହେବାକୁ ବଳ ପାଇଥାନ୍ତେ। ତା'ପରେ ଋଣର ବ୍ୟବସ୍ଥା କରାଯାଇପାରିଥାନ୍ତା। ତା'ହେଲେ ଲୋକମାନେ ନିଜ ଭଗ୍ନ ମନୋବଳକୁ ଠିଆ କରି ନୂଆ କରି ରୋଜଗାରର ବ୍ୟବସ୍ଥା କରିଥାନ୍ତେ। ଯାହା ସେମାନଙ୍କ ଅବସ୍ଥାକୁ ସଜାଡ଼ିବା ସହିତ ଦେଶର ଅର୍ଥନୀତିକୁ ନୂଆ ଜୀବନ ଦେଇଥାନ୍ତା। କିନ୍ତୁ ସରକାରଙ୍କ ପ୍ୟାକେଜ୍ ଲୋକମାନଙ୍କ ପାଇଁ କେବଳ ଶୁଷ୍କ ସଂଖ୍ୟାରେ ହିଁ ସୀମିତ ହୋଇଯାଇଛି।

ଲକ୍‌ଡାଉନ୍ ଲୋକମାନଙ୍କୁ ଯେତିକି ହଇରାଣ କରିଛି, ସରକାରଙ୍କ ପ୍ୟାକେଜ୍ ବି ସେମାନଙ୍କୁ ସେତିକି ଉପହାସ କରିଛି। କାରଣ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ସେଥିରେ ଠୋସ୍ କିଛି ନାହିଁ। ଉପରେ ପୁଣି ସରକାର ରାଷ୍ଟ୍ରାୟତ୍ତ କ୍ଷେତ୍ର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଘରୋଇ ଓ ବିଦେଶୀ କମ୍ପାନୀଙ୍କ ପାଇଁ ଖୋଲି ଦେଇଛନ୍ତି। ଏହାଦ୍ୱାରା ଲକ୍‌ଡାଉନ୍ ମାଡ଼ ଖାଇଥିବା ଲୋକମାନଙ୍କର ଲକ୍ ତଥା ଭାଗ୍ୟ କେବେ ବି ସୁଧୁରିବ ନାହିଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

# କୃଷି ଉତ୍ପାଦରେ ମୂଲ୍ୟ ସଂଯୋଗ



ଦୀପକ କୁମାର ରାମ

କରୋନା ଭାଇରସ ସାମଗ୍ରିକ ଭାବରେ ଆମର କୃଷି ଓ କୃଷକମାନଙ୍କ ଉପରେ ବହୁ ଗଭୀର ପ୍ରଭାବ ପକାଇଛି। ଏହାଦ୍ୱାରା ଦେଶର ଅର୍ଥନୀତି ତଥା ବଜାରରେ ସମସ୍ତ ଯୋଗାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହୋଇଛି।

ଚଳିତବର୍ଷ କୃଷକମାନେ ବହୁତ ଭଲ ଫସଲ ଅମଳ କରିଥିଲେ। ତେଣୁ ଭଲ ଲାଭ ମଧ୍ୟ ଆଶା କରୁଥିଲେ। କିନ୍ତୁ କରୋନା ଭୂତାଣୁ ସମସ୍ତଙ୍କର ଜୀବନ ଓ ଜୀବିକାକୁ ବହୁଭାବେ କ୍ଷତିଗ୍ରସ୍ତ କରିଛି। ସେମାନେ ଉତ୍ପାଦନ କରୁଥିବା ଫସଲ ଫଳ ଓ ପନିପରିବା, ଯାହା ବହୁ ଅଳ୍ପ ସମୟ ମଧ୍ୟରେ ନଷ୍ଟ ହୋଇଯାଏ, ଏହାଦ୍ୱାରା ମୁଖ୍ୟତଃ କ୍ଷତିଗ୍ରସ୍ତ ହୋଇଛି। ସ୍ୱଳ୍ପ ଶୀତଳ ଭଣ୍ଡାର ଓ ପ୍ରକୃଷ୍ଟ ଗୋଦାମ ଘରର ଅଭାବ ଏହାର ଏକ ପ୍ରମୁଖ କାରଣ।

କରୋନା ମହାମାରୀର ପରବର୍ତ୍ତୀ ସମୟରେ କୃଷି ଉତ୍ପାଦରେ ଉଚିତ ମୂଲ୍ୟଯୁକ୍ତୀକରଣ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ବହୁ କୃଷି ଉତ୍ପାଦର ଜୀବନକାଳ ବହୁତ କମ୍, ଯାହା ଶୀଘ୍ର ଖରାପ ହୋଇଯାଏ। ତେଣୁ ଏହିସବୁ ଶୀଘ୍ର ନଷ୍ଟ ହୋଇଯାଉଥିବା ଉତ୍ପାଦର ପ୍ରକ୍ରିୟାକରଣର ବହୁତ ବଡ଼ ଆବଶ୍ୟକତା ରହିଛି। ଏହି ସମସ୍ୟାର ନିରାକରଣ ପାଇଁ ମୁଖ୍ୟତଃ ୨ଟି ଉପାୟ ରହିଛି। ପ୍ରଥମରେ ନୂତନ ଶୀତଳୀକରଣ ଭଣ୍ଡାରର ସ୍ଥାପନା ତଥା ବର୍ତ୍ତମାନ ଉପଲବ୍ଧ ଭଣ୍ଡାରଗୁଡ଼ିକର ଉନ୍ନତି କରାଯିବା ଉଚିତ। ତାହା ସହ ଏହି ଭଣ୍ଡାରଗୁଡ଼ିକ ଉତ୍ପାଦନ ହେଉଥିବା ଅଞ୍ଚଳରେ ହିଁ ସ୍ଥାପିତ ହେବା ଉଚିତ, ଯାହାଦ୍ୱାରା ସମୟ ଓ ଖର୍ଚ୍ଚର ଅପଚୟ ରୋକାଯାଇ ପାରିବ ଓ ସାମୟିକ ଭାବରେ ମୁଖ୍ୟ ଲକ୍ଷ୍ୟ ହାସଲ କରିହେବ। ଦ୍ୱିତୀୟତଃ ଉତ୍ପାଦିତ ଫଳ ଓ ପନିପରିବାର ଠିକ୍ ପ୍ରକ୍ରିୟାକରଣ କରି ବିଭିନ୍ନ ସାମଗ୍ରୀ ଉତ୍ପାଦନ କରାଯାଇ ପାରିବ, ଯାହା ପରବର୍ତ୍ତୀ ସମୟରେ ବହୁଦିନ ପର୍ଯ୍ୟନ୍ତ ନଷ୍ଟ ନ ହୋଇ ବ୍ୟବହାର ଉପଯୋଗୀ ରହିପାରିବ। ଏହାଦ୍ୱାରା ବିଭିନ୍ନ ଦ୍ରବ୍ୟର ଗୁଣବତ୍ତା ବଢ଼ିବା ସହ ମୂଲ୍ୟ ବୃଦ୍ଧି ହୋଇପାରିବ। ଆଜିର ଦୁନିଆରେ ସହଜରେ ସଙ୍ଗେ ସଙ୍ଗେ ପ୍ରସ୍ତୁତ କରାଯାଉଥିବା ଖାଇବା ପଦାର୍ଥର ପ୍ରଚୁର ଚାହିଦା ରହିଛି। ଆମ ଦେଶର ଯୁବପିଢ଼ିଙ୍କର ଅବଦାନ ଏଥିପାଇଁ ବହୁତ ଅଧିକ।

ଫଳ ଓ ପନିପରିବାର ଉତ୍ପାଦନ ପରେ ବିଭିନ୍ନ ଭ୍ରାମ୍ୟମାଣ ପ୍ରକ୍ରିୟାକରଣ ବ୍ୟବସ୍ଥା ମାଧ୍ୟମରେ ଏହାକୁ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଭଲଭାବରେ ସଫା କରାଯାଇ ଏହାର ରସ ଓ ମଣ୍ଡ ବାହାର କରାଯାଇପାରିବ। ଆବଶ୍ୟକତା ଅନୁଯାୟୀ ଏହାକୁ ଗରମ କରିବା ପରେ ବିଭିନ୍ନ ବୋତଲ ତଥା ପ୍ୟାକେଟରେ ଭର୍ତ୍ତି କରାଯାଇ ପାରିବ। ଏହିସବୁ ପ୍ରକ୍ରିୟାରେ ସ୍ୱାସ୍ଥ୍ୟକର ପରିବେଶର ସବୁଠାରୁ ବଡ଼ ଭୂମିକା ରହିଛି, ଯାହାଦ୍ୱାରା ଏହା ବହୁଦିନ ପର୍ଯ୍ୟନ୍ତ ସଂଗ୍ରହ କରି ରଖାଯାଇ ପାରିବ। ଆମ ରାଜ୍ୟରେ ଏହି ପ୍ରକ୍ରିୟା ମାଧ୍ୟମରେ ଆମ୍ବ, ଲିଚୁ, କାଜୁ ତଥା ଟମାଟୋ ରଖାଯାଇ ପାରିବ। ଏହାଦ୍ୱାରା ଅଭାବୀ ବିକ୍ରି ତଥା କୋଭିଡ୍–୧୯ ସମୟରେ ବିକ୍ରି ନ ହୋଇ ପାରିବା ଯୋଗୁ ନଷ୍ଟ ହୋଇଯାଉଥିବା କୃଷି ଉତ୍ପାଦକୁ ଭବିଷ୍ୟତରେ ରୋକାଯାଇ ପାରିବ ଓ ଚାଷୀ ତାହାର ପରିଶ୍ରମର ଉଚିତ ମୂଲ୍ୟ ପାଇପାରିବ।

ଉଦାହରଣ ସ୍ୱରୂପ ଆମ୍ବ, ଯାହା ଫଳମାନଙ୍କର ରାଜା ବୋଲି ପରିଚିତ ଓ ସାରା ରାଜ୍ୟରେ ଉପଲବ୍ଧ ହୋଇଥାଏ। ପ୍ରକାରଭେଦ ଅନୁଯାୟୀ ଆମ ରାଜ୍ୟର ଉର୍ବର ମାଟି ଓ ଉତ୍ତମ ସହାୟକ ପରିବେଶ ଯୋଗୁ ବହୁ ପ୍ରକାରର ଦେଶୀୟ ତଥା ଉଚ୍ଚସ୍ତରୀୟ ଆମ୍ବ ଚାଷ କରାଯାଇଥାଏ। ଏହି ଆମ୍ବ ଉତ୍ପାଦନ ଭବିଷ୍ୟତରେ ଆମ ରାଜ୍ୟର ଖାଦ୍ୟ ସୁରକ୍ଷା ପାଇଁ ସହାୟକ ହୋଇପାରିବ। ଆମ୍ବ ଦ୍ୱାରା ବହୁ ପ୍ରକାରର ମୂଲ୍ୟଯୁକ୍ତ ସାମଗ୍ରୀ ଆମ ରାଜ୍ୟରେ ହିଁ ପ୍ରସ୍ତୁତ କରାଯାଇ ପାରିବ, ଯାହାର ଏକ ସମ୍ପୂର୍ଣ୍ଣ ବିପଣୀ ସମଗ୍ର ଦେଶ ଓ ବିଦେଶରେ ପ୍ରସ୍ତୁତ ହୋଇ ରହିଛି। ତେଣୁ ଏହି ସୁଯୋଗର ସଦୁପଯୋଗ ଆମ ରାଜ୍ୟର କୃଷକ ତଥା କୃଷିକ୍ଷେତ୍ର ପାଇଁ ଏକ ବରଦାନ ପରି କାର୍ଯ୍ୟ କରିବ।

ବିଭାଗୀୟ ମୁଖ୍ୟ, କୃଷି ବ୍ୟବସାୟ ପରିଚାଳନା କେନ୍ଦ୍ର, ବ୍ୟବସାୟ ପ୍ରଶାସନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ଏଇ ଭାରତରେ

ବନବାସୀମାନଙ୍କ ଜୀବନଶୈଳୀକୁ ପ୍ଲାଷ୍ଟିକ ମୁକ୍ତ କରିବାରେ ଲାଗିଛନ୍ତି ପଶ୍ଚିମବଙ୍ଗର ସିଦ୍ଧାର୍ଥ ବ୍ଲୋନେ ଓ ଶ୍ୱେତା ପ୍ରଧାନ। ଏହି ଦମ୍ପତିଙ୍କ ବୟସ ପାଖାପାଖି ୪୦ ହେବ। ପଶ୍ଚିମବଙ୍ଗ ନେଓରା ଜଙ୍ଗଲ ନିକଟରେ ଥିବା କାଲିଂପଙ୍ଗ ଜିଲା ଗରୁବାଥାନ ଗାଁକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରି ଏକ ସ୍ୱଚ୍ଛ ପରିବେଶ ଆଣିବାରେ ସକ୍ଷମ ହୋଇଛନ୍ତି। ସିଲିଗୁଡ଼ିଠାରୁ ୬୫ କି.ମି. ଦୂରରେ ଥିବା ଗରୁବାଥାନ ନୁହେଁ, ଏହାସହ ବହୁ ଗାଁ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକଠାରୁ ପୂରା ଦୂରେଇ ଯାଇଛନ୍ତି। ପଲିଥିନ ବଦଳରେ ସେମାନେ କପଡ଼ା ବ୍ୟାଗ ବ୍ୟବହାର କରୁଛନ୍ତି। ଗାଁଗୁଡ଼ିକରେ ଡଷ୍ଟବିନ ରଖାଯାଉଛି। ସେଠାରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରାଯାଇ ରିସାଇକ୍ଲିଂ ପାଇଁ ସିଲିଗୁଡ଼ି ପଠାଯାଉଛି। କେବଳ ଏତିକି ନୁହେଁ ଏହି ଦମ୍ପତି ସେମାନଙ୍କୁ ଜୈବିକ କୃଷିମୁହାଁ ବି କରିପାରିଛନ୍ତି। ଲୋକମାନେ ରାସାୟନିକ ସାର ବ୍ୟବହାର ବନ୍ଦ କରି କୃଷିଜାତ ବର୍ଜ୍ୟବସ୍ତୁ ଓ ରୋଷେଇ ଘର ବର୍ଜ୍ୟରୁ ଖତ ପ୍ରସ୍ତୁତ କରୁଛନ୍ତି। ସିଦ୍ଧାର୍ଥ ଓ ଶ୍ୱେତା ଗତ ୮ ବର୍ଷ ଧରି ଏଭଳି ଅଭିଯାନ ଜାରି ରଖିଛନ୍ତି। ଏହି ଅଞ୍ଚଳର ଲୋକମାନଙ୍କୁ ସ୍ୱାସ୍ଥ୍ୟକର ପାରମ୍ପରିକ ଖାଦ୍ୟ ଆଡକୁ ପୁଣି ଫେରାଇ ଆଣିବାରେ ସକ୍ଷମ ହୋଇଛନ୍ତି ଏହି ଦମ୍ପତି। ସେମାନେ ପିଲାମାନଙ୍କୁ ଅମଳ କରୁଥିବା ପୁଷ୍ଟିକର ଖାଦ୍ୟ ଦେଉଛନ୍ତି। ସ୍କୁଲ୍ ଟିଫିନ୍‌ରେ ବି ଘର ଖାଦ୍ୟ ଦେଉଛନ୍ତି। ଫଳରେ ପିଲାମାନେ ପାଷ୍ଟ ଫୁଡ୍ ପ୍ରତି ଆଉ ଆଗ୍ରହୀ ହେଉନାହାନ୍ତି। ସୁସ୍ଥ ଜୀବନ ଲାଗି ଏହି ଦମ୍ପତି ଗ୍ରାମବାସୀମାନଙ୍କୁ ଯୋଗ ଶିକ୍ଷା ମଧ୍ୟ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୯୫

- ଚେଚନ୍ୟାର ବିଦ୍ରୋହୀମାନେ ମୁଣ୍ଡଜାମିନ କରି ରଖିଥିବା ଶତାଧିକ ଲୋକଙ୍କ ମଧ୍ୟରୁ ୨୫ ଜଣ ପଣବନ୍ଦୀଙ୍କୁ ହତ୍ୟା କରିଛନ୍ତି।
- ବୋସନିଆରେ ଥିବା ଜାତିସଂଘ ଶାନ୍ତିରକ୍ଷା ବିଦ୍ରୋହୀଙ୍କୁ ସୁରକ୍ଷା ଦେବାପାଇଁ ଏକ ନୂତନ ତ୍ୱରିତ ମୁତୟନ ବାହିନୀ ଗଠନ କରାଯିବା ପାଇଁ ଜାତିସଂଘ ନିରାପତ୍ତା ପରିଷଦରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ଉତ୍ତର ବିହାରରେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୧୫୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

## ଚିରନ୍ତନୀ

ସମୀର କହିଲାଣି ଆକାଶ କଥା
ମଳିନ କିପାଁ ସଖୀ! ନୟନପତା
ଚଳଇ ଧେନୁ ଗୋଷ୍ଠେ କମ୍ପନ କିପାଁ ଓଷ୍ଠେ?
ମରମେ ଲୁଚିଛି କି ସରମ ବ୍ୟଥା
ମଳିନ କିପାଁ ସଖୀ ନୟନପତା?
(ପ୍ରଭାତ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

sudoku Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | C | | | 7 | | | | D | | | 6 |
| | | | | | | | | | | | 1 | | | 8 |
| | | | 5 | 1 | 4 | | D | A | | 6 | | 7 | | |
| | | 4 | | | | | | | 7 | 2 | | A | | |
| 1 | 8 | | | 9 | 7 | | B | 2 | | | 5 | | | D |
| | D | | | 5 | | | | | | 9 | 8 | | | B |
| | A | E | | | | | 4 | | | | | | 8 | |
| | | 6 | | | B | | | C | 2 | 5 | | E | A | |
| 8 | | B | 6 | | | | E | | C | | | 4 | | |
| C | 5 | | 4 | | | B | | 9 | | D | | 3 | | |
| 2 | | | D | | | | | | | | C | | | |
| | | 7 | | | | C | A | 5 | | | | | | |
| 6 | | | 2 | | 5 | | 0 | 1 | | 3 | | | B | |
| E | | 1 | | | | | 9 | 3 | | 4 | | 0 | C | |
| | | 8 | A | | | | | | | E | 2 | | 9 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 5 | 7 | 6 | B | 9 | 8 | E | A | C | 4 | 3 | 0 | 1 | D |
| 1 | D | 9 | A | 5 | 4 | 6 | C | B | 7 | E | 0 | 3 | 2 | 8 |
| B | 6 | E | D | 1 | 7 | 3 | 0 | 5 | 2 | 8 | A | C | 4 | 9 |
| 4 | A | 8 | 0 | 3 | C | 2 | 1 | 9 | 6 | B | D | 7 | 5 | E |
| 3 | 0 | C | 8 | E | 2 | 4 | 7 | D | 1 | 9 | 5 | A | 6 | B |
| C | B | 1 | 3 | 4 | 8 | 5 | D | 6 | A | 0 | 7 | E | 9 | 2 |
| E | 7 | 3 | 9 | 6 | 5 | A | 2 | 1 | 8 | D | C | 4 | B | 0 |
| 0 | 9 | 2 | 1 | A | E | B | 8 | C | 5 | 6 | 4 | D | 7 | 3 |
| 5 | 4 | D | C | 2 | 0 | 7 | 3 | E | B | 1 | 9 | 6 | 8 | A |
| 6 | 8 | A | B | 7 | D | 0 | 9 | 4 | E | 3 | 2 | 5 | C | 1 |
| 8 | 1 | 6 | E | D | 3 | C | 4 | 0 | 9 | 5 | B | 2 | A | 7 |
| A | 3 | 5 | 7 | C | 6 | 1 | B | 8 | 0 | 2 | E | 9 | D | 4 |
| 7 | 2 | 4 | 5 | 0 | B | 9 | 6 | 3 | D | A | 8 | 1 | E | C |
| D | C | B | 4 | 9 | 1 | E | A | 2 | 3 | 7 | 6 | 8 | 0 | 5 |
| 9 | E | 0 | 2 | 8 | A | D | 5 | 7 | 4 | C | 1 | B | 3 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କରୋନା ଓ ମାସ୍କ ବ୍ୟବହାର

ମହାଶୟ,

ବର୍ତ୍ତମାନ ଲକ୍‌ଡାଉନ୍‌କୁ ଖାତିର ନ କରି କରୋନା କାୟା ବିସ୍ତାର କରିଚାଲିଛି। ଏଥିରୁ ବଞ୍ଚିବା ପାଇଁ ସରକାର ସଙ୍ଗରୋଧ, ସାମାଜିକ ଦୂରତା ଓ ମାସ୍କ ଉପରେ ଗୁରୁତ୍ୱ ଦେଉଛନ୍ତି। ଯଦି ଏହା ଛୁଆଁ ରୋଗ ତେବେ ସଙ୍ଗରୋଧ ଓ ସାମାଜିକ ଦୂରତା ନିହାତି ଆବଶ୍ୟକ। କିନ୍ତୁ ମାସ୍କର ତାତ୍ପର୍ଯ୍ୟ ବିଷୟରେ ଭାବିବା କଥା। ପାଠ ପଢ଼ାଯାଇଛି ଶୀତଦିନେ ମୁହଁ ଘୋଡ଼ାଇ ଶୋଇଲେ ଯେଉଁ ଅଙ୍ଗାରକାମ୍ଳ ଛଡ଼ାଯାଏ ତାକୁ ପୁଣି ଗ୍ରହଣ କଲେ ବିଭିନ୍ନ ରୋଗ ହୁଏ। ଏପରିସ୍ଥଳେ ମାସ୍କ ପିନ୍ଧି ପାଟି ଓ ନାକ ଘୋଡ଼ାଇ ହେଲେ ଅଣନିଃଶ୍ୱାସୀ ଲାଗୁନାହିଁ କି? ଯଦି ଛିଙ୍କ ଦ୍ୱାରା ଏହା ସଂକ୍ରମିତ ହେଉଛି ତେବେ ଆକ୍ରାନ୍ତମାନେ ତାହା (ମାସ୍କ) ନିହାତି ପିନ୍ଧିବା କଥା। କିନ୍ତୁ ସୁସ୍ଥ ଲୋକ ଏହାକୁ ବ୍ୟବହାର କଲେ ତା'ଶରୀର ପକ୍ଷେ କ୍ଷତିକାରକ ନୁହେଁ ତ। ଅବଶ୍ୟ ସରକାରଙ୍କ ନିୟମ ମାନି ମୁଁ ମାସ୍କ ପିନ୍ଧୁଛି। ତେବେ ଏହାଦ୍ୱାରା ଶରୀର ଭିତରକୁ ମୁକ୍ତ ବାୟୁ (ଅମ୍ଳଜାନ) ଯିବାରେ ବାଧା ଉପୁଜୁ ନାହିଁ କି? ଯେହେତୁ ମାସ୍କ ନ ପିନ୍ଧିଲେ ଜରିମାନା ଦେବାକୁ ପଡ଼ିବ ତେଣୁ ପିନ୍ଧିବାକୁ ବାଧ୍ୟ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଅହଂକାର ନା ଉଦାରତା

ବର୍ତ୍ତମାନ ଦେଶ ତଥା ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି। ଏଭଳି ଚିନ୍ତାଜନକ ପରିସ୍ଥିତିରେ ନେତାଠୁଁ ମନ୍ତ୍ରୀ ଯାଏ ସମସ୍ତେ ବାହାସ୍ଫୋଟ ମାରି କହୁଛନ୍ତି ଯେ, ଆମ ଦେଶ ତଥା ରାଜ୍ୟରେ କରୋନା ସ୍ଥିତି ଅନ୍ୟ ଦେଶ ତଥା ରାଜ୍ୟ ତୁଳନାରେ ବହୁତ ଭଲ ଅଛି। ଅବଶ୍ୟ ଏହା ଆମ ମନକୁ ଦୃଢ଼ କରିପାରେ, କିନ୍ତୁ ଏହା ସେମାନଙ୍କର ଅହଂକାର ନା ଉଦାରତା ଜାଣି ହେଉନାହିଁ। କାରଣ ଏ ପର୍ଯ୍ୟନ୍ତ ବିଶ୍ୱରେ କୌଣସି କରୋନା ଟିକା ତଥା ପ୍ରତିଷେଧକ ବ୍ୟବସ୍ଥା ବାହାରି ନାହିଁ କିମ୍ବା କରୋନାର ତୀବ୍ରତା ହ୍ରାସ ପାଇନାହିଁ। ଏହି ପରିପ୍ରେକ୍ଷୀରେ ନେତା, ମନ୍ତ୍ରୀଙ୍କର ବାହାସ୍ଫୋଟର କୌଣସି ତାତ୍ପର୍ଯ୍ୟ ନାହିଁ, ଯାହା କେବଳ ସେମାନଙ୍କର ଅହଂକାରକୁ ସୂଚାଉଛି। ନିକଟରେ ଜଣେ କେନ୍ଦ୍ରମନ୍ତ୍ରୀ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ଆମ ଦେଶ ତଥା ରାଜ୍ୟକୁ ଅନ୍ୟ କାହା ସହିତ ତୁଳନା କରି ଆହୁରି ଅଧିକ ସଚେତନ ହେବା ଆବଶ୍ୟକ ନଚେତ୍ ଏହା କେତେବେଳେ ଭୟଙ୍କର ରୂପ ନେବ କହି ହେବ ନାହିଁ, ଯାହା ପ୍ରଶଂସନୀୟ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ



ଚାନ୍ଦବାଲି,୧୬ା୬ (ଡି.ଏନ୍.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡା ଥାନା ଅଞ୍ଚଳର ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ପଡ଼ିଶା ଘରର ଜଣେ ଯୁବକଙ୍କୁ ବାଂଶଡା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଚୁ ମହାଲିକ(୩୨)। ଏନେଇ ଥାନାରେ ଏକ ମାମଲା(ନଂ.୧୦୯/୨୦୨୦) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୭ଟା ବେଳେ ସମ୍ପୃକ୍ତ ଯୁବକ ଜଣଙ୍କ ପଡ଼ିଶା ଘରର ଜଣେ ଶିଶୁକନ୍ୟାଙ୍କୁ ଚକୋଲେଟ୍ ଓ ବିସ୍କୁଟ୍ ଖାଇବାକୁ କହି ଘରକୁ ଡାକି ନେଇଥିଲେ। ରାତି ଅନ୍ଧାରରେ ଘର ନିକଟସ୍ଥ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସେ ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିଲେ। ଶିଶୁକନ୍ୟାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏନେଇ ରବିବାର ଗ୍ରାମବାସୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କିଛି ସମାଧାନ ନ ହେବାରୁ ଶିଶୁକନ୍ୟାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ଯୁବକଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଗାଁରେ ପୋଲିସ ମୁତୟନ କରାଯାଇଛି। ଶିଶୁକନ୍ୟାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଅସଦାଚରଣ ଅଭିଯୋଗ, ସରପଞ୍ଚ ଗିରଫ

ଭୁବନ, ୧୬ା୬(ଡି.ଏନ.ଏ.)-ଢେଙ୍କାନାଳ ଜିଲା ଭୁବନ ଥାନା ବାଲିବୋ ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ଖୁଣ୍ଟିଆ (୩୮)ଙ୍କ ନାମରେ ଜଣେ ମହିଳା ଅସଦାଚରଣ ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତ ସରପଞ୍ଚଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ନଂ. ୧୬୫/୨୦, ଦଫା ୩୫୪ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

### ୧୧ ଦୋକାନ ସିଲ୍, ଜରିମାନା ଆଦାୟ

ଆସିକା,୧୬ା୬ (ଡି.ଏନ୍.ଏ.)- ଗଞ୍ଜାମ ଜିଲା ଆସିକା ଏନ୍ଏସି ଇଲାକାରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ବ୍ୟବସାୟ ଚଳାଇଥିବା ୧୧ ଦୋକାନକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ଏଥିସହ ୧୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏନ୍ଏସିର କୁମ୍ଭାରସାହି, ଲକ୍ଷ୍ମୀବଜାର, କଳିଙ୍ଗା ରୋଡ ଆଦି ଇଲାକାରେ ଷ୍ଟେଶନେରୀ, ଚା', ଔଷଧ ଓ ଫଳ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ନ ଥିବା, ନିର୍ଦ୍ଧାରିତ ସମୟ ପରେ ବି ଦୋକାନ ଖୋଲିଥିବା ଓ ଅନୁମତି ନ ଥାଇ ଦୋକାନ ଖୋଲିଥିବାରୁ ସିଲ୍ କରାଯାଇଥିବା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା କହିଛନ୍ତି। ଆସିକା ତହସିଲଦାର ସଦାନନ୍ଦ ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡାଙ୍କ ସମେତ ଏନଏସି କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

# ଆଜିଠୁ ଖୋଲିବ କଲେଜ, ବିଶ୍ୱବିଦ୍ୟାଳୟ

■ ଜୁଲାଇ ୩୧ ପରେ କଲେଜ ଖୋଲିବାକୁ ଅଧ୍ୟାପକଙ୍କ ଦାବି
■ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ କଲେଜ ଅଧ୍ୟାପକ ସଂଘ

ଭୁବନେଶ୍ୱର, ୧୬ା୬(ବ୍ୟୁରୋ)

ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବୁଧବାରଠାରୁ ଖୋଲିବ। ଅଧ୍ୟାପକ ଓ କର୍ମଚାରୀମାନେ ଅଫିସ ଆସିବେ। କିନ୍ତୁ ପାଠପଢ଼ା ହେବ ନାହିଁ। ଏନେଇ ଗତ ୧୨ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛି ସରକାରୀ ଓ ବେସରକାରୀ ଅଧ୍ୟାପକ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି। ଏବେ କଲେଜ ନ ଖୋଲି ଜୁଲାଇ ୩୧ ପରେ ୩୦% ଅଧ୍ୟାପକଙ୍କୁ ନେଇ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅଧ୍ୟାପକମାନେ ଦାବି କରୁଛନ୍ତି। ମଙ୍ଗଳବାର କମିଟି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

କମିଟିର କହିବାନୁଯାୟୀ, ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ଜୁଲାଇ ୩୧ ଓ କେନ୍ଦ୍ର ସରକାର ଅଗଷ୍ଟ ୧୫ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ରାଜ୍ୟରେ ୪୦୦ରୁ ଊର୍ଦ୍ଧ୍ୱ କଲେଜରେ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ବର୍ତ୍ତମାନ ସୁଦ୍ଧା ବସ୍ ଚଳାଚଳ ସ୍ୱାଭାବିକ ହୋଇ ନ ଥିବାରୁ କର୍ମଚାରୀମାନେ କିପରି କଲେଜ ଆସିବେ ତାହା ଚିନ୍ତାର କାରଣ ହୋଇଛି। ସେହିପରି ଯେଉଁମାନେ ଘରଭଡ଼ା ନେଇ ରହୁଥିଲେ ସେମାନଙ୍କୁ ମଧ୍ୟ ମାଲିକମାନେ ରହିବାକୁ ଅନୁମତି ଦେଉନାହାନ୍ତି। ଏହାଛଡ଼ା ଅଧ୍ୟାପକ, କର୍ମଚାରୀମାନେ ମୂଲ୍ୟାୟନ କାର୍ଯ୍ୟ, କୋଭିଡ୍-୧୯ କାର୍ଯ୍ୟ ଓ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଓ ଅନ୍ୟାନ୍ୟ ଅଫିସ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଯଦି ଏହା ପରେ ବି ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତିରେ ଶିକ୍ଷାନୁଷ୍ଠାନ ଖୋଲିବ ତେବେ ଅଧ୍ୟାପକମାନେ କ'ଣ କରିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

୬୬୨ବର୍ଗ କଲେଜ ସଭାପତି ତଥା କ୍ରିୟାନୁଷ୍ଠାନ କମିଟି ଆବାହକ ଗୋଲକ ନାୟକ କହିଛନ୍ତି, ଅନେକ ଅଧ୍ୟାପକ କଲେଜ ଯାଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଅନ୍ତୁ। କମିଟି ଆବାହକ ପବିତ୍ର ମହଲା କହିଛନ୍ତି, ବିଶେଷକରି ଅଧ୍ୟାପିକାମାନେ କଲେଜ ଯିବାରେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଏଥି ସହିତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ କଲେଜ ଗଲେ ସେମାନେ କମନ ରୁମ୍‌ରେ ବସିବା ଉଚିତ ହେବ ନାହିଁ। ଏହିଭଳି ଅନେକ ସମସ୍ୟା ନେଇ ଆମେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ସେପଟେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଥିବା ଗୋଲକ କହିଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକ୍‌ମେଲିଂ: ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୧୬ା୬ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଏକ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକମେଲିଂ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ(ନଂ.୭୨/୨୦୨୦)ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ସଙ୍ଗରୋଧ କେନ୍ଦ୍ରରେ ଜଣେ ଯୁବତୀ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ଗତ ୯ ତାରିଖ ରାତିରେ ଯୁବତୀ ଜଣକ ଶୋଇଥିବା ବେଳେ ଏହାର ସୁଯୋଗ ନେଇ ସେଠାରେ ରହୁଥିବା ରାଜସ୍ଥାନ ଫେରନ୍ତା ଯୁବକ ସଞ୍ଜୀବ କୁମାର ପାତ୍ର ଝରକା ପଟେ ମୋବାଇଲରେ ତାଙ୍କ ଫଟୋ ଉଠାଇଥିଲେ। ୩ ତାରିଖରେ ସଞ୍ଜୀବ ସମ୍ପୃକ୍ତ ଯୁବତୀଙ୍କୁ ଉକ୍ତ ଫଟୋ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ କହିଥିଲେ। ଯଦି ତାଙ୍କ କଥାରେ ରାଜି ନ ହୁଅନ୍ତି ତେବେ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ କରିଦେବାକୁ ସେ ଧମକ ଦେଇଥିଲେ। ଯୁବତୀ ଜଣକ ପ୍ରଥମେ ଏହି ଘଟଣାରେ ନୀରବ ରହିଥିଲେ। ପରେ ଏନେଇ ନୋଡାଲ ଅଫିସର, ବିଡିଓ, ତହସିଲଦାର ଓ କେନ୍ଦ୍ର ଦାୟିତ୍ୱରେ ଥିବା ସରପଞ୍ଚଙ୍କୁ ଜଣାଇଥିଲେ। ପ୍ରଶାସନ ଘଟଣାର ଅନୁସନ୍ଧାନ କରିବା ସହ ଯୁବତୀ ଜଣକ ୧୫ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଭାଜପାରେ ମିଶିଲେ ଶତାଧିକ କଂଗ୍ରେସ କର୍ମୀ

ଭୁବନେଶ୍ୱର,୧୬ା୬(ବ୍ୟୁରୋ):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ମଙ୍ଗଳବାର କଂଗ୍ରେସ ନେତା ତଥା ବାରଙ୍ଗ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୁରୁଚରଣ ସ୍ୱାଇଁ ଭାଜପାରେ ସାମିଲ ହୋଇଛନ୍ତି । କୁରାଙ୍ଗ ଶାସନର ପୂର୍ବତନ ସରପଞ୍ଚ ଦିଲୀପ କୁମାର ପାତ୍ର, ବିଚିତ୍ରାନନ୍ଦ ପ୍ରଧାନ, ଅଶୋକ ଚକ୍ରବର୍ତ୍ତୀ, ମୁରଲୀଧର ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ଦଳରେ ମିଶିଛନ୍ତି। ରାଜ୍ୟ ସଭାପତି ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି । ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ସମୀର କହିଛନ୍ତି । ଅନ୍ୟପଟେ କଂଗ୍ରେସର ଅନୀତି ଓ ଭ୍ରଷ୍ଟାଚାରରେ ଅସହ୍ୟ ହୋଇ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି ବୋଲି ନେତାମାନେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ତରାଇ, ଦିଲୀପ ମଲିକ ଉପସ୍ଥିତ ଥିଲେ।

# ତଦନ୍ତରେ ତତ୍ପରତା, ଅଧ୍ୟକ୍ଷଙ୍କ ଅଡୁଆ ବଢ଼ିଲା



## ୨ କଲେଜରେ ଜଣେ ଅଧ୍ୟାପକ ନିଯୁକ୍ତି ପ୍ରସଙ୍ଗ

■ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହଯୋଗ ଲୋଡିଲେ ଆରଡିଇ

ଯାଜପୁର ଅଫିସ,୧୬ା୬

ଯାଜପୁର ଜିଲାର ଦୁଇଟି କଲେଜରେ ଜଣେ ଅଧ୍ୟାପକଙ୍କ ଚାଞ୍ଚଲ୍ୟକର ନିଯୁକ୍ତି ଅଭିଯୋଗର ତଦନ୍ତ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ(ଡିଏଚ୍‌ଇ) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଧରିତ୍ରୀରେ ଏହି ମର୍ମରେ ୨୦୧୯ ଡିସେମ୍ବର ୨୦ ଓ ୨୦୨୦ ଫେବୃୟାରୀ ୧୨ ତାରିଖରେ ଖବର ପ୍ରକାଶିତ ହେବା ପରେ ଡିଏଚ୍‌ଇର ଡେପୁଟି ଡାଇରେକ୍ଟର ହୃଷୀକେଶ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ(ଆରଡିଇ) ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏହି କ୍ରମରେ ଆରଡିଇର ଡେପୁଟି ଡାଇରେକ୍ଟର ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ସହଯୋଗ ଲୋଡିଛନ୍ତି।

ପ୍ରକାଶ ଯେ, ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଆ ଅଭିମନ୍ୟୁ ସାମନ୍ତସିଂହାର(ଏଏସ୍) ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଧୀର କୁମାର ରାଉତ ୧୯୯୨ରୁ ଅଧ୍ୟାପକ ଥାଇ ସାହାସପୁର ମୁକ୍ତାଦେବୀ ସଂସ୍କୃତ କଲେଜରେ ୧୨ା୭ା୧୯୯୭ ତାରିଖରୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିବା ପରେ ସ୍ଥାନୀୟ ବରୀ ବିଧାୟିକାଙ୍କ ସମେତ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ୫-ଟି ସଚିବ, ଡିଏଚ୍‌ଇ ନିର୍ଦ୍ଦେଶକ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ଗତ ନଭେମ୍ବରରେ ନିବେଦନ କରିଥିଲେ। ଆର୍‌ଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ, ମୁକ୍ତାଦେବୀ ସଂସ୍କୃତ କଲେଜ ପରିଚାଳନା କମିଟିର ଅଧିବେଶନ ନଂ.-୫ରେ ଚିଠି ସଂଖ୍ୟା ୩/୧୨ା୭ା୧୯୯୭ରେ ରାଉତଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ୧୭ା୭ା୧୯୯୭ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଉକ୍ତ କଲେଜରେ ଯୋଗ ଦେଇଥିଲେ। ସେବେଠାରୁ ୨୦୦୮ ପର୍ଯ୍ୟନ୍ତ ସେ ସେଠାରେ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ରାଉତଙ୍କ ଅଧ୍ୟକ୍ଷତା ସମୟରେ କଲେଜ ପ୍ରତିଷ୍ଠା ଅନୁମତି ପାଇଁ ୧୯ା୧ା୨୦୦୧ ରେ ନିରୀକ୍ଷଣ ହୋଇଥିଲା। ଅଧ୍ୟକ୍ଷ ରାଉତ ୧୨ା୭ା୧୯୯୭ ରୁ ୧୨ା୮ା୨୦୦୮ ତାରିଖ ପର୍ଯ୍ୟନ୍ତ ସଂସ୍କୃତ କଲେଜର ସମସ୍ତ ନଥିପତ୍ରରେ ସ୍ୱାକ୍ଷର କରିଛନ୍ତି। ଅନ୍ୟପକ୍ଷେ ଭାରପ୍ରାପ୍ତ ଅଧ୍ୟକ୍ଷ ରାଉତ ୧୯୯୨ରୁ ଅଦ୍ୟାବଧି ଏଏସ୍ କଲେଜରେ ଇତିହାସ ବିଭାଗର ଅଧ୍ୟାପକ ଭାବେ କାମ କରୁଛନ୍ତି। ୨୦୧୬ରୁ ବରିଷ୍ଠତା ଦୃଷ୍ଟିରୁ ତାଙ୍କୁ ଯୁକ୍ତ ୩ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଏପରିକି ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୪୪୭୬୨/୧୨ା୧୧ା୨୦୧୨ରେ ତାଙ୍କର ପଦବୀ ଅନୁମୋଦନ କରାଯାଇଛି, ଯାହା ତଦନ୍ତ ସାପେକ୍ଷ।

ଗତ ଜାନୁୟାରୀ ୨୯ ତାରିଖ ପୂର୍ବାହ୍ନ ସାଢେ ୧୧ଟାରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଆବଶ୍ୟକ ଫଟୋ କପି ଏବଂ ଓରିଜିନାଲ ଡକ୍ୟୁମେଣ୍ଟ ସହ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ଭାରପ୍ରାପ୍ତ ଅଧ୍ୟକ୍ଷ ରାଉତଙ୍କୁ ଭୁବନେଶ୍ୱର ଆରଡିଇ ପକ୍ଷରୁ ପତ୍ରସଂଖ୍ୟା ୧୧୧୪/୨୪ା୧ା୨୦୨୦ରେ ନିର୍ଦ୍ଦେଶ ହୋଇଥିଲା। ଏହିସବୁ ଘଟଣାକୁ ନେଇ ଅଭିଯୋଗ ହେବା ପରେ ଡିଏଚ୍‌ଇର ଡେପୁଟି ଡାଇରେକ୍ଟର ମହାନ୍ତି ତାଙ୍କ ପତ୍ରସଂଖ୍ୟା ୧୭୮୬୬/୫ା୬ା୨୦୨୦ରେ ଭୁବନେଶ୍ୱର ଆରଡିଇଙ୍କୁ ସମ୍ପୃକ୍ତ କଲେଜ ପରିଦର୍ଶନରେ ଯାଇ ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଆରଇଡିଇର ଡେପୁଟି ଡାଇରେକ୍ଟର ତାଙ୍କ ପତ୍ରସଂଖ୍ୟା ୩୮୮୪/୧୨ା୬ା୨୦୨୦ରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ୨୦୦୮ ପର୍ଯ୍ୟନ୍ତ ମୁକ୍ତାଦେବୀ ସଂସ୍କୃତ କଲେଜର ଆରଓଏମ(ରେଜିଷ୍ଟର ଅଫ ମେଟ୍ରିକୁଲେଟ), ଆରଓଆଇ (ରେଜିଷ୍ଟର ଅଫ ଇଣ୍ଟରମିଡିଏଟ) ପ୍ରଭୃତି କାଗଜପତ୍ର ଯେତେ ଶୀଘ୍ର ସମ୍ଭବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଅଧ୍ୟକ୍ଷ ରାଉତ କହିଛନ୍ତି, ସେ କୌଣସି ପ୍ରକାର ଅନିୟମିତତା କରିନାହାନ୍ତି। ସମସ୍ତ ପ୍ରକାର ତଦନ୍ତ ପାଇଁ ସେ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ସଂସ୍କୃତ କଲେଜରେ ବିଭିନ୍ନ ଅନିୟମିତତା କରି ଏକାଧିକ ଅଧ୍ୟାପକଙ୍କୁ ନିଯୁକ୍ତି ମିଳିଥିବା ମଧ୍ୟ ଅଭିଯୋଗ ହୋଇଛି।

## ପିସ୍ତଲ ଦେଖାଇ ୨୦ ହଜାର ଲୁଟ୍

ବିନିକା,୧୬ା୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଏମ୍‌ଡିଆର୍ ୩୯ ନମ୍ବର ରାଜପଥର ସେଲେଡି -ଜାମଛାପର ମଧ୍ୟବର୍ତ୍ତୀ ସ୍ଥାନରେ ଗୁରୁବାର ସକାଳେ ପିସ୍ତଲ ଦେଖାଇ ୨ ଦୁର୍ବୃତ୍ତ ଜଣେ ବାଇକ ଚାଳକଙ୍କ ପାଖରୁ ନଗଦ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି । ବୁର୍ଲା ଟାଉନର ପ୍ରଭାତ କୁମାର ଗୌଡ ବିନିକାରୁ ସୋନପୁର ଅଭିମୁଖେ ଓଡି-୧୭କ୍ୟୁ-୯୮୬୫ ନଂ ବାଇକ (ବଜାଜ୍ ପଲସର୍ ୧୫୦) ଯୋଗେ ଯାଉଥିଲେ। ଯିବା ବେଳେ ସେ ସେଲେଡି-ଜାମଛାପର ରାସ୍ତାରେ କୌଣସି କାରଣରୁ ଅଟକି ଥିବା ହେଲେ ଲୁଟ ହୋଇଥିଲା । ଗୌଡ ବିନିକା ଥାନାରେ ଅଭିଯୋଗ ପରେ ୧୫୩/୨୦ ନଂରେ ମାମଲା ରୁଜୁ ହୋଇଛି।

Wanted Life Insurance Agent / Advisor, Unlimited Income Source, *Flexible working hours *Qualification : 10th / +2/ Graduate, Area of Operation - Cuttack, Athagarh, Badamba, Tigiria, Narsingpur, and Trishulia.
Contact : 7008823334

# ଶଟ୍‌ଡାଉନ୍ ମାନିଲେନି, ବ୍ୟାରିକେଡ୍ ଭାଙ୍ଗିଲେ

## ଜିଲାପାଳଙ୍କୁ ଘଡ଼ଘଡ଼ାପଲ୍ଲୀ ସରପଞ୍ଚଙ୍କ ଅଭିଯୋଗ

ଛତ୍ରପୁର,୧୬ା୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଘଡ଼ଘଡ଼ାପଲ୍ଲୀରେ ୩ ଜଣ କରୋନା ସଂକ୍ରମିତ ହୋଇଥିବା ଚିହ୍ନଟ ହେବା ପରେ ସରପଞ୍ଚ ଜିଲାପାଳ କ୍ଷମତା ପ୍ରୟୋଗ କରି ଗାଁକୁ ଶଟ୍‌ଡାଉନ ଘୋଷଣା କରିଥିଲେ। ତେବେ ଏହାକୁ କେତେଜଣ ନ ମାନି ବ୍ୟାରିକେଡ୍ ଭଙ୍ଗାରୁଜା କରିଥିବା ନେଇ ସରପଞ୍ଚ ରେବତୀ ପ୍ରଧାନ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

ଗତ ୧୨ ତାରିଖରେ ଛତ୍ରପୁର ବ୍ଲକର ଘଡ଼ଘଡ଼ାପଲ୍ଲୀରୁ ୩ ଓ ନରେନ୍ଦ୍ରପୁର ପଞ୍ଚାୟତର ନରେନ୍ଦ୍ରପୁରରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଶ୍ରୀରାମପୁର ଓ ନରେନ୍ଦ୍ରପୁର ସରପଞ୍ଚ ସମ୍ପୃକ୍ତ ୨ ଗ୍ରାମକୁ ୧୩ ତାରିଖରୁ ୫ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଥିଲେ। ପରେ ଘଡଘଡାପଲ୍ଲୀ ଓ ନରେନ୍ଦ୍ରପୁରକୁ ଜିଲାପାଳଙ୍କ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ଗାଁ ପ୍ରବେଶ ପଥକୁ ବ୍ୟାରିକେଡ କରି ଦିଆଯାଇଥିଲା । ତେବେ ମଙ୍ଗଳବାର ଘଡଘଡାପଲ୍ଲୀ ଗାଁର ବ୍ୟାରିକେଡ କେତେଜଣ ବ୍ୟକ୍ତି ଭାଙ୍ଗି ଦେଇଥିବା ସରପଞ୍ଚ ପ୍ରଧାନ ଅଭିଯୋଗ କରିଛନ୍ତି। ଖଳ ପ୍ରକୃତିର ଲୋକଙ୍କ ପ୍ରରୋଚନାରେ ପଡି କେତେଜଣ କୋଭିଡ୍ ନିୟମକୁ ଉଲ୍ଲଂଘନ କରିବା ସହ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ନୋଡାଲ ଅଫିସରଙ୍କ ଭଳି କରୋନା ଯୋଦ୍ଧାଙ୍କୁ ଅସହଯୋଗ କରୁଛନ୍ତି। ଏ ସମ୍ପର୍କରେ ଛତ୍ରପୁର ବିଡିଓ, ତହସିଲଦାରଙ୍କୁ ସରପଞ୍ଚ ଜଣାଇଥିଲେ। ଉଭୟେ ମଙ୍ଗଳବାର ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ସେମାନେ ଯିବା ପରେ ବ୍ୟାରିକେଡ୍ ଭଙ୍ଗାଯାଇଥିବା ଜିଲାପାଳଙ୍କୁ ସରପଞ୍ଚ ଜଣାଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ପୁଣି ବ୍ୟାରିକେଡ୍ କରାଯାଇଥିବା ଜଣାପଡିଛି ।

ADMIN HEAD, PROJECT HEAD, SR.ACCOUNTANT, MARKETING, EXCEL EXPERT, LABOUR CONTRACTOR, RECOVERY AGENT, SUPERVISOR, TELE-CALLER, DIGITAL & ONLINE MARKETING
FOR PRE-CAST MANUFACTURING UNIT
TWO-WHEELER MUST; ALL ODISHA
9040019196/8328824805/7008401977

**ତହସିଲ କାର୍ଯ୍ୟାଳୟ, କର୍ଲାମୁଣ୍ଡା, ଜି.- କଳାହାଣ୍ଡି**

ସଂଖ୍ୟା: 403 ତାରିଖ: ୧୧ା୦୬ା୨୦୨୦

**ଲଘୁ ଖଣିଜ ଉତ୍ସର ଲିଜ୍ ସକାଶେ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କର୍ଲାମୁଣ୍ଡା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡିକର ୫(ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଦରଖାସ୍ତଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା25.06.2020ରିଖ ଅପରାହ୍ନ 05.00ଟା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ପକାଇବେ । ଏ ସମ୍ପର୍କିତ ସମସ୍ତ ତଥ୍ୟାବଳୀ District Website (www.kalahandi.nic.in)ରୁ ପାଇପାରିବେ ।

ସ୍ୱା./-ତହସିଲଦାର, କର୍ଲାମୁଣ୍ଡା

**ତହସିଲଦାରଙ୍କ କାର୍ଯ୍ୟାଳୟ, ଲୋଇସିଂହା**

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ ସଂଶୋଧନ ପତ୍ର**

ତହସିଲ କାର୍ଯ୍ୟାଳୟ, ଲୋଇସିଂହାଙ୍କ ଅନ୍ତର୍ଗତ ୧୧ ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ଇସ୍ତାହାର ଗତ ତା୨୦ା୦୫ା୨୦୨୦ରିଖ ଓ ସଂଶୋଧନ ବିଜ୍ଞପ୍ତି ସଂଖ୍ୟା 1080 ତା04.06.2020ରିଖରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ଏହାର ପୁଣି ଏକ ସଂଶୋଧନ ଇସ୍ତାହାର ସଂଶୋଧନ ବିଜ୍ଞପ୍ତି ସଂଖ୍ୟା 1173 ତା15.06.2020ରିଖରେ ପ୍ରକାଶିତ ହୋଇଅଛି । ଏଥିରେ ଲିଜ୍ ଆବେଦନର ପ୍ରଥମ ଧାର୍ଯ୍ୟ ସମୟ ସୀମା ତା15.06.2020ରିଖ ପରିବର୍ତ୍ତେ ତା18.06.2020ରିଖ ସନ୍ଧ୍ୟା 05.30 ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଏହି ସମ୍ବନ୍ଧୀୟ ଅନ୍ୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ www.Balangir.nic.inରେ ଉପଲବ୍ଧ ଅଛି । ନିଲାମରେ ଭାଗନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟରୁ ସମସ୍ତ ତଥ୍ୟ ହାସଲକରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଲୋଇସିଂହାଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ହାସଲ କରିପାରିବେ ।

ସ୍ୱା./- ତହସିଲଦାର, ଲୋଇସିଂହା

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ୱେଷ୍ଟ-୨୦-୨୧-୦୩, (୨) ସିକେପି-ୱେଷ୍ଟ-୨୦-୨୧- ୦୪, (୩) ସିକେପି-ୱେଷ୍ଟ-୨୦-୨୧-୦୫, ତାରିଖ: ୧୫ା୦୬ା୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଓ ଅମାନତ ରାଶି** ନିମ୍ନ ଅନୁଯାୟୀ ହେବ:- **(୧)** (i) ବିଏନ୍‌ଡିଏମ୍-ସିଟିଆର୍ (ଏସ୍) ବିଏନ୍‌ଡିଏମ୍‌ଠାରେ ଡିଏ ଲାଇନ୍ ଏବଂ ଏକ୍ସ. ୟାର୍ଡ ୟୁପି ଏଚ୍‌ଏସ୍‌ଏଲ୍ ଲାଇନ୍ ନିମନ୍ତେ ଏସ୍‌ଏଚ୍ ୬୦ କିଗ୍ରା ରେଳ ସହିତ ଆଇଆର୍‌ଏସ୍ ସ୍ଲିପର୍ ଉପରେ ବିଦ୍ୟମାନ ୯୦ ଆର୍ ରେଳର ୫.୩୦ ଟିଆର୍. କି.ମି. ଏବଂ କି.ମି. ପିଛା ୧୬୬୦ ଗୋଟି ନୂଆ ପିଏସ୍‌ସି ସ୍ଲିପର୍ ସହ ଟ୍ରାକ୍‌ର ଡିପ୍ ସ୍କ୍ରିନିଂ ଓ ପ୍ୟାକିଂ (୫.୩୦ ଟ୍ରାକ୍ କି.ମି.)। (ii) ଏକ୍ସଚେଞ୍ଜ ୟାର୍ଡ, ବଣ୍ଡାମୁଣ୍ଡାର ୟାର୍ଡ ଲାଇନ୍‌ର ସମ୍ପ୍ରସାରଣ: ଲାଇନ୍ ନଂ. ୧ଏ, ୮, ୯, ୧୬ ଓ ୧୭ (ନୂଆକରି ଲାଇନ୍ ନଂ.୧, ୨, ୯, ୧୦, ୧୭ ଓ ୧୭ ଭାବେ ଅଙ୍କିତ)ର ସମ୍ପ୍ରସାରଣ, ₹୧,୨୬,୫୨,୨୨୪.୭୨; ₹୨,୧୩,୩୦୦/-। **(୨)** ଡିଇଏନ୍ (ୱେଷ୍ଟ)/ ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଇଏଲ୍‌ଏସ୍, ଏକ୍ସଚେଞ୍ଜ ୟାର୍ଡରେ ୨୧.୮୬୪ ଟିଆର୍. କି.ମି. ଥ୍ରୋ ସ୍ଲିପର୍ ନବୀକରଣ (ପ୍ରାଇମେରି) ଓ କ୍ଲାସିଫିକେଶନ୍ ବିଏନ୍‌ଡିଏମ୍, ₹୨,୩୬,୯୧,୫୩୫.୧୪; ₹୨,୬୮,୫୦୦/-। **(୩)** ଏଡିଇଏନ୍/ଜେଏସ୍‌ଜିଙ୍କ କ୍ଷେତ୍ରାଧିକାର ଅଧୀନରେ ଆରଓୟୁ-ଜେଏସ୍‌ଜି ସେକ୍ସନ ମଧ୍ୟରେ ଆର୍‌ସିସି ବକ୍ସ ଦ୍ୱାରା ପଥର ସେତୁର ପୁନଃ ନିର୍ମାଣ । (୧୩ ଗୋଟି) (ବକ୍ସ ପୁଶିଂ ପଦ୍ଧତି ଦ୍ୱାରା), ₹୧୨,୧୬,୧୯,୮୯୪.୧୯; ₹୭,୫୮,୧୦୦/-, **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର. ସଂ. ୧ ପାଇଁ ₹୫,୦୦୦ ଏବଂ କ୍ର.ସଂ. ୨ ଓ ୩ ପାଇଁ ₹୧୦,୦୦୦/-। **ଖୋଲାଯିବା ତାରିଖ:** ପ୍ରତ୍ୟେକ କାର୍ଯ୍ୟ ପାଇଁ ତା୧୬ା୦୭ା୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ **https://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। PR-96

# କୋଭିଡ୍ ପରୀକ୍ଷା ନେଇ ଭାଜପା-ବିଜେଡି ଭିତରେ କଟାକ୍ଷ

■ ସରକାର ନିଜ ପିଠି ନିଜେ ଥାପୁଡାଉଛନ୍ତି: ଭାଜପା
■ ଭାଜପା କେନ୍ଦ୍ର ମାର୍ଗଦର୍ଶିକା ପଢ଼ୁ: ବିଜେଡି

ଭୁବନେଶ୍ୱର,୧୬ା୬(ବ୍ୟୁରୋ):

ରାଜ୍ୟରେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଇଥିବା ନିର୍ଦ୍ଦେଶକୁ କୌଣସି ସରକାରୀ ଅଧିକାରୀ ପାଳନ କରୁନାହାନ୍ତି। ପ୍ରତିଦିନ ୧୫ହଜାର ଟେଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିବା ପରେ ସୁଦ୍ଧା ଏହା ହୋଇ ପାରିଲାନାହିଁ। ସରକାରୀ ଅଧିକାରୀମାନେ ଏ ଦିଗରେ ଧ୍ୟାନ ନ ଦେଇ କେବଳ ଗଣମାଧ୍ୟମକୁ ବିବୃତି ଦେଇ ନିଜ ପିଠି ନିଜେ ଥାପୁଡାଉଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଭାଜପାର ଏହି ଅଭିଯୋଗ ଉପରେ ବିଜେଡି କଡା ପ୍ରତିକ୍ରିୟା ପ୍ରକାଶ କରିଛି। ଆଇସିଏମ୍ଆର ନିର୍ଦ୍ଦେଶାବଳୀ ଭାଜପା ନେତାମାନେ ପଢନ୍ତୁ ବୋଲି ବିଜେଡି ନେତା ସସ୍ମିତ ପାତ୍ର କହିଛନ୍ତି।

ଗୋଲକ କହିଛନ୍ତି ଯେ, ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ପ୍ରତିଦିନ ୧୫ହଜାରରୁ ଊର୍ଦ୍ଧ୍ୱ ଟେଷ୍ଟ କରୁଛି । ଏବେ ସୁଦ୍ଧା ଆନ୍ଧ୍ର ପ୍ରଦେଶ ୫ ଲକ୍ଷ ୬୭ ହଜାର ଟେଷ୍ଟ କରିଥିବାବେଳେ ଓଡିଶାରେ ୨ ଲକ୍ଷ ୫ ହଜାର ୫୦୧ ଟେଷ୍ଟ ହୋଇଛି । ଏହା ମଧ୍ୟରୁ ୪୧୬୩ ପଜିଟିଭ ବାହାରିଥିବାବେଳେ ୧୨୯୫ଟି ଆକ୍ଟିଭ କେସ ରହିଛି। ଜୁନ୍ ୭ରେ ୩୪୭୭, ୮ରେ ୩୩୧୭, ୯ରେ ୨୯୬୯, ୧୦ରେ ୩୦୨୬, ୧୧ରେ ୩୩୩୩, ୧୨ରେ ୩୮୩୩, ୧୩ରେ ୩୮୮୦, ୧୪ରେ ୩୫୫୮, ୧୫ରେ ୨୪୯୯, ୧୬ରେ ୨୯୮୮ ଜଣଙ୍କ କରୋନା ଟେଷ୍ଟ ହୋଇଛି। ଗଞ୍ଜାମରେ ସର୍ବାଧିକ କରୋନା ରୋଗୀ ବାହାରିବାରୁ ସେଠାରେ ଭୟାଭୟ ସ୍ଥିତି ରହିଛି। ବ୍ୟବସାୟୀମାନେ ନିୟମିତ ଏକାଧିକ ଲୋକଙ୍କ ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କୁ କରୋନା ହେବାର ଆଶଙ୍କା ରହିଛି। ଏଣୁ ଅତ୍ୟାବଶକ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀଙ୍କ ମଧ୍ୟ କରୋନା ପରୀକ୍ଷା କରାଯିବା ଆବଶ୍ୟକ। ସରକାର ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୭ଦିନ ରଖି ବିନା ପରୀକ୍ଷାରେ ଘରକୁ ପଠାଇ ଦେଉଛନ୍ତି । ଏହାଦ୍ୱାରା କରୋନା ବ୍ୟାପିବାର ସମ୍ଭାବନା ଅଧିକ ଅଛି ବୋଲି ଗୋଲକ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ, କେନ୍ଦ୍ରର ଭାଜପା ନେତୃତ୍ୱାଧିନ ସରକାର ଏବଂଦେଶରେ କରୋନା ମନିଟରିଂ କରୁଥିବା ଜାତୀୟ ସଂସ୍ଥା ଆଇସିଏମ୍ଆର କେବଳ ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିମାନଙ୍କ ପରୀକ୍ଷା କରିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି। ଭାଜପା ନେତାମାନେ ବୟାନବାଜି କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ପଢିବା ଦରକାର। ଆଇସିଏମଆର ଆଧାରରେ କରୋନା ପରୀକ୍ଷା ଚାଲିଛି। ରାଜ୍ୟରେ କରୋନା ବର୍ତ୍ତମାନ ନିୟନ୍ତ୍ରଣାଧିନ ରହିଛି। ଆଇସିଏମଆର ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ସରକାର ମିଶାମିଶି ଭାବେ ପରୀକ୍ଷା ଚଳାଇଛନ୍ତି। ଭାଜପା ଏବଂ କଂଗ୍ରେସ ଶାସିତ ରାଜ୍ୟଗୁଡିକ ଅନୁରୂପ ଭାବେ ପରୀକ୍ଷା କରୁଛନ୍ତି। ତେଣୁ ଏଭଳି ସ୍ପର୍ଶକାତର ଘଟଣାରେ ରାଜନୀତି କରିବା ଆଗରୁ ଭାଜପା ରାଜ୍ୟ ନେତୃବୃନ୍ଦ କେନ୍ଦ୍ର ମାର୍ଗଦର୍ଶିକା ପଢନ୍ତୁ। କେଉଁସବୁ ଭାଜପା ଶାସିତ ରାଜ୍ୟଗୁଡିକରେ ଟିଏମ୍‌ସି ଭଳି ବ୍ୟବସ୍ଥା ହୋଇଛି ବୋଲି ପାତ୍ର ପ୍ରଶ୍ନ କରିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NEEM SEEDS required on urgent basis for Manufacturing.
ନିମ ମଞ୍ଜି ଅତିଶୀଘ୍ର ଦରକାର।
At: DHENKANAL
Contact No.: 9178545391, 9439468968, 9668855308.

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର**

ଇସ୍ତାହାର ସଂଖ୍ୟା: ୧୮୭ ତା୧୬ା୦୬ା୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି ଏକ ଶିଶୁ କନ୍ୟାକୁ ପରିତ୍ୟକ୍ତ ଅବସ୍ଥାରେ ସମ୍ବଲପୁର ଜିଲାର ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି ସ୍ଥିତ ଝୁଲଣା କେନ୍ଦ୍ରଠାରେ କେହି ଜଣେ ବ୍ୟକ୍ତି ଛାଡ଼ିକି ଚାଲିଯାଇଥିଲେ। ତାହାକୁ ଉଦ୍ଧାର କରାଯାଇ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମ୍ବଲପୁରରେ ଚିକିତ୍ସା କରାଗଲା ଏବଂ ତା୨୯ା୦୫ା୨୦୨୦ରେ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରରେ ଉପସ୍ଥାପନ କରାଯାଇ ତାଙ୍କ ନିର୍ଦ୍ଦେଶନାମା ୪୪/୨୯ା୦୫ା୨୦୨୦ ଅନୁସାରେ ବର୍ତ୍ତମାନ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ ସଂସ୍ଥା, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର, ଶିଶୁଗୃହରେ ସୁରକ୍ଷିତ ଭାବରେ ଅବସ୍ଥାନ କରାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତାମାତା ତଥା ଆଇନ୍‌ଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ୍ ନଂ.- ୦୬୬୩-୨୪୧୨୯୧୪, ଶିଶୁଗୃହ ପ୍ରବନ୍ଧକ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର, ଫୋନ୍ ନଂ.- ୮୮୪୭୮୩୨୦୫୫ ଏବଂ ୯୦୪୦୭୧୬୫୮୬ରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୭ ଅନୁଯାୟୀ ଆଇନତଃ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ଜନ୍ମ ତାରିଖ | ଉଦ୍ଧାର/ଅବସ୍ଥାନ ସ୍ଥାନ | ଫଟୋ |
|---|---|---|---|---|---|
| ୧ | ଅଜଣା ଶିଶୁ କନ୍ୟା | ଝିଅ | ୨୭ା୦୫ା୨୦୨୦ | ସମ୍ବଲପୁର ଜିଲ୍ଲାର ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲିସ୍ଥିତ ଝୁଲଣା କେନ୍ଦ୍ର |  |

By Order of the Collector, Sambalpur
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର

# ଶିଳ୍ପ ବର୍ଜ୍ୟରେ କଂକ୍ରିଟ୍ ରାସ୍ତା

- ପରୀକ୍ଷାମୂଳକ ଭାବେ ମିଳିଲା ସଫଳତା
- ବ୍ୟବହାର ହୋଇଛି କିଟ୍ ବିଶ୍ୱବିଦ୍ୟାଳୟର ନୂଆ ଟେକ୍ନୋଲୋଜି

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ବିନା ସିମେଣ୍ଟରେ ସମ୍ଭବ ହୋଇଛି କଂକ୍ରିଟ୍ ରାସ୍ତା। କେବଳ ଶିଳ୍ପ ବର୍ଜ୍ୟ ବ୍ୟବହାର କରି ଏହି ପ୍ରଦୂଷଣମୁକ୍ତ ରାସ୍ତା ନିର୍ମାଣ କରାଯାଇଛି। କଟକ ଜିଲା ଅମନପଡ଼ା ଗ୍ରାମ୍ୟରେ ପାଇଲଟ ପ୍ରକଳ୍ପ ଭାବେ ତିଆରି ହୋଇଥିବା ଏହି ରାସ୍ତାକୁ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର କଟକ ଡିଭିଜନ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ବୈଷୟିକ ଜ୍ଞାନ ସହଯୋଗରେ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ନୂତନ ନିର୍ମାଣଭିତ୍ତିକ ଟେକ୍ନୋଲୋଜି ବାହାର କରିଛନ୍ତି। ପ୍ରଥମଥର ଲାଗି ଏହି ଟେକ୍ନୋଲୋଜି ଓଡ଼ିଶାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଜୁନ୍ ପ୍ରଥମ ସପ୍ତାହରେ ଅମନପଡ଼ା ଗ୍ରାମ୍ୟ ରାସ୍ତା ନିର୍ମାଣରେ ଏହି ଟେକ୍ନୋଲୋଜିକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଇଛି। ନିର୍ମାଣ କ୍ଷେତ୍ରରେ ଏହି ଟେକ୍ନୋଲୋଜି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କିଟ୍‌ର ଗବେଷକମାନେ ଦାବି କରିଛନ୍ତି।



ଗବେଷକଙ୍କ ମତରେ, ସିମେଣ୍ଟରେ ରାସ୍ତା ତିଆରି ବେଳେ ବ୍ୟାପକ ବାୟୁ ପ୍ରଦୂଷଣ ହୋଇଥାଏ। ଏଥିସହ ଅଧିକରୁ ଅଧିକ ପରିମାଣର ଚୂନ ପଥର ବ୍ୟବହାର ହୋଇଥାଏ। ଆସନ୍ତା ୨୦-୨୫ ବର୍ଷ ମଧ୍ୟରେ ଚୂନ ପଥରର ଘୋର ଅଭାବ ଦେଖାଦେବ। ଏହାକୁ ଦୃଷ୍ଟିରେ ରଖି ତାପଜ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକରୁ ନିର୍ଗତ ବର୍ଜ୍ୟବସ୍ତୁ ଫ୍ଲାଏ ଆଶ୍‌କୁ କିପରି ସିମେଣ୍ଟର ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ ସେ ନେଇ ଗବେଷକମାନେ ଦୀର୍ଘଦିନ ଧରି ଗବେଷଣା କରିଆସୁଥିଲେ। ସିମେଣ୍ଟର ବିକଳ୍ପ ଭାବେ 'ଜିଓ ପଲିମର କଂକ୍ରିଟ୍'କୁ ନିର୍ମାଣରେ ବ୍ୟବହାର କରାଯାଇ ଏହି ରାସ୍ତା ନିର୍ମାଣ କରାଯାଇଛି। ଏହି ସଫଳତା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଗବେଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଧ-୧୭୫୦୭

## ସଂକ୍ଷେପରେ

### ଚିଲିକାରୁ ବିରଳ ସ୍ପଟଫିନ ପର୍କ୍ୟୁପାଇନ ମାଛ ଉଦ୍ଧାର



**ବ୍ରହ୍ମଗିରି, ୧୬। ୬( ଡି.ଏନ.ଏ):** ଚିଲିକାରୁ ମଙ୍ଗଳବାର ଏକ ବିରଳ ପ୍ରଜାତି ମାଛକୁ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିପିଆ ଗ୍ରାମର ପ୍ରଦୀପ ପଲାଇ ଚିଲିକାରେ ବସାଇଥିବା ତାଙ୍କର ଖନ୍ଦା ଜାଲରେ ମଙ୍ଗଳବାର ଏହି ବିରଳ ପ୍ରଜାତିର ମାଛଟି ପଡ଼ିଥିଲା। ଉକ୍ତ ମାଛଟିର ଶରୀରରେ ଝିଙ୍କ ଭଳି କଣ୍ଟା ରହିଛି। ଏହାର ପାଟି ସାଧାରଣ ମାଛର ପାଟିଠାରୁ ବଡ଼। ଏହି ବିରଳ ମାଛଟିକୁ ଦେଖିବାକୁ ସ୍ଥାନୀୟ ଲୋକମାନଙ୍କ ଭିଡ଼ ଜମିଥିଲା। ଉକ୍ତ ମାଛ ସମ୍ପର୍କରେ ପୁରୀର ଆଇସିଆର କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଓ ପ୍ରଭାରୁ ଡ. ସୁବଳ କୁମାର ରାଉଳ କୁହନ୍ତି ଏହି ମାଛ ସାଧାରଣତଃ ସମୁଦ୍ରର ପ୍ରବାଳ ଅଞ୍ଚଳରେ ବସବାସ କରନ୍ତି। ଏହା ବିଷାକ୍ତ ଓ ଖାଦ୍ୟ ଅନୁପଯୁକ୍ତ। ଏହାର ଜୁଲୋଜିକାଲ ନାମ ଡାଇଓଡନ ହାଇଟ୍ରିକ୍ସ,(diodon hystrix) ସାଧାରଣତଃ ଏହାକୁ ସ୍ପଟ-ଫିନ- ପର୍କ୍ୟୁପାଇନ ଫିସ ( spot-fin porcupine fish) ବୋଲି କୁହାଯାଏ ।

### ଜିମ୍‌ସାରରେ କୋଭିଡ ହସ୍ପିଟାଲ ଉଦ୍‌ଘାଟିତ

**ଆଠଗଡ,୧୬।୬(ସ୍ୱ.ପ୍ର.):** ମାଧବପୁରସ୍ଥିତ ଜିମ୍‌ସାର(ଗୋପବନ୍ଧୁ ଚିକିତ୍ସା ବିଜ୍ଞାନ ଓ ଅନୁସନ୍ଧାନ ପ୍ରତିଷ୍ଠାନ) ପରିସରରେ ମଙ୍ଗଳବାର ଅପରାହ୍ନରେ କୋଭିଡ ହସ୍ପିଟାଲ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜିମସାର ଅଧ୍ୟକ୍ଷ ନିରଞ୍ଜନ ରଥ ଓ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉପସ୍ଥିତ ଥିଲେ।

# ମନ୍ଦିରର ସ୍ଥିତି ଅନୁଧ୍ୟାନ ସହ ନମୁନା ନେଲେ ବିଶେଷଜ୍ଞ ଟିମ୍




ମହାନଦୀ ପାଣିରେ ଦୃଶ୍ୟମାନ ଗୋପୀନାଥ ମନ୍ଦିର ଓ ଅନୁଧ୍ୟାନ ପାଇଁ ଯାଉଛନ୍ତି ବିଶେଷଜ୍ଞ ଟିମ୍ ସହ ପ୍ରଶାସନିକ ଅଧିକାରୀ।

**ମହାନଦୀରେ ଗୋପୀନାଥ ମନ୍ଦିର ଦଧିନଉତି ଦୃଶ୍ୟମାନ ଘଟଣା**

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)/ ନୟାଗଡ଼ ଅଫିସ**

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଅନ୍ତର୍ଗତ ମହାନଦୀ ଗର୍ଭରେ ବୁଡ଼ି ରହିଛି ୫୦୦ବର୍ଷ ତଳର ଗୋପୀନାଥ ମନ୍ଦିର। ପାଣି ଉପରକୁ ମନ୍ଦିରର ଦଧିନଉତି ଦୃଶ୍ୟମାନ ହେଉଥିବାବେଳେ ମଙ୍ଗଳବାର ଏକ ବିଶେଷଜ୍ଞ ଟିମ୍ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଇଆଇଟି ଭୁବନେଶ୍ୱରର ଡ. ରାଜୀବ ଲୋଚନ ମିଶ୍ର, ଉତ୍ତରପ୍ରଦେଶ ରୋହିଲଖଣ୍ଡ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର ଅନୁପ ରଞ୍ଜନ ମିଶ୍ରଙ୍କ ସହ ଜିଲାପାଳ ପୋମା ଟୁଡୁ, ଡିଏଫ୍‌ଓ ଧନରାଜ ଏଚ୍‌ଡି, ଭାପୁର ବ୍ଲକ ବିଡିଓ ସତ୍ୟ ସୁନ୍ଦର ରାଉତ, ଉପାଧ୍ୟକ୍ଷ ଗୟାଧର ପରିଡ଼ା ପ୍ରମୁଖ ଡଙ୍ଗାରେ ମନ୍ଦିର ନିକଟକୁ ଯାଇଥିଲେ। ବହୁ ସମୟ ଧରି ମନ୍ଦିର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା ବିଶେଷଜ୍ଞ ଟିମ୍। ଏଠାରୁ ମାଟି ଖୋଳି ନମୁନା ସଂଗ୍ରହ କରିବା ସହ ମନ୍ଦିରଟି କେଉଁ ପରିସ୍ଥିତିରେ ମହାନଦୀ ଗର୍ଭରେ ବିଲୀନ ହୋଇଥିଲା, ସେ ନେଇ ଗବେଷଣା ଆରମ୍ଭ କରିଛନ୍ତି। ମହାନଦୀ ଭିତରେ ମନ୍ଦିର ତିଆରି ହୋଇଥିଲା ନାଁ କାଳକ୍ରମେ ଏହା ପୋତି ହୋଇଯିବା ପରେ ଏହା ଉପରେ ନଦୀ ପ୍ରବାହିତ ହୋଇଥିଲା ଏଭଳି ଅନେକ ପ୍ରସଙ୍ଗକୁ ଖୋଜି ପାଇବାକୁ ଲାଗିଛି ବିଶେଷଜ୍ଞ ଟିମ୍।

ସେପଟେ ଗ୍ରାମବାସୀମାନେ ଏହି ମନ୍ଦିରର ପୁନରୁଦ୍ଧାର କରିବା ସହିତ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ଦାବି କରୁଛନ୍ତି। ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ବର୍ତ୍ତମାନ ପାଣି ଅଧିକ ହୋଇଯାଇଛି। ସେମିତି କିଛି କରିହେବ ନାହିଁ। ତଥାପି ଜିଲା ପ୍ରଶାସନ ପକ୍ଷରୁ ସବୁପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଏନେଇ ସରକାରଙ୍କ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଇନ୍‌ଟାକ୍ ପକ୍ଷରୁ ଏହି ମନ୍ଦିରକୁ ଠାବ କରାଯାଇଥିଲା। ମନ୍ଦିରର କାରୁକାର୍ଯ୍ୟ ଓ ନିର୍ମାଣ ଶୈଳୀ ତଥା ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ ତାହା ବହୁ ପୁରାତନର ବୋଲି ଜଣାପଡ଼ିଛି।

# ସେକେଣ୍ଡରେ ଆକାଉଣ୍ଟରୁ କଟିଗଲା ୮ ଲକ୍ଷ ଟଙ୍କା

**ପୁଣି ମାତିଲେ ସାଇବର ଠକ**

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ପୋଲିସ ଏବଂ କ୍ରାଇମ୍‌ବ୍ରାଞ୍ଚର ବିଫଳତା ଫଳରେ ଦିନକୁ ଦିନ ସାଇବର ଅପରାଧୀମାନେ ମାତିଲେଣି। ସେମାନେ ବିଶେଷ କରି ଲକ୍‌ଡାଉନ୍ ସମୟରେ ଏକାଧିକ ଲୋକଙ୍କୁ ଟାର୍ଗେଟ କରି ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି। ଦୁଇଦିନ ତଳେ ପୁରୁଣା ଭୁବନେଶ୍ୱରର ଜଣେ ପୋଲିସ କନ୍‌ଷ୍ଟେବଲ ସାଇବର ଠକେଇର ଶିକାର ହୋଇଥିବାବେଳେ ସୋମବାର ଏୟାରପୋର୍ଟ ଥାନା ଅଞ୍ଚଳରେ ଆଉ ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସାଇବର ଠକ ତାଙ୍କର ପେଟିଏମ୍ ଆକାଉଣ୍ଟ ବନ୍ଦ ହୋଇଯିବ ବୋଲି ମେସେଜ ଦେଇ ଏକ ସେକେଣ୍ଡରେ ଆକାଉଣ୍ଟରୁ ସାଢେ ୮ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଠକେଇର ଶିକାର ହୋଇଥିବା ସମ୍ପର୍କରେ ଏୟାରପୋର୍ଟ ଥାନାରେ ନିୟୁ ଫରେଷ୍ଟ ପାର୍କରେ ରହୁଥିବା ସସ୍ମିତ ମିଶ୍ର ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୪୧୯,୪୨୦ ଏବଂ ଆଇଟି ଆକ୍ଟ ୬୬(ସି),୬୬(ଡି)ରେ ଏକ ମାମଲା(ନଂ-୧୦୫/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୭୨ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଶୁଭାରମ୍ଭ

**ନିମାପଡ଼ା,୧୬।୬(ଡି.ଏନ୍.ଏ.)**

କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ସରକାର ନିର୍ଦ୍ଦେଶକ୍ରମେ ନିମାପଡ଼ା କଲେଜରେ ମଙ୍ଗଳବାର ୭୨ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର ଶୁଭାରମ୍ଭ ହୋଇ କାର୍ଯ୍ୟକ୍ଷମ ହୋଇଛି। ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ.କ୍ଷମାନିଧି ସେଠୀ, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧାରୀ ଡ.ପ୍ରଶାନ୍ତ ସାମନ୍ତରାୟ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେଣ୍ଟରର ଶୁଭାରମ୍ଭ କରିଥିଲେ। ଏହି ସେଣ୍ଟରରେ ୬ଜଣ ଡାକ୍ତର, ୬ଜଣ ଷ୍ଟାଫ ନର୍ସ, ୨ଜଣ ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ, ସୁଇପରଙ୍କ ସମେତ ମୋଟରେ ୨୮ଜଣ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ରହିବେ।

# ଚାନ୍ଦିନୀଚୌକରେ ହେବନି ରଥଯାତ୍ରା

**କଟକ ଅଫିସ,୧୬।୬**

ଚାନ୍ଦିନୀଚୌକ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଳନ ନ ହେବା ପାଇଁ ରଥଯାତ୍ରା ପରିଚାଳନା ସମିତି ବୈଠକରେ ନିଷ୍ପତ୍ତି ହୋଇଛି। ପରିଚାଳନା ସମିତି ସମ୍ପାଦକ ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏହା ସ୍ଥିର କରାଯାଇଛି। କରୋନା ସଂକ୍ରମଣରୁ ମାନବ ସମାଜକୁ ସୁରକ୍ଷା ଦେବା ଓ ସାମାଜିକ ଦୂରତ୍ୱ ରକ୍ଷା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ରଥଯାତ୍ରା କରାଯିବ ନାହିଁ। ନେତ୍ରୋତ୍ସବରୁ ନିଳାଦ୍ରୀ ବିଜୟ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ମନ୍ଦିରରେ ସମ୍ପନ୍ନ ହେବ। ଏହି ବୈଠକରେ କର୍ମକର୍ତ୍ତା ପୁରୁଷୋତ୍ତମ ପଟ୍ଟନାୟକ, ପ୍ରଦୀପ ସିଂ, ଅଜୟ ଦାସ, କେ. ଭାସ୍କର ରାଓ, ଚନ୍ଦ୍ରଶେଖର ସାହୁ, ଆନନ୍ଦ ଦାସ, ଶେଷଦେବ ମହାରଣା, ପ୍ରଫୁଲ୍ଲ ସିଂହ, ସାଲବେଗ, ସୁକାନ୍ତ ଦାସ, ମନୋଜ ବେହେରା, ଲୋକନାଥ ଦାସ ଓ ଚନ୍ଦନ ସାହୁ ଉପସ୍ଥିତ ଥିଲେ। ଶେଷରେ ବାମାଶଙ୍କର ରାଓ ଧନ୍ୟବାଦ ଦେଇଥିଲେ।

# ପୁରୀ: ୧୫ କରୋନା ପଜିଟିଭ ଚିହ୍ନଟ ଜିଲାକୁ ଫେରିଲେଣି ୧୬,୨୦୦ ପ୍ରବାସୀ

**ପୁରୀ ଅଫିସ,୧୬।୬**

ପୁରୀ ଜିଲାରୁ ମଙ୍ଗଳବାର ପୁଣି ୧୫ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୩ ଜଣ ସୁସ୍ଥ ହୋଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୭୦ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ମଙ୍ଗଳବାର ୩ ଜଣଙ୍କୁ ମିଶାଇ ମୋଟ ୧୦୩ ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୬୭ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ନୂଆ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ଦିଆଯାଇନାହିଁ। ଏମାନଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ଏବଂ ବାହାରୁ କେତେଜଣ ତାହା ସ୍ପଷ୍ଟ ହୋଇନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କିଛିଦିନ ଧରି ଜିଲାର ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ଗତ ୭ ଦିନରେ ପୁଣି ୬୨ ଜଣ ପଜିଟିଭ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି। ଅନ୍ୟପକ୍ଷରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ପୁରୀ ଜିଲାକୁ ବାହାର ରାଜ୍ୟରୁ ପାଖାପାଖି ୧୬,୨୦୦ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ହୋମ୍ କ୍ୱାରାଣ୍ଟାଇନରେ ଥିବାବେଳେ ୩,୭୪୧ ପ୍ରବାସୀ ବିଭିନ୍ନ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ଜିଲାର ସତ୍ୟବାଦୀ ବ୍ଲକର ୪ଟି ସ୍ଥାନ ସମେତ ପିପିଲି, କୃଷ୍ଣପ୍ରସାଦ, କାକଟପୁର, କଣାସ ଏବଂ ଡେଲାଙ୍ଗରେ ଗୋଟିଏ ଲେଖାଏ ଏହିପରି ମୋଟ ୯ଟି ସ୍ଥାନରେ କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି। ପ୍ରତିଦିନ ଜିଲାରୁ ପ୍ରାୟ ୧୫୦ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଉଛି। ତେବେ କରୋନା ମୁକାବିଲା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନକୁ ଜିଲାବାସୀ ପାଳନ କରୁଛନ୍ତି। ଆଉ କିଛିଦିନ ସମସ୍ତ ନିୟମକୁ ମାନିବା ଲାଗି ଜିଲାପାଳ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି।

# କଣ୍ଟ୍ରୋଲ୍ ରୁମ୍‌ରୁ ମହିଳାଙ୍କୁ ଧମକ ଘଟଣା: ଏଏସ୍‌ଆଇ ଗିରଫ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

କଟକରେ ରହୁଥିବା ଜଣେ ବିବାହିତ ମହିଳାଙ୍କୁ ଏକତରଫା ପ୍ରେମ କରି ଧମକ ଦେବା ଘଟଣାରେ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ମହିଳା ଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରସୁଲଗଡ଼ସ୍ଥିତ ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋରେ କାର୍ଯ୍ୟରତ ସିଗନାଲ ଏଏସ୍‌ଆଇ ସୁବ୍ରତ ଜ୍ଞାନରଞ୍ଜନ। ସୂଚନା ମୁତାବକ, ମହିଳା ଜଣଙ୍କ ସହ ପ୍ରାୟ ବର୍ଷେ ତଳେ ଫେସବୁକରେ ସୁବ୍ରତ ବନ୍ଧୁତା କରି ନମ୍ବର ଦିଆନିଆ ହୋଇଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କୁ ଏକତରଫା ପ୍ରେମ କରି ବିଭିନ୍ନ ସମୟରେ ଫେସ୍‌ବୁକ୍‌ରେ ଅଶ୍ଳୀଳ ମେସେଜ୍ କରୁଥିଲେ। ଏହାକୁ ମହିଳା ଜଣଙ୍କ ବାରଣ କରିବା ସତ୍ତ୍ୱେ ସୁବ୍ରତ ନ ମାନିବାରୁ ସେ ଫେସ୍‌ବୁକ୍, ଟୁଇଟର, ହ୍ୱାଟ୍ସଆପ ଏବଂ ଟିକ୍‌ଟକ ବନ୍ଦ କରି ଦେବା ସହ ତାଙ୍କ ଫୋନ୍ ନମ୍ବରକୁ ବ୍ଲକ୍ କରିଦେଇଥିଲେ। ଫଳରେ ପୋଲିସର ପଦବୀର ଅପବ୍ୟବହାର କରି ମହିଳାଙ୍କ କଲ୍ ଲିଷ୍ଟରେ ଥିବା ସମ୍ପର୍କୀୟଙ୍କ ଫୋନ୍ ନମ୍ବରକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଏଏସ୍‌ଆଇ ଜଣଙ୍କ କୋଭିଡ୍ କଣ୍ଟ୍ରୋଲ୍ ରୁମ୍‌ରୁ ଫୋନ୍ କରି ମହିଳାଙ୍କ ଉପରେ ଏସିଡ୍ ପକାଇବାକୁ ଧମକ ଦେଇଥିଲେ। ଏ ନେଇ ମହିଳା ଜଣଙ୍କ ଭୁବନେଶ୍ୱର ମହିଳା ଥାନାରେ ସୋମବାର ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ କେସ୍ ନଂ.୨୯/୨୦ ଦଫା ୩୫୪,୨୯୪,୫୦୬,୫୦୭ ଲଗାଇ ଅଭିଯୁକ୍ତ ସୁବ୍ରତଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ମହିଳା ଥାନା ଅଧିକାର ବନୀତା ମହାରଣା ଉକ୍ତ ମହିଳାଙ୍କର ସିଆର୍‌ପିସି ୧୬୧ରେ ବୟାନ ରେକର୍ଡ କରିଥିଲେ। ଏଥିସହ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଭାବେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ତଦନ୍ତ ସରିବା ପରେ ସୁବ୍ରତଙ୍କୁ ଗିରଫ କରିଥିଲେ।

# ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ

**ପିତୃଋଣ ପାଇଁ ୯ବର୍ଷର ଶିଶୁଙ୍କୁ ବନ୍ଧକ ରଖିବା ଘଟଣା**

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଡଲେଇପଟା ଗ୍ରାମରେ ଜଣେ ବ୍ୟକ୍ତି କରିଥିବା ଋଣକୁ ଶୁଝିବା ପାଇଁ ୯ବର୍ଷର ଶିଶୁକୁ ବନ୍ଧକ ରଖି ଦାଦନ ପରି ଖଟାଇବା ଘଟଣା ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ପହଞ୍ଚିଛି। ଏନେଇ ହୋଇଥିବା ଏକ ଆବେଦନକୁ କମିଶନ ଗୁରୁତର ସହ ନେଇଛନ୍ତି। ଘଟଣାର ତଦନ୍ତ ପରେ ତୁରନ୍ତ ପଦେକ୍ଷପ ନେବାକୁ କମିଶନ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଘଟଣା ସ୍ଥଳକୁ ଜିଲାପାଳ ଜଣେ ଅଧିକାରଙ୍କୁ ପଠାଇ ଉକ୍ତ ପିଲାଙ୍କୁ ଚିହ୍ନଟ କରିବେ। ଏହାପରିକି ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କମିଶନ କହିଛନ୍ତି। କଳାହାଣ୍ଡିର ମାନବିକ ଅଧିକାର କର୍ମୀ ଦୀଲ୍ଲୀପ କୁମାର ଦାଶଙ୍କ ଆବେଦନକୁ ଗ୍ରହଣ କରି ଏନ୍‌ଏଚ୍‌ଆରସି କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି।

### ନିମାପଡ଼ାରେ ୬ ପଜିଟିଭ ଚିହ୍ନଟ

**ନିମାପଡ଼ା,୧୬।୬(ଡି.ଏନ୍.ଏ.):** ନିମାପଡ଼ା ବ୍ଲକରେ ପ୍ରଥମଥର ପାଇଁ ମଙ୍ଗଳବାର ୬ଜଣଙ୍କ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏମାନେ ସମସ୍ତେ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିବା ଜଣାପଡ଼ିଛି। ଗତ ୧୩ ତାରିଖରେ ନିମାପଡ଼ାରୁ ୩୭ଜଣ ପ୍ରବାସୀଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ମଙ୍ଗଳବାର ସେସବୁର ରିପୋର୍ଟ ଆସିଥିବାବେଳେ ୬ଜଣଙ୍କ ପଜିଟିଭ ଚିହ୍ନଟ ହୋଇଥିବା ବିଡିଓ ମନୋଜ କୁମାର ବେହେରା, ନିମାପଡ଼ା ମେଡକାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କ୍ଷମାନିଧି ସେଠୀ, ଚାରିଛକ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଶାନ୍ତ ସାମନ୍ତରାୟ ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ନୂଆସନ୍ଥ ପଞ୍ଚାୟତର ୨ଜଣ ସୁରଟ ଫେରନ୍ତା, କୋଟକୋସାଙ୍ଗ ପଞ୍ଚାୟତର ଜଣେ ଯୁବତୀ ହାଇଦ୍ରାବାଦ ଫେରନ୍ତା, ମିଟେଇପୁର ପଞ୍ଚାୟତର ଜଣେ ଯୁବକ ମହାରାଷ୍ଟ୍ର ଫେରନ୍ତା, ଭିଲିଗ୍ରାମ ପଞ୍ଚାୟତର ଜଣେ ଯୁବତୀ ଓ ଜଣେ ଯୁବକ ମୁମ୍ବାଇ ଓ ଉତ୍ତରପ୍ରଦେଶ ଫେରନ୍ତା ବୋଲି ବିଡିଓ ବେହେରା ଏବଂ ସ୍ଥାନୀୟ ସରପଞ୍ଚମାନେ କହିଛନ୍ତି। ଚିହ୍ନଟ ବ୍ୟକ୍ତିମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ ହସ୍ପିଟାଲ ପଠାଯିବା ସହ ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଏହାସହ ଚିହ୍ନଟ ପ୍ରବାସୀମାନେ ରହୁଥିବା କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କରାଯାଇଛି।

# ଆକସ୍ମିକ ଭାବେ ଅପସରି ଗଲେ

**କଟକ ଅଫିସ,୧୬।୬**

ନିଜ ଅଭିନୟର ଯାଦୁରେ ଲୋକଙ୍କ ଭିତରେ ତାରକା ଭାବେ ପରିଚିତ ହୋଇ ଆସିଲାବେଳକୁ ହଠାତ୍ ସେମାନଙ୍କ ଆକସ୍ମିକ ମୃତ୍ୟୁ ସମସ୍ତଙ୍କୁ ହତଚକିତ କରିଦିଏ। ପ୍ରତିଷ୍ଠା ସେମାନଙ୍କ ପାଦ ଚୁମିଲା ବେଳକୁ ସେମାନେ କିନ୍ତୁ ପରଲୋକରେ ପାଦ ଦେଇସାରିଥାନ୍ତି। ସେମାନଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ଅନେକ କାରଣ, ନାନା ଚର୍ଚ୍ଚା ଘନୀଭୂତ ହୁଏ ସତ ; କିନ୍ତୁ ସତ୍ୟ ଉପରୁ ପରଦା ହଟିପାରେନି। ରହସ୍ୟ ଭିତରେ ରହିଯାଏ ତାରକାଙ୍କ ମୃତ୍ୟୁ। ଦୁଇଦିନ ତଳେ ପ୍ରତିଭାବାନ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆକସ୍ମିକ ମୃତ୍ୟୁ ସେହିଭଳି ଏକ ଉଦାହରଣ। ମାନସିକ ଅବସାଦ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ବଲିଉଡ୍ କିମ୍ବା ଓଲିଉଡ୍‌ରେ ସେଲିବ୍ରିଟି ବିଶେଷ କରି ପ୍ରତିଭାବାନ ତାରକାଙ୍କ ଆତ୍ମହତ୍ୟା କିମ୍ବା ସନ୍ଦେହଜନକ ମୃତ୍ୟୁ ଘଟଣାର ଅନେକ ନଜିର ରହିଛି।

### ଚର୍ଚ୍ଚାରେ ଥିଲା ଆଲବମ୍ ଷ୍ଟାର ପପୁଙ୍କ ଆକସ୍ମିକ ମୃତ୍ୟୁ



ଶୁଭକାନ୍ତ ସାହୁ ଓରଫ୍ ପପୁ। ଓଡ଼ିଆ ଆଲବମ ଜଗତରେ ପପୁ ଜଣେ ବେଶ୍ ପରିଚିତ ଚେହେରା ଥିଲେ। ଓଡ଼ିଆ ଆଲବମ ଜଗତକୁ ସେ ଅନେକ ସୁପରହିଟ୍ ଗୀତ ଦେଇଛନ୍ତି। ଏହାଛଡ଼ା ସିରିଏଲ ଓ ଚଳଚ୍ଚିତ୍ରରେ ମଧ୍ୟ ତାଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳୁଥିଲା। ୨୦୦୮ ମାର୍ଚ୍ଚ ୨୨ ତାରିଖ ହୋଲି ଦିନ ହଠାତ୍ ପପୁଙ୍କ ଝୁଲନ୍ତା ମୃତଦେହ ଭୁବନେଶ୍ୱର ଓଲ୍ଡଟାଉନସ୍ଥିତ ବାସଭବନରୁ ଉଦ୍ଧାର କରାଯାଇଥିଲା। ସଫଳତାର ଶିଡି ଚଢୁଥିବା ପପୁଙ୍କ ଆତ୍ମହତ୍ୟାକୁ କେହି ସହଜରେ ଗ୍ରହଣ କରିପାରି ନ ଥିଲେ। ମାନସିକ ଅବସାଦ ଯୋଗୁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଚର୍ଚ୍ଚା ହୋଇଥିଲେ ମଧ୍ୟ ଏହାକୁ ଖଣ୍ଡନ କରିଥିଲେ ତାଙ୍କ ଭାଇ ସୂର୍ଯ୍ୟକାନ୍ତ।

### ଟେଲି ଅଭିନେତ୍ରୀ ନିକିତା



୨୦୧୯ ଜାନୁୟାରୀ ୫ରେ ଟେଲିଭିଜନ ଦୁନିଆର ପରିଚିତ ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଛାତରୁ ପଡ଼ି ମୃତ୍ୟୁ ଘଟିଥିଲା। ୪ ତାରିଖରେ ସେ ମହାନଦୀ ବିହାରସ୍ଥିତ ବାପଘରେ ଥିବାବେଳେ ଏଭଳି ଘଟିଥିଲା। ମେଡ଼ିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଆତ୍ମହତ୍ୟା କରିଥିବା ପ୍ରଥମେ କୁହାଯାଉଥିଲେ ମଧ୍ୟ ପରେ ଚାଉଳିଆଗଞ୍ଜ ଥାନା ପୋଲିସ ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଗିରଫ କରିଥିଲା। ନିକିତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। କିନ୍ତୁ ଲିପନଙ୍କ ପରିବାର ଏହି ଘଟଣାକୁ ଗ୍ରହଣ ନ କରିବା ସହ ସବୁବେଳେ ଭିନ୍ନ ମତ ଦେଇଆସୁଥିଲେ।

### ରାଜାଙ୍କ ସନ୍ଦେହଜନକ ମୃତ୍ୟୁ



ଆଲବମ୍ ତଥା ଟିଭି ଅଭିନେତା ରାଜା ଓରଫ ରଣଜିତ ପଟ୍ଟନାୟକ ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରୁ ଏକ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲରୁ ଖସିପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ସାଥୀ କଳାକାର କହିଥିଲେ। କିନ୍ତୁ ପରେ ଏହାକୁ ନେଇ ବିବାଦ ଉପୁଜିବା ସହ ସନ୍ଦେହଘେରକୁ ଆସିଥିଲେ ଜଣେ ଅଭିନେତ୍ରୀ। ରାଜାଙ୍କ ସହ ସେଦିନ କାର୍ଯ୍ୟକ୍ରମକୁ ଯାଇଥିବା ଅଭିନେତ୍ରୀ ଜଣଙ୍କ ପୋଲିସର ତଦନ୍ତ ପରିସରଭୁକ୍ତ ମଧ୍ୟ ହୋଇଥିଲେ। ୨୦୧୬ ଫେବୃଆରୀ ପ୍ରଥମ ସପ୍ତାହର ଏହି ଘଟଣାକୁ ୪ବର୍ଷ ବିତିଥିଲେ ସୁଦ୍ଧା ମୃତ୍ୟୁ ଉପରୁ ପରଦା ହଟିନାହିଁ।

### ସେଲ୍‌ଫି ବେବୋ ସିମରନ୍



ସମ୍ବଲପୁରୀ ଆଲବମ୍‌ର ଲୋକପ୍ରିୟ କଳାକାର ସିମରନ ସିଂଙ୍କ ମୃତଦେହ ୨୦୧୯ ଜାନୁୟାରୀ ୩ରେ ସମ୍ବଲପୁର ଜିଲା ଗୋଇରାମଠ ନିକଟସ୍ଥ ମହାନଦୀ ବ୍ରିଜ ତଳୁ ମିଳିଥିଲା। ସେଲ୍‌ଫି ବେବୋ ଗୀତରେ ଅଭିନୟ କରି ସେ ସେହି ନାମରେ ହିଁ ପରିଚିତ ହୋଇଥିଲେ ସିମରନ। ସେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହୋଇଥିଲେ ମଧ୍ୟ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପରେ ସିମରନଙ୍କ ସ୍ୱାମୀ ଯୁଗ ସୁନାଙ୍କୁ ବୁର୍ଲା ଥାନା ଗିରଫ କରିଥିଲା।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଲାୟନ ପ୍ରଦୀପ୍ତ କୁମାର ପଣ୍ଡା
ମୁକ୍ତିପଥଗଳି, ନୂଆବସ୍ଷ୍ଟାଣ୍ଡ ରାସ୍ତା, ବ୍ରହ୍ମପୁର
ଆବିର୍ଭାବ: ୨୬।୦୧।୧୯୫୮
ଶେଷ ନିଃଶ୍ୱାସ: ୦୭।୦୬।୨୦୨୦
ଲାୟନ୍ସ ଜିଲ୍ଲା ୩୨୨ସି ୪ର ଗଭର୍ଣ୍ଣରଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ସମସ୍ତ ପରିବାର ବର୍ଗ ଓ ଲାୟନ୍ସର ଭାଇ, ଭଉଣୀମାନଙ୍କ ଆଖିରେ ଆଖିଏ ଲୁହ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କର ସେଇ ହସ ହସ ମୁହଁ ସରଳତା ଓ ନିଷ୍ଠା ସଦାସର୍ବଦା ଆମ୍ଭମାନଙ୍କ ମନରେ ଗଭୀର ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଆମର କାମନା।
-:ଶ୍ରଦ୍ଧାଞ୍ଜଳି ସହ:-
ପତ୍ନୀ: ସୁଜାତା, ଝିଅ: ଶିଲ୍ପା, ଶୀତଲ, ପୁଅ: ଅମିତ ଓ ସୌରଭ ଏବଂ ଲାୟନ୍ସ ଜିଲ୍ଲା ୩୨୨ସି ୪ର ସଦସ୍ୟ ବୃନ୍ଦ।
ଧ-୬୯୪୧୨

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



ସ୍ୱ ରସିକ ମୋହନ ପଟ୍ଟନାୟକ
ଆନନ୍ଦପୁର, ଜଗତ୍‌ସିଂହପୁର
ଆବିର୍ଭାବ : ୨୨.୧୧.୧୯୩୯
ତିରୋଧାନ: ୧୭.୦୬.୨୦୧୬
ଚାହୁଁ ଚାହୁଁ ଚାରି ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଏବେବି ଆମ ମନରେ ଉଜ୍ଜିବିତ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଝଙ୍କଡ଼ବାସିନୀ ମା ଶାରଳା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୧୭୫୦୮

## ସଂକ୍ଷେପରେ

### ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ଭାରତର ସ୍ଥାନ ୪୩

**ନୂଆଦିଲ୍ଲୀ,୧୬।୬:** ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ପକ୍ଷରୁ ପ୍ରକାଶ ପାଇଥିବା ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ଭାରତର ସ୍ଥାନ ୪୩ ରହିଛି। ଭିତ୍ତିଭୂମିରେ ଦୁର୍ବଳତା ଏବଂ ଶିକ୍ଷା କ୍ଷେତ୍ରରେ ନିବେଶ କମ୍ ରହିବା ଯୋଗୁ ର୍‍ୟାଙ୍କିଂରେ ଭାରତ ପଛୁଆ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ମୋଟ ୬୩ ଦେଶକୁ ନେଇ ହୋଇଥିବା ର୍‍ୟାଙ୍କରେ ସିଙ୍ଗାପୁର ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଭାରତ ବହୁ ପଛୁଆ ରହିଛି। ସେହିଭଳି ଦ୍ୱିତୀୟରେ ଡେନ୍‌ମାର୍କ, ତୃତୀୟରେ ସୁଇଜରଲାଣ୍ଡ, ୪ର୍ଥରେ ନେଦରଲ୍ୟାଣ୍ଡସ ଏବଂ ପଞ୍ଚମ ସ୍ଥାନରେ ହଂକଂ ରହିଛି। ବ୍ରିକ୍ସ ଦେଶଗୁଡିକ ମଧ୍ୟରେ ଆମେରିକା ୧୦ ଏବଂ ଚାଇନା ୨୦ ତମ ସ୍ଥାନକୁ ଖସିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

### ଆକାଶର ଦୀର୍ଘମିଆଦୀ ପାଠ୍ୟକ୍ରମ

**ନୂଆଦିଲ୍ଲୀ,୧୬।୬:** ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଆକାଶ ପ୍ରାଇମ କ୍ଲାସ୍ ଜରିଆରେ ଛାତ୍ରୀଛାତ୍ରଙ୍କ ଲାଗି ଦୀର୍ଘମିଆଦୀ ପାଠ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କ୍ଲାସ୍ ୮ରୁ ୧୨ ଏବଂ ୧୨ ପାସ୍ କରିଥିବା ଛାତ୍ରୀଛାତ୍ର ଏହାର ଲାଭ ଉଠାଇପାରିବେ। କ୍ଲାସ୍ ୧୧, ୧୨ ଏବଂ ୧୨ ପାସ୍ ପାଇଁ ଆକାଶ ପ୍ରାଇମ କ୍ଲାସ ଜେଇଇ ଓ ଏନ୍‌ଇଇଟି ପରୀକ୍ଷାର୍ଥୀଙ୍କ ଲାଗି ଆକାଶ ପ୍ରାଇମ କ୍ଲାସ୍‌ର ପରିଚାଳନା କରିବ। ୮,୯ ଏବଂ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲାଗି ଦୀର୍ଘମିଆଦୀ ଫାଉଣ୍ଡେଶନ କୋର୍ସ କ୍ଲାସ୍ ମଧ୍ୟ ଯୋଜନା କରାଯାଇଛି। ଉକ୍ତ ସମ୍ପ୍ରସାରିତ ପାଠ୍ୟକ୍ରମ ବ୍ୟବଧାନକୁ ଦୂର କରିବା ଦିଗରେ ସହାୟକ ହୋଇପାରିବ ବୋଲି ଆକାଶ ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଛାତ୍ରୀଛାତ୍ର ଯେକୌଣସି ସ୍ଥାନରେ ରହିଲେ ମଧ୍ୟ ଭଲ ଭାବେ ପ୍ରସ୍ତୁତି କରିପାରିବେ। ଅଡିଓ ଭିଜୁଆଲ ଉପକରଣ ସହ କ୍ଲାସ୍‌ରୁମ୍‌ରେ ଇଣ୍ଟରନେଟ ଜରିଆରେ ଲାଇଭଷ୍ଟ୍ରିମ ମାଧ୍ୟମରେ ଟୁଓ୍ୱେ ଇଣ୍ଟରାକ୍ଟିଭ ମାଧ୍ୟମରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବାକୁ ସକ୍ଷମ ହେବେ।

# ଭାରତ-ଚାଇନା ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରଭାବିତ ଆଶଙ୍କା

**ନୂଆଦିଲ୍ଲୀ,୧୬।୬**



ଚାଇନା ସହ ସୀମା ବିବାଦ ଲଗାତର ବଢ଼ିଚାଲିଛି। ଲଦାଖ ସୀମାରେ ଚାଇନା ସେନାର ବଳପୂର୍ବକ ପ୍ରବେଶ ଯୋଗୁ ଭାରତର ୩ ଯବାନ ଶହୀଦ ହୋଇଛନ୍ତି। ଏହାର ପ୍ରଭାବ ଦୁଇ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟ ଉପରେ ପଡ଼ିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏଠାରେ ଗୋଟିଏ କଥା ବିଚାର କରାଯାଇପାରେ ଯେ, ଭାରତ ଏବଂ ଚାଇନା ଆର୍ଥିକ ରୂପେ ଉଭୟଙ୍କ ଉପରେ କେତେ ନିର୍ଭରଶୀଳ। ବାଣିଜ୍ୟ କାରବାର ପ୍ରଭାବିତ ହେଲେ କାହା ଉପରେ କ'ଣ ପ୍ରଭାବ ରହିବ।

ଭାରତ ଏବଂ ଚାଇନା ମଧ୍ୟରେ ବାର୍ଷିକ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ସମ୍ପାଦିତ ହେଉଛି। ଭାରତ ପ୍ରତିବର୍ଷ ଚାଇନାଠାରୁ ୪.୯ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଆମଦାନୀ କରୁଛି। ସେହିଭଳି ଚାଇନା ଭାରତରୁ ୧.୨ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ନେଉଛି। ଏହାକୁ ଦେଖିଲେ ଚାଇନା ସହ ଭାରତର ବାଣିଜ୍ୟିକ ଘାଟା ପୂରା ପ୍ରଭାବିତ ସ୍ଥିତିରେ ରହିଛି। ମାତ୍ର ଅନ୍ୟପକ୍ଷରେ ବିଚାରକଲେ ଚାଇନା ଲାଗି ଭାରତ ଏକ ପ୍ରମୁଖ ରପ୍ତାନି ବଜାର। କୌଣସି ସ୍ଥିତିରେ ଏହା ଭାରତ ସହ ବାଣିଜ୍ୟ ଯୁଦ୍ଧ କରିବାକୁ ଚାଇନା ଚାହିଁବ ନାହିଁ। ଭାରତ ଚାଇନାକୁ ଯେତେ ପରିମାଣର ସାମଗ୍ରୀ ଯୋଗାଉଛି ତା'ର ଚାରିଗୁଣ ସାମଗ୍ରୀ ସେହି ଦେଶରୁ ଆମଦାନୀ କରୁଛି। ଏକ ରିପୋର୍ଟ ମୁତାବକ, ଏପ୍ରିଲ ୨୦୧୯ରୁ ଜାନୁୟାରୀ ୨୦୨୦ ମଧ୍ୟରେ ଭାରତଠାରୁ ଚାଇନା ୧୪.୪୨ ବିଲିୟନ ଡଲାରର ସାମଗ୍ରୀ କ୍ରୟ କରିଛି। ଏହି ସମୟ ମଧ୍ୟରେ ଭାରତ ଚାଇନାଠାରୁ ୫୭.୯୩ ବିଲିୟନ ଡଲାରର ସାମଗ୍ରୀ କ୍ରୟ କରିଛି।

ଚଳିତ ବର୍ଷ ମାର୍ଚ୍ଚ ୨୫ରେ ସରକାର ଲକ୍‌ଡାଉନ ଘୋଷଣା କରିଥିଲେ। ଜାନୁୟାରୀ ଏବଂ ଫେବୃୟାରୀରେ ଚାଇନା ଭାରତକୁ ୯.୫ ବିଲିୟନ ଡଲାରର ସାମଗ୍ରୀ ବିକ୍ରି କରିଛି। ଏହି ସମୟରେ ଭାରତର ରପ୍ତାନି ଚାଇନାକୁ ୨.୫ ବିଲିୟନ ଡଲାର ରହିଛି। କରୋନା କାରଣରୁ ଗତବର୍ଷ ତୁଳନାରେ ଏଥିରେ ୧୧ରୁ ୧୨% ହ୍ରାସ ଦେଖାଯାଇଛି। ଭାରତରେ ପ୍ରତି କ୍ଷେତ୍ରରେ କମ୍ପାନୀ ଚାଇନା ଉପରେ ନିର୍ଭର କରିଥାନ୍ତି। ଔଷଧ ସମେତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ର ୬୮% ଚାଇନାର ରପ୍ତାନି ଉପରେ ନିର୍ଭରଶୀଳ। ଏହି ନିର୍ଭରତା ଇଲେକ୍‌ଟ୍ରୋନିକ୍ସରେ ୪୩%, ଗାର୍ମେଣ୍ଟରେ ୭୦% ଏବଂ ଅଟୋମୋବାଇଲ ସେକ୍ଟରରେ ପ୍ରାୟ ୯% ରହିଛି। ଭାରତର ଇଣ୍ଟରନେଟ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକରେ ଚାଇନା କମ୍ପାନୀ ବୃହତ୍ ପରିମାଣର ନିବେଶ କରିଛନ୍ତି। ଚାଇନା ଯଦି ନିଜ ନିବେଶ ପ୍ରତ୍ୟାହାର କରିନିଏ ଏହାଦ୍ୱାରା ଭାରତୀୟ କମ୍ପାନୀଗୁଡ଼ିକ କ୍ଷତିଗ୍ରସ୍ତ ହୁଏ। ଗତ କିଛି ବର୍ଷ ଧରି ଚାଇନା କମ୍ପାନୀଗୁଡ଼ିକ ଭାରତରେ ବଡ ଧରଣର ନିବେଶ କରିଥିବା ଦେଖାଯାଏ। ୨୦୧୪ରେ ଏହି ନିବେଶ ୧୨ ହଜାର କୋଟି ଟଙ୍କା ଥିବା ବେଳେ ଗତ ୬ ବର୍ଷରେ ଏହା ୬୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହାବାଦ ସିଙ୍ଗାପୁରରେ ରହିଥିବା ଚାଇନାର ସହାୟକ କମ୍ପାନୀଗୁଡିକ ଭାରତରେ ନିବେଶ କରିଥିବା ଜଣାପଡିଛି।

୨୦୧୯ରେ ଚାଇନା ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକରେ ନିବେଶକୁ ବଢ଼ାଇଛି। ୨୦୧୮ରେ ଉକ୍ତ ନିବେଶ ୧୫ ହଜାର କୋଟି ଟଙ୍କା ଥିଲା। ୨୦୧୯ରେ ଏହା ୨୯ ହଜାର କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଭାରତର ୩୦ ବଡ ଷ୍ଟାର୍ଟଅପ୍ କମ୍ପାନୀ ମଧ୍ୟରୁ ୧୮ଟିରେ ଚାଇନା ନିବେଶ ରହିଛି। ଦେଶର ବଡ ଇଣ୍ଟରନେଟ କମ୍ପାନୀଗୁଡିକରେ ଚାଇନାର ନିବେଶ ରହିଛି। ପେଟିଏମ୍‌ରେ ଆଲିବାବା, ଆଲିବାବା ଗ୍ରୁପ୍ ଏବଂ ଆଣ୍ଟ ଫାଇନାନ୍ସିଆଲ, ଓଲାରେ ଟେନସେଣ୍ଟ, ଡିଜି କସ୍ଟିଙ୍ଗ, ଓୟୋ ହୋଟେଲ୍ସରେ ଦିଦି ୟୁସିଙ୍ଗ, ହୁଆଜ ହୁହୁଇ, ସ୍ନାପ୍‌ଡିଲ୍‌ରେ ଆଲିବାବା ଗ୍ରୁପ୍, ସ୍ୱିଗିରେ ଟେସେଣ୍ଟ, ମିତୁଆନ ଭଳି କମ୍ପାନୀ ନିବେଶ କରିଛନ୍ତି। ଦେଶର ୧୨ ବଡ କମ୍ପାନୀରେ ଚାଇନା ନିବେଶ କରିଛି। ୧୯ କମ୍ପାନୀରେ ଟେସେଣ୍ଟ, ୧୬ କମ୍ପାନୀରେ ସୁନବାଇ କ୍ୟାପିଟାଲ, ୧୦ କମ୍ପାନୀରେ ସ୍ୱସ୍ତିକା, ୮ଟିରେ ସାଓମି, ୬ଟିରେ ଫୋସୁନ ଆର୍‌ଜେଡ, ୫ଟିରେ ହିଲହାଉସ କ୍ୟାପିଟାଲ, ୪ଟିରେ ଏନ୍‌ଜିପି କ୍ୟାପିଟାଲ, ୩ଟିରେ ଆଲିବାବା ଗ୍ରୁପ୍, ୩ଟିରେ ଏକ୍ସିମ କ୍ୟାପିଟାଲ ପାର୍ଟନର୍ସର ନିବେଶ ରହିଛି। ଚାଇନା କମ୍ପାନୀଗୁଡିକର ନିବେଶ ବଢୁଥିବାରୁ ଭାରତ ସରକାର ଏଫ୍‌ଡିଆଇ ନିୟମରେ ନିକଟରେ ପରିବର୍ତ୍ତନ କରିଛନ୍ତି।

ସ୍ମାର୍ଟଫୋନ ବଜାରରେ ଚାଇନା କମ୍ପାନୀଗୁଡିକର ଅଂଶ ୭୦% ରହିଛି। ଭାରତର ସ୍ମାର୍ଟଫୋନ ବଜାରରେ ଚାଇନା କମ୍ପାନୀର କାଟତି ରହିଛି। ଭାରତରେ ସ୍ମାର୍ଟଫୋନ ବଜାର ପ୍ରାୟ ୨ ଲକ୍ଷ କୋଟି ଟଙ୍କା ହେବ। ଚାଇନା ବ୍ରାଣ୍ଡ ଓପୋ, ସାଓମି, ରେଡମି ଭଳି କମ୍ପାନୀ ଭାରତୀୟ ବଜାରକୁ କବ୍‌ଜା କରି ନେଇଛନ୍ତି। ସେହିଭଳି ୨୫ ହଜାର କୋଟି ଟଙ୍କାର ଟେଲିଭିଜନ ବଜାରରେ ଚାଇନିଜ ବ୍ରାଣ୍ଡର ଅଂଶ ୪୫% ରହିଛି। ଭାରତର ୫୦ ହଜାର କୋଟି ଟଙ୍କାର ହୋମ୍ ଆପ୍ଲାଏନ୍ସ ବଜାରରେ ଚାଇନା କମ୍ପାନୀର ଅଂଶ ୧୦ରୁ ୧୨%। ୪୩ ଲକ୍ଷ କୋଟି ଅଟୋ କମ୍ପୋନେଣ୍ଟ ବଜାରରେ ଚାଇନାର ଅଂଶ ୨୬%। ୧.୫ ଲକ୍ଷ କୋଟି ଟଙ୍କାର ଫାର୍ମାସିଟିକାଲ ବଜାରରେ ଚାଇନା ଅଂଶ ୬୦% ରହିଛି। ଭାରତୀୟ ଟେଲିକମ ଇକ୍ୱିପମେଣ୍ଟ ବଜାରରେ ଚାଇନା ଅଂଶ ପ୍ରାୟ ୨୫% ରହିଛି।

ଭାରତୀୟ ଅର୍ଥ ବ୍ୟବସ୍ଥାରେ ଚାଇନା କମ୍ପାନୀଗୁଡିକ ଗୁରୁତ୍ୱ ରଖୁଛନ୍ତି। ଭାରତୀୟ କମ୍ପାନୀଗୁଡିକ ଚାଇନାର ରପ୍ତାନି ଉପରେ ନିର୍ଭର କରିଥାନ୍ତି। ଏଭଳି ସ୍ଥିତିରେ ଭାରତ ହଠାତ୍ ଚାଇନା ସାମଗ୍ରୀ ବର୍ଜନ କରିପାରିବ ନାହିଁ। ଅପରପକ୍ଷରେ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ନେଇ ମଧ୍ୟ ଚିନ୍ତା କରିପାରିବ ନାହିଁ। ଚାଇନା ଲାଗି ମଧ୍ୟ ଭାରତ ଏକ ବଡ ବଜାର। ବିଶ୍ୱର ପ୍ରମୁଖ ବଜାର ମଧ୍ୟରେ ଭାରତ ଆସୁଛି। ଭାରତ ଯଦି ଚାଇନା ସାମଗ୍ରୀ ବର୍ଜନକରେ ତେବେ ଚାଇନାକୁ ମଧ୍ୟ କ୍ଷତି ସହିବାକୁ ପଡିବ। ସୀମାରେ ଜାରି ରହିଥିବା ବିବାଦ ସତ୍ତ୍ୱେ ମଧ୍ୟ ଚାଇନା କେବେ ଚାହିଁବ ନାହିଁ ଯେ ଭାରତ ସହ ବାଣିଜ୍ୟିକ ସମ୍ପର୍କ ଖରାପ ହେଉ।

## ତେଲ ଦର ସହ ବୃଦ୍ଧି ହେଲା ଏଟିଏଫ୍ ଦର

**ନୂଆଦିଲ୍ଲୀ,୧୬।୬**

ଦେଶରେ ତେଲ ଦର କ୍ରମାଗତ ଭାବେ ୧୦ ଦିନ ହେଲା ବୃଦ୍ଧି ପାଉଥିବା ବେଳେ ଏହି ସମୟରେ ବିମାନ ଇନ୍ଧନ(ଏଟିଏଫ)ର ଦର ପ୍ରାୟ ୧୬.୩% ବୃଦ୍ଧି ଘଟିଛି। ଫଳରେ ଏହାର ଦାମ କିଲୋ ଲିଟର ୫୪୯୪.୫ ଟଙ୍କା ବୃଦ୍ଧି ଘଟି ୩୯,୦୬୯.୮୭ଟଙ୍କାରେ ପହଞ୍ଚିଛି। ଏହାର ମୂଳ ଦରରୁ ୧୬.୩% ଅଧିକ ବୋଲି ବିଭିନ୍ନ ତୈଳ ବିପଣନ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ଦ୍ୱିତୀୟ ଥର ଏଟିଏଫ୍ ଦର ବୃଦ୍ଧି ହୋଇଛି। ଜୁନ ୧ରେ ଏଥିରେ ପ୍ରତି କିଲୋ ଲିଟର ପିଛା ରେକର୍ଡ ୫୬.୫% (୧୨,୧୨୬.୭୫ଟଙ୍କା) ବୃଦ୍ଧି ଘଟିଥିଲା। ସେହିଭଳି ଜୁନ ୭ରୁ ଆଜି ପର୍ଯ୍ୟନ୍ତ କ୍ରମାଗତ ଭାବେ ଦେଶର ତେଲ ଦର ବୃଦ୍ଧି ପାଉଛି। ଫଳରେ ବିଗତ ୧୦ଦିନ ମଧ୍ୟରେ ଦେଶର ତେଲ ଦର ପେଟ୍ରୋଲ ଲିଟର ଉପରେ ୫.୪୭ଟଙ୍କା ଏବଂ ଡ଼ିଜେଲ ୫.୮୦ଟଙ୍କା ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ କମ୍ପାନୀ ଗୁଡିକର ସୂଚନା ଅନୁସାରେ ସୋମବାର ପେଟ୍ରୋଲ ଲିଟର ପିଛା ୪୭ ପଇସା ଏବଂ ଡ଼ିଜେଲ ୯୩ ପଇସା ବୃଦ୍ଧି ପାଇଛି। ଯାହାଫଳରେ ପେଟ୍ରୋଲ ଦର ୭୬.୨୬ଟଙ୍କାରୁ ବୃଦ୍ଧି ପାଇ ୭୬.୭୩ଟଙ୍କାରେ ପହଞ୍ଚିଛି। ସେହିଭଳି ଡ଼ିଜେଲ ଦର ୭୪.୨୬ ଟଙ୍କାରୁ ବୃଦ୍ଧି ପାଇଁ ୭୫.୧୯ଟଙ୍କା ଛୁଇଁଥିବା ଜଣାପଡିଛି।

## ଛଟେଇ କରିବନି ସାହାରା ଗ୍ରୁପ

**ନୂଆଦିଲ୍ଲୀ,୧୬।୬**

ବର୍ତ୍ତମାନ କୋଭିଡ୍-୧୯ ଲାଗି ବଜାରରେ ଚ୍ୟାଲେଞ୍ଜିଂ ସ୍ଥିତି ଉପୁଜିଛି। ଏଭଳି ସମୟରେ ବିଭିନ୍ନ କମ୍ପାନୀ କର୍ମଚାରୀ ଛଟେଇ କରୁଥିବା ଦେଖାଯାଉଛି। ଅପରପକ୍ଷରେ ବର୍ତ୍ତମାନ କୌଣସି କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ ବୋଲି ସାହାରା ଗ୍ରୁପ୍ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଗ୍ରୁପ୍ ପକ୍ଷରୁ ୪.୦୧ ଲକ୍ଷ କର୍ମଚାରୀଙ୍କୁ ପଦୋନ୍ନତି ଦେବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଗ୍ରୁପ୍‌ରେ ୧୪ ଲକ୍ଷ ୱାର୍କର କାମ କରୁଥିବା ବେଳେ ଲକ୍‌ଡାଉନ ପାଇଁ କାରବାର ପ୍ରଭାବିତ ହୋଇଛି। କାରବାର କ୍ଷତିଗ୍ରସ୍ତ ରହିଲେ ମଧ୍ୟ କର୍ମଚାରୀଙ୍କ ନିରାପତ୍ତାକୁ ଧ୍ୟାନରେ ରଖି କୌଣସି ଛଟେଇ କରାଯିବ ନାହିଁ ବୋଲି ଏହା ଗ୍ରୁପ୍ ମତ ରଖିଛି। ବର୍ତ୍ତମାନ କର୍ମଚାରୀ ଖରାପ ସ୍ଥିତିରେ ରହିଥିବାରୁ ସେମାନଙ୍କ ଜୀବିକା କମ୍ପାନୀ ଲାଗି ଗୁରୁତ୍ୱ ବହନ କରିଥାଏ। ଏହାକୁ ଧ୍ୟାନରେ ରଖି କୌଣସି କଠିନ ନିଷ୍ପତ୍ତି ନିଆଯାଇ ନ ଥିବା ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି।

## ଅନ୍ତର୍ଜାତୀୟ ବିମାନ ସେବା ନେଇ ଜୁଲାଇରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୧୬।୬**

ବର୍ତ୍ତମାନ କରୋନା ସ୍ଥିତି ସୁଧୁରି ନ ଥିବାରୁ ସରକାର ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି ଦେଇ ନାହାନ୍ତି। ମେ ୨୫ଠାରୁ ଦେଶ ମଧ୍ୟରେ ବିମାନ ସେବାକୁ ଅନୁମତି ମିଳିଛି। ସ୍ଥିତି ଠିକ୍‌ଠାକ୍ ହେଲେ ବିଦେଶକୁ ବିମାନ ସେବା ନେଇ ଜୁଲାଇରେ ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି।

## ଓନିଡା ଆଣିଲା ନୂଆ ରେଫ୍ରିଜରେଟର



**ନୂଆଦିଲ୍ଲୀ,୧୬।୬:** ମେଡ୍ ଇନ୍ ଇଣ୍ଡିଆ ବ୍ରାଣ୍ଡ ଓନିଡା କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ଏବଂ ହୋମ୍ ଆପ୍ଲାଏନ୍ସ ସେଗ୍‌ମେଣ୍ଟରେ ପ୍ରବେଶ କରିଛି। କମ୍ପାନୀ ବର୍ତ୍ତମାନ ଇନ୍‌ଷ୍ଟା ଚିଲ୍ ରେଫ୍ରିଜରେଟର ବଜାରର ପ୍ରବେଶ କରାଇଛି। ଗତ ୩୯ ବର୍ଷ ଧରି ଗ୍ରାହକଙ୍କୁ ସେବା ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରି ଆସୁଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତରେ ନିଜର ଯୋଗଦାନ ରଖିବା ସହ ପ୍ରଡକ୍ଟ ଗ୍ରାହକଙ୍କୁ ଯୋଗାଣ ଦିଗରେ କମ୍ପାନୀ ବର୍ତ୍ତମାନ କାର୍ଯ୍ୟ କରୁଛି। କମ୍ପାନୀର ନୂଆ ପ୍ରଡକ୍ଟ ଫାଷ୍ଟ କୁଲିଂ କ୍ଷମତା ସହ ବଜାରକୁ ଆସିଛି। ମଡେଲଟିକୁ ଉନ୍ନତ ଭାବେ ଡିଜାଇନ ମଧ୍ୟ କରାଯାଇଛି। ପରିବେଶ ଅନୁକୂଳ ଏହି ପ୍ରଡକ୍ଟକୁ ଗ୍ରାହକମାନେ ପ୍ରମୁଖ ଇ-କମର୍ସ ସାଇଟଗୁଡିକରୁ ମଧ୍ୟ ବୁକିଂ କରିବାକୁ ସକ୍ଷମ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ରାଜ୍ୟ ଖବର

# ପୋଲିସର ନିରପେକ୍ଷତା ଉପରେ ପ୍ରଶ୍ନ

**ନୟାଗଡ଼ ଅଫିସ,୧୬।୬**

**ଦଶପଲ୍ଲାର ପୂର୍ବତନ ବିଡିଓଙ୍କୁ ହତ୍ୟା ଉଦ୍ୟମ ଘଟଣା**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ପୂର୍ବତନ ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କୁ ହତ୍ୟା ଉଦ୍ୟମ ଓ ସରକାରୀ ବାସଭବନ ଭଙ୍ଗାରୁଜା ଘଟଣାର ୩ଦିନ ବିତିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ। ଘଟଣାର ତଦନ୍ତ ଉପରେ ପୋଲିସର ନିରପେକ୍ଷତା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବତନ ବିଡିଓ ଏ ନେଇ ଏକ ଭିଡିଓ ବାର୍ତ୍ତା ଜରିଆରେ ଥାନା ଆଇଆଇସିଙ୍କୁ ସମାଲୋଚନା କରିଛନ୍ତି। ଭିଡିଓରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ, କ୍ୱାର୍ଟର୍ସ ଭଙ୍ଗାରୁଜା ସମୟରେ ୭ଜଣ ଉପସ୍ଥିତ ଥିଲେ। ସେ ସମୟରେ ଅପରାଧୀଙ୍କ କଥାରେ ଆଇଆଇସି ନୀରବତା ଅବଲମ୍ବନ କରିଥିଲେ। ଅପରାଧୀଙ୍କୁ ଗିରଫ ବଦଳରେ ପଳାଇଯିବାକୁ ପରାମର୍ଶ ଦେଇଥିଲେ। ଆଇଆଇସି ତାଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ସରକାରୀ ବାସଭବନ ଭଙ୍ଗାରୁଜା ହେଲା। ସେ ଯଦି ଅଭିଯୁକ୍ତମାନଙ୍କୁ ଅଟକାଇଥାନ୍ତେ ତେବେ ଫେରାର ହେବାକୁ ସୁଯୋଗ ମିଳି ନ ଥାନ୍ତା। ଆଇଆଇସିଙ୍କ ଫୋନ ରେକର୍ଡ ଓ ସରକାରୀ ବାସଭବନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କଲେ ସତ ପଦାକୁ ଆସିବ। ଏ ନେଇ ପୂର୍ବତନ ବିଡିଓ ଓଏଏସ୍ ଆସୋସିଏଶନ, ଜିଲା ପ୍ରଶାସନ, ବରିଷ୍ଠ ଅଧିକାରୀଙ୍କୁ ଜଣାଇଛନ୍ତି। ଏପରି କି କୋର୍ଟରେ ମଧ୍ୟ ଆଶ୍ରୟ ନେଇଥିବା କହିଛନ୍ତି। ବିଡିଓ ଆହୁରି କହିଛନ୍ତି, ମୁଁ ନିଶ୍ଚିତ ଯେ ଅପରାଧୀମାନେ ଭୁବନେଶ୍ୱରରେ ଅଛନ୍ତି। ମୁଁ ଯେବେ ଭୁବନେଶ୍ୱର ଯିବି ସେମାନେ ମୋତେ ପୁନର୍ବାର ଆକ୍ରମଣ କରିବେ। ମୋର ଯଦି କିଛି ଅସୁବିଧା ହୁଏ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ସମେତ ଉପେନ୍ଦ୍ର ସାହୁ, ଜୁନା ସିଂ, ସୂର୍ଯ୍ୟମଣି ଦାସ, ବୁବୁ ପଟ୍ଟନାୟକ ପ୍ରମୁଖ ଦାୟୀ ରହିବେ। ଅଭିଯୋଗ ଅନୁସାରେ ଦଶପଲ୍ଲାର ପୂର୍ବତନ ବିଡିଓ ମହାନ୍ତି ଦଶପଲ୍ଲାସ୍ଥ ସରକାରୀ ବାସଭବନରେ ଥିଲେ। ସେଦିନ ୧୪ ତାରିଖ ରବିବାର ଶଟ୍‌ଡାଉନ ଥାଏ। ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁଙ୍କ ସ୍ୱାମୀ ଉପେନ୍ଦ୍ର ସାହୁ, ଜୁନା ସିଂ, ସୂର୍ଯ୍ୟମଣି ଦାସ, ଏକ୍ସ କାଉନ୍‌ସିଲର ବୁବୁ ପଟ୍ଟନାୟକଙ୍କ ନେତୃତ୍ୱରେ ଉପେନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ସାହୁ, ସୁମନ ବେହେରା ଓ ଅଶ୍ୱିନୀ ସାହୁ ପ୍ରମୁଖ ମିଳିତ ହୋଇ ବ୍ଲକ ଗେଟ ତାଲା ଭାଙ୍ଗି କ୍ୱାର୍ଟର୍ସରେ ପଶିଥିଲେ। ପରେ ଝରକା, କବାଟ ଭଙ୍ଗାରୁଜା କରିବା ସହ ଟେକାପଥର ମାଡ କରିଥିଲେ। ଏ ନେଇ ଦଶପଲ୍ଲା ଥାନାରେ ଅଭିଯୋଗ ପରେ ପୋଲିସ ୮୨/୨୦ରେ ମାମଲା ରୁଜୁ କରିଥିଲା। ଗଣିଆ ଥାନା ଆଇଆଇସି ଘଟଣାର ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ଆଇଆଇସି ବିଶ୍ୱଜିତ ରାଉତରାୟ କହନ୍ତି, ପୋଲିସ ଅଭିଯୋଗ ପାଇ ଘଟଣାସ୍ଥଳକୁ ଯାଇ ଶାନ୍ତି ବଜାୟ ରଖିଥିଲା। ପୋଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇବା ଠିକ୍ ନୁହେଁ।

# ଜୀବନ ପରିବର୍ତ୍ତେ ଜୀବିକାକୁ ପ୍ରାଧାନ୍ୟ

**ଅନୁଗୋଳ ଅଫିସ, ୧୬।୬**



- ପଶ୍ଚିମବଙ୍ଗରୁ ସାଇକେଲରେ ଅନୁଗୋଳ
- ଲକ୍‌ଡାଉନ୍ ପୂର୍ବରୁ ଘରକୁ ଯାଇଥିଲେ
- ପରିବାର ପ୍ରତିପୋଷଣ ଚିନ୍ତା ଫେରାଇଆଣିଲା କର୍ମସ୍ଥଳୀକୁ

କରୋନା ମହାମାରୀ ସମୟରେ ଜୀବନ ବଡ଼ ନା ଜୀବିକା। ଏ ନେଇ ଥିବା ଦ୍ୱନ୍ଦ୍ୱ ଦୂର ହୋଇ ନ ଥିବାବେଳେ ଜୀବିକାକୁ ପ୍ରାଧାନ୍ୟ ଦେଇ କର୍ମସ୍ଥଳୀ ଅନୁଗୋଳରେ ପହଞ୍ଚିଛନ୍ତି ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ଶମ୍ଭୁନାଥ ଭୂୟାଁ। ନିଜ ସାଇକେଲରେ ସେ ଦୀର୍ଘ ୪୪୩ କିଲୋମିଟର ଅତିକ୍ରମ କରି ଅନୁଗୋଳରେ ପହଞ୍ଚିବା ପରେ ତାଙ୍କୁ ୭ ଦିନ ପାଇଁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ପରିବାର ପ୍ରତିପୋଷଣ ଚିନ୍ତା ତାଙ୍କୁ କର୍ମକ୍ଷେତ୍ରକୁ ଟାଣି ଆଣିଥିବା ଶମ୍ଭୁନାଥ କହିଛନ୍ତି।

ଶମ୍ଭୁନାଥଙ୍କ କହିବା ଅନୁଯାୟୀ, ଅନୁଗୋଳରେ ସେ ବ୍ୟାଗ ସିଲେଇ କାମ କରନ୍ତି। ପାରିଶ୍ରମିକ ଭାବେ ଯାହା ପାଆନ୍ତି ସେଥିରେ ତାଙ୍କ ପରିବାର ଚଳିଥାଏ। ଲକ୍‌ଡାଉନ ଘୋଷଣା ପୂର୍ବରୁ ସେ ଘରକୁ ଯାଇଥିଲେ। ଏହାପରେ କଟକଣା ଯୋଗୁ ଆଉ ଫେରିପାରି ନ ଥିଲେ। କରୋନା ସଂକ୍ରମଣ ଭୟରେ ସେ ୩ ମାସ ଘରେ ବସିରହିଥିଲେ। ହେଲେ ପରିବାର ଚଳାଇବା କଷ୍ଟକର ହୋଇପଡିବାରୁ ସେ ଜୀବନକୁ ବିପଦରେ ପକାଇ ଜୀବିକା ବଞ୍ଚାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେଥିପାଇଁ ସାଇକେଲଟିଏ ଧରି ଅନୁଗୋଳ ଅଭିମୁଖେ ବାହାରି ପଡ଼ିଥିଲେ। ୩ ଦିନ ଧରି ସାଇକେଲ ଚଳାଇ ଓ ଚା' ବିସ୍କୁଟ ଖାଇ ସେ ଅନୁଗୋଳରେ ପହଞ୍ଚିଥିଲେ। ରାତିରେ ସାଇକେଲ ଚଳାଇବାକୁ ଭୟ ଲାଗୁଥିଲେ ମଧ୍ୟ ବାଧ୍ୟହୋଇ ସେ ଦୀର୍ଘ ପଥ ଅତିକ୍ରମ କରିଥିଲେ। ରାତି ଅଧିକ ହେଲେ ରାସ୍ତା ପାର୍ଶ୍ୱରେ ଶୋଇପଡୁଥିଲେ। ଅନୁଗୋଳରେ ପହଞ୍ଚିବା ପରେ ପୌରପାଳିକା ପକ୍ଷରୁ ତାଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ୭ ଦିନିଆ ସଙ୍ଗରୋଧ ଶେଷ ହେବା ପରେ ସେ ଅନୁଗୋଳ ବଜାରରେ ବ୍ୟାଗ ସିଲେଇ କରି କିଛି ରୋଜଗାର କରିବେ ବୋଲି ଶମ୍ଭୁନାଥ କହିଛନ୍ତି।

## ନେବୁଲାଇଜର କିଣାରେ ଦୁର୍ନୀତି ଅଭିଯୋଗ କଲା କଂଗ୍ରେସ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) କରୋନା ସମୟରେ ଔଷଧ ନିଗମ ଦ୍ୱାରା ଜିନିଷପତ୍ର କିଣା ବିରୋଧରେ ୬ ଅଭିଯୋଗ ଆଣିଥିଲା। ସେସବୁ ଅଭିଯୋଗର ସ୍ପଷ୍ଟୀକରଣ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଦେଲେନାହିଁ। ବିଜେଡି ମୁଖପାତ୍ର ଯେଉଁ ସ୍ପଷ୍ଟୀକରଣ ଦେଲେ ତାହା ମିଥ୍ୟା ଓ ଅସତ୍ୟ ଉପରେ ଆଧାରିତ ବୋଲି କଂଗ୍ରେସ ନେତା ସୁଦର୍ଶନ ଦାସ ଅଭିଯୋଗ କରିଛନ୍ତି।

ସୁଦର୍ଶନ ଆହୁରି କହିଛନ୍ତି, ଔଷଧ ନିଗମ ଦ୍ୱାରା ନେବୁଲାଇଜର କିଣାରେ ବ୍ୟାପକ ଅନିୟମିତତା କରାଯାଇଛି। ଏକ ନିର୍ଦ୍ଦିଷ୍ଟ କମ୍ପାନୀ ମାର୍ଚ୍ଚ ୨୧ରେ ପ୍ରତି ନେବୁଲାଇଜର ପିଛା ୩୧୦୦ ଟଙ୍କାର କୋଟେଶନ ଦେଇଥିଲା। ଏହି ସମାନ କମ୍ପାନୀ ପୁଣିଥରେ ମାର୍ଚ୍ଚ ୨୩ରେ ଏହାକୁ ବଢ଼ାଇ ୫୯୦୦ ଟଙ୍କାର କୋଟେଶନ ଦେଲା ଏବଂ ପରେ ମାର୍ଚ୍ଚ ୨୫ରେ ଔଷଧ ନିଗମ ପ୍ରତି ନେବୁଲାଇଜର ପିଛା ୫୯୦୦ ଟଙ୍କା ହିସାବରେ ୫ଶହ ପିସ୍‌ର ସେହି କମ୍ପାନୀକୁ ଅର୍ଡର ଦେଲେ। କେଉଁ ପରିପ୍ରେକ୍ଷୀରେ ନେବୁଲାଇଜର ଦାମ୍‌କୁ ୩୧୦୦ ଟଙ୍କାରୁ ୫୯୦୦ ଟଙ୍କାକୁ ବଢ଼ାଇ ଦିଆଗଲା ଏବଂ ସେହି ଦାମ୍‌ରେ ଔଷଧ ନିଗମ ୫୦୦ପିସ୍ କିଣିଲେ ତା'ର ଜବାବ ରାଜ୍ୟ ସରକାର ଦେବେକି ବୋଲି ସେ ପ୍ରଶ୍ନ କରିଛନ୍ତି। ଆଉ ଏକ ଆଶ୍ଚର୍ଯ୍ୟର କଥା ହେଉଛି ସେହି ମାର୍ଚ୍ଚ ୨୫ରେ ଆଉ ଏକ କମ୍ପାନୀ ପାଖରୁ ଔଷଧ ନିଗମ ସମାନ ଧରଣର ନେବୁଲାଇଜର କିଣିଛନ୍ତି। ମାତ୍ର ତା'ର ଦାମ୍ ୧୬୦୦ ଟଙ୍କା। ଏ ମଧ୍ୟ ଆଉ ଏକ ଘୋଟାଲାର ପ୍ରମାଣ ଦେଉଛି। ଗୋଟିଏ ଦିନରେ ଗୋଟିଏ କମ୍ପାନୀଠାରୁ ୫୯୦୦ ଟଙ୍କାରେ ନେବୁଲାଇଜର କିଣିବାବେଳେ ଆଉ ଏକ କମ୍ପାନୀଠାରୁ କିପରି ୧୬୦୦ ଟଙ୍କାରେ ଏହା କିଣାଗଲା ତା'ର ଜବାବ ସରକାର ଦେବେ କି ବୋଲି ସେ କହିଛନ୍ତି।

# ୧୨ ଆଦିବାସୀ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ

**ଜଗତ୍‌ସିଂହପୁର ଜିଲା**

- ମିଳୁନାହିଁ ଆବାସଗୃହ
- ପଲିଥିନ୍ ତଳେ କଟୁଛି ଜୀବନ

**ଜଗତ୍‌ସିଂହପୁର ଅଫିସ,୧୬।୬**

ଜଗତ୍‌ସିଂହପୁର ଜିଲାର ଜନସଂଖ୍ୟା ତୁଳନାରେ ଆଦିବାସୀ (ଅନୁସୂଚିତ ଜନଜାତି)ଙ୍କ ସଂଖ୍ୟା ବହୁତ କମ୍। କିନ୍ତୁ ସେମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇବାରେ ଜିଲା ପ୍ରଶାସନ ବିଫଳ ହୋଇଛି। ଏଭଳି ଅଭିଯୋଗ ବାରମ୍ବାର ହୋଇ ଆସୁଥିଲେ ସୁଦ୍ଧା ପ୍ରତିକାର ନ ହେବା ଅସନ୍ତୋଷ ବୃଦ୍ଧି କରିଛି, ଯାହାର ପ୍ରତିଫଳନ ଗତ ୧୦ ତାରିଖରେ ଦେଖିବାକୁ ମିଳିଛି। ଜିଲାର ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଅନ୍ତର୍ଗତ ସାଳିଜଙ୍ଗା ଆଦିବାସୀ ବସ୍ତିରେ ରହୁଥିବା ୧୨ଟି ପରିବାରକୁ ବାସଗୃହ ଯୋଗାଯାଉ ନ ଥିବାରୁ ସେମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ (ହାଇକୋର୍ଟ)ଙ୍କ ଆଶ୍ରୟ ନେଇଛନ୍ତି।

ଏ ସମ୍ପର୍କରେ ଅଭିଯୋଗକାରୀଙ୍କ ପକ୍ଷରୁ ଓକିଲ ଶିବ ପ୍ରସାଦ ସେଠୀ କହିଛନ୍ତି, ରୁଜୁ ରିଟ୍ ପିଟିଶନ୍ ସଂଖ୍ୟା ୧୪୧୯୭/୨୦ରେ ଉଲ୍ଲେଖ ଅଛି, ବସ୍ତିରେ ରହୁଥିବା ୧୨ଟି ପରିବାର ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ନାହିଁ। ପୂର୍ବରୁ ଯେଉଁ ଝୁମ୍ପୁଡି ଘର ଥିଲା ତାହା ଫନୀ ବାତ୍ୟାରେ ଧରାଶାୟୀ ହୋଇ ପଡିଥିଲା। ଏହାପରେ ନାଉଗାଁ ତହସିଲ ପକ୍ଷରୁ ପଲିଥିନ୍ ଯୋଗା ଯାଇଥିଲା। ସରକାରଙ୍କ ପକ୍ଷରୁ ଜମି ଯୋଗା ଯାଇଥିବାରୁ ସେଥିରେ ପଲିଥିନ୍ ପକାଇ ସେମାନେ ଦିନ କାଟୁଛନ୍ତି। କିନ୍ତୁ ପକ୍କା ଘର ଯୋଗାଇବା ପାଇଁ ପଞ୍ଚାୟତସ୍ତରରୁ ବ୍ଲକ,ଏପରି କି ଜିଲାପାଳଙ୍କ ନିକଟରେ ବାରମ୍ବାର ଅନୁରୋଧ କରାଯାଇଛି। କିନ୍ତୁ କିଛି ଫଳ ମିଳିଲା ନାହିଁ। ତେଣୁ ସେମାନେ ବାଧ୍ୟ ହୋଇ ନ୍ୟାୟାଳୟଙ୍କ ଆଶ୍ରୟ ନେଇଛନ୍ତି। ଆବେଦନକାରୀ ସଞ୍ଜୁ ସିଂହ (୪୮), ରମେଶ ସିଂହ (୩୦), ଗୀତାରାଣୀ ସିଂହ (୩୮), ତୋଫାନି ସିଂହ (୩୫), ଥିବିରି ସିଂହ (୫୫), ବାସନ୍ତୀ ସିଂହ (୫୩), ସେବତୀ ସିଂହ (୨୨), ଲକ୍ଷ୍ମୀ ସିଂହ (୩୦), ମମତା ସିଂହ (୨୮), ମୃତ ସୀତା ସିଂହଙ୍କ ପାଇଁ ସ୍ୱାମୀ ବଳିଆ ସିଂହ (୪୫), ସୀତା ସିହ୍ନା (୪୬), ମୃତ ମିନତୀ ସିଂହଙ୍କ ପାଇଁ ସ୍ୱାମୀ ତପନ ସିଂହ (୪୫) ପ୍ରମୁଖ ଉଚ୍ଚ ନ୍ୟାୟାଳୟରେ ପ୍ରାର୍ଥନା କରିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) କିମ୍ବା ବିଜୁ ପକ୍କା ଘର ଯୋଜନା (ବିପିଜିୱାଇ)ରେ ସେମାନଙ୍କୁ ପକ୍କା ଘର ଯୋଗାଇବା ପାଇଁ ନିର୍ଦ୍ଦେଶ ହେଉ। ଏଥିରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ, ଜଗତ୍‌ସିଂହପୁର ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ନାଉଗାଁ ବିଡିଓ, ତହସିଲଦାର, ଶିଖର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ୨୦୧୯ ମାର୍ଚ୍ଚରେ ବସୁନ୍ଧରା ଯୋଜନାରେ ଏହି ବସ୍ତିର ୧୫ଟି ପରିବାରକୁ ଜମି ପଟ୍ଟା ଯୋଗାଯାଇଛି। ପରେ ପକ୍କା ଘର ଯୋଗାଇବା ପାଇଁ ବସ୍ତି ବାସିନ୍ଦାମାନେ ଜିଲା ଦଳିତ ବିକାଶ ପରିଷଦ ସହାୟତାରେ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ।



ଆଦିବାସୀ ବସ୍ତିରେ ଥିବା ଏକ ଝୁମ୍ପୁଡ଼ି ଘର।



ପ୍ରୟାଗରାଜର ମୋତିଲାଲ ନେହେରୁ ରାଷ୍ଟ୍ରୀୟ ପ୍ରାଦ୍ୟୋଗିକ ସଂସ୍ଥାନ ପକ୍ଷରୁ ଏକ ନୂଆ ପ୍ରଣାଳୀ ଡିପ୍‌-ଏକ୍ସର ବିକଶିତ କରାଯାଇଛି। ଏହା ଦ୍ୱାରା ମାତ୍ର ୨୦ ସେକେଣ୍ଡରେ କରୋନା ପଜିଟିଭ୍‌ଙ୍କୁ ଚିହ୍ନଟ କରାଯାଇପାରିବ। ଏହାଦ୍ୱାରା ଏକ୍ସ-ରେ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କଠାରେ କରୋନା ସଂକ୍ରମଣ ହୋଇଛି କି ନାହିଁ ତାହା ସହଜରେ ଜଣାପଡ଼ିବ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି। ଏହାକୁ ରେଲଷ୍ଟେଶନ, ବସ୍‌ ଷ୍ଟାଣ୍ଡ, ସର୍ବସାଧାରଣ ସ୍ଥଳରେ ଲଗାଯାଇ କରୋନା ପଜିଟିଭ୍‌ଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ।

# ‘ସୂର୍ଯ୍ୟୋପରାଗ ପରେ ଲୋପପାଇବ କରୋନା’

**ଚେନ୍ନାଇ:**



କରୋନା ମହାମାରୀ ଯୋଗୁ ପୃଥିବୀରେ ସଙ୍କଟ ଦେଖାଦେଇଛି। ତେବେ ଚଳିତ ଜୁନ ୨୧ରେ ହେବାକୁ ଥିବା ସୂର୍ଯ୍ୟୋପରାଗ ପରେ କରୋନା ଭୂତାଣୁ ନଷ୍ଟ ହୋଇଯିବ ବୋଲି ଜଣେ ଭାରତୀୟ ବୈଜ୍ଞାନିକ ଦାବି କରିଛନ୍ତି। ଚେନ୍ନାଇର ନ୍ୟୁକ୍ଲିୟର ଆଣ୍ଡ ଆର୍ଥ ବିଜ୍ଞାନୀ ଡ. କେ.ଏଲ୍‌. ସୁନ୍ଦରକ୍ରିଷ୍ଣା ଏପରି କହିଛନ୍ତି। ପରାଗ ସମୟରେ ଦ୍ରୁତଗତିରେ ବିଭାଜିତ ହେଉଥିବା ନ୍ୟୁଟ୍ରନ୍‌ରୁ ଉତ୍ପନ୍ନ ହେଉଥିବା ତେଜସ୍କ୍ରିୟ ଶକ୍ତିରେ କରୋନା ଭୂତାଣୁର ସଂରଚନା ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ଥିବା ସେ ସୂଚନା ଦେଇଛନ୍ତି। ଗତ ୨୦୧୯ ଡିସେମ୍ବର ୨୬ରେ ହୋଇଥିବା ସୂର୍ଯ୍ୟୋପରାଗ ସମୟରେ ସୌରଜଗତର ବିଭିନ୍ନ ଗ୍ରହ ମଧ୍ୟରେ ଆକର୍ଷଣ-ମହାକର୍ଷଣ ଶକ୍ତିରେ ପରିବର୍ତ୍ତନ ଯୋଗୁ କରୋନା ଭୂତାଣୁ ସୃଷ୍ଟି ହୋଇଥିବା ସେ କହିଛନ୍ତି। ଏହା ବାୟୁମଣ୍ଡଳର ଉପର ଭାଗରେ ରହି ଧୀରେଧୀରେ ପୃଥିବୀ ପୃଷ୍ଠକୁ ଆସି ମହାମାରୀର ରୂପ ନେଇଥିଲା। ଏବେ ହେବାକୁ ଯାଉଥିବା ସୂର୍ଯ୍ୟୋପରାଗ କରୋନା ସଂକ୍ରମଣରୁ ମୁକ୍ତି ପାଇବାର ପ୍ରାକୃତିକ ଉପଚାର ବୋଲି ସେ କହିଛନ୍ତି।



ଅଙ୍କିତା ଲୋଖଣ୍ଡେ

## ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି ଅଙ୍କିତା

ମୁମ୍ବାଇ: ବଲିଉଡ୍‌ ଷ୍ଟାର ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ଏପର୍ଯ୍ୟନ୍ତ ଅନେକେ ବିଶ୍ୱାସ କରିପାରୁ ନାହାନ୍ତି। ସୁଶାନ୍ତଙ୍କ ମୃତ୍ୟୁ ଖବର ପାଇବା ପରଠାରୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି ତାଙ୍କ ପୂର୍ବତନ ପ୍ରେମିକା ଅଙ୍କିତା ଲୋଖଣ୍ଡେ। ଦିନ ରାତି କାନ୍ଦୁଥିବା ଅଙ୍କିତା ମଙ୍ଗଳବାର ସୁଶାନ୍ତ ଆତ୍ମହତ୍ୟା କରିଥିବା ଫ୍ଲାଟରେ ପହଞ୍ଚିଥିବା ଦେଖାଯାଇଛି। ଏହି ସମୟରେ ତାଙ୍କ ସହ ଆଉ କେତେଜଣଙ୍କୁ ମଧ୍ୟ ସେଠାରେ ଦେଖିବାକୁ ମିଳିଛି। ଅଙ୍କିତାଙ୍କ ବନ୍ଧୁ ସନ୍ଦିପ ସିଂ ତାଙ୍କୁ ଧରି ଧରି ସୁଶାନ୍ତଙ୍କ ଘର ଭିତରକୁ ନେଇ ଯାଉଥିବା ଏକ ଭିଡିଓରେ ଦେଖାଯାଇଛି। ଏପର୍ଯ୍ୟନ୍ତ ସୁଶାନ୍ତଙ୍କ ମୃତ୍ୟୁକୁ ନେଇ ଅଙ୍କିତା କିଛି ନ କହିଥିଲେ ମଧ୍ୟ ଏବେ ତାଙ୍କ ଅବସ୍ଥା ଠିକ୍‌ ନ ଥିବା କହିଛନ୍ତି ଅଙ୍କିତାଙ୍କ ଜଣେ ବନ୍ଧୁ। ଉଭୟ ଅଙ୍କିତା ଓ ସୁଶାନ୍ତ ଟେଲିଭିଜନ ଧାରାବାହିତ ‘ପବିତ୍ର ରିସ୍ତା’ରେ ନଜର ଆସିଥିବା ବେଳେ ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ କିଛିଦିନ ହେବ ସେମାନଙ୍କର ବ୍ରେକ୍‌ ହୋଇଯାଇଥିଲା।

# ବ୍ୟାକ୍ଟେରିଆ ଲାଇବ୍ରେରି

**ଲଣ୍ଡନ**







ପାଠପଢ଼ିବା ପାଇଁ ଲାଇବ୍ରେରି ଥିବା କଥା ଆମେ ଜାଣିଛେ। ହେଲେ ବ୍ରିଟେନ୍‌ରେ ରହିଛି ଏକ ଅଦ୍ଭୁତପୂର୍ବ ଲାଇବ୍ରେରି, ଯାହା ଘାତକ ବ୍ୟାକ୍ଟେରିଆଙ୍କ ପାଇଁ ପରିଚିତ। ‘ନ୍ୟାଶନାଲ କଲେକ୍ସନ ଅଫ ଟାଇପ୍‌ କଲଚର’ ନାମରେ ଜଣାଶୁଣା ଏହି ଲାଇବ୍ରେରିରେ ୬୦୦୦ରୁ ଊର୍ଦ୍ଧ୍ୱ ବ୍ୟାକ୍ଟେରିଆଙ୍କ ଉପରେ ଅଧ୍ୟୟନ ଚାଲିଛି। ପରୀକ୍ଷଣଲବ୍ଧ ସିଦ୍ଧାନ୍ତକୁ ଉପଯୋଗ କରି ଅନେକ ବ୍ୟାକ୍ଟେରିଆଜନିତ ରୋଗର ସଫଳ ଚିକିତ୍ସା ପଦ୍ଧତି ବାହାର କରାଗଲାଣି। ମାନବଜାତିର କଲ୍ୟାଣ ଲାଗି ବୈଜ୍ଞାନିକମାନେ ଜୀବନକୁ ବାଜି ଲଗାଇ ଏଭଳି ପ୍ରାଣଘାତୀ ବ୍ୟାକ୍ଟେରିଆ ଉପରେ ଅହରହ ଗବେଷଣା ଚଳାଇଛନ୍ତି।

‘ନ୍ୟାଶନାଲ କଲେକ୍ସନ ଅଫ ଟାଇପ୍‌ କଲଚର’ ପୃଥିବୀର ସର୍ବପୁରାତନ ବ୍ୟାକ୍ଟେରିଆ ସଂଗ୍ରହାଳୟ। ଏଠାରେ ଅନେକ ବ୍ୟାକ୍ଟେରିଆଙ୍କ ଜେନେଟିକ୍‌ ଷ୍ଟ୍ରକ୍‌ଚର ଏବଂ କେତେକ ମାରାତ୍ମକ ଭୂତାଣୁ ଉପରେ ଗବେଷଣା କରାଯାଉଛି। ପୃଥିବୀରେ ଭାଇରସ୍‌ ସଂକ୍ରମଣ ମୃତ୍ୟୁ ଅପେକ୍ଷା ବ୍ୟାକ୍ଟେରିଆ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ଢେର ଅଧିକ। ବ୍ୟାକ୍ଟେରିଆ ସଂକ୍ରମିତ ହେଲେ ରୋଗୀ ଜୀବନ ବଞ୍ଚାଇବାକୁ ଆଣ୍ଟିବାଇଓଟିକ୍‌ ଦିଆଯାଇଥାଏ। ତେବେ ସମୟ ସହିତ ଏହା ବ୍ୟାକ୍ଟେରିଆଙ୍କ ଉପରେ ପ୍ରଭାବହୀନ ହୋଇଯାଏ। କେବଳ ଏତିକି ନୁହେଁ, ପ୍ରତିଷେଧକ ମାତ୍ରା ବଢ଼ିବା ସହିତ ବ୍ୟାକ୍ଟେରିଆଙ୍କ ଭିତରେ ସହନଶୀଳ କ୍ଷମତା ମଧ୍ୟ ବୃଦ୍ଧି ପାଏ। ଏଭଳି ବ୍ୟାକ୍ଟେରିଆ ସଂକ୍ରମଣକୁ ରୋକିବା, ତଦନୁଯାୟୀ ଔଷଧ ପ୍ରସ୍ତୁତ କରିବା, ବ୍ୟାକ୍ଟେରିଆଙ୍କ ସମ୍ପର୍କିତ ପରୀକ୍ଷଣ ତଥ୍ୟ ସାଇତି ରଖିବା ଏବଂ ଆବଶ୍ୟକ ସମୟରେ ସାରା ପୃଥିବୀର ବିଶେଷଜ୍ଞଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ଏହାର ପରିକଳ୍ପନା କରାଯାଇଥିଲା।

**ସାଇତା ହୋଇଛି ୬୦୦୦ ନମୁନା**

ଲାଇବ୍ରେରିରେ ବ୍ୟାକ୍ଟେରିଆ ନମୁନା ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିବର୍ଷ ଏଠାକୁ ୫୦ରୁ ୨୦୦ ଯାଏ ବ୍ୟାକ୍ଟେରିଆ ସାମ୍ପଲ ଆସିଥାଏ। ବିଭିନ୍ନ ଦେଶରୁ ବିଶେଷଜ୍ଞମାନେ ପରୀକ୍ଷଣ କରିବା ଲାଗି ଆସିଥାନ୍ତି। ବ୍ୟାକ୍ଟେରିଆ ଉପରେ ଗବେଷଣାରତ ବୈଜ୍ଞାନିକ ବୟସ୍କ ହୋଇଗଲେ ଗବେଷଣାଲବ୍ଧ ତଥ୍ୟ ଏବଂ ନମୁନାକୁ ସେମାନେ ଲାଇବ୍ରେରିକୁ ହସ୍ତାନ୍ତର କରିଦେଇଥାଏ। ଅନ୍ୟ ବୈଜ୍ଞାନିକମାନେ ଗବେଷଣାକୁ ଆଗକୁ ନେଇଥାନ୍ତି। ତେବେ ନୂତନ ସାମ୍ପଲକୁ ତତ୍କାଳ ଲାଇବ୍ରେରିରେ ରଖାଯାଇ ନ ଥାଏ। ପ୍ରଥମେ ଏହାକୁ କଲ୍‌ଚର କରାଯାଏ। ଏଥିରୁ କେହି ବ୍ୟାକ୍ଟେରିଆ ଦ୍ୱାରା ସଂକ୍ରମିତ ହୋଇଛନ୍ତି କି ନୁହେଁ ତାହା ଜଣାପଡ଼ିଥାଏ। ଏହାପରେ ସ୍ୱତନ୍ତ୍ର ପଦ୍ଧତିରେ ନମୁନା ସଂରକ୍ଷଣ କରାଯାଇଥାଏ। ହେଲେ ଏହି ପ୍ରକ୍ରିୟାରେ ଅଧିକାଂଶ ବ୍ୟାକ୍ଟେରିଆ ମରିଯାଇଥାନ୍ତି। ସେହିପରି ବ୍ୟାକ୍ଟେରିଆ ସ୍ଥାନାନ୍ତରଣ ବେଳେ ମଧ୍ୟ ଅତି ସତର୍କତା ଅବଲମ୍ବନ କରାଯାଇଥାଏ। ଲାଇବ୍ରେରିର ସମ୍ପର୍କରେ ଏହାର ମୁଖ୍ୟ ବୈଜ୍ଞାନିକ ସାରା ଆଲାଜାଣ୍ଡାର କୁହନ୍ତି, ୫୦ ବର୍ଷ ହେଲା ନମୁନା ସହିତ ହାତ ଲେଖା ତଥ୍ୟ ଆସୁଛି। ଏଥିରୁ ବ୍ୟାକ୍ଟେରିଆ କେଉଁଠୁ ଠାବ କରାଯାଇଛି ତାହା ଜଣାପଡ଼େ। ଏଠାରୁ ବ୍ୟାକ୍ଟେରିଆ ନମୁନାକୁ ପରୀକ୍ଷଣ ଲାଗି ସମ୍ପୂର୍ଣ୍ଣ ସୁରକ୍ଷିତ ପଦ୍ଧତିରେ ଅନ୍ୟତ୍ର ପଠାଯାଇଥାଏ। ଏହାଦ୍ୱାରା ସେଠାକାର ପରିବେଶ ଉପରେ ବ୍ୟାକ୍ଟେରିଆ କେତେ ପ୍ରଭାବଶାଳୀ ତାହା ଜଣାପଡ଼େ।

### ଏମିତି ହୋଇଥିଲା ଆରମ୍ଭ

୧୯୧୫ ଶୀତ ଋତୁରେ ଫ୍ରାନ୍ସର ‘ଷ୍ଟାଟିଓନାରି ହସ୍ପିଟାଲ’କୁ ଏକ ଟେଲିଗ୍ରାମ ଆସିଥିଲା। ଏଥିରେ ଉଲ୍ଲେଖ ଥିଲା, ବ୍ରିଟିଶ ସୈନିକମାନେ ହଠାତ୍‌ ଅସୁସ୍ଥ ହୋଇପଡୁଛନ୍ତି। ସେହି ସମୟରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇସାରିଥିଲା। ଏପରି ସମୟରେ ଯବାନଙ୍କ ଅସୁସ୍ଥତା ସରକାରଙ୍କ ଚିନ୍ତା ବଢ଼ାଇଥିଲା। ପରୀକ୍ଷଣରୁ ଜଣାପିଡ଼ିଲା ଯେ, ବ୍ୟାକ୍ଟେରିଆ ସଂକ୍ରମଣରୁ ଯବାନଙ୍କ ନିକଟରେ ଏପରି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ଗବେଷକ ଲ୍ୟୁଟ୍‌ନାଣ୍ଟ ୱିଲିୟମ ବ୍ରଟନ ଅଲକକ୍‌ ଏହାକୁ ଠାବ କରିଥିଲେ ଏବଂ ବ୍ୟାକ୍ଟେରିଆର ନାମ ଦିଆଯାଇଥିଲା ‘ସିଗେଲା ଫ୍ଲେକ୍ସନେରି’। ଅଦ୍ୟାବଧି ଜୀବନ୍ତ ଥିବା ଏହି ବ୍ୟାକ୍ଟେରିଆ ଝାଡ଼ାବାନ୍ତିର କାରଣ। ସୂଚନାଯୋଗ୍ୟ, ସାରା ପୃଥିବୀରେ ପ୍ରତିବର୍ଷ ୧,୬୪,୦୦୦ ଶିଶୁଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥାଏ। ବ୍ୟାକ୍ଟେରିଆମାନେ ସମୟକ୍ରମେ ନିଜର ସ୍ୱରୂପ ଏବଂ ପ୍ରକୃତି ବଦଳାଇଥାନ୍ତି। ଏହାକୁ ଆଧାର କରି ‘ନ୍ୟାଶନାଲ କଲେକ୍ସନ ଅଫ ଟାଇପ୍‌ କଲଚର’ରେ ନୂତନ ଔଷଧ ପ୍ରସ୍ତୁତ ଲାଗି ପରୀକ୍ଷଣ କରାଯାଉଛି।

# ଅନ୍‌ଲାଇନ୍‌ କ୍ଲାସ୍‌ରେ ସ୍ପାଇଡରମ୍ୟାନ୍‌

**ବଲିଭିଆ:**



ଏବେ ସ୍କୁଲ କଲେଜ ପିଲାମାନଙ୍କୁ ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଛି। ତେବେ ଅନ୍‌ଲାଇନ୍‌ କ୍ଲାସ ପାଇଁ ପିଲାମାନଙ୍କର ଆଗ୍ରହ କମ୍‌ ଦେଖିବାକୁ ମିଳୁଥିବାବେଳେ ବଲିଭିଆର ସାନ୍‌ ଇଗ୍ନସିଓ କ୍ୟାଥୋଲିକ୍‌ ସ୍କୁଲ ପିଲାଙ୍କ ମଧ୍ୟରେ ଅନ୍‌ଲାଇନ୍‌ କ୍ଲାସ ପାଇଁ ପ୍ରବଳ ଭିଡ଼ ହେଉଛି। ଏହାର କାରଣ ହେଉଛନ୍ତି ସ୍କୁଲର ଶିକ୍ଷକ ଜର୍ଜ ମାନୋଲୋ ଭିଲାରୋଏଲ୍‌।

ଲକ୍‌ଡାଉନ୍‌ ଛାତ୍ରୀଛାତ୍ରଙ୍କ ପାଇଁ ଭିଲାରୋଏଲ୍‌ ସ୍ପାଇଡରମ୍ୟାନ୍‌ ଓ ସୁପରହିରୋ ଭଳି ପୋଷାକ ପିନ୍ଧି କ୍ଲାସ କରୁଛନ୍ତି। ସେଥିପାଇଁ ଏହି ଶିକ୍ଷକଙ୍କୁ ଦେଖିବାକୁ ପିଲାଙ୍କର ପ୍ରବଳ ଆକର୍ଷଣ ରହୁଛି। ଅନ୍‌ଲାଇନରେ ତାଙ୍କ କ୍ଲାସ କରିବା ପାଇଁ ପିଲାମାନେ ବହୁ ଆଗରୁ ଆସି ଲ୍ୟାପଟପ୍‌ ଆଗରେ ପହଞ୍ଚି ଯାଉଛନ୍ତି। ସେଥିପାଇଁ ମାତ୍ର କିଛିଦିନ ମଧ୍ୟରେ ଭିଲାରୋଏଲ୍‌ଙ୍କ କ୍ଲାସ ବେଶି ପପୁଲାର ହେବାରେ ଲାଗିଛି। ୩୩ ବର୍ଷର ଏହି ଶିକ୍ଷକ ଜଣକ ପିଲାମାନଙ୍କ ସହିତ ଏକ ଭିନ୍ନ ଶୈଳୀରେ କଥା କହି ପାଠ ପଢାନ୍ତି ଏବଂ ଉଦାହରଣ ସ୍ୱରୂପ ବହୁ ଆକର୍ଷଣୀୟ ଜିନିଷ ଦେଖାଇଥାନ୍ତି। ସେଥିପାଇଁ ତାଙ୍କ କ୍ଲାସରୁମ୍‌ ବିଭିନ୍ନ ପ୍ରକାରର କଷ୍ଟ୍ୟୁମ୍‌ ସହିତ ମାସ୍କ ଏବଂ ଅନ୍ୟାନ୍ୟ ଫଟୋଚିତ୍ରରେ ଭର୍ତ୍ତି ହୋଇଥାଏ।

ଭିଲାରୋଏଲ୍‌ଙ୍କୁ ୯ ରୁ ୧୪ ବର୍ଷର ପିଲାମାନଙ୍କୁ ପଢାଇବାକୁ ପଡ଼ିଥାଏ। ସେଥିପାଇଁ ସେ ପିଲାଙ୍କୁ ଆକୃଷ୍ଟ କଳାଭଳି ବେଶ ହୋଇ ପାଠ ପଢ଼ାଇବାକୁ ଭଲ ପାଆନ୍ତି। ଏହାଛଡ଼ା ପାଠ ପଢ଼ା ସମୟରେ ପିଲାମାନଙ୍କ ସହ ମଜା କରିବାକୁ ସେ ପସନ୍ଦ କରନ୍ତି। ସ୍କୁଲରେ ସିଧାସଳଖ ପାଠ ପଢ଼ାଉଥିବା ସମୟରେ ବି ସେ ଟିକେ ଅଲଗା ଢଙ୍ଗରେ ପଢାଇବାକୁ ଚେଷ୍ଟା କରିଥାନ୍ତି। ଏବେ ତାଙ୍କର ଏହି ପାଠପଢ଼ା ଶୈଳୀ ଅନ୍ୟମାନଙ୍କୁ ବି ଆକୃଷ୍ଟ କରିପାରିଛି।

# ବଢୁଛି ମୋଦି ମାସ୍କ ଚାହିଦା



**ଭୋପାଳ:**



କରୋନା ମହାମାରୀକୁ ରୋକିବାକୁ ମାସ୍କ ପିନ୍ଧିବା ଜରୁରୀ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ପୂର୍ବରୁ ମେଡିସିନ ଷ୍ଟୋରରେ ଏହି ମାସ୍କ ଉପଲବ୍ଧ ହେଉଥିବା ବେଳେ ଏବେ ଏହା ରାସ୍ତା କଡରେ ବି ମିଳିଯାଉଛି। ଆଉ ଗ୍ରାହକ ମାସ୍କ ଖୋଜିବାକୁ ଏଣେତେଣେ ଯାଉନାହାନ୍ତି। ଭୋପାଳର ଜଣେ ବ୍ୟକ୍ତି ଏବେ ଏମିତି କିଛି ମାସ୍କ ବିକ୍ରି କରୁଛନ୍ତି, ଯାହାକୁ ଗ୍ରାହକ ପସନ୍ଦ ବି କରୁଛନ୍ତି। କୁନାଲ ପରିୟାନି ନାମକ ଜଣେ ବ୍ୟକ୍ତି ଏବେ ମୋଦି ମାସ୍କ ବିକ୍ରି କରି ଆସିଛନ୍ତି ଚର୍ଚ୍ଚାକୁ। ସେ କପଡାରେ ମାସ୍କ ତିଆରି କରି ସେଥିରେ ମୋଦିଙ୍କ ଛବି ପ୍ରିଣ୍ଟ କରିଥିବା ଦେଖାଯାଇଛି। ଆଉ ଏହାକୁ ଦେଖିବା ପରେ ଗ୍ରାହକ ଖୁସିରେ ଏହାକୁ କିଣି ନେଇ ଯାଉଛନ୍ତି। ପରିୟାନି କହିଛନ୍ତି, ଏପର୍ଯ୍ୟନ୍ତ ସେ ପାଖାପାଖି ୫୦୦-୧୦୦୦ ମୋଦି ମାସ୍କ ବିକ୍ରି କରି ସାରିଲେଣି। ଲୋକଙ୍କ ଚାହିଦାକୁ ଦେଖି ଏଭଳି ମାସ୍କ ଆହୁରି ତିଆରି କରାଯାଉଥିବା ସେ କହିଛନ୍ତି। ଏହାସହ କଂଗ୍ରେସ ନେତା କମଲନାଥ ଓ ରାହୁଲ ଗାନ୍ଧୀଙ୍କ ଛବିଥିବା ମାସ୍କ ସେ ତିଆରି କରିଥିବା କହିଛନ୍ତି। ମାସ୍କ ପିନ୍ଧିବା ସମସ୍ତଙ୍କ ଲାଗି ଏବେ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତେ ଏହାକୁ ଆଗ୍ରହର ସହ କିଣୁଛନ୍ତି। ହେଲେ ଅନ୍ୟ ମାସ୍କ ଅପେକ୍ଷା ମୋଦି ମାସ୍କର ଚାହିଦା ସବୁଠାରୁ ଅଧିକ ଥିବା ସେ ପ୍ରକାଶ କରିଛନ୍ତି।

# ସଲ୍‌ମାନଙ୍କ ସାହାଯ୍ୟ ମାଗିଲେ ପୂଜା

**ମୁମ୍ବାଇ:**

ଏବେ ଦେଶରେ କରୋନା ମହାମାରୀ ଚିନ୍ତାର କାରଣ ପାଲଟିଥିବା ବେଳେ ଏହି ଅଦୃଶ୍ୟ ଯୁଦ୍ଧରେ ଲଢୁଛନ୍ତି ଦେଶବାସୀ। ଏହି ସମୟରେ ବଲିଉଡ୍‌ ସେଲିବ୍ରିଟିମାନେ ମଧ୍ୟ ସହଯୋଗର ହାତ ବଢାଇଛନ୍ତି। ସୋନୁ ସୁଦ ଓ ସଲ୍‌ମାନଙ୍କ ନାଁ ଆଗରେ ଥିବାବେଳେ ଅନ୍ୟମାନେ ମଧ୍ୟ କରୋନା ଯୁଦ୍ଧରେ ବିଜୟୀ ହେବାକୁ ସହଯୋଗ ଯୋଗାଇ ଆସିଛନ୍ତି। ୧୯୯୦ରେ ଆସିଥିବା ଫିଲ୍ମ ‘ବୀରଗତି’ରେ ସଲ୍‌ମାନଙ୍କ କୋ-ଷ୍ଟାର ଥିବା ପୂଜା ଡଡ୍‌ୱାଲ ଏବେ ସଲ୍‌ମାନଙ୍କ ସାହାଯ୍ୟ ମାଗିଛନ୍ତି। ନିକଟରେ ସେ କାଶ, ସର୍ଦ୍ଦି, ଜ୍ୱର ଆଦିରେ ପୀଡ଼ିତ ଥିବା ସହ ଏସବୁ କରୋନାର ଲକ୍ଷଣ ହୋଇଥିବାରୁ ସେ ଚିନ୍ତାରେ ପଡ଼ିଯାଇଛନ୍ତି।





ତେବେ କରୋନା ଟେଷ୍ଟ ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ରହିଥିବାରୁ ଏଥିପାଇଁ ସେ ସଲମାନଙ୍କ ସାହାଯ୍ୟ ମାଗିଛନ୍ତି। ପୂର୍ବରୁ ମଧ୍ୟ ଏହି ଅଭିନେତ୍ରୀ କାହାଠାରୁ ୫ଶହ, ୧ ହଜାର ଭଳି ଅର୍ଥ ଉଧାର ନେଇଥିବା କହିଛନ୍ତି। ଏଥର କିନ୍ତୁ ସଲ୍‌ମାନ ତାଙ୍କୁ ସାହାଯ୍ୟ କରିବେ ବୋଲି ସେ ଆଶାପୋଷଣ କରିଛନ୍ତି। ପୂଜା ଆହୁରି ମଧ୍ୟ କହିଛନ୍ତି, ପୂର୍ବରୁ ସଲ୍‌ମାନ ତାଙ୍କୁ ମୁମ୍ବାଇରେ ୬-୮ ମାସ ରଖି ଚିକିତ୍ସା କରାଇଥିଲେ। ଏହାପରେ ବି ସେ ଗୋଆ ଫେରିବା ପରେ ତାଙ୍କର ସବୁ ଖବର ସଲ୍‌ମାନ ବୁଝୁଥିଲେ ବୋଲି ସେ କହିଛନ୍ତି। ତେଣୁ ଏବେ ପୁଣିଥରେ ଅସୁବିଧାରେ ପଡ଼ିଥିବାରୁ ସେ ସଲ୍‌ମାନଙ୍କ ସାହାଯ୍ୟ ଲୋଡ଼ିଥିବା କହିଛନ୍ତି। ପୂଜା ଏବେ ତାଙ୍କ ସ୍ୱାମୀଙ୍କ ସହ ମିଶି ଗୋଆରେ ରହୁଛନ୍ତି।

### ଦୁଇ ଗଜ

ଗ୍ୱାଲିୟର: ଏଭଳି ଏକ ନାଁ ଶୁଣିବା ମାତ୍ରେ ସମସ୍ତଙ୍କ ମନକୁ କେତେ କ’ଣ ଭାବନା ଆସୁଥିବ। କିନ୍ତୁ ଏହି ନାଁ ଟି ହେଉଛି ଏକ ମେଶିନର। ହଁ ସାମାଜିକ ଦୂରତା ପାଳନ କରିବା ପାଇଁ ତିଆରି କରାଯାଇଛି ଏକ ମେଶିନ୍‌, ଯାହାର ନାଁ ହେଉଛି ‘ଦୁଇ ଗଜ’। କରୋନା ସଂକ୍ରମଣକୁ ରୋକିବା ପାଇଁ ସାମାଜିକ ଦୂରତା ରକ୍ଷା କରିବା ନିହାତି ଆବଶ୍ୟକ। ଏଥିପାଇଁ ବାରମ୍ବାର ସଚେତନତା ସୃଷ୍ଟି କରାଯାଉଥିଲେ ବି କିଛି ଲୋକ ଏହି ନିୟମ ପାଳନ କରୁନାହାନ୍ତି। ତେବେ ଏନେଇ ସମସ୍ତଙ୍କୁ ସଚେତନ କରିବା ପାଇଁ ଏବେ ଏକ ସ୍ୱତନ୍ତ୍ର ଧରଣର ମେଶିନ୍‌ ବାହାର କରିଛି ମଧ୍ୟପ୍ରଦେଶ ଗ୍ୱାଲିୟର ଠାରେ ଥିବା ରୁସ୍ତମଜି ଇନଷ୍ଟିଚ୍ୟୁଟ ଅଫ୍‌ ଟେକ୍ନୋଲୋଜି। ଏହି ଅନୁଷ୍ଠାନର ଫିଜିକ୍ସ ବିଭାଗର ଏଚଓଡି ଡକ୍ଟର ଉମାଶଙ୍କର ଶର୍ମାଙ୍କ ଅଧୀନରେ ଛାତ୍ରୀଛାତ୍ରମାନେ ଏଭଳି ଏକ ମେଶିନ୍‌ ତିଆରି କରିଛନ୍ତି। ମେଶିନର ନାଁ ରଖାଯାଇଛି ‘ଦୁଇ ଗଜ’। ଏହି ଡିଭାଇସ୍‌ରେ ଅଲଟ୍ରାସୋନିକ୍‌ ସେନସର୍‌ ଲଗାଇ ପ୍ରୋଗ୍ରାମିଂ ମାଧ୍ୟମରେ ଦୁଇ ଫୁଟର ଦୂରତା ଫିକ୍ସ କରାଯାଇଛି। ଏହାକୁ ଅଫିସ ଟେବୁଲରେ ଲଗାଇ ପାରିବେ କିମ୍ବା ପକେଟରେ ବି ରଖିହେବ। ଯଦି କୌଣସି ବ୍ୟକ୍ତି ଦୁଇ ଫୁଟ ଦୂରତାରୁ କମ୍‌ ଦୂରରେ ରହିଥାନ୍ତି ତେବେ ମେସିନ୍‌ଟି ଆଲର୍ଟ କରିଦେବ। ମେଶିନ୍‌ଟି ମାତ୍ର ୨୦୦ ଟଙ୍କାରେ ତିଆରି ହୋଇପାରିବ ଏବଂ ଏହାକୁ ସବୁ ସରକାରୀ ଅଫିସରେ ଲଗାଇବା ପାଇଁ ଦାବି କରାଯାଇଛି।

# ଗଛ ଭିତରେ ପାଣି

**ନୂଆଦିଲ୍ଲୀ:**

ଏମିତି ଏକ ଗଛ ଅଛି, ଯାହାର ଛେଲି ତଳେ ରହିଛି ପ୍ରଚୁର ପାଣି। ଏମିତି କି ଏହାର ଛେଲିକୁ କାଟିବା ମାତ୍ରେ ଏଥିରୁ ଅନେକ ସମୟ ପର୍ଯ୍ୟନ୍ତ ଟ୍ୟାପ୍‌ରୁ ପାଣି ବାହାରିବା ପରି ବାହାରିଥାଏ। ଏହି ଗଛକୁ ସାଧାରଣରେ କ୍ରୋକୋଡାଇଲ୍‌ ବାର୍କ ବା କୁମ୍ଭୀର ଛେଲି ଗଛ କୁହାଯାଏ। କିନ୍ତୁ ବୈଜ୍ଞାନିକ ଭାଷାରେ ଏହାର ନାଁ ହେଉଛି ଟର୍ମିନାଲିଆ ଏଲିପ୍ଟିକା। ଏଭଳି ବିଶେଷ ଗୁଣ ଥିବାରୁ ଏହି ଗଛଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଇଣ୍ଡିଆନ ଫରେଷ୍ଟ ସର୍ଭିସ ଅଫିସର ଦିଗ୍‌ବିଜୟ ସିଂ ଖାତି ଏହି ଗଛରୁ ପାଣି ବାହାରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିବା ପରେ ଏହା ଏବେ ବହୁସଂଖ୍ୟାରେ ଲୋକଙ୍କୁ ଆକୃଷ୍ଟ କରିପାରିଛି। ଅଳ୍ପ ସମୟର ଏହି ଭିଡିଓରେ ଜଣେ ଅଫିସର ଗଛର କିଛି ଅଂଶକୁ କାଟିବା ପରେ ସେଥିରୁ ଖୁବ୍‌ ଜୋରରେ ପାଣି ବାହାରୁଥିବାର ଦେଖିବାକୁ ମିଳୁଛି। ଖରାଦିନେ ଆବଶ୍ୟକ ସମୟରେ ଏହି ଗଛ ଜଣଙ୍କର ଶୋଷ ମେଣ୍ଟାଇବାକୁ ସମର୍ଥ ହୋଇପାରେ। ବର୍ତ୍ତମାନ ସମୟରେ ଗଛର ଏଭଳି ଏକ ବିଶେଷ ଗୁଣ ସମ୍ପର୍କରେ ଜାଣିବା ଫଳରେ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ହଜାର ହଜାର ସଂଖ୍ୟାରେ ଲୋକ ରିଟୁଇଟ୍‌ କରିଛନ୍ତି।



# ଚିନାବାଦାମ ଲଗାଇବା ସମୟରେ..



ଅଧିକ ଅମଳ ପାଇଁ ଚିନାବାଦାମ ବୁଣା କାମ ଯଥା ଶୀଘ୍ର ଶେଷ କରନ୍ତୁ। ଆମ ରାଜ୍ୟ ଜଳବାୟୁରେ ଖରିଫ ଋତୁରେ ଚଣା ଆକାରରେ ଖାଇବା ପାଇଁ ଏକେ-୧୨-୨୪ କିସମ ଓ ତେଲ ପାଇଁ ସ୍ମୃତି କିସମ ଉପଯୁକ୍ତ। ଏକର ପ୍ରତି ଚୟନ କରିଥିବା କିସମରୁ ୪୦ କିଗ୍ରା ଚୋପାଛଡା ଏବଂ ୬୦ କିଗ୍ରା ଚୋପା ଲଗା ଚିନାବାଦାମ ଅନୁମୋଦିତ ପ୍ରଣାଳୀରେ ବୁଣି ଦିଅନ୍ତୁ। ବୁଣିବା ଦିନ ଏକର ପ୍ରତି ଉଦ୍ଦିଷ୍ଟ ବିହନକୁ ୬୦୦ ଗ୍ରାମ ବୀଜାଣୁ କଲଚର ୧୨୦୦ ମିଲି ପାଣିରେ ଗୋଳାଇ ପ୍ରସ୍ତୁତ ମଣ୍ଡରେ ଉପଚାର କରନ୍ତୁ। ତା'ପରେ ଏହାକୁ ଛାଇରେ ଶୁଖାଇ ଶୀଘ୍ର ବୁଣି ଦିଅନ୍ତୁ। ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନରେ ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ଗୋଳାଇ ବିହନ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୩୦ ସେମି ଓ ଧାଡି ମଧ୍ୟରେ ମଞ୍ଜିକୁ ମଞ୍ଜି ୧୦ସେମି ବ୍ୟବଧାନରେ ବୁଣନ୍ତୁ। ଭଲ ଗଜା ପାଇବାକୁ ହେଲେ ମାଟିରେ ବତର ଥାଇ ବିହନ ବୁଣନ୍ତୁ। ଶେଷ ଓଡ ଚାଷରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ, ୧୬ କିଗ୍ରା ଫସଫରସ ଓ ୧୬ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଫସଫରସକୁ ସିଙ୍ଗଲ ସୁପର ଫସଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ ସାର ସହିତ ୧୦୦ କିଗ୍ରା ଜିପସମ ପ୍ରୟୋଗ କରନ୍ତୁ। ବୁଣିବା କାର୍ଯ୍ୟ ବିଳମ୍ବ ଥିଲେ ଚିନାବାଦାମ ଚୋପା ଛଡାଇ ଅଧିକ ଦିନ ରଖନ୍ତୁ ନାହିଁ।

# ବର୍ଷାଦିନେ ଗୋରୁଙ୍କ ଯତ୍ନ



ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ସମ୍ଭାବନା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।

– ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ସମ୍ଭାବନା ଥାଏ ।

– ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।

– ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।

– ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ସମ୍ଭାବନା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।



ଡା. ବୀର କିଶୋର ପରିଡ଼ା

# ସବୁଦିନିଆ ଘାସ ଚାଷ





କଥାରେ ଅଛି 'ତୀରଣ ସୁନ୍ଦର ଗୋରୁ' । ଅର୍ଥାତ ଗୋରୁଙ୍କର ମୁଖ୍ୟ ଖାଦ୍ୟ ହେଲା – ଘାସ । ଘାସ ଖାଇଲେ ଗୋରୁଙ୍କର ସ୍ୱାସ୍ଥ୍ୟ ଭଲ ରୁହେ । ଦୁହାଁଳିଆ ଗାଈ ଘାସ ଖାଇଲେ ବେଶି ଦୁଗ୍ଧ ଦିଅନ୍ତି । ଗର୍ଭିଣୀ ଗାଈ ବା ଛଡ଼ାର ସ୍ୱାସ୍ଥ୍ୟ ଠିକ୍ ରହିବା ସହିତ ତା'ର ଶରୀରରେ ବଢୁଥିବା ଭ୍ରୂଣ ବା ଛୁଆର ସ୍ୱାସ୍ଥ୍ୟ ରକ୍ଷା ଠିକ୍ ରହିଥାଏ । ଏଥି ସହିତ ଗାଈ, ଛଡ଼ା, ମଇଁଷି, ଷଣ୍ଢ ଆଦି ପ୍ରାଣୀଙ୍କ ପ୍ରଜନନ ଦକ୍ଷତା ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ସବୁଜ ଘାସରେ ଅଧିକ ପୁଷ୍ଟିକରଯୁକ୍ତ ଖାଦ୍ୟସାର ରହିବା ସହିତ ଶ୍ୱେତସାର ଓ ଭିଟାମିନ୍ 'କ' ପ୍ରସ୍ତୁତକାରୀ ବିଟା – କାରୋଟିନ୍, ଧାତବ ଲବଣ ଯଥା:– କ୍ୟାଲସିୟମ, ଫସ୍‌ଫରସ୍, ମ୍ୟାଗନେସିଅମ୍, ଲୌହ, କପର, କୋବାଲଟ ଆଦି ନିହିତ ଥାଏ, ଯାହା କି ପ୍ରାଣୀଙ୍କ ଶରୀରର ଗଠନ, ଉତ୍ପାଦନ ଓ ଉତ୍ପାଦକତା ଶକ୍ତି ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥାଏ । ସବୁଜ ଘାସରେ ଥିବା ରସ ବା ଜୈବିକ ପଦାର୍ଥରେ ରୋଗପ୍ରତିରୋଧକ ଶକ୍ତି ନିହିତ ଥିବା ଯୋଗୁ ପ୍ରାଣୀଙ୍କୁ ବିଭିନ୍ନ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରେ । ଖାଲି ସେତିକି ନୁହେଁ – ଗୋପାଳକମାନେ ସେମାନେ ପାଳିଥିବା ଉନ୍ନତ ଗାଈଙ୍କୁ ସବୁଜ ଖାଦ୍ୟ ଫସଲ ଖାଇବାକୁ ଦେବା ଦ୍ୱାରା ଗୋପାଳନରେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମିଯିବା ଯୋଗୁ ଅଧିକ ଲାଭବାନ ହୋଇଥାନ୍ତି। ସବୁଜ ଗୋଖାଦ୍ୟ ଫସଲ କହିଲେ ଅନ୍ୟାନ୍ୟ ଫସଲ ଯଥା – ଧାନ, ମୁଗ, ବିରି, ହରଡ଼, ଗହମ ଇତ୍ୟାଦି ଫସଲ ଭଳି ସ୍ୱତନ୍ତ୍ର ପ୍ରଣାଳୀରେ ଘାସ ଚାଷକୁ ହିଁ ବୁଝାଇଥାଏ । ବିଲବାଡ଼ି, ଦଣ୍ଡା, ଗୋଚରରେ ବଢୁଥିବା ଘାସ ଠାରୁ ଏସବୁ ସ୍ୱତନ୍ତ୍ର କିସମର ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ସମ୍ପୂର୍ଣ୍ଣ ଭିନ୍ନ । ଏପରି ଘାସ ପତ୍ର ବହୁଳ, ରସାଳଯୁକ୍ତ, ସୁସ୍ୱାଦୁ ଓ ବିଭିନ୍ନ ଖାଦ୍ୟସାରରେ ଭରପୂର ଏବଂ ଏହା କମ୍ ତନ୍ତୁଯୁକ୍ତ ଥିବାରୁ ଗୋରୁମାନେ ଆଗ୍ରହର ସହିତ ଖାଇଥାନ୍ତି । ଆଉ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ରୁହେ।

ଆମ ଚାଷୀଭାଇମାନେ ପାରମ୍ପରିକ ରୀତିରେ ମନୁଷ୍ୟର ଖାଦ୍ୟ ଉପଯୋଗୀ ଫସଲ ଚାଷ କରିବା ସହିତ ଆମଦାନୀ ବୃଦ୍ଧି ନିମନ୍ତେ ବିଭିନ୍ନ ରାସାୟନିକ ସାର ଓ କୀଟନାଶକ ଔଷଧର ବହୁଳ ବିନିଯୋଗ କରୁଛନ୍ତି। ଏହା ପରିବେଶରେ କୁପ୍ରଭାବ ପକାଇବା ସହିତ ଆମ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି କରୁଛି । କିନ୍ତୁ ଉନ୍ନତ ସବୁଜ ଗୋଖାଦ୍ୟ ଉତ୍ପାଦନ ନିମନ୍ତେ ସ୍ୱଳ୍ପ ପରିମାଣର ସାରର ଆବଶ୍ୟକତା ବା ଅନାବଶ୍ୟକତା ଥିବା ବେଳେ କୀଟନାଶକ ପଦାର୍ଥର ବ୍ୟବହାର ଆଦୌ କରାଯାଏ ନାହିଁ । ବ୍ୟୟବହୁଳ ଚାଷ କରି ଆମର ଚାଷୀଭାଇମାନେ ଏକ ଏକର ଜମିରୁ ଆଶାନୁରୂପ ଆୟ ପାଇବା ପାଇଁ ପାଣି ପାଗ ଉପରେ ନିର୍ଭର କରିଥାନ୍ତି। ତେବେ ଉପଯୁକ୍ତ ଭାବରେ ଏକ ଏକର ଜମିରେ ଉନ୍ନତ କିସମର ସବୁଜ ଗୋଖାଦ୍ୟ ଚାଷ କରି ୪୦୦ରୁ ୫୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ କରିପାରବେ। ଏହି ସବୁଜ ଗୋଖାଦ୍ୟ ଖୁଆଇବା ଦ୍ୱାରା ଗୋଟିଏ ଗାଈ ପ୍ରତି ୨ କିଗ୍ରା ପର୍ଯ୍ୟନ୍ତ ଦାନା ଜାତୀୟ ଗୋଖାଦ୍ୟ ସଞ୍ଚୟ କରାଯାଇପାରିବ । ଫଳରେ ଦୈନିକ ୧୦କିଗ୍ରା ଦାନାର ମୂଲ୍ୟ ବାବଦକୁ ହାରାହାରି ୨୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟହୋଇପାରିବ । ଏତଦ୍ ବ୍ୟତୀତ ଗାଈଙ୍କୁ ଦୈନିକ ୨୫ ରୁ ୩୦ କିଗ୍ରା ଘାସ ଖାଇବାକୁ ଦେବା ଫଳରେ ଦୈନିକ ୫ଲିଟର ଅଧିକ ଦୁଗ୍ଧ ପାଇବା ସହିତ ଗାଈଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ବ୍ୟୟ ହ୍ରାସ ଘଟିପାରିବ । ୪ରୁ ୫ଗୋଟି ଗାଈ ପାଳନ କରି ଗୋଟିଏ ଗୋବର ଗ୍ୟାସ ପ୍ଲାଣ୍ଟ ବସାଇ ସେଥିରୁ ମାସିକ ଜାଳେଣି ଖର୍ଚ୍ଚ ମିଳିପାରିବ ଏବଂ ଗୋବର ଖତକୁ ସାରର ବିକଳ୍ପ ଭାବେ ବିନିଯୋଗ କଲେ କ୍ଷେତରେ ସାର ପ୍ରୟୋଗ ଯଥେଷ୍ଟ ହ୍ରାସ ପାଇପାରିବ ।

> ସବୁଜ ଘାସରେ ଥିବା ରସ ବା ଜୈବିକ ପଦାର୍ଥରେ ରୋଗପ୍ରତିରୋଧକ ଶକ୍ତି ନିହିତ ଥିବା ଯୋଗୁ ପ୍ରାଣୀଙ୍କୁ ବିଭିନ୍ନ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରେ । ଏଥି ସହିତ ଗୋପାଳକମାନେ ଗାଈଙ୍କୁ ସବୁଜ ଫସଲ ଖାଇବାକୁ ଦେବା ଦ୍ୱାରା ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମିଯିବା ଯୋଗୁ ଅଧିକ ଲାଭବାନ ହୋଇଥାନ୍ତି ...

ଚଳିତବର୍ଷ ପାଣିପାଗ ବିଶେଷଜ୍ଞଙ୍କ ମତାମତ ଅନୁଯାୟୀ, ମୌସୁମୀ ବର୍ଷା ଠିକ୍ ସମୟରେ ଆରମ୍ଭ ହୋଇଅଛି । ତେଣୁ ଜୁନ୍ ଓ ଜୁଲାଇ ମାସ ମଧ୍ୟରେ ଗୋପାଳକମାନେ ବର୍ଷ ବ୍ୟାପୀ ବା ସବୁ ଦିନିଆ ଗୋଖାଦ୍ୟ ଫସଲ ଅନ୍ୟାନ୍ୟ ଫସଲ ଭଳି ଚାଷ କରି ଗାଈଙ୍କୁ ଖାଇବାକୁ ଦେଲେ, ଗୋପାଳନ ନିଶ୍ଚୟ ଏକ ଲାଭଜନକ ଉଦ୍ୟୋଗ ଭାବେ ପରିଗଣିତ ହେବ । ସବୁଦିନିଆ ଫସଲ ମଧ୍ୟରେ ବିଭିନ୍ନ କିସମର ଶସ୍ୟ ଜାତୀୟ ଫସଲ ହେଲା – ସଙ୍କର ହାତିଆ ଘାସ, ଗିନି ଘାସ, ପାରା ଘାସ, ନନ୍ଦି ଘାସ (ସେଟାରିଆ) ରୋଡ଼ସ୍, ସିଗ୍‌ନାଲ, କଙ୍ଗୋ ସିଗ୍‌ନାଲ, ମୋଲାସେସ୍, ହିମିଡ଼ିକୋଲା ଇତ୍ୟାଦି । ସେହିପରି ବର୍ଷବ୍ୟାପୀ ଛୁଇଁ ଜାତୀୟ ସବୁଜ ଗୋଖାଦ୍ୟ ଫସଲ ହେଲା – ଷ୍ଟାଇଲୋ, ସେଣ୍ଟ୍ରୋ, ସିରୋଟ୍ରୋ ଇତ୍ୟାଦି । ଏସବୁ କିସମର ଘାସ ଜମିରେ ଥରେ ଲଗାଇଲେ, ୪-୫ବର୍ଷ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏତଦ୍‌ବ୍ୟତୀତ, ସବୁଜ ଗୋଖାଦ୍ୟ ପାଇଁ ବିଭିନ୍ନ ଝଙ୍କାଳିଆ ପତ୍ର ବହୁଳ ଗଛ ଯଥା :– ସୁବାବୁଲ (କେଳି କଦମ୍ବ), ବବୁଲ, ଶିରିଶ, କାଞ୍ଚନ, ଅର୍ଜୁନ, ଅଗସ୍ତି ଆଦି ବିଲହିଡ଼, ବାଡ଼, ଫାର୍ମ ଚାରିପଟେରେ ଲଗାଇ ଦେଲେ ପତ୍ର ଓ କଅଁଳିଆ ଡ଼ାଳକୁ ବର୍ଷାର ତିରୋଟ ସମୟରେ ଗୋରୁ, ମଇଁଷି, ଛେଳି ଓ ମେଣ୍ଢାମାନଙ୍କ ଖାଦ୍ୟରୂପେ ବ୍ୟବହାର କରାଯାଇପାରିବ ।

**ମୃତ୍ତିକା ଓ ଜଳବାୟୁ:** ସଙ୍କର ହାତିଆ ଘାସ (ଏନ୍.ବି.-୨୧, ସି.ଓ.-୧, ସି.ଓ-୩, ସି.ଓ-୪) ହେଉଛି ଅଧିକ ଅମଳକ୍ଷମ ଘାସ ମଧ୍ୟରେ ଏହା ସର୍ବପ୍ରଥମ ଏବଂ ଏହା ବ୍ୟବସାୟଭିତ୍ତିକ ସବୁଜ ଗୋଖାଦ୍ୟ ଫସଲ ଭାବେ ଗ୍ରହଣ କରାଯାଏ । ଉଚ୍ଚ, ନିଗିଡ଼ା, ବାଲିଆ, ଦୋରସା ମାଟିରେ ହାତିଆ ଘାସ ଓ ଗିନି ଘାସ ବେଶ୍ ଭଲ ହୁଏ । ପାଣି ଜମୁଥିବା ବା ଓଦା ସନ୍ତସନ୍ତିଆ ଜମିରେ ପାରାଘାସ ବେଶ୍ ଉପଯୋଗୀ । ଲୁଣା ମାଟିରେ ରୋଡ଼ସ୍ ଘାସ ଫସଲ କରିବା ଭଲ । ଜଳଛାୟା ଅଞ୍ଚଳରେ ଷ୍ଟାଇଲୋ ଘାସ ଭଲ ହୁଏ । ଗଛ ଛାଇ ଜାଗାରେ ଗିନିଚାଷ ମଧ୍ୟ କରାଯାଇପାରିବ । ବବୁଲ ଓ ଶିରିଶ ଗଛ ମରୁଡ଼ି ସହନଶୀଳ ଏବଂ ଉଭୟ ଅମ୍ଳ ଓ କ୍ଷାରୀୟ ମୃତ୍ତିକାରେ ଭଲ ବଢ଼ିପାରେ । ନିଗିଡ଼ା ଓ ଦୋରସା ମାଟିରେ ଶିଶୁଗଛ ଭଲ ବଢ଼େ । ମରୁଡ଼ି ସହନଶୀଳ ଘାସ ହିମିଡ଼ିକୋଲା କମ୍ ବୃଷ୍ଟିରେ ବଢ଼ିପାରେ । ହିମିଡ଼ିକୋଲା ଓ ପାରା ଘାସ ଏକ ଜାତୀୟ ଓ ପ୍ରାୟ ଦେଖିବାକୁ ଏକାପରି ।

**ଚାଷ ପ୍ରଣାଳୀ:** ହାତିଆ ଓ ଗିନି ଘାସ ଫସଲ ଚାଷ ପାଇଁ ପ୍ରଥମେ ୩/୪ ଓଡ଼ ଗଭୀର ଚାଷ କରନ୍ତୁ । ତା' ପରେ ମଇ ଦେଇ ମାଟିକୁ ସମତୁଲ କରନ୍ତୁ । ଏହା ପରେ ଧାଡ଼ିକୁ ଧାଡ଼ି ୩ଫୁଟ ଓ ଗଛକୁ ଗଛ ୨.୫ଫୁଟ ବ୍ୟବଧାନରେ ୧୫ ସେମିର ଗଭୀର ଗାତ ଖୋଳି ସେଥିରେ ଜୈବିକ ବା ଗୋବର ଖତ ସହ ଏକର ପ୍ରତି ୧୦ଗାଡ଼ି ଗୋବର ଖତ ଦେଇ ଜମି ପ୍ରସ୍ତୁତ କରନ୍ତୁ । ପରେ ସେହି ଗାତଗୁଡ଼ିକରେ ହାତିଆ ବା ଗିନି ଘାସର କାଣ୍ଡ ବା ମୂଳକୁ ତେରଛା ଭାବରେ ରୋପଣ କରନ୍ତୁ । ପାଣି ଜମୁଥିବା ବା ସନ୍ତସନ୍ତିଆ ଜାଗାରେ କିମ୍ବା ଜମିହୁଡ଼ା, କେନାଲ ବା ପୋଖରୀ ବନ୍ଧ ବା ଖାଲ ସ୍ଥାନରେ ପାରା ଘାସର ମୂଳ ବା କାଣ୍ଡକୁ ପୋତି ଦିଅନ୍ତୁ । ଗିନି ଘାସର ଧାଡ଼ି ଓ ଗଛ ମଧ୍ୟରେ ବ୍ୟବଧାନ ଯଥାକ୍ରମେ ୨ ଫୁଟ ଓ ୧ଫୁଟ ରଖନ୍ତୁ।

ଛୁଇଁ ଜାତୀୟ ଘାସ ମଧ୍ୟରେ ଷ୍ଟାଇଲେ ଘାସ ହେଉଛି ଅଧିକ ପୁଷ୍ଟିଯୁକ୍ତ ଓ ମରୁଡ଼ି ସହଣିକ । ଏ ପ୍ରକାର ଘାସର ଚାଷ ଲାଗି ଜମିକୁ ବିଶେଷ ପ୍ରସ୍ତୁତ କରିବାକୁ ପଡ଼େ ନାହିଁ । ମାତ୍ର ୨ ଓଡ଼ ଚାଷ ପରେ ଏକର ପିଛା ୧୦୦ କି.ଗ୍ରା ଡ଼ିଏପି ସାର ଦେଇ ଉପରେ ମିଞ୍ଜୁ ଛାଟି ବୁଣି ଦେଲେ ବର୍ଷାରେ ଆପେ ଆପେ ଗଛ ହୋଇ ବଢ଼େ ।

**ଖତସାର:** ସବୁଦିନିଆ ଘାସ ଫସଲ ଜମିରେ ୪-୫ବର୍ଷ ପର୍ଯ୍ୟନ୍ତ ରହୁଥିବାରୁ ଅଧିକ ଖତସାର ଆବଶ୍ୟକ ହୋଇଥାଏ। ମନ୍ଦାଗୁଡ଼ିକରେ ବା ଜମିରେ ଏକର ପିଛା ୪ ଟ୍ରାକ୍ଟର ଟ୍ରଲି ଗୋବର ଖତ ବା କମ୍ପୋଷ୍ଟ ଦରକାର । ଏଥି ସହିତ ଏକର ପ୍ରତି ୧୦୦ କିଗ୍ରା ସିଙ୍ଗଲ ସୁପର ଫସ୍‌ଫେଟ ଓ ୧୫ କିଗ୍ରା ପଟାସ ସାର ଦେବାକୁ ପଡ଼ିବ । ଘାସ ଫସଲ ଅମଳ କରିନେବା ୬୦ଦିନ ପରେ ଏକର ପିଛା ୫୦କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ । ଗୁହାଳର ଆବର୍ଜନା ମିଶା ପାଣି ଓ ଗୋମୂତ୍ର ପାରା ଘାସ କିଆରିରେ ଛାଡ଼ିଦେଲେ ପାରାଘାସ ଭଲ ହୁଏ । ଷ୍ଟାଇଲୋ ଫସଲ ପାଇଁ ଏକର ପିଛା ୧୦ ଗାଡ଼ି ଶଢ଼ା ଗୋବର ଖତ, ୮ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ ସାର ଶେଷ ଓଡ଼ଚାଷ ବେଳେ ମଧ୍ୟ ପ୍ରୟୋଗ କରିପାରିବେ ।

ମୋ:୯୪୩୭୬୦୭୩୧୨

# ମିତ୍ର ଫସଲ



କିଶୋର ଚନ୍ଦ୍ର ପଣ୍ଡା

ମଣିଷ ତଥା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପରି ପ୍ରକୃତିରେ ଗଛ ମଧ୍ୟ ନଜର ବନ୍ଧୁ ବାଛିଥାଏ। ଅର୍ଥାତ୍, କେତେକ ପ୍ରକାର ଗଛ ସାଥୀରେ ରହିଲେ ଗଛ ଭଲ ବଢ଼ିପାରନ୍ତି ଏବଂ କେତେକ ପ୍ରକାର ଗଛ ଭଲ ଭାବରେ ବଢ଼ି ପାରନ୍ତି ନାହିଁ। ଏହି ପ୍ରକାର ଫସଲକୁ 'ମିତ୍ର ଫସଲ' ବା ସାଥୀ ଫସଲ କୁହାଯାଏ। ସ୍ୱଳ୍ପ ଖର୍ଚ୍ଚରେ ରୋଗ ପୋକ ପରିଚାଳନା, ଏକା ଥରେ ଦୁଇ ବା ତତୋଧିକ ଫସଲ ଅମଳ ତଥା ଜମିରେ ପୋଷକ ତତ୍ତ୍ୱର ସୁପରିଚାଳନା କରିବାକୁ ଚାହୁଁଥିଲେ ମିତ୍ର ଫସଲ ଅବଦାନ ଅନସ୍ୱୀକାର୍ଯ୍ୟ। ମିତ୍ର ଫସଲକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରିପାରିବା– (୧) ଅନ୍ତଃ ଫସଲ, (୨) ଯନ୍ତା ଫସଲ ।



### ସାରଣୀ

| ଫସଲ | କ୍ଷତିକାରକ କୀଟ/ପୋକ | ଯନ୍ତା ଫସଲର ନାମ |
|---|---|---|
| କପା | ବକରା ପୋକ, ଗୋଟିପୋକ | ଜଡା, ସୂର୍ଯ୍ୟମୁଖୀ, ଗେଣ୍ଡୁ |
| ବୁଟ–ହରଡ | ଆମେରିକୀୟ ବକରାବିନ୍ଧା ପୋକ | ଗେଣ୍ଡୁ |
| ଚିନାବାଦାମ | ନାଲି ଶଂବାଳୁଆ | ଜଡା |
| ଆଳୁ, ବାଇଗଣ, ଟମାଟୋ, ଭେଣ୍ଡି | ଚେର ଗଣ୍ଠି ସୂତ୍ରଜୀବ | ହଳଦିଆ କିସମ କଲିକତି ଗେଣ୍ଡୁ |



**ଅନ୍ତଃ ଫସଲ:** ମୁଖ୍ୟ ଫସଲ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପ ଅବଧିର ଏକ ଡାଲିଜାତୀୟ ଫସଲ ଚାଷ କରାଯିବାକୁ ଅନ୍ତଃ ଫସଲ କୁହାଯାଏ। ଏହାଦ୍ୱାରା ବାୟୁମଣ୍ଡଳରୁ ଯବକ୍ଷାରଜାନ ଡାଲିଜାତୀୟ ଫସଲର ଚେରରେ ବିବନ୍ଧିତ ହୋଇ ଫସଲକୁ ମିଳିଥାଏ ଓ ସେହି ସମାନ ଜମିରୁ ଅଧିକ ଅମଳ ମିଳେ। ଏହି ଫସଲରେ ପରାଶ୍ରୟୀ ତଥା ପରଭୋଜୀ (ଅନ୍ୟ କ୍ଷତିକାରକ କୀଟମାନଙ୍କୁ ଖାଇ ଦେଉଥିବା କୀଟ) କୀଟମାନଙ୍କ ସଂଖ୍ୟାରେ ବୃଦ୍ଧି ପାଏ ତଥା ମୁଖ୍ୟ ଫସଲରେ କ୍ଷତିକାରକ କୀଟମାନଙ୍କ ସଂଖ୍ୟା କମିଯାଏ। ଉଦାହରଣସ୍ୱରୂପ : ବିଲାତି ବାଇଗଣ ଓ ବନ୍ଧାକୋବିକୁ ମିଶ୍ରିତ ଫସଲ ରୂପେ ଗ୍ରହଣ କଲେ ବିଲାତି ବାଇଗଣର ଫଳବିନ୍ଧା ପୋକ ଏବଂ ବନ୍ଧାକୋବିର ଠିକିରିଆ ପୋକ ଆକ୍ରମଣ କମିଥାଏ। କପା ସହିତ ମକା ଓ ବରଗୁଡି ଲଗାଇଲେ ଜମିରେ ଉପକାରୀ କୀଟ ସଂଖ୍ୟା ବଢ଼ି ବକରା ପୋକ ପରିଚାଳନାରେ ସାହାଯ୍ୟ କରିଥାଆନ୍ତି। ପନିପରିବା ସହିତ ଗେଣ୍ଡୁ କିମ୍ବା ଧନିଆ ବୁଣିଲେ ଅଧିକ ସିରପିଡ୍ ମାଛି ଦେଖାଯାଆନ୍ତି, ଯେଉଁମାନେ ପନିପରିବାରୁ ଜଉପୋକ ଓ ଅନ୍ୟାନ୍ୟ କୋମଳ ଦେହଧାରୀ କ୍ଷତିକାରକ ପୋକମାନଙ୍କୁ ଖାଇଥାଆନ୍ତି।

କେତେକ ଗଛର ଗନ୍ଧକୀଟଙ୍କୁ ଆକର୍ଷିତ କରିଥାଆନ୍ତି। ଏହି ଗଛକୁ ଫସଲ ମଝିରେ ଲଗାଯାଇ କୀଟଦ୍ୱାରା ହେଉଥିବା କ୍ଷତିକୁ କମ୍ କରାଯାଏ। ଏହି ଗଛଗୁଡିକ ହେଉଛନ୍ତି ବରଗୁଡି, ରାଇ, ସୋରିଷ, ଗେଣ୍ଡୁ ଇତ୍ୟାଦି। ବରଗୁଡି ଓ ରାଇ ଉପରେ ମାଓ୍ୱା କୀଟ ଜମା ହୋଇଯାଆନ୍ତି। ଫଳରେ ମୁଖ୍ୟ ଫସଲ ବଞ୍ଚିଯାଏ। ଅନ୍ତଃ ଫସଲ ଚାଷ ଦ୍ୱାରା ପୋକର ସାଧାରଣ ଚଳ ପ୍ରଚଳରେ ଅସୁବିଧା ସୃଷ୍ଟି ହୋଇଥାଏ।

**ଯନ୍ତା ଫସଲ ଚାଷ:** ଅନେକ ଫସଲରେ ଲାଗୁଥିବା ପୋକମାନେ ସ୍ୱାଦଦୃଷ୍ଟିରୁ କେତେକ ଫସଲରେ ଅଧିକ ତଥା କେତେକ ଫସଲରେ କମ୍ ଲାଗିଥାଆନ୍ତି। ତେଣୁ କମ୍ ପୋକ ଲାଗୁଥିବା ଫସଲ ସହିତ ଅଧିକ ଫସଲକୁ ଯନ୍ତା ଫସଲ ଆକାରରେ ଲଗାଇ ଅଧିକ ଲାଗୁଥିବା ପୋକ ନିୟନ୍ତ୍ରଣ କରି କମ୍ ଲାଗୁଥିବା ଫସଲକୁ ରକ୍ଷା କରାଯାଇପାରେ। ଉଦାହରଣସ୍ୱରୂପ ଠିକିରିଆ ପୋକ ବନ୍ଧାକୋବି ଅପେକ୍ଷା ସୋରିଷକୁ ଅଧିକ ପସନ୍ଦ କରନ୍ତି। ଏଥିପାଇଁ ଦୁଇ ଧାଡି ସୋରିଷ ଏବଂ ୨୫ ଧାଡି ବନ୍ଧାକୋବି ମିଶ୍ରିତ ଚାଷ କରନ୍ତୁ। ଜମିର ଆରମ୍ଭରେ ଓ ଶେଷରେ ସୋରିଷ ଧାଡି ରଖନ୍ତୁ।

କେତେକ ଗଛ କୀଟ ଭ୍ରମରେ ପକାନ୍ତି। ଏଥିପାଇଁ ଏମାନଙ୍କ ସଂଖ୍ୟା ବୃଦ୍ଧି ହୋଇପାରେ ନାହିଁ ବା ଏମାନେ ମରିଯାଆନ୍ତି। ଉଦାହରଣସ୍ୱରୂପ କପା ସହିତ ମକାର କିଛି ଗଛ ଲଗାଇଲେ, କାଟରପିଲାର ଭ୍ରମରେ ପଡି କପା ଫୁଲ ବଦଳରେ ମକାର କେଶର ଉପରେ ଅଣ୍ଡା ଦେଇ ଦିଅନ୍ତି ଓ ପରେ ଏହି ଅଣ୍ଡାମାନେ ଖାଦ୍ୟ ଅଭାବରୁ ମରିଯାଆନ୍ତି। ଜଡାର ଗନ୍ଧା କୀଟମାନଙ୍କୁ ଭଲ ଲାଗୁ ନ ଥିବାରୁ ଏହା ଏକ ଉତ୍କୃଷ୍ଟ ଯନ୍ତା ଫସଲ ରୂପେ ଚାଷ କରାଯାଇଥାଏ।

କେଉଁ ଫସଲରେ କେଉଁ ଫସଲକୁ ଯନ୍ତା ଫସଲ ହିସାବରେ ବ୍ୟବହାର କରି କେଉଁ ରୋଗପୋକ ଦାଉରୁ ରକ୍ଷା କରାଯାଇପାରିବ ତାହାର ତାଲିକା ଉପର ସାରଣୀରେ ପ୍ରଦାନ କରାଯାଇଛି।

–ପ୍ରାକୃତିକ କୃଷି ବିଶେଷଜ୍ଞ, ଭୁବନେଶ୍ୱର,
ମୋ : ୯୮୬୧୩୯୭୬୪୩

# ମକାର ଉନ୍ନତ କିସମ



ମକା ଚାଷ କରୁଥିଲେ ଏହାର ବୁଣିବା କାମ ଶୀଘ୍ର ଶେଷ କରନ୍ତୁ। ମକାର ଉନ୍ନତ କିସମ ମଧ୍ୟରେ ରହିଛି–ନଭଜୋତ୍, ବିଜୟା, ଶକ୍ତି, ଡେକାନ୍–୧୦୭ ଓ ଡେକାନ୍–୧୦୯। ଏକର ପ୍ରତି ୬ କିଗ୍ରା ମକା ବିହନ ଆବଶ୍ୟକ ହୋଇଥାଏ। ମକା ବିହନ ଲଗାଇବା ପୂର୍ବରୁ ଏକର ପିଛା ୬ କିଗ୍ରା ବିହନ ବ୍ୟବହାର କରନ୍ତୁ। ପ୍ରତି କିଗ୍ରା ବିହନରେ ୩ ଗ୍ରାମ କ୍ୟାପଟାନ୍ କିମ୍ବା ଥିରାମରେ ବିହନ ବିଶୋଧନ କରନ୍ତୁ। ମକା ବିହନକୁ ୫ ସେମି ଗଭୀରତାରେ ୫୦x୩୦ ସେମି ବ୍ୟବଧାନରେ ବୁଣନ୍ତୁ। ଏକର ପ୍ରତି ମୂଳ ସାର ହିସାବରେ ୮:୧୬:୧୬ କିଗ୍ରା ଯବକ୍ଷାରଜାନ, ଫସଫରସ ଓ ପଟାସ୍ ଖାଦ୍ୟସାରକୁ ସିଆରରେ ପ୍ରୟୋଗ କରନ୍ତୁ। ବିହନକୁ ବୁଣିବା ପୂର୍ବରୁ ଜୀବାଣୁ ସାର ଯଥା–ଆଜୋଟୋବ୍ୟାକ୍ଟର, ଆଜୋସ୍ପିରିଲମ (କିଗ୍ରା ପ୍ରତି ୫୦ ଗ୍ରାମ ହିସାବରେ) ଗୋଳାଇ ବୁଣନ୍ତୁ। ମକା ଚାଷରେ ଘାସ ଦମନ ପାଇଁ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ୬ କିଗ୍ରା ଅଟ୍ରୋଟାଫ ବୁଣିବାର ଦୁଇ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।

# ଚାଷୀଙ୍କ ପାଇଁ..

ଯେକୌଣସି ଫଳଚାଷ କରିବା ପୂର୍ବରୁ ସେଗୁଡିକର ଉନ୍ନତ କିସମ ବିଷୟରେ ଜାଣିବା ଦରକାର। ଏହାଦ୍ୱାରା ଫଳଚାଷରୁ ଭଲ ଲାଭ ମିଳିଥାଏ। ଆମ୍ବର ଉନ୍ନତ କିସମ ମଧ୍ୟରେ ରହିଛି–ବାଇଗଣ ପଲ୍ଲୀ, ତୋଟାପୁରୀ, ସୁବର୍ଣ୍ଣରେଖା, ନୀଲମ, ଲାଙ୍ଗଡା, ଦଶେରୀ, କିଶାନଭୋଗ, ଆମ୍ରପଲ୍ଲୀ ଏବଂ ହିମସାଗର।

–କଦଳୀର ଉନ୍ନତ କିସମ: କାବୁଲି, ରୋବୁଷ୍ଟା, ପାଟକପୁରା, ଚମ୍ପା, ଗଜବନ୍ତଳ, ଅମୃତବଂଶୀ, ବତିଶା ବନ୍ତଳ।

ପିଜୁଳିର ଉନ୍ନତ କିସମ ମଧ୍ୟରେ ରହିଛି–ଆଲ୍ଲାହାବାଦ ସଫେଦ, ଲକ୍ଷ୍ନୌ–୪୯, ବନାରସି ସିଡଲେସ। ଜଳସେଚନର ସୁବିଧା ଥିଲେ ଖାଇବା ପାଇଁ କଞ୍ଚା ମକା ଫସଲ ଲଗାଯାଇ ପାରିବ। ଲଗାଇବା ପାଇଁ କିସମ ଚୟନ, ଜମି ପ୍ରସ୍ତୁତି କରିନିଅନ୍ତୁ। ନଳିତା ତିନି ସପ୍ତାହର ହୋଇଯାଇଥିଲେ କୋଡାଖୁସା ସାରି ପ୍ରଥମ ଦଫା ଘାସ ବାଛି ଦିଅନ୍ତୁ ଏବଂ ତା'ସହ ଗଛ ପତଳା କରିଦିଅନ୍ତୁ। ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ପାଞ୍ଚ–ସାତ ମାସରେ ଭେଳା ବାନ୍ଧନ୍ତୁ।



## ପରିମଳ କର୍ମଚାରୀଙ୍କୁ ହୋମିଓପାଥି ଔଷଧ

ପୁରୀ ଅଫିସ: ପୁରୀ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ହୋମିଓପାଥି ଗବେଷଣା ସଂସ୍ଥାନ ପକ୍ଷରୁ ଟାଉନ ହଲ୍‌ରେ ମଙ୍ଗଳବାର ଦ୍ୱିଦିବସୀୟ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇଛି। ଏହାକୁ ପୌରନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ସେଠ୍, ଆଞ୍ଚଳିକ ହୋମିଓପାଥି ସଂସ୍ଥାନର ଗବେଷଣା ଅଧିକାରୀ ଡା. ଉମାକାନ୍ତ ପୃଷ୍ଟି, ଡା. ଅକ୍ଷୟ କୁମାର ପୃଷ୍ଟି ଏବଂ ଡା. ସୁଜାତା କୁମାରୀ ଚୌଧୁରୀ ମହାମାରୀ କରୋନା ସମ୍ପର୍କରେ ସଚେତନ ସୃଷ୍ଟି କରିଥିଲେ। ପ୍ରଥମ ଦିନରେ ୨୬୮ ପରିମଳ କର୍ମଚାରୀ, ୩୨ ଜଣ ପୌରସଂସ୍ଥା ଗାଡ଼ିଚାଳକ ଓ ୨୩ଜଣ ପୌର କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଏହି ଔଷଧ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୧୬ା୬(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଦୁର୍ଗାମଣ୍ଡପ ପଡ଼ିଆ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଖଣ୍ଡା, ଭୁଜାଲି ଏବଂ ହକି ଷ୍ଟିକରେ ସଂଘବଦ୍ଧ ଆକ୍ରମଣ ହୋଇଛି। ସେ ହେଲେ ନିଳାଦ୍ରୀ ବିହାର ଅଞ୍ଚଳରେ ରହୁଥିବା ଦିବ୍ୟସିଂ ମୃତ୍ୟୁଞ୍ଜୟ। ଦିବ୍ୟଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଦିବ୍ୟ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗାମଣ୍ଡପ ପଡ଼ିଆ ନିକଟରେ ଠିଆ ହୋଇଥିଲେ। ଉକ୍ତ ସମୟରେ ବାଇକରେ ୫ ଜଣରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କ ଚେନ ଓ ପର୍ସ ଛଡାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**କଟକସଦର,୧୬ା୬(ଡି.ଏନ୍.ଏ.):** କିଶନନଗର ଥାନା ଅନ୍ତର୍ଗତ ସାଇଲୋ ଗ୍ରାମର ଜଣେ ମହିଳାଙ୍କୁ ସୋମବାର ସନ୍ଧ୍ୟାରେ ଅସଦାଚରଣ କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୮୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ୨ଜଣ ଯୁବକଙ୍କର କୌଣସି କାରଣକୁ ନେଇ ଉକ୍ତ ମହିଳାଙ୍କ ସହ ବଚସା ହୋଇଥିଲା। ଏହି ସମୟରେ ମହିଳାଙ୍କ ନଣନ୍ଦ, ଶାଶୁ ଓ ଶ୍ୱଶୁର ଆସିବାରୁ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ହୋଇଥିଲା। ଫଳରେ ନଣନ୍ଦ, ଶାଶୁ ଓ ଶ୍ୱଶୁର ଆହତ ହୋଇଥିଲେ। ଏ ନେଇ ଯୁବକଦ୍ୱୟ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଅପରପକ୍ଷେ ୨ ଯୁବକ ମଧ୍ୟ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆମକୁ ଆକ୍ରମଣ କରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ମଧ୍ୟ ନଂ.୮୫/୨୦ରେ ମାମଲା ରୁଜୁ କରିଛି।

### ୨ ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ

**କଣାସ,୧୬ା୬(ସ୍ୱ.ପ୍ର.):** କଣାସ ଥାନା ଅନ୍ତର୍ଗତ ଝାରଡା ଗ୍ରାମରୁ ପୋଲିସ ୨ଟି ଚୋରି ବାଇକ୍ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ପ୍ରଶାନ୍ତ ଜଗଦେବ। ସତ୍ୟବାଦୀ ଥାନା ଅଧୀନ ନୂଆଗାଁର ମାନସ ପ୍ରଧାନ ଗତ ୯ତାରିଖରେ ବିଜିପୁର ବଜାରକୁ ସୌଦା ପାଇଁ ଆସିଥିବାବେଳେ ବଜାରରୁ ନଂ.ଓଡି୧୩ଏ ୧୧୨୪ ବିଶିଷ୍ଟ ବାଇକ ଚୋରି ହୋଇଯାଇଥିଲା। ଏ ନେଇ ମାନସ କଣାସ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ତପନ ରାଉତ କେସ୍ ନଂ ୯୫/୨୦ରେ ମାମଲା ରୁଜୁ କରି ଏଏସ୍ଆଇ କାହ୍ନୁଚରଣ ସାହୁଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଏସ୍ଆଇ ସାହୁ ତଦନ୍ତ ସମୟରେ କୌଣସି ସୂତ୍ରରୁ ଖବରପାଇ ପ୍ରଶାନ୍ତଙ୍କ ଘରେ ୨ଟି ଚୋରି ଗାଡ଼ି ଥିବା ଜାଣି ଚଢ଼ାଉ କରି ଧରିଥିଲେ। ପରେ ପ୍ରଶାନ୍ତଙ୍କୁ ପଚରାଉଚରା କରି ଗିରଫ କରିଥିଲେ। ଅନ୍ୟ ବାଇକଟି(ନଂ.ଓଆର୦୨ ବିଏ ୯୬୮୫) ବୋଲଗଡ ଥାନା ଅନ୍ତର୍ଗତ ରାମ ଚନ୍ଦ୍ରପୁରପାଟଣା ଉଦାସ ସୁବୁଦ୍ଧିଙ୍କର ବୋଲି ଜଣାପଡିଛି। ଉଦାସଙ୍କ ବାଇକ୍‌ଟି ଖୋର୍ଦ୍ଧା ଅଞ୍ଚଳରୁ ଚୋରି ହୋଇଥିବା ଅଭିଯୋଗ କରିଥିଲେ।

# ପରଦା କଳାର ସହର ଧଳାପଥର

**ଖୋର୍ଦ୍ଧା ଅଫିସ,୧୬ା୬**



ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଧଳାପଥର ପରଦା କଳାର ସହର ଭାବେ ପରିଚିତ। ଘର ସାଜସଜ୍ଜାଠାରୁ ଅଫିସ ଆଦି ସ୍ଥାନରେ ପରଦା ଲାଗିଥାଏ। ଦୀର୍ଘ ବର୍ଷ ପୂର୍ବେ ହସ୍ତତନ୍ତରେ ଏହି କଳାକୁ ଧଳାପଥର ଅଞ୍ଚଳର ଉଦୟନାଥ ସାହୁ ଅତି ନିଖୁଣ ଭାବେ ଚିତ୍ରଣ କରିପାରୁଥିଲେ। ପରଦାରେ ଉଦୟନାଥ ଶ୍ରୀମନ୍ଦିର, କୋଣାର୍କ, ଖଣ୍ଡଗିରି, ଉଦୟଗିରି, ଧଉଳି ସ୍ତୂପ, ତାଜମହଲ, ଅଶୋକ ଚକ୍ର, ଓଡ଼ିଶାର ମାନଚିତ୍ର, ମହାପ୍ରଭୁଙ୍କ ବିଭିନ୍ନ ବେଶ, ନବଗୁଞ୍ଜର, କଳସ, ଦେବଦେବୀ, ପଶୁପକ୍ଷୀ, ଗଛଲତା ଆଦି ପ୍ରସ୍ତୁତ କରି ଦେଶ ତଥା ବିଦେଶରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ପରଦାରେ ରହିଥିଲା ଏକ ବିଶେଷ ଆକର୍ଷଣ, ଯାହାକି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଥିଲା।

ଉଦୟନାଥ ନିଜ ପ୍ରଚେଷ୍ଟାରେ ପ୍ରଥମେ ବୁଣାଲୁଗାରେ ଏକ ଶ୍ରୀମନ୍ଦିରର କଳାକୃତି ପ୍ରସ୍ତୁତ କରିଥିଲେ। ବିଭିନ୍ନ ଗଛର ଛେଲି, ପତ୍ର ଫଳ ଆଦିରୁ ସେ ଭିନ୍ନ ରଙ୍ଗ ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ଥିଲେ। ଶାଢ଼ି, ପାଟଲୁଗା, ବସ୍ତ୍ର ଆଦି ବିଭିନ୍ନ

### ହସ୍ତତନ୍ତରେ କଳାକୃତି ପାଇଁ ଗୌରବ ଆଣିଥିଲେ ଉଦୟନାଥ

ଶୈଳୀରେ ବୁଣୁଥିଲେ। ସେହି ସମୟରେ ହସ୍ତତନ୍ତ ଏବଂ ହାତ ତିଆରି ଶାଢିର ଚାହିଦା କମିବା ବେଳେ ସେ ପରଦା କଳା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଏହି ପରଦା କଳାକୁ ଲୋକପ୍ରିୟ ଲାଗି ସେ ଉକ୍ତ ସମୟରେ ବୁଣାକାରଙ୍କୁ ନେଇ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ଆୟୋଜନ କରିଥିଲେ, ଯାହାକି ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଥିଲା। ପରଦା କଳା ପାଇଁ ଉଦୟନାଥଙ୍କୁ ୧୯୪୬ ମସିହାରେ ତତ୍କାଳୀନ ଓଡ଼ିଶା ଗଭର୍ନର ହାର୍ଥୋନ୍ ଲୁଇସ୍ ସମ୍ମାନିତ କରିଥିଲେ। ସେହିପରି ୧୯୫୫ରେ ସୌରାଷ୍ଟ୍ର ଖଦି ବୋର୍ଡ ଏବଂ ୧୯୫୬ରେ ବନାରସ ଖଦି ବୋର୍ଡ ଠାରୁ ସେ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ ହୋଇଥିଲେ। ସେହି ସମୟରେ ହସ୍ତତନ୍ତକୁ ଉଜ୍ଜୀବିତ କରିବା ଲାଗି ସେ ଧଳାପଥର ତନ୍ତବାୟ ସହଯୋଗ ସମିତି ପ୍ରତିଷ୍ଠା କରିଥିଲେ। ଉଦୟନାଥଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି କଳା ଦେଶରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏହି ପରଦା କଳାକୁ ଧଳାପଥର ଅଞ୍ଚଳର ବୁଣାକାରମାନେ ମଧ୍ୟ ଆପଣାଇ ନେଇଛନ୍ତି।

# ଡାକ୍ତରୀ ଛାତ୍ର କରୋନା ଆକ୍ରାନ୍ତ

**କଟକ ଅଫିସ,୧୬ା୬**

ଏସ୍‌ସିବି ମେଡିକାଲ ଓ କଲେଜର ଜଣେ ଏମ୍‌ବିବିଏସ୍ ଶେଷବର୍ଷ ଡାକ୍ତରୀ ଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂକ୍ରମଣ ଭୟ ଦେଖାଦେଇଛି। ଚିହ୍ନଟ ଛାତ୍ରଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଛାତ୍ର କିଛିଦିନ ପୂର୍ବେ କୌଣସି କାର୍ଯ୍ୟରେ ହାଇଦ୍ରାବାଦ ଯାଇଥିଲେ। ତାଙ୍କ ସହ ୮ଜଣ ଛାତ୍ର ମଧ୍ୟ ଯାଇଥିଲେ। ପରୀକ୍ଷା ଦେବା ପାଇଁ ସେମାନେ ଗତ ୪ତାରିଖରେ ଏସ୍‌ସିବିକୁ ଫେରିଥିଲେ।

### ଡମପଡ଼ାରୁ ଜଣେ ମହିଳା ପଜିଟିଭ

ସେମାନେ ରାଜ୍ୟ ବାହାରୁ ଫେରିଥିବା ମେଡିକାଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବା ସହ ସ୍ୱାବ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ମଙ୍ଗଳବାର ଉକ୍ତ ଛାତ୍ରଙ୍କର ରିପୋର୍ଟ ପଜିଟିଭ ଆସିଛି। ସେହିପରି ଡମପଡ଼ା ବ୍ଲକରେ ଜଣେ ୨୦ବର୍ଷୀୟା ମହିଳା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ କିଛିଦିନ ତଳେ ପଶ୍ଚିମବଙ୍ଗରୁ ଫେରିଥିଲେ।

# ଥାନାକୁ ଯିବାରୁ ବୃଦ୍ଧଙ୍କୁ କଟୁରି ଚୋଟ

**ଚୌଦ୍ୱାର,୧୬ା୬(ଡି.ଏନ.ଏ)**

ଚୌଦ୍ୱାର ଟିପିଏମ ଫାଣ୍ଡି ଅନ୍ତର୍ଗତ ପାଇକରାପୁର ଗ୍ରାମରେ ମଙ୍ଗଳବାର ରାତିରେ ଥାନାକୁ ଯିବା ନେଇ ଜଣେ ବ୍ୟକ୍ତିଙ୍କ କଟୁରି ଚୋଟରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଧରଣୀ ସ୍ୱାଇଁ। ଏଥିରେ ତାଙ୍କ କାନ, ହାତ ଓ ଗାଲରେ କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫାଣ୍ଡି ପୋଲିସ ପହଞ୍ଚି ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ସହ ତଦନ୍ତ ଚଳାଇଛି। ବୃଦ୍ଧଙ୍କ ସ୍ତ୍ରୀ ସୁଲୋଚନାଙ୍କ କହିବା ଅନୁଯାୟୀ, ସନ୍ଧ୍ୟାରେ କେତେଜଣ ବ୍ୟକ୍ତି ଗ୍ରାମକୁ ଆସୁଥିବାବେଳେ ଧରଣୀକୁ ଦେଖି ଗାଳିଗୁଲଜ କରିଥିଲେ। ଏ ନେଇ ଧରଣୀ ଟିପିଏମ ଫାଣ୍ଡିରେ ଅଭିଯୋଗ କରିଥିଲେ। ପରେ ଉକ୍ତ ବ୍ୟକ୍ତି ଜଣକ ଏ କଥା ଜାଣିବା ପରେ ଧରଣୀଙ୍କୁ କଟୁରିରେ ଆକ୍ରମଣ କରିଥିଲେ।

# ୧୯ରେ ମକ୍ ଡ୍ରିଲ୍ ସହ ସଚେତନତା

**କଟକ ଅଫିସ,୧୬ା୬**

ଜିଲାରେ ବାତ୍ୟା, ବନ୍ୟା ଓ ଅନ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ନେଇ ଉଦ୍ଧାର, ପ୍ରାଥମିକ ଚିକିତ୍ସା କୌଶଳ, ଆଶ୍ରୟସ୍ଥଳୀକୁ ଦିଆଯାଉଥିବା ବିଭିନ୍ନ ଉପକରଣର ବ୍ୟବହାର, ଉଦ୍ଧାରକାରୀ ଦଳ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ଉଦ୍ଧାରକରି ଆଶ୍ରୟସ୍ଥଳୀକୁ ଆଣିବା ଓ ଉଚ୍ଚକୋଠାରୁ ବିପନ୍ନ ଲୋକଙ୍କୁ ଉଦ୍ଧାର କରାଯିବାର ମକ୍ ଡ୍ରିଲ ୧୯ ତାରିଖରେ ଚିତ୍ରକଳା, ଫଟୋ ଦ୍ୱାରା ପ୍ରଦର୍ଶନ କରାଯିବ।

### ବିପର୍ଯ୍ୟୟ ମୁକାବିଲା ପାଇଁ ବୈଠକ

ଏହି ପ୍ରକାରେ ଜିଲାର ୧୪ଟି ବ୍ଲକର ଲୋକଙ୍କୁ ସଚେତନ କରାଯିବା ପାଇଁ ସ୍ଥିର ହୋଇଥିବା ଅତିରିକ୍ତ ଜିଲାପାଳ ମିଶ୍ର ବୈଠକରେ କହିଛନ୍ତି। ଜିଲା ଜରୁରିକାଳୀନ ବିଭାଗ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡ଼ଙ୍ଗୀ, ଜିଲା ଆପାତକାଳୀନ ଅଧିକାରୀ ପ୍ରଦୀପ ତ୍ରିପାଠୀ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ସାଲେପୁର,୧୬ା୬(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଦେଇଯାଇଥିବା କଟକ–ଚାନ୍ଦବାଲି ରାସ୍ତାର ସପନପୁରସ୍ଥିତ ମା’ସନ୍ତୋଷୀ ମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୈକୁଣ୍ଠ ଦାସ(୨୨)। ସେହିପରି ଗୁରୁତର ଦ୍ୱୟ ହେଲେ ସୁଶାନ୍ତ କୁମାର ସାହୁ ଓ ରାଜେଶ ନାୟକ। ୩ ଜଣ ଏକ ପଲସର ବାଇକ୍‌ରେ ଦ୍ରୁତ ଗତିରେ ସାଲେପୁରରୁ କଟକ ଅଭିମୁଖେ ଆସୁଥିବା ବେଳେ ମା’ସନ୍ତୋଷୀ ମନ୍ଦିର ନିକଟରେ ଯାଉଥିବା ଅନ୍ୟ ଏକ ବାଇକ୍ ସହ ଘଷି ହୋଇଯାଇଥିଲେ। ଫଳରେ ଭାରସାମ୍ୟ ହରାଇ ସେମାନେ ତଳେ ପଡ଼ିଯାଇଥିଲେ। ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ଘଟଣାସ୍ଥଳରେ ବୈକୁଣ୍ଠଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ଗୁରୁତରଦ୍ୱୟଙ୍କ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ବିସ୍ଥାପିତ ହେଲେ, ମୌଳିକ ସୁବିଧା ପାଇଲେନି

**କଟକ ଅଫିସ,୧୬ା୬**

ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କ୍ରମରେ ଜିଲା ପ୍ରଶାସନ ଜୟ ମା’ ମଙ୍ଗଳା ବସ୍ତି ଓ ରାଣୀହାଟ ଯୋବ୍ରା କେନାଲ ରୋଡରେ ଥିବା ବହୁ ବସ୍ତି ଉଚ୍ଛେଦ କରିଛି। ସେଠାକାର ବସ୍ତିବାସିନ୍ଦାଙ୍କୁ ନିମପୁର ଶ୍ମଶାନ ନିକଟକୁ ସ୍ଥାନାନ୍ତର କରାଯାଇଛି। ଜିଲା ପ୍ରଶାସନ ସେମାନଙ୍କର ସମସ୍ତ ବ୍ୟବସ୍ଥା କରିବ ବୋଲି କହି ଏଯାବତ୍ ସେମାନଙ୍କର ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରିପାରି ନାହିଁ।

ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସବୁ ସମସ୍ୟା ବଖାଣିଛି। ଲକ୍‌ଡାଉନ୍‌ରେ ବସ୍ତିବାସିନ୍ଦାଙ୍କ ନିକଟରେ ସରକାରୀ ଅଧିକାରୀଙ୍କ ପାଦ ପଡ଼ିନାହିଁ। ଅନ୍ୟପକ୍ଷରେ ନଦୀକୂଳରେ ବସ୍ତି



ଖବରଦାତା ସମ୍ମିଳନୀରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ସଦସ୍ୟମାନେ।

### ବସ୍ତିବାସିନ୍ଦାଙ୍କ ଦୁଃଖ

ରହିଥିବାରୁ ବାଲି ଅତଡ଼ା ଧସୁଛି। ଫଳରେ ନୂଆ କରି ଗଢ଼ିଥିବା ଘର ଏବେ ଭୁଶୁଡ଼ିବା ଡର ଲାଗିରହିଛି। ନଦୀକୂଳରେ ପଥର ପ୍ୟାକିଂ, ସବୁ ଘରକୁ ବିଜୁଳି ସଂଯୋଗ, ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ୍ ପାଇଖାନା ନିର୍ମାଣ କରିବାକୁ ମଞ୍ଚ ଦାବି କରିଛି। ନଚେତ୍ ବସ୍ତିବାସିନ୍ଦା ରାସ୍ତାକୁ ଆସିବାକୁ ବାଧ୍ୟ ହେବେ ବୋଲି ମଞ୍ଚ ଆବାହକ ଖଗେଶ୍ୱର ସେଠୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଯୁବ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଡ. ବିଶ୍ୱଜିତ ରାୟ, ବସ୍ତିନେତା ଦୀପକ ଦାସ, ସସ୍ମିତା ମହାନ୍ତି, ବିଷ୍ଣୁ ନାୟକ, ସିପ୍ରା ମହାନ୍ତି, ଦୀପକ ଶୁକ୍ଳା ଉପସ୍ଥିତ ଥିଲେ।

# ରଥଯାତ୍ରା ନେଇ ସ୍ପଷ୍ଟ କରନ୍ତୁ ସରକାର: ସୁରେଶ

**ଭୁବନେଶ୍ୱର,୧୬ା୬(ବ୍ୟୁରୋ)**

ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କିପରି ଶୃଙ୍ଖଳାର ସହ ଚାଲିବ ସରକାର ବ୍ୟବସ୍ଥା କରନ୍ତୁ ବୋଲି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ, ଗଜପତି ମହାରାଜା, ଶଙ୍କରାଚାର୍ଯ୍ୟ, ସେବାୟତ, ଜନସାଧାରଣ ଏପରି କି ଆମେ ମଧ୍ୟ ରଥଟଣା ହେଉ ବୋଲି ଚାହୁଁଛୁ। ପୁରୀ ଗଜପତି ମହାରାଜ, ଶଙ୍କରାଚାର୍ଯ୍ୟ, ମନ୍ଦିର ପରିଚାଳନା କମିଟି, ସେବାୟତ ଓ ପୋଲିସ କର୍ମଚାରୀ ରଥଟଣା କାର୍ଯ୍ୟକ୍ରମ କେବଳ କରିବେ। ବାହୁଡ଼ାଯାତ୍ରା, ସୁନାବେଶ ଶେଷ କରି ଜଗନ୍ନାଥଙ୍କୁ ମନ୍ଦିର ପ୍ରବେଶ କରାଇବେ। ରଥଯାତ୍ରା ହେବକି ନାହିଁ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ପାସ୍ ସିଷ୍ଟମ ବନ୍ଦ କରାଯାଉ। ଯେଉଁମାନଙ୍କ ରଥଯାତ୍ରାରେ ଡ୍ୟୁଟି ଥିବ ସେମାନଙ୍କୁ କେବଳ ପାସ୍ ଦିଆଯାଉ। ସାରା ପୃଥିବୀର ଜନସାଧାରଣ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଅପେକ୍ଷା କରିଛନ୍ତି ବୋଲି ସୁରେଶ କହିଛନ୍ତି। କରୋନା ଟେଷ୍ଟିଂକୁ ନେଇ ସେ କହିଛନ୍ତି ଯେ, ଦିନକୁ ଦିନ ଦେଶରେ ଏବଂ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ବିଶ୍ୱରେ ଆମ ଦେଶ ଭାରତ କରୋନା ସଂକ୍ରମିତଭାବେ ଚତୁର୍ଥ ସ୍ଥାନରେ ପହଞ୍ଚିଲାଣି। ସେହିପରି ଦେଶରେ ଓଡ଼ିଶା ମଧ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଦିନକୁ ଦିନକୁ ସ୍ଥାନ ପରିବର୍ତ୍ତନ କରୁଛି। କରୋନା ଚିହ୍ନଟ ରୋଗୀ ସଂଖ୍ୟା ପ୍ରାୟ ୪ ହଜାର ୫୫ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧୧ହେଲାଣି। ଏ ତଥ୍ୟ ମିଥ୍ୟା ବୋଲି କଂଗ୍ରେସ ଅଭିଯୋଗ କରୁଛି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**ପୁରୀ ଅଫିସ,୧୬ା୬**

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମଙ୍ଗଳବାର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବିଜୟ କୁମାର ନନ୍ଦ ୬୫ହଜାର ଟଙ୍କା ଦାନ କରିଛନ୍ତି। ସେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ବଳୱନ୍ତ ସିଂଙ୍କୁ ଉକ୍ତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ନନ୍ଦଙ୍କ ଏଭଳି ମନୋବୃତ୍ତିକୁ ଜିଲାପାଳ ପ୍ରଶଂସା କରିଛନ୍ତି।

# ମା’ ଉଗ୍ରତାରାଙ୍କ ପୀଠରେ ପରମ୍ପରା ବନ୍ଦ

**ନିରାକାରପୁର,୧୬ା୬(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯାଉଛି। ଏଥିରୁ ମା’ ଉଗ୍ରତାରାଙ୍କ ପୀଠ ବାଦ୍ ପଡିନାହିଁ। ପ୍ରତିବର୍ଷ ରଜପର୍ବ ଏଠାରେ ୪ଦିନ ଧରି ଧୁମ୍‌ଧାମରେ ପାଳନ କରାଯାଏ। ହେଲେ ୧୪୪ ଧାରା ଜାରି ଯୋଗୁ ଏହି ଉତ୍ସବ ଏଠାରେ ଫିକା ପଡିଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ନୂଆଗଡ ପଞ୍ଚାୟତର ମୂଳିଝରର ଗଡ଼ଠାରେ ରହିଛି ମା’ଙ୍କ ପୀଠ। ପ୍ରତିବର୍ଷ ରଜ ସମୟରେ ଏଠାରେ ଶହ ଶହ ଦୋକାନ ବଜାର ଗଢିଉଠେ। ମା’ଙ୍କୁ ଦର୍ଶନ ପାଇଁ କେବଳ ଓଡିଶା ନୁହେଁ, ରାଜ୍ୟ ବାହାରୁ ବସ୍, ଟ୍ରେନ ଯୋଗେ ଶ୍ରଦ୍ଧାଳୁ ଆସିଥାନ୍ତି। ବର୍ତ୍ତମାନ କରୋନା କଟକଣା ଯୋଗୁ ସବୁ ଫିକା ପଡିଛି। କେବଳ

### ୧୪୪ ଧାରା ଯୋଗୁ ରଜ ଉତ୍ସବ ଫିକା

ପୂଜକମାନଙ୍କ ଦ୍ୱାରା ମା’ଙ୍କ ପୂଜା ନୀତି କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇ ଏକ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମନ୍ଦିର ଫାଟକରେ ତାଲା ଝୁଲୁଛି। ଅନେକ ଶ୍ରଦ୍ଧାଳୁ ଆସୁଥିଲେ ମଧ୍ୟ ତାଲା ଝୁଲୁଥିବା ଦେଖି ଫାଟକରେ ମୁଣ୍ଡିଆ ମାରି ନିରାଶ ହୋଇ ଫେରୁଛନ୍ତି। ପାଳିରେ ଥିବା ମା’ଙ୍କ ମୁଖ୍ୟ ପୂଜକ ସୁରେଶ ସାମନ୍ତରାୟ କହନ୍ତି, ମା’ଙ୍କ ପୀଠ ବନ୍ଦ ହେବା ଘଟଣା ପ୍ରଥମ। ପରମ୍ପରା ଅନୁଯାୟୀ ରଜ ୪ଦିନ ସକାଳ ଓ ସନ୍ଧ୍ୟାରେ ମା’ଙ୍କ ନୀତିକାନ୍ତି କରାଯାଉଛି। ପୂଜାବିଧି ସରିବା ପରେ ମନ୍ଦିରରେ ତାଲା ପକାଯାଉଛି।

# ନାଳରେ ଭାସି ୭ ବର୍ଷର ବାଳକ ମୃତ

**ନରସିଂହପୁର,୧୬ା୬ (ଡି.ଏନ୍.ଏ.)**

ନରସିଂହପୁର ତହସିଲ ରେଗେଡା ପଞ୍ଚାୟତ ଅନ୍ତର୍ଗତ ବାଙ୍କଧର ଗ୍ରାମ କଡ଼ରେ ପ୍ରବାହିତ ବରଧର ନାଳରେ ମଙ୍ଗଳବାର ଜଣେ ୭ ବର୍ଷର ବାଳକ ଭାସିଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ପର୍ଶୁରାମ ବେହେରାଙ୍କ ପୁତ୍ର। ସେ ବର୍ଷା ହେଉଥିବା ବେଳେ ନାଳ ପାର ହେଉଥିଲେ। ଏହି ସମୟରେ ନାଳରେ ପ୍ରଖର ସ୍ରୋତଥିବାରୁ ସେ ଭାସିଯାଇ କେନ୍ଦୁଘାଇରେ ଲାଗିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ମା’ ସେଠରେ ପହଞ୍ଚି ଅଚେତ ଅବସ୍ଥାରେ ପୁଅଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆକ୍ରାନ୍ତଙ୍କ ଘରେ ପଦାଧିକାରୀଙ୍କ ପାଦ ପଡ଼ିନି

**କଟକ ଅଫିସ,୧୬ା୬**

ମହାନଦୀ ବିହାର ଅଞ୍ଚଳରେ ଜଣେ ରେଲୱେ ଅଧିକାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସୋମବାର ଏହି ଅଧିକାରୀ ଚିହ୍ନଟ ହେବା ପରେ ତାଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ମଙ୍ଗଳବାର ସୁଦ୍ଧା କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଅଧିକାରୀ ତାଙ୍କ ଘରକୁ ଯାଇନାହାନ୍ତି କି ପରିବାରର ଅନ୍ୟ ସଦସ୍ୟଙ୍କ ସ୍ୱାବ ପରୀକ୍ଷା କରାଯାଇ ନାହିଁ ବୋଲି ସମ୍ପୃକ୍ତ ଅଧିକାରୀଙ୍କ ପୁଅ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ପ୍ରଶାସନ ଖାମଖିଆଲି ଭାବେ ନେଉଛି। ଆଗାମୀ ଦିନରେ କରୋନା ବ୍ୟାପିଲେ ସ୍ଥାନୀୟ ଲୋକେ ଆମକୁ ଦୋଷ ଦେବେ ବୋଲି ଅଧିକାରୀଙ୍କ ପୁଅ କ୍ଷୋଭର ସହ କହିଛନ୍ତି। ତାଙ୍କ କହିବା ମୁତାବକ, ଗତ ଗୁରୁବାର ବାପାଙ୍କ ଦେହ ଅସୁସ୍ଥ ହୋଇଥିଲା। ସେ ଦିଲ୍ଲୀରୁ ଫେରିବା ପରେ ଜ୍ୱର ଅନୁଭବ କରିଥିଲେ। ରବିବାର ସ୍ୱାବ ପରୀକ୍ଷା କରାଯିବା

### ଅଭିଯୋଗ ଆଣିଲେ ରେଲୱେ ଅଧିକାରୀଙ୍କ ପୁଅ

ପରେ ସେ କରୋନା ପଜିଟିଭ ବୋଲି ଆମେ ଜାଣିଥିଲୁ। ପରିବାରରେ ମା, ଜେଜେମା, ସାନଭାଇଙ୍କୁ ମିଶାଇ ଏବେ ୪ଜଣ ରହୁଛୁ। ପଜିଟିଭ ଚିହ୍ନଟ ହେବା ପରେ ଘର ଫାଟକରେ ମଧ୍ୟ କୌଣସି ଷ୍ଟିକର ଲଗାଯାଇନାହିଁ। ଘରର ସଉଦା କିଣିବାରେ ସମସ୍ୟା ହେଉଛି। ଆମକୁ କେଉଁ ସବୁ କଟକଣା ଭିତରେ ରହିବାକୁ ହେବ ସେ ନେଇ କୌଣସି ସୂଚନା କେହି ଦେଉ ନାହାନ୍ତି। କେବଳ ଘରକୁ ସାନିଟାଇଜ କରାଯାଇଛି। ସରକାରୀ ସ୍ତରରେ କେହି ଅଧିକାରୀ କିମ୍ବା କର୍ମଚାରୀ ଏଯାଏ ଆସିନାହାନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# କରୋନାକୁ ନେଇ ଘୃଣା ଦୂରକରୁ ଗଣମାଧ୍ୟମ

**ଭୁବନେଶ୍ୱର, ୧୬ା୬(ବ୍ୟୁରୋ)**

କରୋନା ମହାମାରୀ ଦେଖାଯିବା ପରେ ଅନେକ ଲୋକ ଆକ୍ରାନ୍ତ ତଥା ପ୍ରବାସୀଙ୍କୁ ଘୃଣା କରୁଥିବା ନଜରକୁ ଆସିଛି। ଏହି ଭାବନାକୁ ଲୋକଙ୍କ ମନରୁ ଦୂର କରିବା କ୍ଷେତ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଏଭଳି ସମ୍ବେଦନଶୀଳ ଖବର ପରିବେଷଣ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଦାୟିତ୍ୱବାନ ଓ ସତର୍କ ରହିବା ଉଚିତ ବୋଲି ଓଡ଼ିଶା ସରକାରଙ୍କ କୋଭିଡ୍ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଆହ୍ୱାନ ଦେଇଛନ୍ତି।

ମଙ୍ଗଳବାର ୟୁନିସେଫ ପକ୍ଷରୁ ୱେବିନାର ମାଧ୍ୟମରେ ‘କୋଭିଡ୍ ସହ ସମ୍ପୃକ୍ତ ଲଜ୍ଜାବୋଧ ଓ ପକ୍ଷପାତିତା ହ୍ରାସ କରିବା’ ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବାଗ୍‌ଚୀ ଯୋଗଦେଇ କହିଲେ, ଘୃଣା ଭାବନା ସହ ଅଛୁଆଁ ଭାବନା ଯୋଡ଼ି ହୋଇଛି। ସମାଜର ଦୁର୍ବଳ ବର୍ଗ ହିଁ ସବୁବେଳେ ଏହାର ସମ୍ମୁଖୀନ




### ୟୁନିସେଫ୍ ୱେବିନାରରେ ପରାମର୍ଶ ଦେଲେ ବାଗ୍‌ଚୀ

ହୁଅନ୍ତି। ସମାଜର ସବୁଠାରୁ ଦୁର୍ବଳ ବର୍ଗହେଲେ ମହିଳା ଓ ଶିଶୁ। ଏହାଛଡ଼ା ଧାର୍ମିକ ଗୋଷ୍ଠୀ, ରୋଗୀ, ଶରଣାର୍ଥୀ ଓ ବିସ୍ଥାପିତମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ବେଳେବେଳେ ଅଜାଣତରେ ମଧ୍ୟ ଏପରି ଘୃଣା ଭାବନା ସୃଷ୍ଟି ହୁଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଯୋଗାଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଗଣମାଧ୍ୟମ ପ୍ରତିଟି ଖବରର ସତ୍ୟତା ଅନୁସନ୍ଧାନ କରି ତାହାକୁ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବା ଆବଶ୍ୟକ। ଖବରଦାତାମାନେ ସମାଜର ଦୁର୍ବଳ ବର୍ଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବାଗ୍‌ଚୀ କହିଛନ୍ତି।

ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ନିଲସନ କହିଲେ, କୋଭିଡ୍-୧୯ ସହ ଜଡ଼ିତ ଘୃଣା ଭାବନା ଏହି ମହାମାରୀ ବିରୋଧୀ ଲଢ଼େଇରେ ଏକ ପ୍ରତିବନ୍ଧକ ଭାବେ ଦେଖାଦେଇଛି। ଏପରିକି କରୋନା ସଂକ୍ରମିତଙ୍କୁ ଚିକିତ୍ସା କରୁଥିବା ଡାକ୍ତର,ନର୍ସ, ପରିମଳ କର୍ମଚାରୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ସରପଞ୍ଚ, ଏଏନ୍‌ଏମ୍‌ମାନଙ୍କୁ ମଧ୍ୟ ଘୃଣାର ସହ ଦେଖାଯାଉଛି। ଏ କ୍ଷେତ୍ରରେ ଓଡ଼ିଶା ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରିଛନ୍ତି। ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କୁ ସ୍ୱାଗତ କରାଯିବା ଉଚିତ ବୋଲି ମୋନିକା କହିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ମୀନା ସୋମ ଓ ଯୋଗାଯୋଗ ବିଶେଷଜ୍ଞ ଲୋପାମୁଦ୍ରା ତ୍ରିପାଠୀ ସକାରାତ୍ମକ ଖବର ପରିବେଷଣ ଓ କରୋନା ଲଢ଼େଇରେ ସମସ୍ତଙ୍କର ସକାରାତ୍ମକ ଯୋଗଦାନ ଉପରେ ଗୁରୁତ୍ୱ ଦେଇଥିଲେ। ୟୁନ୍‌ସେଫ୍‌ର ଯୋଗାଯୋଗ, ସହାୟତା ଓ ସହଯୋଗିତା ବିଶେଷଜ୍ଞ ରାଧିକା ଶ୍ରୀବାସ୍ତବ ପରିଚାଳନା କରିଥିଲେ।

### ଆକ୍ରାନ୍ତ ବେଳର ଅନୁଭୂତି ବଖାଣିଲେ ଯୁବକ

କରୋନାରୁ ସୁସ୍ଥ ହୋଇଥିବା ଜଣେ ଯୁବକ କାର୍ଯ୍ୟକ୍ରମରେ ଯୋଗଦେଇ ସଂକ୍ରମିତ ଥିବା ସମୟରେ ଲୋକେ କିପରି ତାଙ୍କୁ ଘୃଣା କରୁଥିଲେ ସେସମ୍ପର୍କରେ କହିଥିଲେ। ସୋସିଆଲ ମିଡିଆରେ ତାଙ୍କ ବିଷୟରେ ଅନେକ ନକାରାତ୍ମକ କଥା ଲେଖାଯାଉଥିଲା। ଡାକ୍ତରଙ୍କ ପରାମର୍ଶରେ ସେ କିଛିଦିନ ଧରି ନ୍ୟୁଜ୍ ଦେଖିବା ଛାଡ଼ି ଦେଲେ। ଆଜିର ପରିସ୍ଥିତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସଂକ୍ରମିତଙ୍କ ପ୍ରତି ଦୟାର ଭାବନା ରଖିବା। ଏହା ଅନ୍ୟକୁ ଦୋଷ ଦେବାର ସମୟ ନୁହେଁ, ସମସ୍ତଙ୍କୁ ନିଜର ଭୂମିକା ନିର୍ବାହ କରିବାକୁ ଅଛି। ସେ ଯେପରି ଭୋଗିଥିଲେ ଅନ୍ୟମାନେ ନ ଭୋଗନ୍ତୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୨ ସାଙ୍ଗ ଗଣ୍ଡଗୋଳ, ଜଣେ ଗୁରୁତର

**ନୟାଗଡ଼ ଅଫିସ,୧୬।୬:** ଇଟାମାଟି ଥାନା ବାଉଁଶିଆପଡା ପାଟଚଣ୍ଡୀପ୍ରସାଦ ଗାଁରେ ଦୁଇ ସାଙ୍ଗଙ୍କ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ହୋଇଛି। ଏଥିରେ ଜୟ ନାୟକ(୫୦) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ପାଟଚଣ୍ଡି ପ୍ରସାଦର ପ୍ରଶାନ୍ତ ନାୟକ ଓ ପ୍ରଭାତ ପ୍ରଧାନ ଦୁଇ ସାଙ୍ଗ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ସମୟରେ ସମାଧାନ ପାଇଁ ପ୍ରଶାନ୍ତଙ୍କ ବାପା ଜୟ ପହଞ୍ଚିଯିବାରୁ ଆକ୍ରମଣରେ ସେ ଆହତ ହୋଇଛନ୍ତି । ପ୍ରଶାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ୭୭/୨୦ରେ ୫ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ପ୍ରଭାତଙ୍କ ଭଉଣୀ ସଶ୍ମିତା ପ୍ରଧାନଙ୍କ ପାଲଟା ଅଭିଯୋଗ କ୍ରମେ ପୋଲିସ ୭୮/୨୦ରେ ୨ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ଗୋରୁ ଚାଲାଣ ଗାଡ଼ି ଜବତ



**ରତ୍ନଗିରି, ୧୬।୬ (ଡି.ଏନ୍.ଏ.):** ଗୋରୁ ବୋଝେଇ କରି ନେଉଥିବା ଏକ ଟାଟା ଏସି ଗାଡ଼ି (ନଂ.-ଓଡ଼ି-୦୪-ସି-୪୮୩୧)କୁ ବରୀ-ରାମଚନ୍ଦ୍ରପୁର ପୋଲିସ ମାଳଦା ଛକ ନିକଟରୁ ଜବତ କରିଛି। ସେହି ଗାଡ଼ିରେ ଗୋରୁ ବୋଝେଇ ହୋଇ ଯାଉଥିବା ଦେଖି ସ୍ଥାନୀୟ ବଜରଙ୍ଗ ଦଳର କର୍ମୀମାନେ ଗାଡ଼ିକୁ ଅଟକାଇବା ସହ ପୋଲିସକୁ ଖବର ଦେଇଥିଲେ। ଖବରପାଇ ବରୀ-ରାମଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଛି। ଏ ନେଇ ଥାନାରେ ୧୨୮/୨୦ ନଂ.ରେ ମାମଲା ରୁଜୁ ହୋଇଛି।

### ୯ କରୋନା ଆକ୍ରାନ୍ତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ,୧୬।୬:** କେନ୍ଦ୍ରାପଡ଼ା ଜିଲାରେ ମଙ୍ଗଳବାର ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୮୫ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଯାଇ ନିଜ ଘରେ ଥିବାବେଳେ ଅବଶିଷ୍ଟ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ନିଆଯାଇଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ନୂତନ ୩ ଚିହ୍ନଟ ନିଜ ଘରେ ସଙ୍ଗରୋଧ ନିୟମରେ ରହୁଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନାହିଁ। ତଥାପି ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାବ୍ ନମୁନା ସଂଗ୍ରହ ହୋଇଛି। ସ୍ଥାନୀୟ ଅଞ୍ଚଳକୁ ବିଶୋଧିତ କରାଯାଇଛି। ଏଥିସହ ଆଜିଠାରୁ ଜିଲାରେ କରୋନା ସମ୍ପର୍କୀୟ ତନଖି କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ନିୟୋଜିତ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୨୨ ଜଣ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ୧୬୩ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

### ଭୋଗଡା ଡକାୟତି ଘଟଣାରେ ଜଣେ ଗିରଫ

**ନୟାଗଡ଼ ଅଫିସ,୧୬।୬:** ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଭୋଗଡା ଗାଁରେ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ କଇଥଗାଡିଆ ଗାଁରୁ ବାଳକୃଷ୍ଣ ପାତ୍ର (୩୦)ଙ୍କୁ ଗିରଫ କରି ମଙ୍ଗଳବାର ବାଘମାରୀ ପୋଲିସକୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ସୂଚନା ଦେଇଛନ୍ତି।

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

**ନୟାଗଡ଼ ଅଫିସ,୧୬।୬:** ବଳାତ୍କାର ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ସହାୟତାରେ ମଞ୍ଜେଶ୍ୱର ଥାନା ପୋଲିସ ସ୍ଥାନୀୟ ଦେଉଳପଲ୍ଲୀର ରାକେଶ ପ୍ରଧାନ(୨୬)ଙ୍କୁ ଗିରଫ କରିଛି। କେସ୍ ନଂ.୫୫୪/୧୯ ଦଫା ୩୭୬ରେ ତାଙ୍କୁ ଗିରଫ କରାଯାଇଥିଲା।

# ପ୍ରବାସୀଙ୍କୁ ଉଠାଇନେଲା ବନ ବିଭାଗ

**ନୟାଗଡ଼ ଅଫିସ/ ରଣପୁର,୧୬।୬(ସ୍ୱ.ପ୍ର.)**

- କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଚଢ଼ାଉ
- ବାଘଛାଲ, ହାଡ଼ ଜବତ କରି ଚୁପ୍ ଏସ୍‌ଟିଏଫ୍

ଖୋର୍ଦ୍ଧା ବନଖଣ୍ଡ ନୟାଗଡ଼ ଜିଲା ରଣପୁର ରେଞ୍ଜ ଜାମୁଗଣ୍ଡ ଗାଁରୁ ଗତ ୧୩ ତାରିଖରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଟିମ୍ ୨ଟି ବାଘଛାଲ ଓ ହାଡ଼ ଜବତ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ବନ୍ଧମୁଣ୍ଡା ସମିତି ସଭ୍ୟ ଲକ୍ଷ୍ମୀଧର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଲକ୍ଷ୍ମୀଧର ଜେଲରେ ରହିବାର ୫ଦିନ ପରେ ମଧ୍ୟ ଏସ୍‌ଟିଏଫ ନୀରବତା ଅବଲମ୍ବନ କରୁଛି। ଅନ୍ୟପଟେ ପୂର୍ବରୁ ଚୁପ୍ ରହିଥିବା ବନ ବିଭାଗ ତତ୍ପରତା ପ୍ରକାଶ କରିଛି। ବାଘ ଶିକାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ରଣପୁର ବ୍ଲକ ବାଉଁଶଗଡ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ମଙ୍ଗଳବାର ଚାନ୍ଦପୁର ଥାନା ଜାମୁଗଣ୍ଡର କେରଳ ଫେରନ୍ତା ଭାସ୍କର ନାୟକ (୫୦)ଙ୍କୁ ଉଠାଇ ନେଇଛି। ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଦର୍ଶାଇ ବନ ବିଭାଗ ପକ୍ଷରୁ କିଛି କୁହାଯାଉନି। ଗତ ୬ ତାରିଖରେ ଭାସ୍କର ଘରକୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ।




ବାଉଁଶଗଡ ସଙ୍ଗରୋଧ କେନ୍ଦ୍ର।

**ଫାଶ ଓ ବନ୍ଧୁକରେ ଚାଲିଛି ଶିକାର**

ରଣପୁର ରେଞ୍ଜର ମାଳ ସଂରକ୍ଷିତ ଜଙ୍ଗଲରେ ଫାଶ ଓ ବନ୍ଧୁକ ସାହାଯ୍ୟରେ ବନ୍ୟପ୍ରାଣୀ ଶିକାର କରାଯାଉଛି। ଫାସରେ ହରିଣ, ବାର୍‌ହା, କୁଟୁରା ଆଦି ବନ୍ୟଜନ୍ତୁ ପଡୁଛନ୍ତି। ପରେ ଏମାନଙ୍କୁ ହତ୍ୟା କରି ମାଂସକୁ ରଣପୁର, ନୟାଗଡ଼, ଗୋଡିପଡ଼ା, ଖୋର୍ଦ୍ଧା ଅଞ୍ଚଳରେ କି.ଗ୍ରା. ପ୍ରତି ୪୦୦ରୁ ୯୦୦ ଟଙ୍କା ମଧ୍ୟରେ ବିକ୍ରି କରାଯାଉଛି। ସେହିପରି ବନ୍ଧୁକ ଯୋଗେ ମଧ୍ୟ ଶିକାର ଚାଲିଛି। ବନ୍ୟଜନ୍ତୁ ଶିକାର ନେଇ ସ୍ଥାନୀୟ ଲୋକେ ମୁହଁ ଖୋଲିଲେ ଅଭିଯୋଗର ସତ୍ୟତା ନାହିଁ କହି ବନ ବିଭାଗ ଏଡାଇ ଚାଲିଛି। ତେବେ ବାଘ ଛାଲ ଓ ହାଡ଼ ଜବତ ପରେ ବନ ବିଭାଗ ସନ୍ଦେହ ଘେରକୁ ଆସିଛି। କାରଣ ବନ୍ୟଜନ୍ତୁ ଶିକାର ପଛରେ ବନ ବିଭାଗର ହାତ ଥିବା ଅଭିଯୋଗ ହୋଇଆସୁଥିଲା। ଏସ୍‌ଟିଏଫର ଚଢ଼ାଉ ପରେ ବନ୍ୟଜନ୍ତୁ ଶିକାର ଉପରେ ରୋକ୍ ଲାଗିବ ବୋଲି ଚର୍ଚ୍ଚା ହେଉଛି। ପୁଣି ଦଶପଲ୍ଲା ରେଞ୍ଜ ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ଶିକାର ଚାଲିଛି। ଏହି ରେଞ୍ଜରୁ ହରିଣ ଓ ବାଘଛାଲ ଜବତ ପରେ ବନ ବିଭାଗର ଗୁମର ଖୋଲିଯାଇଛି ବୋଲି କୁହାଯାଉଛି।

**ସପ୍ତାହ ଭିତରେ ୪ ବାଘ, ୨ ହରିଣ ଛାଲ ଜବତ**

ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡରୁ ଏକ ସପ୍ତାହ ମଧ୍ୟରେ ୪ଟି ବାଘ ଓ ୨ଟି ହରିଣ ଛାଲ ଜବତ କରାଯାଇଛି। ନୟାଗଡ ବନଖଣ୍ଡ ଦଶପଲ୍ଲା ରେଞ୍ଜର ଗିରିପୂଜା ଜଙ୍ଗଲରୁ ଗତ ୬ ତାରିଖରେ ଏସ୍‌ଟିଏଫ ୨ଟି କଲରାପତରିଆ ବାଘ ଓ ୨ଟି ଚିତା ହରିଣ ଛାଲ ଜବତ କରିଥିଲା। ଏହି ଛାଲ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେବାର ମସୁଧା ଚାଲିଥିଲା। ଏଥିରେ ସମ୍ପୃକ୍ତ ଦୁଇ ବ୍ୟବସାୟୀଙ୍କୁ ଏସ୍‌ଟିଏଫ ଗିରଫ କରି ଜେଲ ପଠାଇଥିଲା। ଏହା ପରଠାରୁ ବାଘ ଓ ହରିଣ ଶିକାର ସମ୍ପର୍କରେ ଅଧିକ ତଥ୍ୟ ମିଳିନି। ଅନ୍ୟପକ୍ଷେ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ ଏସ୍‌ଟିଏଫ କୋର୍ଟରେ ଆବେଦନ କରୁ ନାହିଁ ବୋଲି ଅଭିଯୋଗ ଉଠିଛି। ଏଭଳିସ୍ଥଳେ ଏସ୍‌ଟିଏଫ ଖୋର୍ଦ୍ଧା ବନଖଣ୍ଡ ଜାମୁଗଣ୍ଡରୁ ଗତ ୧୩ ତାରିଖରେ ୨ ବାଘ ଛାଲ ଓ ହାଡ଼ ଜବତ କରିଥିଲା। ଅନ୍ୟପକ୍ଷେ ନୟାଗଡ ବନ ବିଭାଗ ପୂର୍ବପରି ଚୁପ ହୋଇ ବସିରହିଛି।

# କଳାବ୍ୟାଜ୍ ପରିଧାନ କରିବେ ବିଡିଓ, ତହସିଲଦାର

**ନୟାଗଡ଼ ଅଫିସ,୧୬।୬**

ଦଶପଲ୍ଲାର ପୂର୍ବତନ ବିଡିଓଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ପ୍ରଶାସନିକ ସେବା ସଂଘ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ନୟାଗଡ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି। ପରେ ୫ଦଫା ସମ୍ବଳିତ ଦାବିପତ୍ର ଚିଫ୍ ସେକ୍ରେଟାରୀ, ହୋମ ସେକ୍ରେଟାରୀ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରିନସିପାଲ ସେକ୍ରେଟାରୀ, ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ବୁଧବାର ଓ ଗୁରୁବାର ଦୁଇଦିନ ଜିଲାର ବିଡିଓ ଓ ତହସିଲଦାର କଳାବ୍ୟାଜ ପରିଧାନ କରି ଅଫିସ ଯିବେ। ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଶୁକ୍ରବାରଠାରୁ କଲମ ଛାଡ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

# ଯୁବତୀଙ୍କଠାରୁ ସୁନାଚେନ ଲୁଟ୍: ୫ ଗିରଫ

**ଚଣ୍ଡିଖୋଲ, ୧୬।୬ (ଡି.ଏନ୍.ଏ.)**

ବଡଚଣା ଥାନା ଅଧୀନ ବଡଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାରୁ ଜଣେ ଯୁବତୀଙ୍କ ବେକରୁ ସୁନା ଚେନ ଲୁଟ୍ ଘଟଣାରେ ପୋଲିସ ମଙ୍ଗଳବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧର୍ମଶାଳା ଥାନା ଅଧୀନ ଖଣ୍ଡିଆବନ୍ଧି ଗ୍ରାମର ପ୍ରଶାନ୍ତ ସାମଲ(୪୦), ଲିପୁନା ମାଝି(୨୧), ମନୁଆ ମାଝି(୨୫), ଛବିନ୍ଦ୍ର ସାମଲ(୨୮) ଓ ମିଟୁ ସାମଲ(୩୨)। ସୋମବାର ସମ୍ପୃକ୍ତା ଯୁବତୀ ଓ ତାଙ୍କ ଭାଇ ସୋମବାର ସିହା ଗ୍ରାମସ୍ଥିତ ତାଙ୍କ ବନ୍ଧୁ ଘରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଦର୍ପଣ ରାସ୍ତାରେ ସେମାନଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଯୁବତୀଙ୍କ ବେକରୁ ଚେନ ଛିଣ୍ଡାଇ ନେବା ସହ ତାଙ୍କ ଭାଇଙ୍କ ମୋଟରସାଇକେଲ ଛଡାଇ ନେଇଥିଲେ। ଏ ନେଇ କୌଣସି ସୂତ୍ରରୁ ଖବରପାଇ ବଡ଼ଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ ସେଠାରେ ପହଞ୍ଚି ଘଟଣାରେ ସମ୍ପୃକ୍ତ ଖଣ୍ଡିଆବନ୍ଧିର ୫ ଜଣଙ୍କୁ ଗିରଫ କରିବା ସହ ଏକ ବୁଲେଟ ଜବତ କରିଛନ୍ତି।

# ଖବର ପ୍ରକାଶ ପରେ ଡ୍ରେନ୍ ସଫେଇ
## କୁଜଙ୍ଗ ବ୍ଲକ ପ୍ରଶାସନର ତତ୍ପରତା

**କୁଜଙ୍ଗ,୧୬।୬(ଡି.ଏନ.ଏ.)**

ଅସରାଏ ବର୍ଷାରେ କୁଜଙ୍ଗ ବଜାର ଜଳାର୍ଣ୍ଣବ ହେଉଥିବା ନେଇ ୭ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ଫଳ ସ୍ୱରୂପ ବର୍ତ୍ତମାନ ବିଡିଓ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଡ. ପୂଜା ଲେଙ୍କା କେତେକ ଡ୍ରେନ୍ ସଫା କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଯଦି ପ୍ରଶାସନ ପକ୍ଷରୁ ସବୁ କାର୍ଯ୍ୟରେ ଏଭଳି ପଦକ୍ଷେପ ନିଆଯାଆନ୍ତା ତେବେ ଲୋକେ ଅସୁବିଧାର ସମ୍ମୁଖୀନ ହୁଅନ୍ତେ ନାହିଁ ବୋଲି କ୍ରୀଡ଼ାବିତ୍ ପ୍ରଶାନ୍ତ ଦାସ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ସର୍ବପୁରାତନ ପ୍ରଶାସନିକ କ୍ଷେତ୍ର। ଏଠାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ ରହିଛି। ଏଠାକୁ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ୍‌ସମେତ ଜଗତ୍‌ସିଂହପୁରର ଏରସମା, ବାଲିକୁଦା, କୁଜଙ୍ଗ ଓ ତିର୍ତ୍ତୋଲ ବ୍ଲକ୍ ଅଞ୍ଚଳରୁ ବିଭିନ୍ନ କାର୍ଯ୍ୟରେ ଦୈନିକ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆସିଥାନ୍ତି। କିନ୍ତୁ ଦୁଃଖର ବିଷୟ କୁଜଙ୍ଗ ବଜାରର କୌଣସି ମାଷ୍ଟର ପ୍ଲାନ ନ ଥିବାରୁ ଅସରାଏ ବର୍ଷା ହେଲେ ବଜାର ବୁଡିଯାଏ। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇ ନ ଥାଏ। ୨୦୧୬ ମସିହାରେ ତତ୍କାଳୀନ ବିଡିଓ ଅଶୋକ ମହାନ୍ତି ଡ୍ରେନ୍ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ। ହେଲେ ତାହା ସମ୍ଭବ ହୋଇ ପାରିଲାନାହିଁ। ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିଲା।



ଡ୍ରେନ ସଫେଇ କରାଯାଉଛି।

# ଜଗତ୍‌ସିଂହପୁରରେ ଆକ୍ରାନ୍ତ ସଂଖ୍ୟା ୧୬୭ ଛୁଇଁଲା

**ଜଗତ୍‌ସିଂହପୁର ଅଫିସ,୧୬।୬:** ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ଏହି ୪ ଦିନ ଭିତରେ ୩୭ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେଲେଣି। ସେମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୬୭ରେ ପହଞ୍ଚିଛି। ତେବେ ସେମାନଙ୍କ ମଧ୍ୟରୁ ୮୭ଜଣ ସୁସ୍ଥ ହୋଇଥିବା ବେଳେ ୮୦ ଜଣ ଚିକିତ୍ସାଧୀନ ଅଛନ୍ତି। ବଡ଼ କଥା ହେଲା ଏବେ ପ୍ରତ୍ୟହ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଲୋକଙ୍କ ମଧ୍ୟରେ ଭୟ ବଢୁଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଅନୁଯାୟୀ, ଜିଲାରେ ମଙ୍ଗଳବାର ପୁଣି ୯ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ତିର୍ତ୍ତୋଲ ୭ ଓ ନାଉଗାଁ ବ୍ଲକ ଅଞ୍ଚଳର ୨ଜଣ ରହିଛନ୍ତି। ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୭ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୨, ତାମିଲନାଡୁ ୩, ପଶ୍ଚିମବଙ୍ଗ ୧ ଓ ହରିୟାଣାରୁ ଜଣେ ଫେରିଛନ୍ତି। ସେହିପରି ନାଉଗାଁ ବ୍ଲକ ଅଞ୍ଚଳର ୨ଜଣ ପଶ୍ଚିମବଙ୍ଗ ଫେରନ୍ତା।

# ବିନା ଟେଣ୍ଡରରେ ପାଳନ୍ଦି ଘାଟରୁ ଉଠୁଛି ବାଲି

**ନାଉଗାଁ,୧୬।୬(ସ୍ୱ.ପ୍ର.)**

ନାଉଗାଁ ତହସିଲ ଅଧୀନ ଦେବୀ ନଦୀ ପଠାରେ ଏରେଡ଼ା, ଶିଖର, ବଛାଳୋ ଓ ପାଳନ୍ଦି ବାଲିଘାଟ ରହିଛି। ଏଥିରୁ ପାଳନ୍ଦି ବାଲିଘାଟକୁ ଛାଡ଼ି ଅନ୍ୟ ସମସ୍ତ ଘାଟର ନିଲାମ ହୋଇଛି। କାରଣ ଏହି ଘାଟ ଉପରେ ଜଣେ ବ୍ୟକ୍ତି ମାମଲା ରୁଜୁ କରିଥିବାରୁ ତହସିଲ ପକ୍ଷରୁ ନିଲାମ ପ୍ରକ୍ରିୟା ବନ୍ଦ କରାଯିବା ସହିତ ବାଲି ଉଠାଣ ବନ୍ଦ କରାଯାଇଛି। କିନ୍ତୁ କେତେଜଣ ବାଲି ମାଫିଆ ପ୍ରତ୍ୟହ ପାଳନ୍ଦି ଘାଟରୁ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ଶତାଧିକ ଟ୍ରିପ୍ ବାଲି ଉଠାଇ ବିକ୍ରି କରି ଚାଲିଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସତ୍ତ୍ୱେ ପ୍ରଶସାନ ନୀରବ ରହୁଛି। ଏହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏହି ଘାଟଟି ବଛାଳୋ ପଞ୍ଚାୟତରେ ହୋଇଥିବାରୁ ବଛାଳୋ ସମେତ ଆଖପାଖ ଅଞ୍ଚଳର କେତେଜଣ ମାଫିଆ ପ୍ରତ୍ୟହ ବାଲି ଉଠାଉଥିବା ଅଭିଯୋଗ ହୋଇଛି। ଏପରି କି ପ୍ରଶସାନକୁ ହାତରେ ରଖି ମାଫିଆମାନେ ବାଲି ଉଠାଉଥିବା ଚର୍ଚ୍ଚା ହେଉଛି। ୫ ବର୍ଷ ହେବ ଏପରି ଚାଲିଥିଲେ ମଧ୍ୟ କେହି ବିରୋଧ କରିବାକୁ ନାହିଁ। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ବାଲି ଉଠାଣ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନା କହିଛନ୍ତି, ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହାୟତାରେ ଏହି ଘଟଣାର ତଦନ୍ତ କରାଯିବ। ଯଦି ବେଆଇନଭାବେ ବାଲି ଉଠାଯାଉଥିବ ତେବେ ସମ୍ପୃକ୍ତ ବାଲିଗାଡ଼ିଗୁଡ଼ିକୁ ଜବତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।



ପାଳନ୍ଦି ଘାଟରୁ ଟ୍ରାକ୍ଟର ଯୋଗେ ବାଲି ନିଆଯାଉଛି।

- ପ୍ରଶାସନ ନୀରବ
- ରାଜସ୍ୱ ହରାଉଛନ୍ତି ସରକାର

# ଗୋଚର ଜମିରେ ଗୃହ ନିର୍ମାଣକୁ ବିରୋଧ

**ରତ୍ନଗିରି, ୧୬।୬ (ଡି.ଏନ୍.ଏ.)**

ବରୀ ବ୍ଲକ ସ୍ୱାଇଁଖଣ୍ଡ ପଞ୍ଚାୟତସ୍ଥିତ ଏକ ଗୋଚର ଜମିରେ କେତେଜଣ ବ୍ୟକ୍ତି ଘର ନିର୍ମାଣ କରୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। କଳାଖଣ୍ଡ ମୌଜାର ଖାତା ନଂ. ୧୧୨ ଓ ଖସଡ଼ା ନଂ. ୨୮୬୫ କିସମ (ଗୋଚର) ଜମି ଉପରେ ସରକାରୀ ଅର୍ଥରେ ବେଆଇନ ଗୃହ ନିର୍ମାଣ କରାଯାଉଛି। ଏ ନେଇ ସେହି ଗ୍ରାମର ରମେଶ ଚନ୍ଦ୍ର ଜେନା, ସଞ୍ଜିବ ସାମଲ, ପ୍ରଶାନ୍ତ ଜେନା, ପବିତ୍ର ମୋହନ ଜେନା ପ୍ରମୁଖ ବରୀ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବିଡିଓ ଉକ୍ତ ଜମି ଗୋଚର କି ନୁହେଁ ସେ ନେଇ ତଥ୍ୟ ପ୍ରଦାନ କରିବାକୁ ବରୀ ତହସିଲ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



ଗୋଚର ଜମିରେ ନିର୍ମିତ ଗୃହ।

# ୬ ବଖରା ଜଳିଗଲା

**ମାର୍ଶାଘାଇ,୧୬।୬(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ହିନ୍ଦୁଳିଆ ପଞ୍ଚାୟତସ୍ଥିତ ହାତିଆ (ହଜାରୀ) ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୬ବଖରା ଜଳିଯାଇଛି। ଏଥିରେ ସୁବାସ ଲେଙ୍କା ଓ ଈଶ୍ୱର ଲେଙ୍କାଙ୍କ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ନିଆଁରେ କୋଠାଘରେ ଥିବା ସେମାନଙ୍କ ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଛି। ମାର୍ଶାଘାଇ ଏବଂ କେନ୍ଦ୍ରାପଡ଼ାରୁ ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ସଞ୍ଜ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି।

# ସୁନାଚେନ ଲୁଟ ଉଦ୍ୟମ: ଜଣେ ଗିରଫ

**ଚଣ୍ଡିଖୋଲ, ୧୬।୬ (ଡି.ଏନ୍.ଏ.)**

ବାଲିଚନ୍ଦ୍ରପୁର ଥାନା ଅଧୀନ ବରଦା-ବାଉଜଙ୍ଗ ରାସ୍ତାର ମାତକାତପୁର ନିକଟରେ ଜଣେ ଯୁବତୀଙ୍କଠାରୁ ଫିଲ୍ମ ଷ୍ଟାଇଲରେ ସୁନା ଚେନ ଲୁଟ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଛନ୍ତି। ସେ ହେଲେ ମାହାଙ୍ଗା ଥାନା ଅଧୀନ ଦେବରିହ ଗ୍ରାମର ପ୍ରଶାନ୍ତ ଖଣ୍ଡାଇ(୨୨)। ପ୍ରଶାନ୍ତ ଏକ ବାଇକ୍ (ନଂ.-ଓଡି-୦୫-ୟୁ-୪୦୮୮)ରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ। ଏହି ସମୟରେ ଚାଲି ଚାଲି ଆସୁଥିବା ସମ୍ପୃକ୍ତା ଯୁବତୀଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ଖସି ଯିବାକୁ ଉଦ୍ୟମ କରିଥିଲେ। ମାତ୍ର ଯୁବତୀ ଜଣକ ସାହାସର ସହ ପ୍ରଶାନ୍ତଙ୍କ ବାଇକ୍ ଚାବି ଛଡ଼ାଇ ବୁଦା ମୂଳକୁ ଫୋପାଡ଼ି ଦେଇଥିଲେ।ଏହାପରେ ପ୍ରଶାନ୍ତ ସେଠାରୁ ଦୌଡ଼ି ପଳାଇବା ସହ କିଛି ଦୂରରେ ସାଇକେଲ ରଖି କଥା ହେଉଥିବା ଜଣେ ବ୍ୟକ୍ତିଙ୍କ ସାଇକେଲ ନେଇ ଖସି ଯିବାକୁ ଉଦ୍ୟମ କରୁଥିଲେ। ମାତ୍ର ଏହି ଥାନା ଅଧୀନ ଗଜେନ୍ଦ୍ରପୁର ଗ୍ରାମ ନିକଟରେ ସ୍ଥାନୀୟ ଲୋକେ ପ୍ରଶାନ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ୧୪୪/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି।

# ଚୋରି ଘଟଣାରେ ୨ ଗିରଫ

**ବାଲିଆ,୧୬।୬:** ଚୋରି ଘଟଣାରେ ସମ୍ପୃକ୍ତ ୨ ଯୁବକଙ୍କୁ ବିରିଡ଼ି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ୨୨ମୌଜା ବାଗଲପୁର ଗ୍ରାମର ମୁନା ଭୋଇ (୨୬) ଓ ବାରେଡିଆ ଗ୍ରାମର ପ୍ରକାଶ ସାମଲ (୨୮)। ସେମାନଙ୍କ ନିକଟରୁ ସୁନା ମୁଦି ଓ ଏକ ଏଲସିଡି ଟିଭି ଜବତ କରାଯାଇଛି। ଏଥିସହିତ ଏକ ଚୋରା ବାଇକ୍ ଜବତ କରାଯାଇଥିବା ଥାନାଧିକାରୀ ପାରାଓ ଗୁରୁ ସୂଚନା ଦେଇଛନ୍ତି। ଏପ୍ରିଲ ୧୦ରେ ୨୨ମୌଜା ବାଗଲପୁର ଗ୍ରାମର ସୁବ୍ରତ ଦାସଙ୍କ ଘର ଗ୍ରିଲ ତାଡ଼ି ଦୁର୍ବୃତ୍ତ ସୁନା ଅଳଙ୍କାର, ଟିଭି ଓ ଟଙ୍କା ଚୋରି କରିଥିଲେ। ଏନେଇ ଦାସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ-୪୯/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

# ପ୍ରତି ପଞ୍ଚାୟତରେ ବସିବ ହାଟ

**କଳିଙ୍ଗନଗର, ୧୬।୬ (ଡି.ଏନ୍.ଏ.):** ବିକାଶ ମୂଳକ କାର୍ଯ୍ୟକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଦାନଗଦି ବ୍ଲକ ଅଧୀନ ଫେରୋକମ୍ ଅତିଥି ଭବନଠାରେ ସୋମବାର ସରପଞ୍ଚମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁକିନ୍ଦା ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧୀନ ୨୩ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ରାଜସ୍ୱ ଆଦାୟ ଲକ୍ଷ୍ୟରେ ପ୍ରତି ପଞ୍ଚାୟତରେ ହାଟ ବସିବା ସହ ପଞ୍ଚାୟତକୁ ଆର୍ଥିକ ଭାବେ ସଶକ୍ତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ବଡ଼ ବଡ଼ ପୋଖରୀ ଖୋଳା ଯାଇ ଜଳ ସମସ୍ୟା ଦୂର କରିବା ସହ ଜଳାଶୟକୁ ନିଲାମ ସୂତ୍ରରେ ଦେଇ ରାଜସ୍ୱ ଆଦାୟ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ଜିଲା ଖଣିଜ ପାଣ୍ଠିର ବିନିଯୋଗ କରାଯାଇ ପ୍ରତି ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।



ବୈଠକରେ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଓ ସରପଞ୍ଚମାନେ।

# ନଦୀଗର୍ଭରେ ଲୀନ ହେଉଛି ଚାଷ ଜମି

**ରତ୍ନଗିରି, ୧୬।୬ (ଡି.ଏନ.ଏ)**

ବରୀ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ତନ୍ତୀଘାଇ ନଈର ଶାଖା ଦୁଧେଇ ନଦୀ କୂଳ ଖାଇ ଆଖାପାଖର ଅନେକ ଚାଷ ଜମିକୁ ନିଜ ଗର୍ଭରେ ଲୀନ କରିସାରିଲାଣି। ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରୁ ଅଧିକ ଅତଡ଼ା ଖସୁଥିବାରୁ ସେହି ଭାଗରେ ଥିବା ବହୁ ଚାଷ ଜମି ଏବେ ନଦୀରେ ମିଶିଗଲାଣି। ଅନ୍ୟପଟେ ଏହି ନଦୀ ପାର୍ଶ୍ୱ ଦେଇ ନଦୀ ବନ୍ଧରେ ପଥର ସ୍ପର ଦିଆଯାଇ ନ ଥିବାରୁ ଅତଡ଼ା ଖସୁ ଥିବାରୁ ଏହା ପାର୍ଶ୍ୱସ୍ଥ ବରୀ-କଳାମାଟିଆ ରାସ୍ତା ଉପରେ ବିପଦ ସୃଷ୍ଟି ହୋଇଛି। ଏହି ଯାଜପୁର-କେନ୍ଦ୍ରାପଡ଼ା ଜିଲା ସଂଯୋଗୀକରଣ ରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ଯା'ଆସ କରନ୍ତି। ଏହି ରାସ୍ତା ପ୍ରଶସ୍ତୀକରଣ ପାଇଁ ନିକଟରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ସର୍ବେକ୍ଷଣ କରାଯାଇଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଅତଡ଼ା ଖସିବା ଯୋଗୁ ଉକ୍ତ ରାସ୍ତାର ଓସାର କମି କମି ଯାଉଥିବା ଦେଖାଯାଇଛି।

**ଦୁଧେଇ ନଦୀ ବନ୍ଧରେ ପଥର ସ୍ପର ନିର୍ମାଣ ଦାବି**



ଦୁଧେଇ ନଦୀ ବନ୍ଧରୁ ଅତଡ଼ା ଖସୁଥିବା ସ୍ଥାନ।

ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ପୂର୍ବରୁ ଏହା ଦୁଧେଇ ନାଳ ଭାବେ ପରିଚିତ ଥିଲା। ଗତ ୧୫ରୁ ୨୦ବର୍ଷ ମଧ୍ୟରେ ଏହାର ବନ୍ଧରୁ ମାଟି ଅତଡ଼ା ଖସି ବହୁ ଚାଷ ଜମି ଏହା ଗର୍ଭରେ ଲୀନ ହୋଇଥିବା ବେଳେ ଏହା ନଦୀରେ ପରିଣତ ହୋଇଛି। ବର୍ଷା ଦିନେ ନଦୀର ଦକ୍ଷିଣପାର୍ଶ୍ୱରୁ ବହୁ ମାଟି ଅତଡ଼ା ଖସୁଥିବା ବେଳେ ଗତ ବର୍ଷ ଫନୀ ବାତ୍ୟା ବେଳେ ବହୁ ଚାଷ ଜମି ଏହାମଧ୍ୟରେ ମିଶିଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ନଦୀ ବନ୍ଧରେ ପଥର ସ୍ପର ନିର୍ମାଣ କରା ନଗଲେ ଏହା ଆହୁରି ଅନେକ ଚାଷ ଜମିକୁ ନିଜ ଗର୍ଭକୁ ନେବା ସହ ଆଗାମୀ ଦିନରେ ଏହା ସ୍ଥାନୀୟ ଜନବସତି ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଆସୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉଥିବା ନେଇ କ୍ଷୋଭ ପ୍ରକାଶ ପାଇଛି। ସାମାନ୍ୟ ବର୍ଷା ଓ ନଦୀର ସ୍ରୋତରେ ଏତେମାତ୍ରାରେ ବନ୍ଧରୁ ଅତଡ଼ା ଖସୁଥିବା ବେଳେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ଏହା ସ୍ଥାନୀୟ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବାସ ତ୍ରିପାଠୀଙ୍କୁ ପଚାରିବାରେ ଉକ୍ତ ନଦୀ ବନ୍ଧରେ ପଥର ସ୍ପର ନିର୍ମାଣ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ଖଇରା, ୧୬।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଅଧୀନ ଖଇରା ଥାନା ଅଚ୍ୟୁତପୁର ପଞ୍ଚାୟତ ଅଧୀନ ବାସିଦ୍ଦିପୁର ଗ୍ରାମର ଚକ୍ରଧର ସାହୁ (୩୬) ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଶ୍ୱଶରଘରୁ କୁପାରୀ-ସୋର ରାସ୍ତାରେ ସେ ବାଇକ୍‌ରେ ଘରକୁ ଫେରୁଥିଲେ। ନନ୍ଦପୁର ଛକ ନିକଟରେ ସେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏ ସମ୍ପର୍କରେ ଖଇରା ଥାନାରେ ଏକ ମାମଲା(ନଂ.୧୧୧/୨୦) ରୁଜୁ କରାଯାଇଛି।

## ସଂକ୍ଷେପରେ

### ବଡ଼ବିଲରେ ଲଜ୍ଜା ୩ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର: ସମ୍ପର୍କୀୟ ମାମୁ ଗିରଫ

ବଡ଼ବିଲ, ୧୬।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲରେ ଲଜ୍ଜାଜନକ ଘଟଣା ଘଟିଛି। ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ତାଙ୍କ ସମ୍ପର୍କୀୟ ମାମୁଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରାସାହି ପଞ୍ଚାୟତର ପବିତ୍ର ନାଏକ। ସୂଚନା ଅନୁଯାୟୀ, ଶନିବାର ଶିଶୁକନ୍ୟାଟି ଅନ୍ୟ ପିଲାଙ୍କ ସହ ଘରପାଖରେ ରଜ ଦୋଳି ଖେଳୁଥିଲେ। ଏହି ସମୟରେ ପବିତ୍ର ଶିଶୁ କନ୍ୟାଙ୍କୁ ନିଜ ଘରକୁ ଡାକିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟାର ଡାକ୍ତରୀମାଇନା କରାଯାଇଥିଲାବେଳେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି। ବଡ଼ବିଲ ଥାନାରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା (ନଂ.୮୨/୨୦) ରୁଜୁ ହୋଇଛି।

### ସଙ୍ଗରୋଧ କେନ୍ଦ୍ରରୁ ଚୋରି, ୩ ଅଟକ

ଭଦ୍ରକ ଅଫିସ/ପଦ୍ମପୁର, ୧୬।୬ (ଡି.ଏନ୍.ଏ.): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୋରାମାଟି ପଞ୍ଚାୟତ ତୋରଣପଦା ସଙ୍ଗରୋଧ କେନ୍ଦ୍ର (ଟିଏମ୍‌ସି)ରୁ ୫ ତାରିଖ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର ଗ୍ରାମାଞ୍ଚଳ ଥାନା ଓ ସାବରଙ୍ଗ ଫାଣ୍ଡି ପୋଲିସ ୩ ଜଣଙ୍କୁ ଅଟକ ରଖି ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଛି। ସୂଚନାଯୋଗ୍ୟ, ଦୁର୍ବୃତ୍ତମାନେ ସଙ୍ଗରୋଧ କେନ୍ଦ୍ରର କବାଟ ଭାଙ୍ଗି ଇନଭର୍ଟର, ବ୍ୟାଟେରୀ, ଆକ୍ୱାଗାର୍ଡ଼ ଭଳି କିଛି ସାମଗ୍ରୀ ଚୋରି କରି ନେଇଥିବା ସାବରଙ୍ଗ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୩୩୨/୨୦୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

### କୀଟନାଶକ ପିଇ ଆତ୍ମହତ୍ୟା

ଭଣ୍ଡାରିପୋଖରୀ,୧୬।୬(ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ଫାଣ୍ଡି ଅଞ୍ଚଳରେ ସନ୍ତୋଷ ରାଉତ(୬୦) ନାମକ ବ୍ୟକ୍ତି ସୋମବାର କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନା ଓ ପରେ ଭଦ୍ରକ ଡାକ୍ତରଖାନା ନେଇଥିଲେ। ଭଦ୍ରକରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୦) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍

ସଜନାଗଡ଼,୧୬।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବରହମ୍ପୁର ଥାନା ଅଧୀନ ୧୯ନଂ. ରାଜ୍ୟ ରାଜପଥ ତେଲିପାଳ ପେଟ୍ରୋଲ ଟାଙ୍କିଠାରୁ ଅଳ୍ପ ଦୂରରେ ଶେରଗଡ଼ରୁ ଉଦଳା ଆଡ଼କୁ ଯାଉଥିବା ଦୁଇଟି ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଆଗରେ ଚାଲିଥିବା ଗ୍ୟାସ୍ ବୋଝେଇ ଟ୍ରକ୍ ବ୍ରେକ୍ ମାରିବାରୁ ପଛରେ ଥିବା ପାଉଁଶ ବୋଝେଇ ଟ୍ରକ୍ ପିଟି ହୋଇଯାଇଥିଲା। ପାଉଁଶ ବୋଝେଇ ଟ୍ରକ୍ (ନଂ. ଓଆର୍-୦୧ଆର୍-୩୮୩୭)ଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଏହାର ଚାଳକ ଚିନ୍ମୟ ଦାସ ଆହତ ହୋଇ ନୀଳଗିରି ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

### ଗୋରୁ ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର,୧୬।୬(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବିଶୋଇ ନିକଟସ୍ଥ ୪୯ନଂ. ଜାତୀୟ ରାଜପଥର ବାଇପାସ୍ ଛକରେ ସୋମବାର ରାତିରେ ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଏହି ଘଟଣାରେ ୨ ଜଣ ଗିରଫ ହୋଇଥିବା ବିଶୋଇ ଥାନା ଅଧିକାରୀ ଫଣିଭୂଷଣ ନାୟକ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୫୩/୨୦୨୦) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ସେକ୍ ପପୁ ଏବଂ ତାଙ୍କ ସହଯୋଗୀ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଟେଣ୍ଟପୋଷି ଗ୍ରାମର ସେକ୍ ଫିର୍‌ଦୋସ। ଅଭିଯୁକ୍ତ ଦ୍ୱୟ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୮ଟି ଗୋରୁଙ୍କୁ ନେଇ ପଶ୍ଚିମବଙ୍ଗ ଚାଲାଣ କରୁଥିବା ବେଳେ ପୋଲିସ ଗାଡ଼ିକୁ ଜବତ କରିଥିଲା।

# 'ଜୈବିକ କୃଷି ଉପରେ ଗୁରୁତ୍ୱ ଦିଅ'

- ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ
- ୧,୯୭,୮୭୧ ହେକ୍ଟରରେ ଧାନ ଓ ୧୯,୩୬୮ ହେକ୍ଟର ଜମିରେ ଅଣଧାନ ଫସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ବାଲେଶ୍ୱର ଅଫିସ, ୧୬।୬

ବାଲେଶ୍ୱରସ୍ଥିତ ଓସୱାନ ହଲ୍‌ରେ ମଙ୍ଗଳବାର ଖରିଫ ୨୦୨୦ ନିମନ୍ତେ ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବୈଠକରେ ଅଧକ୍ଷତା କରି ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ବ୍ଲକର କୃଷି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ୨୦୧୯-୨୦ ରବିଋତୁର ଲକ୍ଷ୍ୟ ହାସଲ ଏବଂ ଚଳିତ ଖରିଫ ଋତୁ ପାଇଁ ବିଭିନ୍ନ ଫସଲ ଏବଂ ନିର୍ଦ୍ଧାରିତ କୃଷି କାର୍ଯ୍ୟକ୍ରମ ଓ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ଚଳିତ ଖରିଫ ଋତୁରେ ଚାଷୀମାନଙ୍କର ଉତ୍ପାଦନ ଖର୍ଚ୍ଚକୁ କମାଇବା, ଉନ୍ନତମାନର ବିହନ ଯୋଗାଣ ସହ ତାହାର ବ୍ୟବହାର ପାଇଁ ଚାଷୀମାନଙ୍କୁ ପ୍ରବର୍ତ୍ତାଇବା, ସଏଲ ହେଲ୍‌ଥ କାର୍ଡ଼ ବଣ୍ଟନ ସହ ଚାଷଜମିର କିସମ ଅନୁଯାୟୀ ଚାଷ କାମ କରିବା, ଧାଡ଼ିରୁଆ, ଠିକ୍ ସମୟରେ ସୁଲଭ



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ।

ମୂଲ୍ୟରେ ସାର, କୀଟନାଶକ ଓ ବିହନ ଯୋଗାଣ, ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ଏବଂ ସବ୍‌ସିଡ଼ି ପ୍ରଦାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବିଶେଷ କରି ଜୈବିକ କୃଷିକୁ ଲୋକପ୍ରିୟ କରାଇବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଚଳିତ ଖରିଫ ଋତୁରେ କୃଷି ବିଭାଗ ତରଫରୁ ୧ଲକ୍ଷ ୯୭ହଜାର ୮୭୧ହେକ୍ଟର ଜମିରେ ଧାନ ଫସଲ ଏବଂ ୧୯,୩୬୮ ହେକ୍ଟର ଜମିରେ ଅଣଧାନ ଫସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଣଧାନ ଫସଲ ମଧ୍ୟରେ ଡାଲି ଜାତୀୟ, ମକା, ଚିନାବାଦାମ, ଝୋଟ, ପନିପରିବା, ଅଦା, ହଳଦୀ, ଲଙ୍କା, ଆଖୁ ଆଦି ଚାଷ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଉଦ୍ୟାନ କୃଷି ବିଭାଗ ତରଫରୁ ଆମ୍ବ, କଦଳୀ, ଅମୃତଭଣ୍ଡା, ଶଙ୍କରଜାତୀୟ (ହାଇବ୍ରିଡ଼) ପନିପରିବା ଚାଷ କରାଯିବା ଲାଗି ଯୋଜନା ଥିବା ସୂଚନା ଦିଆଯାଇଥିଲା। ବୈଠକରେ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ର, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଡିଆରସିଏସ ପ୍ରଶାନ୍ତ କୁମାର ମହାନ୍ତି, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପାତ୍ର, ଏଲ୍‌ଡିଏମ ସୁଦୀପ ଡାକୁଆ, ବିବିସିସି ବ୍ୟାଙ୍କର ଏଜିଏମ୍ ଅଭିରାମ ମହାନ୍ତି, ନିର୍ବାହୀଯନ୍ତ୍ରୀ ସୁବୋଧ କୁମାର ଚୌଧୁରୀ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

## କ୍ୱାରାଣ୍ଟାଇନ୍ ସେଣ୍ଟରରେ ସ୍ତ୍ରୀଙ୍କୁ ଗୋଡ଼ାଇ ପିଟିଲେ

ବାହାନଗା ,୧୬।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ଏକ ଅଭାବନୀୟ ଘଟଣା ଘଟିଛି। କେନ୍ଦ୍ରରେ ଥିବା ଜଣେ ପ୍ରବାସୀ କୌଣସି କାରଣରୁ ତାଙ୍କ ପତ୍ନୀକୁ ଗୋଡାଇ ଗୋଡାଇ ପିଟିଛନ୍ତି। ଯୁବକଙ୍କ ଏଭଳି କାଣ୍ଡ ଯୋଗୁ ପ୍ରଶାସନ ନିର୍ଦ୍ଦେଶରେ ତାଙ୍କୁ ପଣପଣା କ୍ୱାରାଣ୍ଟାଇନ ସେଣ୍ଟରକୁ ସ୍ଥାନାନ୍ତରିତ କରାଯାଇଛି। ଚଳିତତମାସ ୧୪ତାରିଖରେ ଚେନ୍ନାଇରୁ ଉକ୍ତ ଦମ୍ପତି ଆସି ଗୋପାଳପୁର କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଏଠାରେ ଉଭୟେ ଅଲଗା ଅଲଗା କୋଠରୀରେ ରହିଥିଲେ। ସୋମବାର ରାତି ୧୨ଟାରେ ସମ୍ପୃକ୍ତ ଯୁବକ ତାଙ୍କ ପତ୍ନୀଙ୍କୁ ଡାକିଥିଲେ। ସେ ନ ଶୁଣିବାରୁ ଯୁବକଜଣକ କବାଟ ବାଡେଇ ତାଙ୍କୁ ଡାକିବା ପରେ ନିକଟରେ ପଡିଥିବା ଏକ ବାଡିରେ ଗୋଡାଇ ପିଟିଥିଲେ। ଅନ୍ୟପ୍ରବାସୀମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଖବରପାଇ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ଓ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର, ଗୋପାଳପୁର ଫାଣ୍ଡି ଅଧିକାରୀ ବନମାଳୀ ପ୍ରଧାନ ପହଞ୍ଚିଥିଲେ ମଧ୍ୟ ସଙ୍ଗରୋଧ କେନ୍ଦ୍ର ଭିତରକୁ ପଶିପାରି ନ ଥିଲେ। ରାତିରେ ଅନ୍ୟ ପ୍ରବାସୀମାନେ ଉକ୍ତ ଯୁବକଙ୍କୁ କାବୁ କରି ଘର ଭିତରେ ରଖିଥିଲେ। ମଙ୍ଗଳବାର ସକାଳେ ସମ୍ପୃକ୍ତ ଯୁବକ ପତ୍ନୀଙ୍କ ନିକଟକୁ ପୁଣି ଯାଇ ତାଙ୍କ ପିଲାକୁ ଛଡାଇବା ସହ ମାଡ ମାରିଥିଲେ। ଅନ୍ୟ ପ୍ରବାସୀମାନେ ଉଭୟଙ୍କୁ କାବୁ କରିଥିଲେ। ସରପଞ୍ଚ ପତି, ତହସିଲଦାର କର, ବାହାନଗା ବ୍ଲକ ଅଧକ୍ଷା ସରସ୍ୱତୀ ମହାଲିକ, ଗୋପାଳପୁର ଫାଣ୍ଡି ଅଧିକାରୀ ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ସରପଞ୍ଚ ପତି ଏବିଡିଓ ମାନସକୁମାର ଚୌଧୁରୀଙ୍କ ସହ କଥା ହୋଇ ଉକ୍ତ ଯୁବକଙ୍କୁ ଅନ୍ୟ ସଙ୍ଗରୋଧ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ମହିଳାଙ୍କ ମା'ବାପା ଖବରପାଇ ଗୋପାଳପୁର ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚିଥିଲେ। ତେବେ ଝିଅ ପ୍ରତି ହେଉଥିବା ଅତ୍ୟାଚାର ବିଷୟରେ ସେମାନେ ଗୋପାଳପୁର ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ଟିକ୍‌ଟକ୍

**ପ୍ରଶାସନ ପାଖରେ ଖବର ନାହିଁ**

ବାରିପଦା ଅଫିସ,୧୬।୬

ପ୍ରଶାସନ ପକ୍ଷରୁ ହୋଇଥିବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ଜଣେ ଯୁବକ କିଛି ଦିନ ହେଲାଣି ଟିକଟିକ୍ ଭିଡ଼ିଓ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଦୁଇଦିନ ତଳେ ସେ କରିଥିବା ଏକ ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏହି ଘଟଣା ପଦାକୁ ଆସିଛି। ତେବେ ସଙ୍ଗରୋଧ କେନ୍ଦ୍ରରେ ଭିଡ଼ିଓ ହେବା ଘଟଣା ଉକ୍ତ କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାରିଲାପଣିଆକୁ ନେଇ ପ୍ରଶ୍ନ ଉଠିଛି। ଏହିଭଳି ଘଟଣା ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ଏକ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ହୋଇଥିବା ଏହି କେନ୍ଦ୍ରରେ ବର୍ତ୍ତମାନ ୨୦ ଜଣ ପ୍ରବାସୀ ରହୁଥିବା ବେଳେ ସେଠାରେ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କୁ କେନ୍ଦ୍ରରେ କେତେବେଳେ ଦେଖା ମିଳେ ନାହିଁ। ଦାୟିତ୍ୱରେ ଥିବା ଅଧିକାରୀ ନିକଟସ୍ଥ ଏକ ହୋଟେଲକୁ ପ୍ରବାସୀମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ କହି ଦେଇ ତାଙ୍କ ଦାୟତ୍ୱ ସାରି ଦେଇଛନ୍ତି। ନିର୍ବାହୀ ଅଧିକାରୀ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଙ୍ଗରୋଧ କେନ୍ଦ୍ରରେ ରହି ଦାୟିତ୍ୱ ପରିଚାଳନା କରିବା ପାଇଁ ନିୟମ ଥିଲେ ମଧ୍ୟ ଏଠାରେ କରୋନା ଭୟରେ କାହା ପାଦ ପଡୁ ନ ଥିବା ଅଭିଯୋଗ ହେଉଛି।

ସେହିଭଳି ରାତ୍ର ଜଗୁଆଳ ରାତିରେ ଆସି କିଛି ସମୟ ରହୁଛନ୍ତି। ଏହାର ଫାଇଦା ନେଇ କିଛି ଦିନ ତଳେ କେନ୍ଦ୍ରକୁ ଆସୁଥିବା ଜଣେ ଯୁବକ ଟିକଟିକ୍ ଭିଡ଼ିଓ କରିବାରେ ଲାଗିଛନ୍ତି। ଏ ନେଇ ବାଙ୍ଗିରିପୋଷି ବିଡିଓ ରାମଦାସ ଟୁଡୁଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ଛୁଟିରେ ଅଛି ଓ ଏନେଇ କିଛି ଜାଣି ନାହିଁ ବୋଲି କହିଛନ୍ତି। ସଙ୍ଗରୋଧ କେନ୍ଦ୍ରରେ ଯଦି ଏହିଭଳି କିଛି ହୋଇଥିବ ତେବେ ତାହାର ତଦନ୍ତ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

## କେନ୍ଦୁଝରରେ ଆଉ ୫ କରୋନା ପଜିଟିଭ୍

କେନ୍ଦୁଝର, ୧୬।୬(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲାରେ ବୁଧବାର ଆଉ ୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ଛୁଇଁଛି। ସମସ୍ତ ଆକ୍ରାନ୍ତ କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିଲେ। ସଦର ବ୍ଲକ ଗୋପାଳପୁର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ଆନନ୍ଦପୁରରେ ଜଣେ ଓ ଯୋଡ଼ାରେ ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଗୋପାଳପୁର କେନ୍ଦ୍ରରେ ଚିହ୍ନଟ ହୋଇଥିବା ଜଣେ ସଂକ୍ରମିତଙ୍କ ସଂସ୍ପର୍ଶରେ ଏହି ୩ ଜଣ ଆସିଥିଲେ। ଅଦ୍ୟାବଧି ୩୦ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟ ୪୫ଜଣ କେନ୍ଦୁଝର କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୨ଜଣ ଗୁଜରାଟ, ୨ଜଣ ତାମିଲନାଡୁ ଓ ଜଣେ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡିଛି। ୪ଜଣ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବେଳେ ଯୋଡ଼ା ପୌରାଞ୍ଚଳରେ ଫେରୋ ଆଲଏଜ କଲୋନୀରେ ଜଣେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ।

# ସମୁଦ୍ର କୂଳରେ 'ୱାର୍ଲ୍ଡ କ୍ଲେ ଡେ'




ୱାର୍ଲ୍ଡ କ୍ଲେ ଡେ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ମଡ଼ ଆର୍ଟିଷ୍ଟ।

ବାଲେଶ୍ୱର ଅଫିସ,୧୬।୬

ବାଲେଶ୍ୱର ମଡ଼ ଆର୍ଟିଷ୍ଟଙ୍କ ଦ୍ୱାରା ମଙ୍ଗଳବାର ପୂର୍ବାହ୍ନରେ ଦୁବଲାଗଡ଼ି ସମୁଦ୍ରକୂଳରେ 'ୱାର୍ଲ୍ଡ କ୍ଲେ ଡେ' ପାଳନ କରାଯାଇଛି। ଶିଳ୍ପୀ କେଶୁ ଦାସଙ୍କ ତତ୍ତ୍ୱାବଧାନରେ ୧୫ଜଣ ମଡ଼ ଆର୍ଟିଷ୍ଟ ବିଭିନ୍ନ ଭଙ୍ଗୀରେ ପ୍ରଦର୍ଶନ କରି ସ୍ଥାନୀୟ ଲୋକଙ୍କୁ ଆକୃଷ୍ଟ କରିଥିଲେ। ଶିଳ୍ପୀ କେଶୁ ଦାସ ଏହି ଦିବସ ବିଷୟରେ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ। ଏଥିରେ ଶିଳ୍ପୀ ଗୁରୁ ଦାସ, ଅରୁଣ ବାରିକ, କୈଳାଶ ଦାସ, ପ୍ରକାଶ ମହାନ୍ତି, ପ୍ରିୟଙ୍କା ସାମଲ, ସୋନାଲି ଦାସ, ଜ୍ୟୋସ୍ନା ମାରାଣ୍ଡି, ମାନସୀ ମାଝି, କାଳିପଦା ଜେନା କଳାକାରମାନେ ନିଜ ଦେହରେ କାଦୁଅ ବୋଳି ଏହି ଦିବସକୁ ପାଳନ କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅମର ଯବାନ ଯୁବ ସଂଗଠନ'ର ସଭାପତି ଭକ୍ତଚରଣ ଦାସ ଓ ସଦସ୍ୟମାନେ ଯୋଗଦେଇ ସହଯୋଗ କରିଥିଲେ।

ଜୁନ୍ ୫ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଶ୍ୱ ପରିବେଶ ଦିବସ ପାଳନ କରାଯାଏ। ଏହାର ଅନ୍ତିମ ଦିବସକୁ ଭଦ୍ରକର ଲିମକା ବୁକ୍ ତାଲିକାଭୁକ୍ତ ବିଶିଷ୍ଟ ପରିବେଶବିତ୍ ତଥା ଆଇନ୍‌ଜୀବୀ ରାଧାକାନ୍ତ ତ୍ରିପାଠୀ ଗତ ୨୦୧୦ରୁ ୱାର୍ଲ୍ଡ କ୍ଲେ ଡେ ପାଳନ କରିଆସୁଛନ୍ତି। ତାଙ୍କର ଏହି ମହତ ଉଦ୍ଦେଶ୍ୟକୁ ସମ୍ମାନ ଜଣାଇ ଚଳିତବର୍ଷ ବାଲେଶ୍ୱରରେ ପ୍ରଥମଥର ପାଇଁ ପାଳନ କରାଯାଇଛି।

## ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିର ନୋଟିସ

**ଖବରଦାତାଙ୍କୁ ଆକ୍ରୋଶମୂଳକ ଆକ୍ରମଣ ଘଟଣା**

**ମାମଲା ରୁଜୁ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କେନ୍ଦୁଝର/ଆନନ୍ଦପୁର, ୧୬।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳର ଜଣେ ଖବରଦାତାଙ୍କୁ ପୋଲିସ କ୍ଷମତାର ଅପବ୍ୟବହାର କରାଯାଇ ଆକ୍ରୋଶମୂଳକ ଭାବେ ଆକ୍ରମଣ ହୋଇଥିବା ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏପ୍ରିଲ ୧୮ତାରିଖରେ ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି କମିଶନ କେସ୍ ନଂ. ୧୨୦୯/୧୮/୭/୨୦୨୦ ଅନୁଯାୟୀ କେନ୍ଦୁଝର ଜିଲା ଏସ୍‌ପିଙ୍କୁ ନୋଟିସ ଜାରି କରିଛନ୍ତି। ଘଟଣାର ତଦନ୍ତ ସମୟରେ ଅଭିଯୋଗକାରୀଙ୍କୁ ସାମିଲ କରି ୮ ସପ୍ତାହ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଖବରଦାତା ମାର୍ଚ୍ଚ ୧୬ତାରିଖରେ ଆକ୍ରମଣକାରୀ ପୋଲିସ କର୍ମଚାରୀଙ୍କ ବିରୋଧରେ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନନ୍ଦିପଦା ଥାନା ପକ୍ଷରୁ ପଞ୍ଜିକୃତ କରାଯାଇ ନ ଥିଲା। ଫଳରେ ସେ ଏପ୍ରିଲ ୧୮ ତାରିଖରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସହ ଏକ ମାମଲା ସେ ହାଇକୋର୍ଟରେ ମଧ୍ୟ ଦାୟର ହୋଇଥିଲା। କେସ୍ ନଂ. ସିଆରଏଲଏମପି ୫୯୪/୨୦୨୦। ହାଇକୋର୍ଟ ଅଭିଯୋଗ ଅନୁଯାୟୀ ମାମଲା ରୁଜୁକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖବରଦାତା ଜଣଙ୍କ ହାଇକୋର୍ଟଙ୍କ ଆଦେଶନାମାକୁ ଓଡିଶା ଡିଜି ପୋଲିସ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୈନିକ ଧରିତ୍ରୀ ଖବରକାଗଜ ହାଟଡିହୀ ବ୍ଲକ ପ୍ରତିନିଧି ଶୁଭକାନ୍ତ ନାୟକ ଗତ ୧୬।୩।୨୦ରେ ଖବର ସଂଗ୍ରହ ନିମନ୍ତେ ହାଟଡିହୀ ବ୍ଲକ ପରିସରକୁ ଯାଇଥିଲେ। କୌଣସି ଘଟଣାକୁ ନେଇ ତତ୍କାଳୀନ ରାମଚନ୍ଦ୍ରପୁର ଥାନା ଏସ୍‌ଆଇ ବିଶ୍ୱଜିତ୍ ବେହେରା ଆକ୍ରୋଶମୂଳକ ଭାବେ ଖବରଦାତାଙ୍କ ଉପରେ ପୋଲିସ କ୍ଷମତାର ଅପବ୍ୟବହାର କରି ଫଶାଇବାକୁ ଉଦ୍ୟମ କରିଥିଲେ। ଏଥିରେ ବିଫଳ ହେବାରୁ ଖବରଦାତାଙ୍କ ସ୍କୁଟି ଗାଏବ କରାଯିବା ଭଳି ଘଟଣା ଘଟିଥିଲା। ଅଦ୍ୟାବଧି ଖବରଦାତାଙ୍କ ସ୍କୁଟି ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ। ସେହିଭଳି ମାର୍ଚ୍ଚ ୧୦ ତାରିଖ ସନ୍ଧ୍ୟାରେ ଖବରଦାତା ନାୟକ ଖବର ସଂଗ୍ରହ ପରେ ନିଜ ଘର ଶାଳଣିଆ ପଞ୍ଚାୟତ ସୋଲପଟା ଘର ଅଭିମୁଖେ ଫେରିବା ବାଟରେ ତାଙ୍କୁ ଏକ ପୋଲିସ ଗାଡି ରାସ୍ତା ଅବରୋଧ କରିବା ସହିତ ନାନା ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଥିଲା।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବାପାଙ୍କୁ ହରାଇ ୪ ପିଲା ବେସାହାରା**

କେନ୍ଦୁଝର, ୧୬।୬(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ବାରିଗାଁ ଗ୍ରାମର ଲାଲମୋହନ ମୁଣ୍ଡା(୪୦) ବିଷାକ୍ତ ଚିତିସାପ କାମୁଡାରେ ପ୍ରାଣ ହରାଇଛନ୍ତି। ପରିବାରର ମୁଖ୍ୟଙ୍କୁ ହରାଇ ଏବେ ସ୍ତ୍ରୀ ଓ ୪ ପିଲା ବେସାହାରା ହୋଇପଡିଛନ୍ତି। ସୋମବାର ବିଳମ୍ବିତ ରାତିରେ ଲାଲମୋହନ ଘରେ ତଳେ ଶୋଇଥିଲେ। ଅଧରାତିରେ ସେ ଉଠି କୌଣସି ଜିନିଷ ପାଇଁ ଘର ଥାକକୁ ହାତ ବଢାଉଥିବା ବେଳେ ସେଠାରେ ଏକ ଚିତିସାପ ତାଙ୍କର ବାମ ହାତ କାଣିଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। ଲାଲ୍‌ମୋହନ ଚିତ୍କାର କରିବାରୁ ପରିବାର ଲୋକେ ଉଠି ଏକ ଚିତିସାପ କାମୁଡିଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପାଟଣା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାଲ୍‌ମୋହନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ଏକ ମାମଲା (ନଂ.୩୫/୨୦) ରୁଜୁ କରିଥିଲା। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସ୍ତ୍ରୀ ଚନ୍ଦ୍ରମଣି ଓ ୪ ପିଲା ଅସହାୟ ହୋଇପଡିଛନ୍ତି। ଉକ୍ତ ପରିବାରକୁ ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଏସ୍‌ପି ଅଫିସ ଆଗରେ ଧାରଣା ଦେଲେ ଅସହାୟ ବାପା

ଭଦ୍ରକ ଅଫିସ, ୧୬।୬

ସମ୍ପତ୍ତି ପାଇଁ ଦୁଇ ବିବାହିତା ଝିଅ ବାପାଙ୍କୁ ନିର୍ଯ୍ୟାତନା ଦେଉଛନ୍ତି। ଏନେଇ ଅସହାୟ ବାପା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ଫଳରେ ସେ ବାଧ୍ୟ ହୋଇ ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ପାଇଁ ଧାରଣାରେ ବସିଥିଲେ। ଏସ୍‌ପି ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିବା ପରେ ସେ ଧାରଣାରୁ ଉଠିଥିଲେ। ଘଟଣା ଘଟିଛି ଭଣ୍ଡାରିପୋଖରୀ ଥାନା ରହଣିଆ ପଞ୍ଚାୟତ ରାଢ଼ୋ ଗ୍ରାମରେ। ଉକ୍ତ ବ୍ୟକ୍ତିଙ୍କର ୩ ଝିଅ। ସେମାନେ ସମସ୍ତେ ବିବାହିତା ହୋଇଥିବାରୁ ଉଭୟ ଦମ୍ପତି ଘରେ ଏକୁଟିଆ ରହୁଥିଲେ। ଏହି ପରିସ୍ଥିତିରେ ଦୁଇ ଝିଅ ସବୁବେଳେ ବାପଘରକୁ ଆସି ସମ୍ପତ୍ତି ପାଇଁ ବାପାଙ୍କୁ ମାଡ଼ ମାରିବା ସହ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏପରିକି ଘରୁ ତଡ଼ି ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ଆଣିଛନ୍ତି ବାପା। ଝିଅମାନଙ୍କ ନିର୍ଯ୍ୟାତନା ସହି ନ ପାରି ଶେଷରେ ବାପା ଭଣ୍ଡାରିପୋଖରୀ ଥାନାରେ ଆଶ୍ରୟ ନେଇଥିଲେ। ଝିଅମାନେ ମାଡ଼ ମାରିଥିବା ନେଇ ତାଙ୍କ ମା' ୧୧ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅନ୍ୟଜଣେ ଝିଅ ମା' ବାପାଙ୍କୁ ଉପଯୁକ୍ତ ନ୍ୟାୟ ଦାବି କରି ମଙ୍ଗଳବାର ଧାରଣାରେ ବସିଥିଲେ।

## ପୂର୍ବ ଶତ୍ରୁତାରୁ ଘର ଜାଳିଦେଲେ

ଭଦ୍ରକ ଅଫିସ, ୧୬।୬

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଉଦପୁର ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେବାରୁ ଜଣେ ବ୍ୟକ୍ତିଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୋମବାର ବିଳମ୍ବିତ ରାତିରେ ବାଉଦପୁର ଗ୍ରାମର ବାବୁରାମ ଜେନା ପରିବାର ଲୋକଙ୍କ ସହ ଶୋଇଥିବା ବେଳେ ତାଙ୍କ ଘରେ କେହି ନିଆଁ ଲଗାଇ ଦେଇଥିଲେ। ଘର ପୋଡ଼ିଯିବା ଜାଣି ସମସ୍ତେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ପୋଡ଼ି ହୋଇଯାଇଛି। ଦମକଳ କର୍ମଚାରୀ ଆସି ନିଆଁ ଲିଭାଇଥିଲେ।



ଦୁର୍ବୃତ୍ତମାନେ ଘରକୁ ଜାଳିଦେଇଛନ୍ତି।

## ଋଷ୍ୟଶୃଙ୍ଗ-ଶାନ୍ତାକୁମାରୀଙ୍କ ବିବାହ

ବାସୁଦେବପୁର, ୧୬।୬(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମୁଁଆ ପଞ୍ଚାୟତ ସରପୋଖରୀଆଡ଼ିଠାରେ ଋଷ୍ୟଶୃଙ୍ଗ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଋଷ୍ୟଶୃଙ୍ଗ-ଶାନ୍ତାକୁମାରୀଙ୍କ ବିବାହ ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରବିବାର କଳସପୂଜା କରାଯାଇଥିଲା। ସୋମବାର ମଙ୍ଗଳବାର ଦୁଇଦିନ ଧରି ଋଷ୍ୟଶୃଙ୍ଗ ଓ ଶାନ୍ତାକୁମାରୀଙ୍କ ବିଗ୍ରହ ପୂଜା ପୂର୍ବକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୌରାଣିକ କଥାବସ୍ତୁ ଆଧାରରେ ରାଜ ଲୋମପାଦଙ୍କ ରାଜ୍ୟରେ ଅନାବୃଷ୍ଟିକୁ ଦୂରେଇବା ପାଇଁ ଗଣିକା ଜରତା ସହାୟତାରେ ଋଷ୍ୟଶୃଙ୍ଗଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟ ରାଜ୍ୟକୁ ଅଣାଯାଇଥିଲା। ବିରଜା ପାଞ୍ଜିରେ ଅନୁମୋଦିତ ଏହି କଥାବସ୍ତୁକୁ ପ୍ରତିବର୍ଷ ବିଗ୍ରହଙ୍କ ବିବାହ



ଋଷ୍ୟଶୃଙ୍ଗଙ୍କ ବିବାହ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

ଉତ୍ସବ ପରମ୍ପରା ବିଧିପୂର୍ବକ ପାଳନ ହେଉଛି। ଋଷ୍ୟଶୃଙ୍ଗଙ୍କର ପିତା ନୀଳକଣ୍ଠ ଦାସ, ମାତା ଝରଣା ଦାସ, ଶାନ୍ତାକୁମାରୀଙ୍କ ପିତା ବିଜୟ ପଣ୍ଡା, ମାତା ସୁଚିସ୍ମିତା ପଣ୍ଡା, କନ୍ୟାର ଭାଇ ଭାବରେ ପ୍ରିୟବ୍ରତ ଦାସ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ମୁକ୍ତିକାନ୍ତ କର, ଅମରେନ୍ଦ୍ର ଦୀକ୍ଷିତ ଓ ଦତ୍ତାତ୍ରେୟ କର ଯଜ୍ଞ ଓ ବିବାହ ଉତ୍ସବ ତୁଲାଇଥିଲେ। ସଭାପତି ନିତ୍ୟାନନ୍ଦ ଦାସ, ସମ୍ପାଦକ ଚନ୍ଦ୍ରକାନ୍ତ ପରିଡ଼ା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ସଂକ୍ଷେପରେ

### ବେତାରସିଙ୍ଗିର ୩ ସାହି କଣ୍ଟେନ୍‌ମେଣ୍ଟ ଜୋନ୍

ବୁଗୁଡ଼ା,୧୬।୬(ଡି.ଏନ୍.ଏ.)- ବୁଗୁଡ଼ା ବ୍ଲକ ବେତାରସିଙ୍ଗି ଗ୍ରାମର ହୋମ୍ କ୍ୱାରେଣ୍ଟାଇନରେ ଥିବା ଜଣେ ଯୁବକଙ୍କର ଶନିବାର କରୋନା ରିପୋର୍ଟ ପଜିଟିଭ ଆସିଥିଲା। ଫଳରେ ଜିଲ୍ଲା ପ୍ରଶାସନ ସୋମବାର ବିଳମ୍ବିତ ରାତିରେ ବେତାରସିଙ୍ଗି ଗ୍ରାମର ତଳ ସାହି, ବଡ଼ଦାଣ ସାହି ଓ ଖଡାଳ ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ସହ ଆଖପାଖ ୬ ଗ୍ରାମକୁ ବଫର ଜୋନ୍ ଘୋଷଣା କରିଛନ୍ତି। ଯୁବକଙ୍କ ପରିବାର ଓ ସଂସ୍ପର୍ଶରେ ଆସିଥିବା କେତେଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ବେଳେ ଜଣେଙ୍କ ଡ୍ରାଇଭରଙ୍କୁ ମଧ୍ୟ ହୋମ୍ କ୍ୱାରେଣ୍ଟାଇନରେ ରଖାଯାଇଛି। ଗୋଲାବନ୍ଧ, ଗୋଲାବନ୍ତର, ବିଶ୍ୱନାଥପୁର, ସୁବୁଦ୍ଧିପଲ୍ଲୀ, ଗୋଲନ୍ତି ଏବଂ ବୁଗୁଡ଼ା ଏନ୍‌ଏସି ୱାର୍ଡ ନଂ.୧ର କାଞ୍ଜିଆପଲ୍ଲୀ ଗ୍ରାମକୁ ବଫର୍ ଜୋନ୍ ଘୋଷଣା କରିଛନ୍ତି। ଉକ୍ତ ସାହି ଓ ଗ୍ରାମଗୁଡ଼ିକରେ ବ୍ୟାରିକେଡ୍ କରାଯାଇ ପ୍ରବେଶ ପଥକୁ ସିଲ୍ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ବିଡିଓ ତନ୍ମୟ ପାତ୍ର କହିଛନ୍ତି।

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପାଟପୁର,୧୬।୬- ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପଦ୍ମପୁର ଗ୍ରାମ ପୋଖରୀରୁ ସୋମବାର ରାତିରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ପଦ୍ମପୁର ଗ୍ରାମର ବଂଶୀ ଗୌଡ଼ (୩୦)। ବଂଶୀ ସନ୍ଧ୍ୟାରେ ପୋଖରୀକୁ ଗାଧେଇ ଯାଇ ଫେରି ନ ଥିଲେ। ପରିବାର ଲୋକେ ଯାଇ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ମୃତଦେହ ଜବତ କରି ନଂ.୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଗଛ ପଡ଼ି ଭଞ୍ଜନଗର-ବ୍ରହ୍ମପୁର ରାସ୍ତା ବନ୍ଦ

ଭଞ୍ଜନଗର,୧୬।୬(ଡି.ଏନ୍.ଏ.)- ଭଞ୍ଜନଗର ନିକଟସ୍ଥ ଜିଲୁଣ୍ଡିଠାରେ ମଙ୍ଗଳବାର ରାତିରେ ପ୍ରବଳ ବର୍ଷା ଯୋଗୁ ରାସ୍ତା କଡ଼ରେ ଥିବା ଏକ ବିରାଟ ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ଭଞ୍ଜନଗର ବ୍ରହ୍ମପୁର ରାସ୍ତା ୨ଟାରୁ ୪ଟା ପର୍ଯ୍ୟନ୍ତ ବନ୍ଦ ଥିଲା। ଏହାପରେ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ସଫା କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

### ଡା.ଭବାନୀ ଶଙ୍କର ଦାଶଙ୍କୁ ଶାନ୍ତିଦୂତ ସମ୍ମାନ



ବ୍ରହ୍ମପୁର ଅଫିସ, ୧୬।୬-ୟୁନାଇଟେଡ ନେସନ ଦ୍ୱାରା ପରିଚାଳିତ ଗ୍ଲୋବାଲ ପିସ୍ ଫର ହ୍ୟୁମାନ ରାଇଟସ (ଜିପିଏଚଏମ) ପକ୍ଷରୁ ଶାନ୍ତିଦୂତ ସମ୍ମାନରେ ସମ୍ମାନିତ ହୋଇଛନ୍ତି ସମାଜସେବୀ ଡା.ଭବାନୀ ଶଙ୍କର ଦାଶ। ଡା.ଦାଶ ଜଣେ ଡାକ୍ତର ଭାବରେ ଗାଁଲୋକଙ୍କୁ ସେବା ଯୋଗାଇବା, ଗରିବଙ୍କୁ ସାହାଯ୍ୟ କରିବା ସହ ଅନାଥ ପିଲାମାନଙ୍କ ପାଇଁ ଏକ ଅନାଥ ଆଶ୍ରମ ଖୋଲି ସେମାନଙ୍କର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା, ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ଭଳି ସମାଜସେବା କାର୍ଯ୍ୟ ପାଇଁ ତାଙ୍କୁ ଜିପିଏଚ୍‌ଏମ୍ ସଦସ୍ୟ ଭାବେ ମନୋନୀତ କରାଯାଇଥିବା ସୂଚନା ମିଳିଛି। ସେ ବର୍ତ୍ତମାନ ଜିପିଏଚଏମ୍ ସହ ମିଳିତ ଭାବରେ ଏନଏଏସିପି, ୟୁନାଇଟେଡ ନେସନ୍‌ସ, ଇଣ୍ଟରନ୍ୟାଶନାଲ ବାର ଆସୋସିଏଶନ, ଅନ ଗ୍ଲୋବାଲ କମ୍ପାକ୍ଟ, ଆକାଡେମିକ ଇମ୍ପାକ୍ଟ ଆଦି ସଂସ୍ଥାଗୁଡିକ ମାନବାଧିକାର ନିମନ୍ତେ କାର୍ଯ୍ୟକରି ଆସୁଛନ୍ତି।

# ୬ ପଞ୍ଚାୟତକୁ ଯାଇପାରୁନି ଆମ୍ବୁଲାନ୍ସ

■ ଅମାନିଆଙ୍କ ଯୋଗୁ ସିଲ୍ ହୋଇଛି ଛତ୍ରପୁର ପ୍ରବେଶପଥ
■ ନିୟମ ଉଲ୍ଲଂଘନ ନେଇ ୭ ଦୋକାନ ସିଲ୍, ଜରିମାନା ଆଦାୟ

ଛତ୍ରପୁର,୧୬।୬(ଡି.ଏନ୍.ଏ.)



ବ୍ୟାରିକେଡ୍ କରାଯାଇଛି।

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ସହରର ବିଭିନ୍ନ ପ୍ରବେଶ ପଥକୁ ମଙ୍ଗଳବାର ଏନ୍‌ଏସି ପକ୍ଷରୁ ବ୍ୟାରିକେଡ୍ କରି ସିଲ୍ କରି ଦିଆଯାଇଛି। କେତେଜଣ ଅମାନିଆ କରୋନା ଲାଗି ଲାଗୁ ହୋଇଥିବା ଲକ୍‌ଡାଉନ୍ ନିୟମକୁ ଉଲ୍ଲଂଘନ କରି ଗାଡି ଧରି ଛତ୍ରପୁର ସହରକୁ ଆସୁଥିବାରୁ ଏନ୍‌ଏସି କର୍ତ୍ତୃପକ୍ଷ ଏପରି କଡା ପଦକ୍ଷେପ ନେଇଛନ୍ତି। ସ୍ଥାନୀୟ ଫ୍ୟୁ ପୋଲିସ ଲାଇନ୍, ଶ୍ୟାମାକାଳୀ ସାହି ନିକଟ ଏବଂ ଷ୍ଟେଶନ ନିକଟରେ ବ୍ୟାରିକେଡ୍ କରାଯାଇଛି। ଏହାଦ୍ୱାରା ଅପରପାର୍ଶ୍ୱରେ ଥିବା ବଉଳଗାଁ, ଚିକଲଖଣ୍ଡି, ବିପୁଲିଙ୍ଗି, ମହାନାଦପୁର, ଭିକାରିପଲ୍ଲୀ, ସୁନ୍ଦରପୁର ଆଦି ୬ ପଞ୍ଚାୟତବାସୀଙ୍କ ଛତ୍ରପୁର ସହରକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପରିକି ଆମ୍ବୁଲାନ୍ସ ଓ ଅତ୍ୟାବଶ୍ୟକ ଗାଡି ମଧ୍ୟ ଉକ୍ତ ପଞ୍ଚାୟତର ଗାଁ ଗୁଡିକୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

ପୂର୍ବରୁ ଛତ୍ରପୁର ଏନ୍‌ଏସି ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ଲକ୍‌ଡାଉନ୍ ନିୟମ ନେଇ ସଚେତନ କରାଯିବା ସହ ବାହାରକୁ ଗାଡି ନେଇ ବାହାରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି। ସେହିପରି ଦୋକାନୀ ଓ ଗ୍ରାହକ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଏସବୁର ଉଲ୍ଲଂଘନ କରାଯାଇଥିବାରୁ ଜରିମାନା ଆଦାୟ ହୋଇଛି। ମଙ୍ଗଳବାର ଛତ୍ରପୁର ସହରରେ କଡାକଡି ପାଟ୍ରୋଲିଂ କରାଯିବା ସହ ଗାଡି ଯାଞ୍ଚ ହେଉଛି। ଗାଇଡଲାଇନ୍ ଉଲ୍ଲଂଘନ ନେଇ ସହରର ୭ଟି ଦୋକାନକୁ ୭ ଦିନ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ ସିଲ୍ କରିଥିଲେ। ଏଥିସହ ୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ମାସ୍କ ନ ପିନ୍ଧି ରାସ୍ତାରେ ବୁଲୁଥିବା ଲୋକଙ୍କଠାରୁ ୪,୮୦୦ ଟଙ୍କା ଜରିମାନା ଆଦାୟ ହୋଇଛି।

# ଗଞ୍ଜାମରେ ୮ ପଜିଟିଭ୍ ଚିହ୍ନଟ

**ସୁସ୍ଥ ହେଲେ ୩, ଜିଲାରେ ୭୬ ସକ୍ରିୟ ଆକ୍ରାନ୍ତ**

ଛତ୍ରପୁର,୧୬।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ପୁଣି ୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବେଲଗୁଣ୍ଠା ବ୍ଲକର ୫୧, ୫୪, ୨୩, ୬୦ ବର୍ଷୀୟ ପୁରୁଷ, ପାତ୍ରପୁର ବ୍ଲକର ୩୫ ଓ ୧୮ ବର୍ଷୀୟ ପୁରୁଷ, ଭଞ୍ଜନଗର ବ୍ଲକର ୫୫ ବର୍ଷର ପୁରୁଷ ଏବଂ ଏନ୍‌ଏସିର ୪୫ ବର୍ଷୀୟା ଜଣେ ମହିଳା ଅଛନ୍ତି। ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ଏହି ସୂଚନା ଦେଇଛନ୍ତି। ପଜିଟିଭମାନଙ୍କ ସଂସ୍ପର୍ଶରେ ଆସି ଏହି ୮ ଜଣ ସଂକ୍ରମିତ ହୋଇଥିବା କୁହାଯାଇଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୯୮କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଆଉ ୩ ଜଣ ସୁସ୍ଥ ହୋଇଛନ୍ତି। ତେବେ ଜିଲାରେ ଏ ପର୍ଯ୍ୟନ୍ତ ୬୧୬ ଜଣ ଆକ୍ରାନ୍ତ ସୁସ୍ଥ ହେଲେଣି। ୬ ଜଣଙ୍କ ମୃତ୍ୟୁ ଘଟିଛି। ୭୬ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

# ଡ୍ରାଇଭର ସମେତ ୩ ଅଟକ

**କ୍ଷୀର କମ୍ପାନୀ ଡିଲର ହତ୍ୟା ଘଟଣା**

ବ୍ରହ୍ମପୁର ଅଫିସ,୧୬।୬

କ୍ଷୀର କମ୍ପାନୀ ଡିଲର ଲମ୍ବୋଦର ମୁନୀ ହତ୍ୟା ଘଟଣାରେ ପୋଲିସ ଘଟଣାର ମାଷ୍ଟରମାଇଣ୍ଡ ତଥା ଲକ୍ଷ୍ମୀ ଭଣ୍ଡାରରେ କାମ କରୁଥିବା ଡ୍ରାଇଭର ସମେତ ୩ ଜଣଙ୍କୁ ଅଟକ ରଖି ଜେରା ଚଳାଇଛି। ଅନ୍ୟତମ ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଧରିପାରିନଥିବା ବେଳେ ମଙ୍ଗଳବାର ରାତି ସୁଦ୍ଧା ଧରିବା ପାଇଁ ତନାଘନା ଚଳାଇଛି। ସେହିପରି ଲମ୍ବୋଦରଙ୍କ ଗୋଦାମରେ ପଶିଥିବା ଲୁଟେରାମାନଙ୍କୁ ଲମ୍ବୋଦର ଚିହ୍ନି ଦେଇଥିଲେ। ଏଣୁ ତାଙ୍କୁ ସଂଘବଦ୍ଧ ଭାବେ ଲୁଟେରାମାନେ ହତ୍ୟା କରିଥିବା ପୋଲିସ ସ୍ପଷ୍ଟ କରିଛି। ହିଲପାଟଣାରେ ଥିବା ଲକ୍ଷ୍ମୀଭଣ୍ଡାର ରାସ୍ତାକୁ ସଂଲଗ୍ନ ହୋଇଥିବା ସମସ୍ତ ଗଳିରେ ଲାଗିଥିବା ପ୍ରାୟ ୨୦ ରୁ ୨୫ ସିସିଟିଭି ଫୁଟେଜରୁ ଲୁଟେରାଙ୍କୁ ଟ୍ରାକ୍ କରାଯାଇଥିଲା। ଏପରି କି ଘଟଣାର ଇନ୍‌ଫର୍ମରଙ୍କ ଗତିବିଧି ଓ ମୋବାଇଲ ଫୋନ ଟ୍ରାକିଂରୁ ପୋଲିସକୁ ସୁରାକ ମିଳିଥିଲା। ଜେରା ବେଳେ ତା'ର ବୟାନକୁ ଆଧାର କରି ପୋଲିସ ଅନ୍ୟ ୨ ଅଭିଯୁକ୍ତଙ୍କୁ କାବୁକରି ମାରାଥନ ଜେରା ପରେ ହତ୍ୟା ସମ୍ପର୍କରେ ଅନେକ ପ୍ରମାଣ ହାସଲ କରିଛି। ପୋଲିସ ଖୁବଶୀଘ୍ର ଲମ୍ବୋଦର ମୁନୀ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବ ବୋଲି କହିଛି। ଗତ ୧୩ ତାରିଖ ମଧ୍ୟରାତିରେ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀଙ୍କୁ ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଘଟଣା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ପୋଲିସ ଟିମ୍ ଲମ୍ବୋଦରଙ୍କ କ୍ଷୀର ବ୍ୟବସାୟ ସହିତ ଜଡିତ ଥିବା କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ସ୍କାନରରେ ରଖିଥିଲା।

# ୫ ଦୋକାନ ବନ୍ଦ କଲା ପ୍ରଶାସନ

ବ୍ରହ୍ମପୁର ଅଫିସ,୧୬।୬

କରୋନା ସଂକ୍ରମଣକୁ ଏଡ଼ାଇବା ନେଇ ଗଞ୍ଜାମ ଜିଲାରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। କିନ୍ତୁ ଘୋଷଣା ସତ୍ତ୍ୱେ କେତେକ ଦୋକାନୀ ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ସହରର ୫ ଦୋକାନକୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ବନ୍ଦ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସେଥିମଧ୍ୟରୁ ଗିରିମାର୍କେଟ ସ୍ଥିତ ଏକ ଲୁଗା ଦୋକାନକୁ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରଶାସନ ବନ୍ଦ କରିଥିବା ସୂଚନା ମିଳିଛି। ଏହା ବ୍ୟତୀତ ବଡ଼ବଜାର ଅଞ୍ଚଳର କେତେକ ଲୁଗା ଦୋକାନକୁ ମଧ୍ୟ ବନ୍ଦ ରଖିବାକୁ ତାଗିଦ କରାଯାଇଥିବା ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# କରୋନାରେ ଆକ୍ରାନ୍ତ ହେଲେଣି ୫ ବ୍ୟବସାୟୀ

ଭଞ୍ଜନଗର,୧୬।୬(ଡି.ଏନ.ଏ)



ଉପଜିଲାପାଳ ବଡ଼କୋଦଣ୍ଡା ଛକରେ ଯାଞ୍ଚ କରୁଛନ୍ତି।

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରୁ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ କେନ୍ଦ୍ର ବାହାରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଅନ୍ୟପଟେ ଲୋକେ ଘରୁ ବାହାରିଲେ ସାମାଜିକ ଦୂରତ୍ୱ ବଜାୟ ରଖୁନାହାନ୍ତି। ଯେଉଁଥିପାଇଁ ଆଗକୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ରହିଛି। ସୋମବାର ସୁଦ୍ଧା ସଙ୍ଗରୋଧ କେନ୍ଦ୍ର ବାହାରୁ ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକର ୫ ବ୍ୟବସାୟୀ କରୋନା ସଂକ୍ରମିତ ହୋଇଛନ୍ତି। ବେଲଗୁଣ୍ଠା ବ୍ଲକ ଗିରିଶୋଲା ଗ୍ରାମକୁ ସୋମବାର ରାତିରେ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। କିରାପଲ୍ଲୀ ଓ ଜିରୋଳିକୁ ବଫର୍‌ଜୋନ ଘୋଷଣା କରାଯାଇଛି। ଅପରପକ୍ଷେ

**ଯାଞ୍ଚ କଡ଼ାକଡ଼ି କଲେ ଉପଜିଲାପାଳ**

ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ମଙ୍ଗଳବାର ସହରର ବିଭିନ୍ନ ଛକରେ ଯାନବାହାନ ଯାଞ୍ଚ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏଥିସହ ବିନା କାରଣରେ ବାହାରେ ବୁଲୁଥିବା ବ୍ୟକ୍ତିଙ୍କଠାରୁ ମଧ୍ୟ ଜରିମାନା ଆଦାୟ ହୋଇଛି। ଏନ୍‌ଏସି ପକ୍ଷରୁ ୪ ଲୁଗା ଦୋକାନୀଙ୍କୁ ୬ ହଜାର ଟଙ୍କା ଜରିମାନା ପକାଯାଇଛି।

### ଅଜଗରକୁ ପିଟି ମାରିଦେଲେ, କୂଅରୁ କୁଟୁରା ଉଦ୍ଧାର

ଆର,ଉଦୟଗିରି,୧୬।୬ (ଡି.ଏନ୍.ଏ.)

ଆର୍.ଉଦୟଗିରି ଅଞ୍ଚଳରେ ଲୋକେ ଏକ ଅଜଗରକୁ ମାରି ଦେଇଥିବାବେଳେ ଚନ୍ଦ୍ରଗିରି ଅଞ୍ଚଳରେ ଏକ କୁଟୁରା ଶାବକକୁ ଲୋକେ କୂଅରୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ଆର୍.ଉଦୟଗିରି ଗାଁର କେତେଜଣ ମହିଳା ସୋମବାର ସନ୍ଧ୍ୟାରେ ନଦୀକୁ ଯାଉଥିବା ବେଳେ ରାସ୍ତାରେ ଏକ ଅଜଗର ସାପ ଦେଖିଥିଲେ। ପାଟି କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଏହାକୁ ପିଟି ମାରି ଦେଇଥିଲେ। ବର୍ଷା ହେଉଥିବାରୁ ପାହାଡରୁ ପାଣି ସ୍ରୋତରେ ଏହା ଭାସି ଆସିଥିବା ଅନୁମାନ କରାଯାଉଛି। ଏହାର ଲମ୍ବ ପ୍ରାୟ ୧୦ ଫୁଟ ହେବ। ସେହିପରି ମଙ୍ଗଳବାର ସକାଳୁ ଚନ୍ଦ୍ରଗିରି ଅନୁସୂଚିତ ଜନଜାତି ସାହି ନିକଟ କୂଅରେ କୁଟୁରା ଶାବକ ପଡିଥିବା ସାହିଲୋକେ ଦେଖି ଉଦ୍ଧାର କରିଥିଲେ। ପରେ ବନବିଭାଗ କର୍ମଚାରୀ ଆସି ନେଇ ଯାଇଥିଲେ।

### ଜଳ ନିଷ୍କାସନ ପାଇଁ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

ଶେରଗଡ଼,୧୬।୬(ଡି.ଏନ୍.ଏ.)

ମୌସୁମୀର ପ୍ରଥମ ବର୍ଷାରେ ଶେରଗଡ଼ ଅବସ୍ଥା ବେହାଲ ହୋଇ ପଡିଥିଲା। ତିନି ଛକକୁ ଲାଗି ରହିଥିବା ୫ଶହ ଏକର ଜମି ଜଳମଗ୍ନ ହୋଇ ରହିଛି। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ଶତପଥୀ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ବିଡ଼ିଓ ସୁରଞ୍ଜନ କୁମାର ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ମଙ୍ଗଳବାର ଶେରଗଡ଼ ତିନି ଛକ, ଚାରି ଛକ, ନନ୍ଦିନୀ ନଦୀ ତଟ ବୁଲି ଜଳ ନିଷ୍କାସନ ନେଇ ଆଲୋଚନା କରିଥିଲେ। ଖବର ପାଇ ଶତାଧିକ ଅଞ୍ଚଳବାସୀ ସେମାନଙ୍କୁ ଘେରିବା ସହ ତୁରନ୍ତ ଜଳ ନିଷ୍କାସନ ନହେଲେ ରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ। ନଚେତ୍ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବ ଓ ଆଉ ଅସରାଏ ବର୍ଷା ହେଲେ ସାହିରେ ପାଣି ପଶିବ ବୋଲି କହିଥିଲେ। ଅଧିକାରୀମାନେ ଏନେଇ ପ୍ରତିଶ୍ରୁତି ଦେବାସହ ନୂଆନାଳ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଥିବା କହିଥିଲେ।

# ରଜ କୁଇନ ପ୍ରତିଯୋଗିତା



ବିଜୟୀ ପ୍ରତିଯୋଗୀ।

ଫୁଲବାଣୀ ଅଫିସ, ୧୬।୬

ଫୁଲବାଣୀରେ ଏକ ଅନୁଷ୍ଠାନ ପକ୍ଷରୁ ରଜ କୁଇନ୍ ପ୍ରତିଯୋଗିତା ହୋଇଯାଇଛି। କୋଭିଡ୍-୧୯ ନିୟମକୁ ଦୃଷ୍ଟିରେ ରଖି ଅନ୍‌ଲାଇନ୍‌ରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗୀଙ୍କ ମଧ୍ୟରେ ନୃତ୍ୟ, ଗୀତ, ଅଭିନୟ, ଝୋଟି, ସାଜସଜ୍ଜା ଓ ପ୍ରଶ୍ନଉତ୍ତର ରାଉଣ୍ଡ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବିଚାରକମାନେ ପ୍ରତିଯୋଗୀମାନଙ୍କ ମୂଲ୍ୟାଙ୍କନ କରିଥିଲେ। ସୋନାଲି ପାଣିଗ୍ରାହୀ ପ୍ରଥମ, ଏମ. ବିଜୟଲକ୍ଷ୍ମୀ ଦୋରା ଦ୍ୱିତୀୟ ଓ ସୁଶ୍ରୀ ତନ୍ମୟୀ ପାଢୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ହତ୍ୟା ଅଭିଯୁକ୍ତ କୋର୍ଟଚାଲାଣ

**ଥାନାରେ ଅଟକ ବେଳେ ଫିନାଇଲ୍ ପିଇଥିଲେ**

ପାଟପୁର,୧୬।୬

ବ୍ରହ୍ମପୁର ଶାସ୍ତ୍ରୀନଗରର ବିଭୁପ୍ରସାଦ ଦାସଙ୍କୁ ଅପହରଣ ଓ ପରେ ହତ୍ୟା ଘଟଣାରେ ସମ୍ପୃକ୍ତ କବିସୂର୍ଯ୍ୟନଗର ଅଞ୍ଚଳର ପ୍ରମୋଦ ଦଳାଇଙ୍କୁ ପାଟପୁର ପୋଲିସ ମଙ୍ଗଳବାର ଗିରଫ କରିଛି। ଗତ ୧୨ ତାରିଖରେ ପ୍ରମୋଦଙ୍କୁ ପାଟପୁର ପୋଲିସ ଥାନାକୁ ଆଣି ଅଟକ ରଖିଥିବା ବେଳେ ସେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା। ସୁସ୍ଥ ହେବାପରେ ପୋଲିସ ପ୍ରମୋଦଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି।

ଗତ ମାସ ୨୩ ତାରିଖରେ ବ୍ରହ୍ମପୁର ଶାସ୍ତ୍ରୀନଗରର ବିଭୁଙ୍କ ସମେତ କାର୍ ଡ୍ରାଇଭର ତଥା ଅଡ଼ବା ଅଞ୍ଚଳର ଗଙ୍ଗାଧର ପାତ୍ରଙ୍କୁ ପାଟପୁର ଥାନା ଶ୍ରୀରାମନଗର ଗ୍ରାମରୁ ଅପହରଣ କରାଯାଇଥିଲା। ଗଙ୍ଗାଧର କୌଣସି ପ୍ରକାରେ ଖସି ଆସିଥିଲେ। ୩ଦିନ ପରେ ବିଭୁଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ଏ ନେଇ ପାଟପୁର ଥାନାରେ ନଂ.୧୧୫/୨୦ରେ ମାମଲା ରୁଜୁ ହୋଇଥିଲା। ବ୍ୟବସାୟକୁ କେନ୍ଦ୍ରକରି ବିଭୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ଏହି ମାମଲାରେ ଗତ ୮ ତାରିଖରେ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ପ୍ରମୋଦଙ୍କୁ ଗତ ୧୧ ତାରିଖ ରାତିରେ କବିସୂର୍ଯ୍ୟନଗର ପୋଲିସ ସହାୟତାରେ ପାଟପୁର ଥାନାକୁ ଅଣାଯାଇଥିଲା। ଥାନା ପରିସରରେ ପ୍ରମୋଦ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

# ୧୦ ଏକର ଜମି ଲିଜ୍ ମଞ୍ଜୁର କଲେ ସରକାର

**ଛତ୍ରପୁରରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ**

ଛତ୍ରପୁର,୧୬।୬(ଡି.ଏନ୍.ଏ.)

ଛତ୍ରପୁର ତହସିଲ ଅଧୀନ ଆର୍ଯ୍ୟପଲ୍ଲୀ ମୌଜାରେ ୧୦ ଏକର ଜମିରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲିଜ ମଞ୍ଜୁର ହୋଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହି ଲିଜ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ନାଁରେ ମଞ୍ଜୁର କରିଛି। କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ବିଲ୍ଡିଂ ନିର୍ମାଣ ପର୍ଯ୍ୟନ୍ତ ଛତ୍ରପୁର ଅନ୍‌ସ୍ଲୋ ସରକାରୀ ହାଇସ୍କୁଲର ଏକ କୋଠାରେ ଅସ୍ଥାୟୀ କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ ଚାଲିବ। ଏଥିପାଇଁ ପୂର୍ବରୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅନୁମତି ଦେଇ ସାରିଛି। ଏହା ଉପରେ ପଦକ୍ଷେପ ନେବା ପାଇଁ ଛତ୍ରପୁର ତହସିଲଦାରଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଲିଜ୍ ମଞ୍ଜୁର ହେବା ଛତ୍ରପୁର ପାଇଁ ଭଲ ଖବର। ଛତ୍ରପୁର ଓକିଲ ସଂଘ, ପ୍ରେସ କ୍ଲବ, ୟୁନାଇଟେଡ୍ ସିଟିଜେନ ଫୋରମ, ଛତ୍ରପୁର ନାଗରିକ କମିଟି, ସ୍ଥାନୀୟ ଏମ୍‌ପି, ବିଧାୟକ, ଜିଲା ପ୍ରଶାସନର ଉଦ୍ୟମ ଯୋଗୁ ଏହା ସଫଳ ହୋଇଥିବା ଓକିଲ ସଂଘର ପୂର୍ବତନ ସଭାପତି ତଥା ୟୁନାଇଟେଡ୍ ସିଟିଜେନ ଫୋରମର ଆବାହକ କେ. ଶିବରାମ ରେଡ୍ଡୀ କହିଛନ୍ତି। ଶିବରାମ ଓ ଓକିଲ ମନୋଜ ପାଢ଼ୀ ଏଥିପାଇଁ ରାଜ୍ୟ ସରକାରଙ୍କୁ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦେଇଥିବାରୁ କେନ୍ଦ୍ର ସରକାରଙ୍କୁ ଛତ୍ରପୁର ଭାଜପା ନେତା ତଥା ଓକିଲ ପ୍ରଦୀପ ପାଢ଼ୀ କୃତଜ୍ଞତା ଜଣାଇଛନ୍ତି।

# ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

ବ୍ରହ୍ମପୁର ଅଫିସ,୧୬।୬

କରୋନାସଙ୍କଟ ସମୟରେ ନିରନ୍ତର ସେବା ଯୋଗାଇ ଆସୁଥିବା ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୩୧ନଂ. ୱାର୍ଡରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ବିଜେଡି ଯୁବ ସଂଗଠକ ଏ.ସନ୍ତୋଷ କୁମାର ପାତ୍ର ମଙ୍ଗଳବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ୩୦ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୧୦୦ ଗରିବ ଅସହାୟଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଜେଡି ଜିଲା ସଭାପତି ଡ଼ା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା, ଆର.ମୁରଲୀ ମୋହନ, ମୁକୁନ୍ଦ ଗୌଡ଼, ସଞ୍ଜିତ ପାଣିଗ୍ରାହୀ, ବିଜେଡି ଜିଲା ଯୁବ ସଭାପତି ଏନ.ଧନଞ୍ଜୟ ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ଖାଦ୍ୟ ବଣ୍ଟନ କରାଯାଉଛି।

# ଶିରିକି ପାନୀୟ ଜଳ ପ୍ରକଳ୍ପ କାମ ବିଳମ୍ବ

ଜି.ଉଦୟଗିରି,୧୬।୬(ଡି.ଏନ.ଏ.)



ଅର୍ଦ୍ଧନିର୍ମିତ ପାନୀୟ ଜଳ ପ୍ରକଳ୍ପ।

ଜି. ଉଦୟଗିରି ଏନଏସିରେ ପାନୀୟ ଜଳ ସମସ୍ୟା। ଏଠାରେ ଖରାଦିନେ ପାଣି ଅଭାବ ପଡ଼େ। ତେଣୁ ଏନ୍‌ଏସି ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଇଥାଏ। ସେହିପରି ବର୍ଷାଦିନେ ଗୋଳିଆ ପାଣି ଆସୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇ ନ ଥାଏ। ଏନ୍‌ଏସିରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶିରିକି ଡ୍ୟାମରୁ ପାଣି ଆସିବା ସହିତ ହାତୀବାଲି ସାହି ଉପର ମୁଣ୍ଡରେ ଓଭରହେଡ ଟ୍ୟାଙ୍କି, ୨.୫ ଏମଏଲଡି କ୍ଷମତାସମ୍ପନ୍ନ ଇନ୍ ଟ୍ୟାଙ୍କି ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା। ଚଳିତ ବର୍ଷ ଖରା ଦିନେ ଏହା କାର୍ଯ୍ୟକ୍ଷମ କରାଯିବା ଲକ୍ଷ୍ୟ ରହିଥିଲା। ମାତ୍ର କରୋନା ମହାମାରୀ ଯୋଗୁ କାମରେ ବିଳମ୍ବ ହୋଇଥିବା ଦେଖାଯାଇଛି। ନିକଟରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଅସମ୍ଭବ ହୋଇପଡିଛି। ଏ ସମ୍ପର୍କରେ ସ୍ଥାନୀୟ ପିଏଚଡି ଜେଇ ଉଦୟନାଥ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତବର୍ଷ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରହିଥିଲା। କିନ୍ତୁ କରୋନା ଯୋଗୁ କାର୍ଯ୍ୟରେ ନିୟୋଜିତ ଥିବା ପଶ୍ଚିମବଙ୍ଗ ମିସ୍ତ୍ରି, ଶ୍ରମିକମାନେ ଆସି ପାରୁନାହାନ୍ତି। ତେଣୁ କାମ ଶେଷ ହେଉନି।

# ହାଟ ବଜାରରେ ଭିଡ଼, ରହୁନି ସାମାଜିକ ଦୂରତ୍ୱ

ଗୋପାଳପୁର,୧୬।୬(ଡି.ଏନ୍.ଏ.)



ରଣ୍ଡା ଛକସ୍ଥିତ ବଜାରରେ ଭିଡ଼।

ଗଞ୍ଜାମରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଔଷଧ, ରାଶନ ଓ ପନିପରିବା ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି ଗୋଳନ୍ଥରା ଥାନା ଅଞ୍ଚଳରେ। ରଣ୍ଡା, କନିଷି ହାଟ, ହଳଦିଆପଦର ଓ ଗୋଳନ୍ଥରା ଛକ ମାନଙ୍କରେ ବିଭିନ୍ନ ପ୍ରକାର ଦୋକାନ ବଜାର ନିର୍ଦ୍ଧାରିତ ସମୟ ପରେ ଖୋଲା ରହିବା ସହ ଗ୍ରାହକ ଓ ବ୍ୟବସାୟୀ ସାମାଜିକ ଦୂରତା ମାନୁ ନାହାନ୍ତି। ପ୍ରଶାସନିକ ଅଧିକାରୀ ମଧ୍ୟ ଏହାର ତଦାରଖ କରୁ ନ ଥିବା ଅଭିଯୋଗ ହୋଇଛି। ୧୬ ନଂ. ଜାତୀୟ ରାଜପଥରେ ପୋଲିସ ଓ ଅନ୍ୟ ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ମଧ୍ୟାହ୍ନ ୧୨ଟାରୁ ତା' ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଜରୁରୀ କାର୍ଯ୍ୟ ନଥିଲେ ବାହାରକୁ ନ ବାହାରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ କେତେକ ଅମାନିଆ ବାଇକ ଧରି ବିଭିନ୍ନ ସ୍ଥାନରେ ଆଡ୍ଡା ଜମାଉଛନ୍ତି।

## ସଂକ୍ଷେପରେ

### ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

**ଡୁଙ୍ଗୁରିପାଲି, ୧୬।୬(ଡି.ଏନ.ଏ.):** ବିବାହ ପ୍ରଲୋଭନ ଦେଖାଇ ଜଣେ ନାବାଳିକା(୧୭)ଙ୍କୁ ପ୍ରତାରଣା କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲରିଆବାହାଲ ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଯୁବକ ହେଲେ ଲରିଆବାହାଲ ଗ୍ରାମର ପ୍ରଦୀପ ସୁନା (୨୩)। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଦଫା ୩୭୬(୨)(ଏନ), ୩୭୬(୩), ୩୧୩, ୨୯୪, ୩୨୩ ଆଇପିସି ଓ ୬ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୦୪/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିପୂର୍ବରୁ ଅଭିଯୁକ୍ତ ଓ ପୀଡିତାଙ୍କର ଡୁଙ୍ଗୁରିପାଲି ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଥିଲା। ଅଭିଯୋଗରୁ ପ୍ରକାଶ ଯେ, ପ୍ରଦୀପ ଦିଗସିରା ଗ୍ରାମର ଜଣେ ନାବାଳିକାଙ୍କ ସହିତ ପ୍ରେମସମ୍ପର୍କ ରଖିଥିଲେ। ଏଥିଯୋଗୁ ସେ ଅନ୍ତଃସତ୍ତ୍ୱା ହୋଇଥିଲେ। ଲୋକଲଜ୍ଜା ଭୟରେ ଉଭୟ ପରିବାରର ସହମତିରେ ନାବାଳିକାଙ୍କୁ ବାହା ହେବାକୁ ପ୍ରଦୀପ ରାଜି ହୋଇ ନିଜ ଘରକୁ ଆଣି ରଖିଥିଲେ। କିଛିଦିନ ଘରେ ରଖିଲା ପରେ ଯୁବକ ଜଣକ ଜଡିବୁଟି ଦେଇ ତାଙ୍କର ଗର୍ଭପାତ କରାଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ନିର୍ଯାତନା। ପ୍ରଦୀପ ସମ୍ପୃକ୍ତ ନାବାଳିକାଙ୍କୁ ମାରପିଟ କରୁଥିଲେ। ତାଙ୍କ ପରିବାର ଲୋକେ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଥିଲେ।

### ଏସ୍‌ପିଙ୍କ ନାଁରେ ଫେକ୍ ଆଇଡି ଖୋଲିଲେ ନାବାଳକ

**ରାଉରକେଲା ଅଫିସ,୧୬।୬:** ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣୀଙ୍କ ନାଁରେ ଫେସ୍‌ବୁକରେ ଏକ ଫେକ୍ ଆଇଡି ଖୋଲିବା ଜଣେ ନାବାଳକଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ନାବାଳକଙ୍କୁ ଉଦିତନଗର ଥାନା ପୋଲିସ ଧରିବା ପରେ ତାଙ୍କୁ ବାଲ ସୁଧାର ଗୃହକୁ ପଠାଇ ଦିଆଯାଇଛି। ତାଙ୍କ ଘର ବଲାଙ୍ଗୀରରେ ବୋଲି ପୋଲିସ ସୂଚନା ଦେଇଛି। ବିଭିନ୍ନ ସମୟରେ ସେ ସମ୍ବଲପୁରର ପୂର୍ବତନ ଜିଲାପାଳ, ଏସ୍‌ପି, ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାଁରେ ଫେସବୁକରେ ଫେକ୍ ଆଇଡି ଖୋଲି ଅନେକ ଲୋକଙ୍କୁ ଠକିଥିବା ଅଭିଯୋଗ ରହିଛି। ସେହିପରି ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁରେ ଫେକ୍ ଆଇଡି ଖୋଲି ସେହି ଅଞ୍ଚଳର ଜଣେ ଶିଳ୍ପପତିଙ୍କ ଆକାଉଣ୍ଟରୁ ୧୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ପୂର୍ବରୁ ଗିରଫ ହୋଇ ବାଲସୁଧାର ଗୃହରେ ଥିଲେ। ଛାଡ ପାଇବା ପରେ ପୁନଃ ଏଭଳି ଧନ୍ଦା ଆରମ୍ଭ କରିଥିବା ଉଦିତନଗର ଥାନା ପୋଲିସ ସୂଚନା ଦେଇଛି।

### ବେକରେ ଫାଶ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଅମରପାଲି, ୧୬।୬ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଲୟା ଥାନା ଖଣ୍ଡହତା ଗ୍ରାମପଞ୍ଚାୟତ କୁଶାଦାଦର ଗ୍ରାମରେ ଜଣେ ବିବାହିତ ଯୁବକ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଭଗବାନ ପଧାନ (୪୦)। ସୂଚନା ଅନୁସାରେ, କୌଣସି କାରଣରୁ ସୋମବାର ରାତିରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମଙ୍ଗଳବାର ସକାଳୁ ଉଠି ଭଗବାନ ଶୌଚ ପାଇଁ ବାହାରକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଆସିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ଘର ପଛ ପଟେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ଯୁବକଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ସୁବଲୟା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବୀରମହାରାଜପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ସୁବଳୟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବଲାଙ୍ଗୀର: ସଂକ୍ରମିତ ସଂଖ୍ୟା ୧୪୪ ଛୁଇଁଲା

ବଲାଙ୍ଗୀର ଅଫିସ, ୧୬।୬: ବଲାଙ୍ଗୀର ଜିଲାରେ ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଜଣକ ଲୋଇସିଂହା ବ୍ଲକ କୁଟେନପାଲି ଗ୍ରାମର। ସେ ଚେନ୍ନାଇରୁ ଫେରି ସରକାରୀ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ହୋମ ଆଇସୋଲେସନ୍‌ରେ ରହିଥିଲେ। ଜିଲାରେ ସୁସ୍ଥଙ୍କ ସଂଖ୍ୟା ୧୨୧କୁ ବୃଦ୍ଧି ପାଇଛି।

# ସଙ୍ଗରୋଧ ସହାୟତା ରାଶି ମିଳିବାରେ ବିଳମ୍ବ

**ସୋନପୁର,୧୬।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ପ୍ରବାସୀ ଶ୍ରମିକ କିମ୍ବା ସଙ୍ଗରୋଧରେ ରହିଥିବା ବ୍ୟକ୍ତିଙ୍କୁ ସଙ୍ଗରୋଧ ସହାୟତା ରାଶି ମିଳିବାରେ ବିଳମ୍ବ ହେଉଛି । ଏଥିନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାରେ ବର୍ତ୍ତମାନ ସୁଦ୍ଧା ୫ ହଜାର ୫୦୦ ପ୍ରବାସୀ ସଙ୍ଗରୋଧ ଅବଧି ପୂରଣ କରି ଘରକୁ ଫେରିଛନ୍ତି । ସେମାନଙ୍କ ଭିତରୁ ୨ ହଜାର ୪୧୧ ଜଣଙ୍କୁ ସହାୟତା ରାଶି ମିଳିଥିବା ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ କହିଛନ୍ତି ।

ରାଜ୍ୟ ସରକାରଙ୍କ କୋଭିଡ-୧୯ ମୁକାବିଲା ସାରା ଦେଶ ପାଇଁ ଉଦାହରଣ ପାଲଟିଛି ବୋଲି କୁହାଯାଉଛି। କରୋନା ଭୁତାଣୁ ପ୍ରତିରୋଧ ପାଇଁ ନିଆ ଯାଉଥିବା ସମସ୍ତ ନିଷ୍ପତ୍ତିକୁ ପ୍ରଶଂସା ମିଳୁଛି । ବାହାର ରାଜ୍ୟରେ ଫସି ରହିଥିବା ପ୍ରବାସୀ ରାଜ୍ୟକୁ ଫେରିଲା ପରେ ସେମାନଙ୍କୁ ପଞ୍ଚାୟତ ସ୍ତରରେ ପ୍ରସ୍ତୁତ ଟିଏମ୍‌ସିରେ ସଙ୍ଗରୋଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା । ଟିଏମ୍‌ସି ସ୍ତରରେ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ସୁବିଧା ଓ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ମଧ ଘୋଷଣା ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ସରକାରଙ୍କ ଅନେକ ନିଷ୍ପତ୍ତି କାର୍ଯ୍ୟକାରୀ ନ ହୋଇ କେବଳ ଘୋଷଣାରେ ସୀମିତ ରହିଲା । ୧୨୦ ଟଙ୍କିଆ ପ୍ୟାକେଜ୍ ବିଶିଷ୍ଟ ଖାଦ୍ୟ ସାମଗ୍ରୀ ଭାତ ଡାଲମାରେ ସୀମିତ ରହିଗଲା । ସେହିପରି ପ୍ରବାସୀ ଶ୍ରମିକଙ୍କୁ ପ୍ରୋତ୍ସାହନ ପାଇଁ ୨ ହଜାର ଟଙ୍କା ଲେଖାଏ ସଙ୍ଗରୋଧ ସହାୟତା ରାଶି ପ୍ରଦାନରେ ବିଳମ୍ବ ହେଉଛି । ଟିଏମ୍‌ସିରେ ସଙ୍ଗରୋଧ ଅବଧି ପୂରଣ କରି ପ୍ରବାସୀମାନେ ନିରାଶ ହୋଇ ଘରକୁ ଫେରୁଛନ୍ତି । ୧ ମାସ ପରେ ବି ୨ ହଜାର ଟଙ୍କାର ସଙ୍ଗରୋଧ ସହାୟତା ରାଶି ସେମାନଙ୍କୁ ମିଳିନାହିଁ । ସହାୟତା ରାଶି ମିଳିବ ନା ନାହିଁ ସେଥିନେଇ ଶ୍ରମିକମାନେ ଆଶଙ୍କା ମଧ୍ୟରେ ରହିଛନ୍ତି । ଏହି ରାଶି ବିଳମ୍ବରେ ମିଳୁଥିବା ଟିଏମ୍‌ସି ଦାୟିତ୍ୱରେ ଥିବା ଜିଲାପାଳ କ୍ଷମତାପ୍ରାପ୍ତ ସରପଞ୍ଚମାନେ ପ୍ରକାଶ କରିଛନ୍ତି । ସରକାର ଘୋଷଣା କରିଥିବା ସଙ୍ଗରୋଧ ସହାୟତା ରାଶି ପ୍ରଦାନ ସମ୍ପର୍କରେ ଜିଲାପାଳମାନଙ୍କୁ ବିଳମ୍ବରେ ନିର୍ଦ୍ଦେଶ ଆସିବାରୁ ଏଭଳି ସମସ୍ୟା ଉପୁଜି ଥିବା କୁହାଯାଉଛି।

**ଖାଲି ହାତରେ ଘରକୁ ଫେରୁଛନ୍ତି ପ୍ରବାସୀ**

ସୁବର୍ଣ୍ଣପୁର ଜିଲାକୁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଫେରିବା ନେଇ ନାମ ପଞ୍ଜୀକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଗୁଜୁରାଟ ଭଳି ରାଜ୍ୟରୁ ସୋମବାର ସୁଦ୍ଧା ୭ ହଜାର ୯୪୪ ଜଣ ପ୍ରବାସୀ ଜିଲାକୁ ଫେରିଛନ୍ତି । ସମସ୍ତଙ୍କୁ ଜିଲାର ବିଭିନ୍ନ ପଞ୍ଚାୟତରେ ଥିବା ଟିଏମ୍‌ସିରେ ସଙ୍ଗରୋଧ ରେ ରଖାଯାଇଛି । ଅଧିକାଂଶ ପ୍ରବାସୀ ପୂର୍ବରୁ ୧୪ ଦିନିଆ, ୨୧ ଦିନିଆ ଓ ଏବେ ୭ ଦିନିଆ ଟିଏମ୍‌ସି କ୍ୱାରାଣ୍ଟାଇନ୍ ସାରି ସିଧା ହୋମ କ୍ୱାରାଣ୍ଟାଇନ୍‌କୁ ଗଲେଣି । ପୂର୍ବରୁ ଯେଉଁମାନଙ୍କର ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସୁଥିଲା ସେମାନଙ୍କୁ ପ୍ରମାଣପତ୍ର ଓ ଫୁଲ ତୋଡା ଦିଆଯାଇ ଟିଏମ୍‌ସିରୁ ସିଧା ହୋମ୍ କ୍ୱାରାଣ୍ଟାଇନ୍‌କୁ ପଠା ଯାଉଥିଲା । ଏବେ ଲକ୍ଷଣ ନ ଥିବା ପ୍ରବାସୀଙ୍କ ସ୍ୱାବ୍ ସଂଗ୍ରହ ନ କରି ୭ ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ପରାମର୍ଶ ଦିଆଯାଉଛି । ସରକାରଙ୍କ ସଙ୍ଗରୋଧ ପ୍ରୋତ୍ସାହନ ରାଶି ପ୍ରଦାନ ସମ୍ପର୍କିତ ନିର୍ଦ୍ଦେଶ ଜିଲାପାଳଙ୍କୁ ମାତ୍ର ୮ ଦିନ ପୂର୍ବରୁ ଆସିଛି । ତେଣୁ ସହାୟତା ରାଶି ପ୍ରଦାନରେ ବିଳମ୍ବ ହୋଇଥିବା କୁହାଯାଇଛି । ଇତିମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବରୁ ଜାରି ହୋଇଥିବା ଘୋଷଣାରେ ଅନେକ ପରିବର୍ତ୍ତନ ମଧ୍ୟ କରାଯାଇଛି । ୧୪ ଦିନ ସଙ୍ଗରୋଧରୁ ୨୧ ଦିନ ଓ ୭ ଦିନ କରାଯାଇଛି । ଏ ସମ୍ପର୍କରେ ସୋନପୁର ବ୍ଲକ ଛକୋରମାଲ ପଞ୍ଚାୟତର ସରପଞ୍ଚ ଶଙ୍କର ପ୍ରସାଦ ସା କୁହନ୍ତି ଯେଉଁ ପ୍ରବାସୀମାନେ ସରକାରଙ୍କ ପରାମର୍ଶ ମାନି ଠିକ୍ ଭାବେ ସଙ୍ଗରୋଧ ଅବଧି ପାଳନ କରିଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ରାଶି ମିଳୁଛି । ସରକାରଙ୍କ ପ୍ରଦତ୍ତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ପଞ୍ଚାୟତ ପକ୍ଷରୁ ଏହି ଟଙ୍କା ପ୍ରଦାନ କରାଯାଉଛି । ଏଥିପାଇଁ ସମ୍ପୃକ୍ତ ପ୍ରବାସୀଙ୍କୁ ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ପ୍ରମାଣପତ୍ର ମିଳିଥିବା ଆବଶ୍ୟକ ବୋଲି କହିଛନ୍ତି।

### ସିମେଣ୍ଟ କାରଖାନାରେ ଶ୍ରମିକ ଅଶାନ୍ତି

**ବରଗଡ଼ ଅଫିସ୍,୧୬।୬**

ବରଗଡ଼ ସିମେଣ୍ଟ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଯାଇଛି। ସେମାନଙ୍କୁ ଠିକ୍‌ଭାବେ ପାରିଶ୍ରମିକ ଦିଆଯାଉ ନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ପୂର୍ବରୁ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ମଙ୍ଗଳବାର ପୁଣି କାରଖାନା ସମ୍ମୁଖରେ ଧାରଣାରେ ବସିଥିଲେ। ଅନ୍ୟପକ୍ଷେ ସୋମବାର ରାତିରେ ଏଠାରେ କାର୍ଯ୍ୟରତ ଜଣେ ଅଧିକାରୀ କାରଖାନା ସମ୍ମୁଖରେ କାର୍‌ରୁ ଓହ୍ଲାଇବା ପରେ ତାଙ୍କୁ ମାରପିଟ୍ ହୋଇଥିଲା । ଏ ନେଇ ସିସିଟିଭିରେ କଏଦ୍ ହୋଇଥିବା ଏକ ଫୁଟେଜ୍ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି । ସେହିପରି ଘଟଣାଟି ଥାନାକୁ ପହଞ୍ଚିବା ପରେ ପୋଲିସ ଏ ନେଇ ତନାଘନା ଚାଲିଛି ।



ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ମହିଳା କଂଗ୍ରେସର ଦାବିପତ୍ର ଗ୍ରହଣ କରୁଛନ୍ତି ।

## ଏସ୍‌ଏଚ୍‌ଜିଙ୍କୁ ଋଣଛାଡ ଦାବିରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୧୬।୬**

ବଲାଙ୍ଗୀର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମିଳନୀ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ବହୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସମ୍ପୂର୍ଣ୍ଣ ଋଣ ମାଫ୍ ଦାବିରେ ଜିଲାପାଳଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀସ୍ତରରେ ଋଣ ପାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀ କମ୍ ସଂଖ୍ୟାରେ ରହିଥିବାବେଳେ ମାଇକ୍ରୋ ଫାଇନାନ୍ସ ଠାରୁ ଅଧିକ ସୁଧରେ ବେଶୀ ଏସଏଚ୍‌ଜି ଋଣ ନେଇଛନ୍ତି । ଏଣୁ କାଳବିଳମ୍ବ ନ କରି ସରକାର ତୁରନ୍ତ ଏସ୍‌ଏଚ୍‌ଜିଙ୍କ ଋଣ ସମ୍ପୂର୍ଣ୍ଣ ମାଫ୍ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ । ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ । ସରକାର ଏଦିଗରେ ତୁରନ୍ତ ନିଷ୍ପତ୍ତି ନନେଲେ ଆଗକୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ତୀବ୍ରତର ଆନ୍ଦୋଳନ କରିବାକୁ ବାଧ୍ୟହେବେ ବୋଲି କହିଛନ୍ତି । ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଉପସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ଉପସ୍ଥିତରେ ଜ୍ୟୋସ୍ନାରାଣୀ ଦାଶ, ମୀରା ବେହେରା, ସବିତା ଶତପଥି, ଲଳିତା ସାହୁ, ଚଞ୍ଚଳା ରଣା, ସନ୍ତୋଷିନୀ ରାଓ, ଇଜାବେଲା ଖ୍ରୀଷ୍ଟ ଦାସ, ମୀରା ମଣ୍ଡଲ, ବବି ଜେନା, ସମ୍‌ସନ ନିଶାଙ୍କ ବହୁ ମହିଳା ଉପସ୍ଥିତ ଥିଲେ ।

## ସହରବାସୀ ନିଜ ପ୍ରତି ଯତ୍ନବାନ ହୁଅନ୍ତୁ

**ରାଉରକେଲା ଅଫିସ, ୧୬।୬:** ଅଯଥାରେ ବାହାରେ ବୁଲିବା ଅଭ୍ୟାସ ଛାଡ଼ନ୍ତୁ। କରୋନାକୁ ପ୍ରତିହତ କରିବାକୁ ହେଲେ ଆମକୁ ତ୍ୟାଗ ସ୍ୱୀକାର କରିବାକୁ ପଡିବ। ସମ୍ମିଳିତ ଉଦ୍ୟମ ଦ୍ୱାରା ଏଭଳି ଅବସ୍ଥା ଅତିକ୍ରମ କରିବା ସହଜ ହେବ ବୋଲି ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନୀଲ ନରୱେଣେ ମଙ୍ଗଳବାର ସହରବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏଡିଏମ୍ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, କୋଭିଡ୍ ଟେଷ୍ଟ ନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏଠି ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଏମିତି ଅବସ୍ଥାରେ ଲୋକେ ଘରୋଇ ଡାକ୍ତରଖାନାକୁ ଯାଇ ନିରାଶ ହେବା ଅନୁଚିତ। ଏମିତି ପରିସ୍ଥିତିରେ ସମ୍ପୃକ୍ତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବା ଅନୁଚିତ ବୋଲି କହିଛନ୍ତି। କୋଭିଡ ପରୀକ୍ଷଣ କରିବା ଆମ ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ। ପଜିଟିଭ ହେଉ କିମ୍ବା ନେଗେଟିଭ ସୂଚନା ମିଳିବା ମାତ୍ରେ ଡାକ୍ତରଙ୍କ କଥା ମାନି କ୍ୱାରାଣ୍ଟାଇନରେ ରହିବାକୁ ହେବ। ଆବଶ୍ୟକ ସମୟରେ ଡାକ୍ତର କିମ୍ବା ପ୍ରଶାସନକୁ ଟ୍ରାଭେଲ ହିଷ୍ଟ୍ରି ଯୋଗାବାକୁ ନରୱେଣେ ପରାମର୍ଶ ଦେଇଛନ୍ତି। କୋଭିଡ୍ ଲକ୍ଷଣ ଦେଖା ଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା କିମ୍ବା ପରୀକ୍ଷଣ କେନ୍ଦ୍ର ଆସିବାକୁ ସେ କହିଛନ୍ତି।

### ପାଇଖାନା ଭିତରେ ବିବାହିତା ମହିଳାଙ୍କ ମୃତ୍ୟୁ

**ବିନ୍ଦିକା,୧୬।୬(ଡି.ଏନ୍.ଏ.):** ଗୁରୁବାର ବିନ୍ଦିକା ବ୍ଲକ ପୂଝାରୀ ସାହାଜବାହାଲରେ ଜଣେ ବିବାହିତା ମହିଳା (୨୨)ଙ୍କ କୌଣସି କାରଣରୁ ପାଇଖାନାରେ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ଶମ୍ଭୁଦୀପ(୨୪)ଙ୍କ ସ୍ତ୍ରୀ ସୁଷମା। ମୃତ୍ୟୁର କାରଣ ଜଣାପଡିନାହିଁ। ସକାଳେ ଶମ୍ଭୁ ନିଜ ସ୍ତ୍ରୀ ପାଇଖାନାରେ ମରି ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବିନ୍ଦିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବିନ୍ଦିକା ଥାନାରେ ମୃତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ ।

## ପ୍ରବାସୀଙ୍କ ପାଇଁ ହେଲ୍ପଲାଇନ

- ସୋସିଆଲ ମିଡିଆରେ ଚର୍ଚ୍ଚିତ ମଣିଷ ଦିବସ
- ପେସା ଶିକ୍ଷକତା, ନିଶା ଅସହାୟଙ୍କ ସେବା



ଦିବସ କୁମାର ସାହୁ

**ବରଗଡ଼ ଅଫିସ,୧୬।୬:** କରୋନା କଟକଣା ତଥା ଲକ୍‌ଡାଉନ ସମୟରେ ପ୍ରବାସୀଙ୍କ ପାଇଁ ସହଯୋଗର ହାତ ବଢ଼ାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଦିବସ କୁମାର ସାହୁ ଅନ୍ୟତମ। ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଯୋଖିପାଲିର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିବା ଦିବସ ଝାରବନ୍ଧ ବ୍ଲକ ଡୁମୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରେ ଶିକ୍ଷକତା କରନ୍ତି। କିନ୍ତୁ ଅସହାୟଙ୍କ ସେବା କରିବା ତାଙ୍କର ନିଶା। ଏବେ ସାରା ଦେଶରେ କରୋନା କଟକଣା ଜାରି ରହିଛି। ଏଭଳି ସ୍ଥିତିରେ ଦୀର୍ଘ ଅଢ଼େଇ ମାସ ହେଲା, ପ୍ରବାସୀଙ୍କ ସେବାରେ ଦିନରାତି ନିଜକୁ ନିୟୋଜିତ କରିଛନ୍ତି ସେ। ସୋସିଆଲ ମିଡିଆରେ ଜଣେ ଚର୍ଚ୍ଚିତ ବ୍ୟକ୍ତି ସାଜିଥିବା ଦିବସ ଦାଦନଙ୍କ ପାଇଁ ହେଲ୍ପଲାଇନ ସାଜିଛନ୍ତି।

ପୂର୍ବରୁ ଟୁଇଟର୍ ଜରିଆରେ ଓଡ଼ିଶାର ବହୁ ସମସ୍ୟାର ସମାଧାନ କରିଥିବା ଦିବସଙ୍କ ସେହି ଅନୁଭୂତି ଲକ୍‌ଡାଉନ୍ ସମୟରେ ବେଶ୍ ସହାୟକ ହୋଇପାରିଛି। କରୋନା କଟକଣା ଯୋଗୁ ପ୍ରବାସୀ ଶ୍ରମିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ କଥା ଜାଣିବା ପରେ ସାମାଜିକ ଗଣମାଧ୍ୟମ ଓ ଫୋନ ଯୋଗେ ପ୍ରବାସୀମାନେ ରହୁଥିବା ରାଜ୍ୟର ସରକାରଙ୍କ ସହିତ ସମ୍ପର୍କ ସ୍ଥାପନ କରୁଛନ୍ତି ଦିବସ। ସେମାନଙ୍କ ରହିବା, ଖାଦ୍ୟ ପାନୀୟର ବ୍ୟବସ୍ଥା କରୁଛନ୍ତି। ସେମାନେ କିପରି ଓଡ଼ିଶା ଫେରିବେ ସେଥିପାଇଁ ଟ୍ରେନ୍ ବ୍ୟବସ୍ଥା କ'ଣ ରହିଛି ଅବଗତ କରାଉଛନ୍ତି।

ବିହାର ଯାଉଥିବା ଟ୍ରେନ୍‌ରେ ଫସିଥିବା ୧ ହଜାର ଶ୍ରମିକଙ୍କୁ ଓଡ଼ିଶା ଫେରାଇ ଆଣିବା ହେଉ କିମ୍ବା କର୍ନାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଆଦି ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ସହଯୋଗର ହାତ ବଢ଼ାଇ ଦିବସ ସେମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। କେବଳ ସେତିକି ନୁହେଁ, ଗୋଆରେ ଫସିଥିବା ପୂର୍ବ ଓଡ଼ିଶାର ଲୋକଙ୍କ ପାଇଁ ରାଶନ ପ୍ରଦାନ ସହିତ ଶ୍ରମିକ ସ୍ପେଶାଲ ଟ୍ରେନ୍ ବ୍ୟବସ୍ଥା, ବିଭିନ୍ନ ରାଜ୍ୟରେ ଫସିଥିବା ନବରଙ୍ଗପୁର ଜିଲାର ପ୍ରବାସୀ ଓଡ଼ିଆଙ୍କ ରହିବା, ଖାଇବା ତଥା ଓଡ଼ିଶା ଫେରାଇ ଆଣିବା ଓ ତାମିଲନାଡୁରୁ ନିଜ ଗାଁକୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କ ପାଇଁ ନିଜ ଖର୍ଚ୍ଚରେ ହୋମ୍ କ୍ୱାରାଣ୍ଟାଇନ ସୁବିଧା କରିବା, ତେଲଙ୍ଗାନାରୁ ଫେରିଥିବା ଜଣେ ମହିଳାଙ୍କ ଜୀବନ ବଞ୍ଚାଇବା ଭଳି ମହତ୍ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି ଦିବସ।

ଏ ସଂକ୍ରାନ୍ତରେ ଦିବସ କୁହନ୍ତି, ପିଲାଟିଦିନରୁ ଦାଦନଙ୍କ ଦୁଃଖ ଦେଖିଛି। ବଡ଼ ହେଲା ପରେ ସେମାନଙ୍କ ପାଇଁ କାମ କରିବାକୁ ଶପଥ ନେଇଛି। ଶ୍ରମିକଙ୍କ ହକ୍ ପାଇଁ ଛାତ୍ର ଜୀବନରୁ ନିଜେ ଜବ୍‌କାର୍ଡ କରିଥିଲି। ମାଟି ବି ବୋହି ଥିଲି। ଏବେ ବି ସେମାନଙ୍କ ପାଇଁ କାମ କରୁଛି। ଦାଦନ ଶ୍ରମିକ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨ଶହ ଦିନର କାମ ଯୋଗାଇ ଦିଆଯାଉଛି। ଶ୍ରମିକମାନେ ଏହାର ଫାଇଦା ନେବା ଉଚିତ। ସରକାର ବି ବିଭିନ୍ନ ଶିଳ୍ପାନୁଷ୍ଠାନରେ ଏପରି ଶ୍ରମିକମାନଙ୍କୁ ନିଯୁକ୍ତି ଦେଲେ ଦାଦନ ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

## କ୍ୱାରାଣ୍ଟାଇନରେ ଗଲେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ

**ଦେବଗଡ, ୧୬।୬ (ଡି.ଏନ.ଏ):** ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ପରେ ସୋମବାର ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ କରାଯାଇଥିଲା । ଏଥିରେ ଚିହ୍ନଟ ହୋଇଥିବା ଏନଆରଏଚଏମ କାର୍ଯ୍ୟାଳୟର ଡିପିଏମ, ଜିଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଏବଂ କୋଭିଡ ହସ୍ପିଟାଲ କର୍ମଚାରୀଙ୍କ ସମେତ ଜିଲା ପ୍ରଶାସନର କେତେକ ଅଧିକାରୀ ଉକ୍ତ ମହିଳା କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଥିଲା । ଫଳରେ ୮୮ଜଣ କର୍ମଚାରୀଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ମଙ୍ଗଳବାରଠାରୁ ସମସ୍ତ କର୍ମଚାରୀଙ୍କୁ କ୍ୱାରେଣ୍ଟାଇନରେ ରହିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପଧ୍ୟାୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କୋଭିଡ କଣ୍ଟ୍ରୋଲ ରୁମ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ୨-୩ ଜଣ କର୍ମଚାରୀ ଉପସ୍ଥିତ ଥିବା ବେଳେ ଅନ୍ୟ ସମସ୍ତ କର୍ମଚାରୀ କ୍ୱାରେଣ୍ଟାଇନରେ ଥିବା ଜଣାପଡିଛି । ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଫାଟକରେ ଅଫିସ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇ। ସୂଚନା ଫଳକ ଟଙ୍ଗା ଯାଇଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଉପାଧ୍ୟାୟଙ୍କ ମତ ନେବାରୁ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ସାମାଜିକ ଦୂରତା ରକ୍ଷା ପୂର୍ବକ ଜରୁରୀ କାର୍ଯ୍ୟ ସମ୍ପାଦନ କରାଯାଉଥିବା କହିଛନ୍ତି।

## ଜଙ୍ଗଲ ସୁରକ୍ଷା, ବୃଦ୍ଧି ନାଁରେ ଅନିୟମିତତା

- ଓଏଫଡିସ ଅନୁଦାନର ଘୋଟାଲା
- କର୍ମଚାରୀ, ବନ ସୁରକ୍ଷା ସମିତି ମଧୁଚନ୍ଦ୍ରିକା

**ସମ୍ବଲପୁର/ଧମା ୧୬।୬(ବ୍ୟୁରୋ/ଡି.ଏନ.ଏ)**

ଜଙ୍ଗଲ ବୃଦ୍ଧି ଓ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି । ଏଥିପାଇଁ ସରକାରୀ ଓ ବିଦେଶୀ ଅନୁଦାନ (ଜାଇକା)ରେ ମଧ ଖର୍ଚ୍ଚ କରାଯାଉଛି। ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ଚାରାରୋପଣ, ବନ୍ୟା ପ୍ରାଣୀଙ୍କ ସୁରକ୍ଷା ପାଇଁ ଟ୍ରେଞ୍ଚ ଆଦି ଯୋଜନା କରାଯାଉଛି। ଏଥିରେ କିଭଳି ଦୁର୍ନୀତି ନ ହେବ ସେ ନେଇ ଗ୍ରାମାଞ୍ଚଳରେ ବନ ସୁରକ୍ଷା ସମିତି ଗଠନ କରାଯାଇଛି । ଏଥିରେ ବନକର୍ମଚାରୀମାନେ ସଦସ୍ୟ ରହିଛନ୍ତି। ହେଲେ ସମ୍ବଲପୁର ବନଖଣ୍ଡ ରେଞ୍ଜ ଗୁଡିକରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଧମା ରେଞ୍ଜରେ (ଓଏଫଏସଡିଏଫ) ନିମ୍ନମାନର ପ୍ରକଳ୍ପ ତିଆରି କରିବା ସହ ମିଥ୍ୟା ବିଲ୍ କରାଯାଇଥିବା ଅଭିଯାଗ ହୋଇଛି ।

ସୂଚନାଯୋଗ୍ୟ, ଆର୍ଥିକ ବର୍ଷ ୨୦୧୭-୧୮ରେ ଓଡିଶା ଫରେଷ୍ଟ ସେକ୍ଟର ଡିଭିଜନ ପ୍ରୋଜେକ୍ଟର ଦ୍ୱିତୀୟ ପର୍ଯ୍ୟାୟ କାମ ଆରମ୍ଭ ହୋଇଥିଲା। ଏଥିରେ ଧମା ଓ ସଦର ରେଞ୍ଜ ଅନ୍ତର୍ଗତ ୫୫ଟି ବନ ସୁରକ୍ଷା ସମିତି ଅନ୍ତର୍ଭୁକ୍ତ ହୋଇଥିଲେ। ଏଥିପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ୧କୋଟି ୬ଲକ୍ଷ ୪୨ହଜାର ୭ଶହ ୮୫ଟଙ୍କା ଖର୍ଚ୍ଚ ହୋଇଥିଲା । ଏଥିରେ ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ ସକାଶେ ରେଞ୍ଜ ଅନ୍ତର୍ଗତ ୨୦ଟି ସ୍ଥାନରେ ନାଳ ଗୁଡିକରେ ପଥର ବନ୍ଧେଇ କାମ କରାଯାଇଛି। ହେଲେ କାମ ନ ହୋଇ ବିଲ୍ ପ୍ରସ୍ତୁତ ହୋଇଥିବା ବେଳେ ନିମ୍ନମାନର କାମର ଅଭିଯୋଗ ହୋଇଛି। ନିଆଁକୁ ଆୟତ୍ତ କରିବା ପାଇଁ ଫାୟାର ଲାଇନ୍ ସୃଷ୍ଟି କରାଯାଇଛି । ଚଳିତବର୍ଷ ବୃକ୍ଷରୋପଣ ପାଇଁ ଗାତ ଖୋଳା ଆରମ୍ଭ ହୋଇଛି । ଗୋଟିଏ ଗାତ ଖୋଳିଲେ ୮ରୁ ୧୦ ଟଙ୍କା ଧାର୍ଯ୍ୟ କରାଯାଇଛି । ହେଲେ ଶ୍ରମିକ ମାନଙ୍କୁ ୫ ଟଙ୍କା ଦିଆଯାଉଛି। ୮ଘଣ୍ଟାକୁ ୨୯୮ ଟଙ୍କା ମଜୁରୀ ରହିଛି । ହେଲେ ସେଥିରୁ କମ୍ ଟଙ୍କା ଦିଆଯାଉଛି। ବନ ସୁରକ୍ଷା ସମିତି କର୍ମକର୍ତ୍ତା ତାଙ୍କ ପରିବାର ସଦସ୍ୟ କିମ୍ବା ପ୍ରିୟଜନଙ୍କୁ ନିୟୋଜିତ କରି ଟଙ୍କା ଉଠାଣ କରୁଛନ୍ତି । ଟଙ୍କା ଉଠାଇବା ପରେ ବନ କର୍ମଚାରୀଙ୍କ ସହ ଭାଗ ବଣ୍ଟା କରାଯାଉଥିବା ଅଭିଯୋଗ ହେଉଛି । ଏ ନେଇ ଡିଏଫଓ ସଞ୍ଜିତ କୁମାର କହିଛନ୍ତି, ଏଭଳି ଅଭିଯୋଗ ଆସିନାହିଁ । ଏହି ଯୋଜନାରେ ବନ ସୁରକ୍ଷା ସମିତି ଦ୍ୱାରା ଗୃହୀତ ହେବା ପରେ ଟଙ୍କା ଉଠାଣ ହୋଇଥାଏ । ଯଦି ବନ ସୁରକ୍ଷା ସମିତି ସଦସ୍ୟ ଏଭଳି ଦୁର୍ନୀତିରେ ସମ୍ପୃକ୍ତ ରହିଥିବେ ଗ୍ରାମାବାସୀ ଅଭିଯୋଗ କଲା ପରେ ସେମାନଙ୍କୁ ପରିବର୍ତ୍ତନ କରାଯିବ । ବିଭାଗୀୟ ତଦନ୍ତ କରାଯିବ ବୋଲି ଡିଏଫଓ କହିଥିଲେ ।



ସମ୍ବଲପୁର ଧମା ରେଞ୍ଜ ଅଧୀନରେ ବନ ବିଭାଗ ପକ୍ଷରୁ ହୋଇଥିବା ନିମ୍ନମାନର କାମ ।

## ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମଣ୍ଡିରୁ ଧାନ ଉଠିଲା



ବାଲିଛଡା ମଣ୍ଡିରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ।

**ଜୁନାଗଡ,୧୬।୬(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଲିଛଡା ମଣ୍ଡିରେ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଧାନ ଉଠିଛି। ଏହି ମଣ୍ଡିରେ ଗତ ୨ଦିନ ହେଲା ମିଲର୍ସଙ୍କ ଅବହେଳା ଯୋଗୁ ଟ୍ରକ୍ ଆସୁ ନ ଥିଲା। ଏଣୁ ୬୦ ଜଣ ଚାଷୀଙ୍କ ପ୍ରାୟ ୪୫ ଶହ କୁଇଣ୍ଟାଲ ଧାନ ବିକ୍ରି ନ ହୋଇପଡି ରହି ଥିଲା। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ମଙ୍ଗଳବାର ଜୁନାଗଡ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବାଲିଛଡା ମଣ୍ଡିରେ ପହଞ୍ଚିଥିଲେ। ସେଠାରେ ଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡିଥିବା ଦେଖି ମିଲର୍ସ ଓ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଶିଘ୍ର ଧାନ ଉଠାଇବା ପାଇଁ କହିଥିଲେ। ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ତରବରିଆ ଭାବେ ଚାଷୀଙ୍କ ଧାନ ଓଜନ କରାଯାଇଥିଲା। ଅନ୍ୟପକ୍ଷେ ବାଲିଛଡା ମଣ୍ଡିରେ ଶିଘ୍ର ଚାଷୀଙ୍କ ପାଇଁ ଏକ ଫଡ୍(ଚଟାଣ) ଓ ଛାଉଣୀ କରିବା ପାଇଁ ସ୍ଥାନୀୟ ଆରଏମସି ସମ୍ପାଦକଙ୍କୁ ମନ୍ତ୍ରୀ ମିଶ୍ର ଫୋନ୍‌ରେ କହିଥିଲେ। ଏହି ସମୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାତୀ ଘର କାନ୍ଥ ଭାଙ୍ଗିଲା, ଜଣେ ଆହତ

ପଡିଆବାହାଲ,୧୬।୬(ଡି.ଏନ.ଏ.): ସ୍ଥାନୀୟ ବାହାମ ଗାଁ ଡ଼ୁମୁରିପଡାଠାରେ ସୋମବାର ଭୋର ସମୟରେ ଏକ ଦନ୍ତାହାତୀ ଗଙ୍ଗାଧର ମେହେର (୫୦)ଙ୍କ ଘର କାନ୍ଥ ଭାଙ୍ଗି ଦେଇଥିଲା। ଘରେ ଶୋଇଥିବା ମା'ଓ ପୁଅ ଦୌଡି ପଳାଇ ଯାଇଥିଲେ। ହେଲେ ଖଟରେ ଶୋଇଥିବା ଗଙ୍ଗାଧରଙ୍କ ଉପରେ କାନ୍ଥ ପଡିବାରୁ ସେ ଆହତ ହୋଇଛନ୍ତି। ଖବରପାଇ ବନ କର୍ମଚାରୀମାନେ ଗାଁରେ ପହଞ୍ଚି ହାତୀକୁ ଘଉଡାଇବା ସହ ଆହତଙ୍କୁ ଡାକ୍ତରଖାନା ପଠାଇଛନ୍ତି। ଏହି ଦନ୍ତା ବିଭିନ୍ନ ସ୍ଥାନରେ ଉପଦ୍ରବ ଜାରିରଖିଛି। ବହୁ ଲୋକଙ୍କ ଘର ଭାଙ୍ଗିବା ସହ ଧାନ, ପନିପରିବା ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ସେହି ହାତୀକୁ କୌଣସି ଦୂର ଜଙ୍ଗଲ ବା ଅଭୟାରଣ୍ୟରେ ଛାଡିବାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଋଣ ଆଦାୟକୁ ନେଇ ବଢୁଛି ତାତି

ବରଗଡ଼ ଅଫିସ୍,୧୬।୬: କରୋନା ସଂକ୍ରମଣ ଯୋଗୁ ଦୀର୍ଘ ସାଢ଼େ ୩ମାସ ହେଲା ସାରାଦେଶ ଲକ୍‌ଡାଉନ୍ ହୋଇଛି। ଏଥିରେ ସବୁବର୍ଗର ଲୋକେ ନିଜ ରୋଜଗାର ହରାଇଛନ୍ତି। ତେବେ କ୍ଷୁଦ୍ର, ମଧ୍ୟବିତ୍ତ ପରିବାର ଅଧିକ ପ୍ରଭାବିତ ହୋଇଛନ୍ତି। କେବଳ ରୋଜଗାର ନୁହେଁ, ସେମାନଙ୍କୁ ଏବେ ପରିବାର ପୋଷଣ ଚିନ୍ତା ଘାରିଛି। ଏଭଳି ସ୍ଥଳେ କେତେକ ମାଇକ୍ରୋଫାଇନାନ୍ସ ଋଣ ଆଦାୟରେ ମାତିଛନ୍ତି। ଏହାକୁ ନେଇ ଅସନ୍ତୋଷର ତାତି ବଢ଼ି ଚାଲିଛି। ମଙ୍ଗଳବାର ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ- ୩,୮,୧୧ ଏବଂ ୧୬ର ମହିଳାମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଋଣ ଆଦାୟ ଅସୁଲି ବନ୍ଦ ତଥା ଋଣ ଛାଡ଼ କରାଯିବାକୁ ସେମାନେ ଦାବି କରିଛନ୍ତି।

### ଆରମ୍ଭ ହେଲା ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ

ଦେବଗଡ,୧୬।୬(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶରେ ମଙ୍ଗଳବାରଠାରୁ ଦେବଗଡ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଅଧିକ ସଂକ୍ରମଣ ଆଶଙ୍କା ଥିବା ଅଞ୍ଚଳରେ ଲଗାତର ନଜର ରଖି ରୋଗୀଙ୍କୁ ଖୋଜି ବାହାର କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଜିଲାର ୩୬୧ଜଣ ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଛି। କରୋନା ସଂକ୍ରମଣ ଆଶଙ୍କାରେ ଗୃହ ସଙ୍ଗରୋଧରେ ଥିବା ବ୍ୟକ୍ତି, କରୋନା ରୋଗୀଙ୍କ ନିକଟରେ ଚଳପ୍ରଚଳ କରୁଥିବା କିମ୍ବା ସେବାସୁଶ୍ରୁଶା କରୁଥିବା ବ୍ୟକ୍ତି ଓ ରୋଗୀ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ପ୍ରତିଦିନ ଫୋନ ଯୋଗେ ଯୋଗାଯୋଗ କରାଯିବ। କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ୧୦୪କୁ ଜଣାଇବା ଏବଂ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ପଞ୍ଜୀକରଣ ନିଶ୍ଚିତ କରିବା ଏହି ସର୍ବେକ୍ଷଣର ପ୍ରାଥମିକତା ରହିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପଧାୟ କହିଛନ୍ତି।

# ଧାନ ଉଠୁନି, ବର୍ଷାରେ ଗଜା ହେଲା

ବରଗଡ଼ ଅଫିସ୍,୧୬।୬

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦୁଇମାସ ବିତି ଯାଇଛି। ଲକ୍‌ଡାଉନ୍ ଯୋଗୁ ଧାନ ଅମଳ ପ୍ରକ୍ରିୟା ପ୍ରଭାବିତ ହୋଇଥିଲା। ମାତ୍ର ଆରମ୍ଭରୁ ଧାନ ଉଠାଣରେ ଶୀଥିଳତା ଯୋଗୁ ଏବେ ଚାଷୀଙ୍କୁ ବର୍ଷା କାଳ ସାଜିଛି। ମଣ୍ଡିର ଖୋଲା ଆକାଶତଳେ ପଡ଼ି ରହିଥିବା ଧାନ ବର୍ଷାରେ ଭିଜୁଛି। କେବଳ ସେତିକି ନୁହେଁ, ଅନେକ ମଣ୍ଡିରେ ବିକ୍ରି ନ ହୋଇ ପଡ଼ି ରହିଥିବା ଧାନ ଗଜା ହୋଇଯାଇଥିବା ପରିଲକ୍ଷିତ ହୋଇଛି। ଗୋଟିଏ ପଟେ କରୋନା ବିପର୍ଯ୍ୟୟ ଏବଂ ଅନ୍ୟପଟେ ମଣ୍ଡିରେ ଧାନ ଗଜା ହେବା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ଏହାକୁ ନେଇ ଚାଷୀ ଆନ୍ଦୋଳନ ତେଜି ଉଠୁଛି। ମଙ୍ଗଳବାର ଅତାବିରା ଆରଏମସିକୁ ଚାଷୀମାନେ ଘେରାଉ କରି ଏହାର ପ୍ରତିବାଦ କରିଥିଲେ। ଧାନ ଉଠାଣ ତ୍ୱରାନ୍ୱିତ ନ ହେଲେ ଆଗକୁ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚାଷୀନେତାମାନେ ଚେତାବନୀ ଦେଇଛନ୍ତି।

ଗତ ଏପ୍ରିଲ ୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେତେକ ମିଲର୍ସଙ୍କୁ ଧାନ ଉଠାଣ ଟ୍ୟାଗ୍ ମିଳିଥିଲେ ସୁଦ୍ଧା ସେମାନେ ନିର୍ଦ୍ଧାରିତ ପରିମାଣରେ ଧାନ ଉଠାଇ ନ ଥିବାରୁ ମଣ୍ଡିରେ ବିକ୍ରି ହୋଇପାରି ନ ଥିବା ଧାନ ପରିମାଣ ବଢ଼ି ଚାଲିଥିଲା। ସେହିପରି ଟୋକନ ପାଇବାରୁ ବଞ୍ଚିତ ହୋଇ ଅନେକ ଚାଷୀ ଧାନ ବିକ୍ରିକରି ପାରି ନ ଥିଲେ। ଧାନ ବିକ୍ରିବାଟାରେ ଏଭଳି ଅଚଳାବସ୍ଥା ଦେଖାଯାଇ ଥିବାବେଳେ ଗତ କିଛିଦିନ ଧରି ବର୍ଷା ଲାଗି ରହିଛି। ଆଉ ଏହି ବର୍ଷାରେ ଚାଷୀଙ୍କ ଧାନ ଗଜା ହୋଇଗଲାଣି। ଚାଷୀ ଏଭଳି ପରିସ୍ଥିତିରେ ଗତି କରୁଥିବାବେଳେ ଧାନ ଉଠାଣ ଦିଗରେ ପ୍ରଶାସନ, ଯୋଗାଣ ବିଭାଗ ମଧ୍ୟ ସ୍ଥାଣୁ ପାଲଟିଛି। ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ କେତେକ ମିଲର୍ସ ଧାନ ଉଠାଇବା ପାଇଁ ମଣ୍ଡିକୁ ନ ଆସିବା ଏବଂ ବିଭାଗୀୟ ଅଧିକାରୀ ଚୁପ୍ ରହିବା ପ୍ରଶାସନିକ ଅପାରଗତାକୁ ପଦାରେ ପକାଇ ଦେଇଛି।

ଅନ୍ୟପକ୍ଷେ ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ରଶାସନର ଏଭଳି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଚାଷୀନେତାମାନେ କହିଛନ୍ତି। ଚାଷୀନେତା କିଶୋର ଦେବତା କହିଛନ୍ତି, ମିଲର୍ସମାନଙ୍କୁ ଟ୍ୟାଗ୍ ମିଳିଛି। କିନ୍ତୁ ସେମାନେ ମଣ୍ଡିକୁ ଆସୁନାହାନ୍ତି। ସେହିପରି ମଣ୍ଡିରେ ଚାଷୀଙ୍କୁ ଚିରାଫଟା ତାରପୋଲିନ ଦିଆଯାଇଛି, ତାହା କୌଣସି କାମକୁ ଆସୁନି ଏବଂ ବର୍ଷାରେ ଭିଜି ଧାନ ନଷ୍ଟ ହେବାରେ ଲାଗିଛି। ଜିଲାର ଅତାବିରା ଅଞ୍ଚଳରେ ଏଭଳି ସ୍ଥିତି ଦେଖାଯାଇଛି। ଏ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନ ନେଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକ କହିଛନ୍ତି, ଧାନ ବିକ୍ରିବଟା ପ୍ରାୟ ସରିଗଲାଣି। ଧାର୍ଯ୍ୟଲକ୍ଷ୍ୟ ୨୯ଲକ୍ଷ କୁଇଣ୍ଟାଲରୁ ପ୍ରାୟ ସାଢ଼େ ୨୫ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ହୋଇ ସାରିଲାଣି। ଯାହା ମଣ୍ଡିରେ ପଡ଼ି ରହିଛି, ତାକୁ ମଧ୍ୟ କ୍ରୟ କରାଯିବାର ବ୍ୟବସ୍ଥା କରାଯାଉଥିବା ସେ କହିଥିଲେ।



ଅତାବିରା ମଣ୍ଡିରେ ଗଜା ହୋଇଥିବା ଧାନ (ବାମ)। ଅତାବିରା ଆରଏମସି ସମ୍ପାଦକଙ୍କ ସହିତ ଚାଷୀ ନେତାଙ୍କ ଆଲୋଚନା।

# ବାଳନିକେତନ ଅନ୍ତେବାସୀଙ୍କ ହାତ ଧରିଲେ ଶୁଭମ୍

ଧମା,୧୬।୬(ଡି.ଏନ.ଏ.)

ଯାହାର କେହି ନ ଥାନ୍ତି ତାଙ୍କୁ ଭଗବାନ ସହାୟ ହୁଅନ୍ତି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅଞ୍ଚଳରେ। ଉକ୍ତ ବ୍ଲକର ବରଗାଁ ନିକଟସ୍ଥ ଛଚାନପାଲି ରୁକ୍ମିଣୀ ଲାଠ ବାଳନିକେତନର ଅନ୍ତେବାସୀଙ୍କ ସହ ଜଣେ ଯୁବକଙ୍କ ବିବାହ ସମ୍ପନ୍ନ ହୋଇଛି। ଏହି ଅନୁଷ୍ଠାନ ଅସହାୟ ଝିଅମାନଙ୍କୁ ଆଶ୍ରୟ ଦେବା ସହ ଉଚିତ ବରପାତ୍ର ଖୋଜି ସେମାନଙ୍କ ବିବାହ କରାଇଥାଏ। କରୋନା କଟକଣା ଭିତରେ ସେମିତି ଏକ ଆଦର୍ଶ ବିବାହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଳ ନିକେତନର ପାଳିତା ଝିଅ ସସ୍ମିତାଙ୍କ ସହିତ ବରଗଡ଼ ଜିଲା ଭଟଲି ନିକଟସ୍ଥ ସୁଲସୁଲିଆ ଗ୍ରାମର ଶୁଭମ ଅଗ୍ରୱାଲଙ୍କ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହରେ ସାମାଜିକ ଦୂରତ୍ୱ ଓ ମାସ୍କ ନିୟମକୁ କଡ଼ାକଡ଼ି ପାଳନ କରାଯାଇଥିଲା। ବିନା ଯାନି ଯୌତୁକରେ ସସ୍ମିତାଙ୍କ ହାତ ଧରିଛନ୍ତି ଶୁଭମ୍। ସୁରଞ୍ଜିତା ଦାସ ଓ ତାଙ୍କ ସ୍ୱାମୀ ଶ୍ୟାମ କୁମାର ଦାଶ ମାତାପିତା ଭାବେ କନ୍ୟାଦାନ କରିଛନ୍ତି। ଏହି ବିବାହର ଆୟୋଜନ ବାଳନିକେତନ ସମ୍ପାଦକ ରାଧେକୃଷ୍ଣ ପଣ୍ଡା ଓ କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାରେ ହଳଦୀ ଗ୍ରାମର ଗୋପାଳଜୀ ମଠରେ କରାଯାଇଥିଲା। ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ନବଦମ୍ପତିଙ୍କୁ ଶୁଭାଶିଷ ପ୍ରଦାନ କରିଥିବା ବେଳେ ବାଳନିକେତନ ଚେୟାରମ୍ୟାନ ନଳିନୀ ପଧାନ ଉପସ୍ଥିତ ଥିଲେ।


ବିବାହ ବେଦିରେ ସସ୍ମିତା ଓ ଶୁଭମ୍।

# ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର


ସମ୍ବଲପୁର ସଦରଥାନା କୁଳତାନୁଆଁପାଲି ଗ୍ରାମରେ ପୋଲିସ ତଦନ୍ତ କରୁଛି।

**ହତ୍ୟା ନା ଆତ୍ମହତ୍ୟା ରହସ୍ୟ ଘେରରେ**

ସମ୍ବଲପୁର,୧୬।୬ (ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ଅନ୍ତର୍ଗତ କୁଳତାନୁଆଁପାଲି ଗ୍ରାମରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଜ୍ୟୋସ୍ନାମୟୀ ପ୍ରଧାନ (୪୦)। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଛି। ଥାନା ଅଧିକାରୀ ପ୍ରଧାନ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ। ହତ୍ୟା ନା ଆତ୍ମହତ୍ୟାର ରହସ୍ୟ ଉନ୍ମୋଚିତ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ,ଜ୍ୟୋସ୍ନା ବିବାହ କରିଥିଲେ ମଧ୍ୟ ବହୁଦିନ ହେବ କୌଣସି କାରଣରୁ ବାପ ଘରେ ରହୁଥିଲେ। ତାଙ୍କ ମା'ବାପା ମୃତ୍ୟୁ ପରେ ଭାଇ ସନାତନଙ୍କ ପାଖରେ ଜ୍ୟୋସ୍ନାଙ୍କ ଦିନ କଟୁଥିଲା। ଘଟଣାର ୩ ଦିନ ପୂର୍ବରୁ ସନାତନଙ୍କ ସ୍ତ୍ରୀ ଓ ପିଲାମାନେ ବାପଘରକୁ ଯାଇଛନ୍ତି। ରବିବାର ରାତିରେ ଖାଇବା ପରେ ଉଭୟ ଅଲଗା କୋଠରିରେ ଶୋଇବାକୁ ଯାଇଥିଲେ। ହେଲେ ସକାଳେ ଘର ସମ୍ମୁଖରେ ଜ୍ୟୋସ୍ନାଙ୍କ ଅଧାପୋଡା ମୃତଦେହ ପଡିଥିଲା। ଭାଇ ସନାତନ ଏ ନେଇ ପୋଲିସକୁ ଖବର ଦେଇଥିଲେ। ଜ୍ୟୋସ୍ନା ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ହେଲେ ଜ୍ୟୋସ୍ନାଙ୍କୁ ହତ୍ୟା କରି କେହି ଘର ସମ୍ମୁଖରେ ପ୍ରମାଣ ନଷ୍ଟ କରିବା ପାଇଁ ଫୋପାଡି ଦେଇଥିବା ଅଭିଯୋଗ ହେଉଛି।

# ଜଗନ୍ନାଥ ମନ୍ଦିରରେ ୭ ଦିନ ହେଲା ତାଲା ଝୁଲୁଛି

- ମନ୍ଦିର ସମ୍ମୁଖରେ ଚାପା ଉତ୍ତେଜନା
- ଶାନ୍ତି ଫେରାଇ ଆଣିବା ପାଇଁ ପୋଲିସର ଉଦ୍ୟମ
- ସବ୍‌କଲେକ୍ଟରଙ୍କୁ ଭେଟିଲେ ଗ୍ରାମବାସୀ

ଅତାବିରା,୧୬।୬(ଡି.ଏନ.ଏ)

ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ଉଦେପୁରଠାରେ ଥିବା ସର୍ବ ପୁରାତନ ଜଗନ୍ନାଥ ମନ୍ଦିରର ଠାକୁରଙ୍କୁ ନେଇ ଉପୁଜିଥିବା ବିବାଦ ଦିନକୁ ଦିନ ଉଗ୍ରରୂପ ନେଉଛି। ପୋଲିସ ଗାଁରେ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ ଚଳାଇଥିଲେ ମଧ ବିବାଦ ଥମିବାର ନାଁ ନେଉନାହିଁ।

ସୂଚନା ଅନୁସାରେ ଉଦେପୁରଠାରେ ଥିବା ସର୍ବପୁରାତନ ମନ୍ଦିରକୁ ଦେଶପର୍ଥଲା ଦାଶ ବଂଶୀୟ ପରିବାର ସଦସ୍ୟମାନେ ନିଜ ଖର୍ଚ୍ଚରେ ନିର୍ମାଣ କରିଥିଲେ। ମନ୍ଦିର ଭିତରେ ଲକ୍ଷ୍ମୀନାରାୟଣ, ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଅଞ୍ଚଳବାସୀ ପୂଜା କରି ଆସୁଛନ୍ତି। ହେଲେ ଗ୍ରାମର ଝରାବଂଶର ଅରୁଣ ପାତ୍ର ତିନି ଠାକୁର ମୋର ବୋଲି ଦାବି କରି ଆସୁଥିବାରୁ ଗାଁରେ ବିବାଦର ସୂତ୍ରପାତ ହୋଇଛି। ଆଉ ୬ ଦିନ ପରେ ରଥଯାତ୍ରା। ଗାଁର ଶତାଧିକ ମହିଳା, ପୁରୁଷ, ସରପଞ୍ଚ, ପୋଲିସ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ବିବାଦ ସମାଧାନ କରିବାକୁ ଆଲୋଚନା କରିଥିଲେ। ହେଲେ ସବୁ ଆଲୋଚନା ବିଫଳ ହୋଇଛି। ଅରୁଣ ପାତ୍ରଙ୍କ ପରିବାର ଉପସ୍ଥିତ ଥିବା ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସ୍ଥାନୀୟ ଲୋକଙ୍କୁ ହତ୍ୟା ଧମକ ଦେଇଥିବା ଗ୍ରାମବାସୀ ରୁଷୁଡା ଫାଣ୍ଡିରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ରୁଷୁଡା ଫାଣ୍ଡି ଅଧିକାରୀ ଗଣେଶ କଲେତ ତଦନ୍ତ ଆରମ୍ଭ କରିଛନ୍ତି। ଜଗନ୍ନାଥ ମନ୍ଦିର ସାମନାରେ ମଙ୍ଗଳବାର ବିବାଦ ଉଗ୍ରରୂପ ନେଇଥିଲା। ସନ୍ଧ୍ୟାରେ ଭେଡେନ ଥାନା ଆଇଆଇସି ହେମନ୍ତ ରାଓଙ୍କ ନିର୍ଦ୍ଦେଶରେ ଫାଣ୍ଡି ଅଧିକାରୀ ଗଣେଶ କଲେତ ପୋଲିସ ଷ୍ଟାଫ୍ ସହ ଆସିଥିଲେ। ଗୁରୁବାର ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟର ସଦସ୍ୟ, ଗ୍ରାମବାସୀ ବରଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ଗ୍ରାମବାସୀ। ଗୁରୁବାର ଗାଁ ଗୌନ୍ତିଆ ମଦନମୋହନ ଦାଶ, ଟ୍ରଷ୍ଟ ସଭାପତି ସୁଦାମ ମହାକୁର, ନାରାୟଣ ବାଦି, ଶୁକ୍ର ସେଟ, ଅସୀମ ମହାକୁର, କପିଳାସ ଦନ୍ତା, ଉଦୟ ଦାଶ, ପ୍ରସନ୍ନ ଆଚାର୍ଯ୍ୟ, ଭକ୍ତଚରଣ ବନ୍ତା, ଅଶ୍ୱିନୀ ଝାଙ୍କର ପ୍ରମୁଖ ଗ୍ରାମବାସୀ ବରଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# କଲ୍ୟାଣ ମଣ୍ଡପ କାମ ଧିମା ଯୋଗୁ ଅସନ୍ତୋଷ

ବଲାଙ୍ଗୀର ଅଫିସ, ୧୬।୬

ବଲାଙ୍ଗୀର ସହର ମଧ୍ୟରେ ଚାଲିଥିବା ବିଭିନ୍ନ ପ୍ରକଳ୍ପକୁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ପରିଦର୍ଶନ କରିଥିଲେ। ୱାର୍ଡ ନମ୍ବର ୧୮ମହାଲକ୍ଷ୍ମୀନଗରରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ କାମ ଧିମେଇ ଯାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। କରୋନା କଟକଣା ଆରମ୍ଭ ପୂର୍ବର ସ୍ଥିତି ଏବଂ ତିନି ମାସ ପରର ସ୍ଥିତି ଦେଖିଲେ ପ୍ରାୟତଃ କଲ୍ୟାଣ ମଣ୍ଡପର ଅଗ୍ରଗତି କିଛି ହୋଇନାହିଁ ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟ କରୋନା କଟକଣା ପରେ ଶ୍ରମିକଙ୍କ ଆର୍ଥିକ ସ୍ଥିତିକୁ ନଜରରେ ରଖି ସମସ୍ତ ପ୍ରକାର ସରକାରୀ ପ୍ରକଳ୍ପ କାମ ଚାଲୁ ରଖିବା ପାଇଁ ଅନୁମତି ମିଳିଥିଲେ ମଧ ସଂକ୍ରମଣ ବାହାନାରେ ଏହି କାମ ବନ୍ଦ କରିବାକୁ ନେଇ ବିଧାୟକ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେଠାରେ ଉପସ୍ଥିତ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ତହସିଲଦାର ଲଲାଟ ଲୁହା ଏବଂ ପୂର୍ତ୍ତବିଭାଗ ସହକାରୀ ନିର୍ବାହ ଯନ୍ତ୍ରୀ ମନୋଜ ମହାନନ୍ଦଙ୍କୁ କଲ୍ୟାଣ ମଣ୍ଡପ ଚାରିପଟେ ବାଡ, ପାଣି ନିଷ୍କାସନ ପାଇଁ ନାଳ ତିଆରି ଏବଂ ସମଗ୍ର ମଣ୍ଡପ ଅଞ୍ଚଳରେ ମାଟି ପକାଇ ସମାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ରାହ୍ମଣପଡାରେ ନିର୍ମାଣାଧୀନ ଡ୍ରେନ୍, ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ନିର୍ମାଣଧୀନ ଇନ୍‌ଡୋର ଏବଂ ଆଉଟଡୋର ନିର୍ମାଣ କାମ ବୁଲି ଦେଖିଥିଲେ। ପଡିଆ ଚାରିପଟରେ ନିର୍ମାଣାଧୀନ ସୁଉଚ୍ଚ ପାଚେରି କାମ ଧିମା ଚାଲିଥିବାରୁ ତା' ଉପରେ ଧ୍ୟାନ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ଉପଜିଲାପାଳ, ତହସିଲଦାର, ବିଭାଗୀୟ ଯନ୍ତ୍ରୀଙ୍କୁ ଲକ୍ଷ୍ମୀଯୋର ଅଞ୍ଚଳରୁ ବିସ୍ଥାପିତଙ୍କ ପାଇଁ ବିନା ମୂଲ୍ୟରେ ଜମି ଓ ଘର ଯୋଗାଇବା କାମର ଅଗ୍ରଗତି ସନ୍ତୋଷଜନକ ନ ଥିବାରୁ ସେଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।


ବିଧାୟକ ନରସିଂହ ମିଶ୍ର ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ବ୍ରହ୍ମପୁରା ଠାକୁରଙ୍କୁ ବନୌଷଧି ପ୍ରଦାନ

ସମ୍ବଲପୁର, ୧୬।୬ (ବ୍ୟୁରୋ)

କୋଭିଡ୍- ୧୯ ଯୋଗୁ ଚଳିତ ବର୍ଷ ଯାନିଯାତ୍ରାଗୁଡିକରେ କଟକଣା ଲଗାଯାଇଛି। କେବଳ ପରମ୍ପରାକୁ ରକ୍ଷା କରି ନୀତିକାନ୍ତି ଓ ସାମାଜିକ ଦୂରତ୍ୱ ରଖି ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ଦେବସ୍ନାନ ପୂର୍ଣ୍ଣିମା ହୋଇଥିଲା। ଏହାପରେ ଠାକୁର ଅଣସର ଘରେ ରହିଥିଲେ। ପରମ୍ପରାକୁ ଦୃଷ୍ଟିରେ ରଖି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ପଞ୍ଚମୂଳ ଦିଆଯାଇଥିଲା। କୃଷ୍ଣପର୍ଣ୍ଣି, ଅକରାନ୍ତି, ଲହବାଙ୍କୁଡି, ବେଲ, ଫଣଫଣା, ଗମ୍ଭାରି, ପାଟଳି, ଅଗିବଥୁ, ଶାଳପର୍ଣ୍ଣି, ଗୋଖର ଗଛର ମୂଳକୁ ସମପରିମାଣରେ ଚୂର୍ଣ୍ଣ କରି ଗାଈ ଘିଅ, ମହୁ, କର୍ପୂର, ଇଲାଚି ଓ ଗୁଡ ମିଶ୍ରଣରେ ପ୍ରସ୍ତୁତ ଦଶମୂଳ ତଥା ବନୌଷଧି ମଙ୍ଗଳବାର ଦଶମୀ ତିଥି ରାତ୍ରିରେ ନିୟମାନୁସାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଠାକୁରଙ୍କୁ ଯଥାକ୍ରମେ ୩୫, ୩୨, ୨୩ ଓ ୧୮ଟି ଗୋଲି ଦିଆଯାଇଛି। ବୁଧବାର ସକାଳ ଆଳତି ପରେ ପୁଣି ଠାକୁରଙ୍କ ଦଶମୂଳ ଔଷଧ ନୀତି ରହିଛି। ସୂଚନାଯୋଗ୍ୟ, ବିଗତ ବର୍ଷ ସକାଳ ଆଳତି ପରେ ଭକ୍ତମାନେ ଦଶମୂଳ ତଥା ବନୌଷଧିକୁ ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି। କିନ୍ତୁ ଚଳିତବର୍ଷ କରୋନା ମହାମାରୀ ଯୋଗୁ ସମ୍ବଲପୁର ମହାନଗର ନିଗମ ସମେତ ଗ୍ରାମାଞ୍ଚଳର ଭକ୍ତମାନେ ପ୍ରସାଦ ନେବାକୁ ଆସୁନାହାନ୍ତି। ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା, ସେବାୟତ ବାସନ୍ତୀ ପାଣିଗ୍ରାହୀ ଓ ମାଧୁରୀ ମିଶ୍ର ଔଷଧ ପ୍ରସ୍ତୁତ କରିଥିଲେ।

# ସୁନ୍ଦରଗଡ଼ ଜିଲା: ୧୩୧ ଛୁଇଁଲା କରୋନା ପଜିଟିଭ

ସୁନ୍ଦରଗଡ,୧୬।୬ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲାରେ ମଙ୍ଗଳବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧ରେ ପହଞ୍ଚିଛି। ଏଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୦୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସକ୍ରିୟ ଥିବା ୨୪ଜଣଙ୍କ ମଧ୍ୟରୁ ୧୯ଜଣ ବର୍ତ୍ତମାନ ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆଉ ୫ଜଣ କଏଦୀ ରାଉରକେଲା ସ୍ୱତନ୍ତ୍ର ଜେଲରେ ଚିକିତ୍ସିତ ହେଉଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ଘରକୁ ଘର ବୁଲି ଆରମ୍ଭ ହେଲା କରୋନା ସର୍ବେକ୍ଷଣ


ଅଙ୍ଗନୱାଡି ଓ ଆଶା ଦିଦି ଘର ଘର ବୁଲି ସର୍ଭେ କରୁଛନ୍ତି।

ସୁନ୍ଦରଗଡ, ୧୬।୬ (ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାରଠାରୁ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ କରୋନା ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲାରେ ମଧ ଆଶା, ଅଙ୍ଗନୱାଡି ଓ ଏଏନ୍ଏମ୍‌ମାନଙ୍କ ଦ୍ୱାରା ଘର ଘର ବୁଲି କରୋନା ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ସୁନ୍ଦରଗଡ ଜିଲା ସଦର ମହକୁମାର ସହର ତଳି ଅଞ୍ଚଳରେ ଏହି ସର୍ବେକ୍ଷଣର ଶୁଭାରମ୍ଭ କରିଥିଲେ।

# ଅଭିଯୁକ୍ତଙ୍କ ପ୍ରତି ପୋଲିସର ଅନୁକମ୍ପା

ସମ୍ବଲପୁର,୧୬।୬(ବ୍ୟୁରୋ)

ସମ୍ପତ୍ତି ପାଇଁ ଦିଅର,ଶାଶୁ, ନଣନ୍ଦମାନେ ଚକ୍ରାନ୍ତ କରି ମୋ ସ୍ୱାମୀ ଦୀପକ ଅଗ୍ରୱାଲଙ୍କୁ ହତ୍ୟା କରିଛନ୍ତି। ଏବେ ମୋ ପୁଅ ଓ ମୋତେ ମଧ ହତ୍ୟା ଧମକ ଦେଉଛନ୍ତି। ଏ ନେଇ ଅଭିଯୋଗ କଲେ ପରିଣାମ ଭୟଙ୍କର ହେବ ବୋଲି କହୁଛନ୍ତି। ଏଥିପାଇଁ ଘରୁ ବାହାରିବାକୁ ଭୟ ଲାଗୁଛି। ବାରମ୍ବାର ଅଭିଯୋଗ କଲା ପରେ ତଦନ୍ତ ଚାଲିଛି ବୋଲି ପୋଲିସ କହୁଛି। ଶ୍ୱଶୁରଘର ଓ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ପ୍ରତି ପୋଲିସ ଅନୁକମ୍ପା ଦେଖାଉଛି। ଏଥିଯୋଗୁ ତଦନ୍ତରେ ଅବହେଳା କରାଯାଉଛି ବୋଲି ଦୀପକଙ୍କ ସ୍ତ୍ରୀ ମନୀଷା ଅଗ୍ରୱାଲ ଅଭିଯୋଗ କରିଛନ୍ତି। ମନୀଷା ମଙ୍ଗଳବାର ଏସ୍‌ପିଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଥିଲେ। ଶୀଘ୍ର ଏହି ଘଟଣାରେ ମୋତେ ନ୍ୟାୟ ମିଳୁ। ନଚେତ ଆମ ଧନଜୀବନ ଶେଷ ହୋଇଯିବ। ଏଥିପାଇଁ ପୋଲିସ ଦାୟୀ ରହିବ ବୋଲି ସେ କହିଛନ୍ତି।

**ସମ୍ବଲପୁର**



ଅଭିଯୋଗ କରିବାକୁ ଏସ୍‌ପିଙ୍କ ଅଫିସକୁ ଆସିଥିବା ମନୀଷାଙ୍କ ପରିବାର ସଦସ୍ୟମାନେ।

- ନର୍ସିଂହୋମରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା
- ଯୋଜନାବଦ୍ଧ ଭାବେ ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି: ସ୍ତ୍ରୀ
- ଘରୁ ବାହାରିବାକୁ ଭୟ କରୁଛନ୍ତି ପରିବାର ଲୋକେ
- ବାରମ୍ବାର ଅଭିଯୋଗ କଲା ପରେ ତଦନ୍ତ ଚାଲିଛି ବୋଲି ପୋଲିସ କହୁଛି

ସୂଚନାଯୋଗ୍ୟ, ଦୀପକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା। ତେଣୁ ଅଧିକ ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ ପଡୁଥିବାରୁ ଦୀପକ ପରିବାର ଲୋକଙ୍କୁ ମାଗିଥିଲେ। ଏପରି କି ଟଙ୍କା ନ ଥିଲେ ନିଜ ଭାଗର ସମ୍ପତ୍ତି ବିକ୍ରି କରି ଚିକିତ୍ସା କରାଇବାକୁ ଅନୁରୋଧ କରିଥିଲେ। ହେଲେ ପରିବାର ଲୋକେ ତାଙ୍କ ଦୁଃଖ ବୁଝିବା ବଦଳରେ ଧମକ ଚମକ ଦେଇ ବୁର୍ଲାର ଏକ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେ ଦିନ ତାଙ୍କ ପାଖରେ ସ୍ତ୍ରୀ ମନୀଷା ଥିଲେ। ରାତିରେ ଦୀପକଙ୍କ ଭାଇ ଆଲୋକ ଓ ପ୍ରକାଶ ଆସିଥିଲେ। ତାଙ୍କ ସାଙ୍ଗରେ ଆଉ ଦୁଇଜଣ ଯୁବକ ଥିଲେ। ମନୀଷାଙ୍କୁ ଘରକୁ ଯିବାକୁ ସେମାନେ କହିଥିଲେ। ମନୀଷା ଘରକୁ ଆସିବା ପରେ ସେମାନେ ଦୀପକଙ୍କ ପାଖରେ ଥିଲେ। ହେଲେ ସେଦିନ ରାତିରେ ଦୀପକ ରହିଥିବା କୋଠରିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଏଥିରେ ଦୀପକ ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ମାର୍ଚ୍ଚ ୨୦ରେ ନର୍ସିଂହୋମ ପରିସରରୁ ଦୀପକ(୪୦)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ଭିଣୋଇଙ୍କ ହତ୍ୟା କରାଯାଇଥିଲା ବୋଲି ଏସ୍‌ପି କନୱର ବିଶାଳ ସିଂଙ୍କ ପାଖରେ ଶାଳକ ସଞ୍ଜୟ ଅଭିଯୋଗ କରିଥିଲେ। ପୋଲିସ ଆଲୋକ ଅଗ୍ରୱାଲ, ପ୍ରକାଶ ଅଗ୍ରୱାଲ, ଭଉଣୀ ପ୍ରୀତି ଅଗ୍ରୱାଲ, ଜ୍ୟୋତି ଅଗ୍ରୱାଲ ଓ ମା'ଲଳିତା ଅଗ୍ରୱାଲଙ୍କ ବିରୋଧରେ ଏକ ମାମଲା(ନଂ.୧୮୪/୨୦) ପୋଲିସ ରୁଜୁ କରିଥିଲା।

ଏହା ଦୁର୍ଘଟଣା ନୁହେଁ ବରଂ ସମ୍ପୃକ୍ତ ଯୁବକମାନେ ମୋ ସ୍ୱାମୀଙ୍କୁ ଜିଅନ୍ତା ଜାଳି ଦେଇ ହତ୍ୟା କରିଥିବା ମନୀଷା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ନର୍ସିଂହୋମରେ ଶର୍ଟସର୍କିଟରୁ ନିଆଁ ଲାଗିବା ଏକ ଯୋଜନା ଥିଲା ବୋଲି ସେ କହିଛନ୍ତି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

## ସଂକ୍ଷେପରେ

### ୩୮ ସୁସ୍ଥ, ୧୪ ଚିକିତ୍ସିତ

ଢେଙ୍କାନାଳ ଅଫିସ, ୧୬।୬: ଢେଙ୍କାନାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ଆରୋଗ୍ୟ ସଂଖ୍ୟା ପ୍ରଶାସନ ପାଇଁ ଆଶ୍ୱସ୍ତି ଆଣିଛି। ଜିଲାର ମୋଟ୍ ୫୨ ଆକ୍ରାନ୍ତଙ୍କ ମଧ୍ୟରୁ ୩୮ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ଏବେ ୧୪ ଜଣ ଆକ୍ରାନ୍ତ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗତ ଏପ୍ରିଲ ୯ରେ ଜିଲା ସଦରରୁ ୫୪ ବର୍ଷ ବୟସ୍କା ମହିଳାଙ୍କଠାରୁ ପ୍ରଥମ କରି କରୋନା ଭୂତାଣୁ ଚିହ୍ନଟ କରାଯାଇଥିଲା। ଏହାପରେ ଗତ ୩ ମାସ ମଧ୍ୟରେ ବିଭିନ୍ନ ସ୍ଥାନରୁ ୫୨ ଜଣ କୋଭିଡ୍-୧୯ରେ ସଂକ୍ରମିତ ହୋଇଛନ୍ତି।

### ଆଉ ଜଣେ ସଂକ୍ରମିତ ଚିହ୍ନଟ

ଅନୁଗୋଳ ଅଫିସ, ୧୬।୬:ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ମଙ୍ଗଳବାର ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ୨୨ ବର୍ଷୀୟ ଯୁବକ ଜଣକ ତାମିଲନାଡୁରୁ ଫେରି ଗତ ୧୧ ତାରିଖରୁ ସଙ୍ଗରୋଧରେ ଥିଲେ। ନମୁନା ପଜିଟିଭ୍ ଜଣାପଡ଼ିବା ପରେ ମଙ୍ଗଳବାର ତାଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୯ରେ ପହଞ୍ଚିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୩ ଜଣ ସୁସ୍ଥ ହୋଇସାରିଛନ୍ତି।

### ପରକୀୟା ପ୍ରୀତି ଅଭିଯୋଗରେ ମହିଳାଙ୍କୁ ମାଡ଼ ଘଟଣା

### ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ଅନୁଗୋଳ ଅଫିସ, ୧୬।୬: ପରକୀୟା ପ୍ରୀତି ଅଭିଯୋଗରେ ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳା ଓ ତାଙ୍କ ସମ୍ପର୍କୀୟ ଯୁବକଙ୍କୁ ମାଡ଼ ମରାଯିବା ସହ ବିବାହ କରାଇ ଦିଆଯାଇଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଇ ଦୋଷୀମାନଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ଏଥିସହ ପୀଡ଼ିତାଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଆବେଦନକାରୀ ଗୁହାରି କରିଛନ୍ତି।

### କମେଣ୍ଟମରାରୁ ଗଣ୍ଡଗୋଳ ଅଭିଯୋଗ

ବଇଣ୍ଡା,୧୬।୬(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଯୋଗିବନ୍ଧ ଗ୍ରାମରେ କମେଣ୍ଟମରାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ରବିବାର ଗଣ୍ଡଗୋଳ ହୋଇଛି। ଗ୍ରାମର ପ୍ରଶାନ୍ତ ପ୍ରଧାନ, ତାଙ୍କ ମା’ ଧୁବୁଣୀ ପ୍ରଧାନ ଓ ଭଉଣୀ ରଶ୍ମିତା ପ୍ରଧାନଙ୍କୁ ସେହି ଗ୍ରାମର ଛବିଳ ପ୍ରଧାନ ଠେଙ୍ଗାରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୮୧/୨୦ରେ ଏକ ମାମଲା ରୁଜୁ କରିଛି। ପ୍ରଶାନ୍ତ ଘରେ ଥିବାବେଳେ ଛବିଳ ସେଠାକୁ ଆସି ଜଣେ ସମ୍ପର୍କୀୟଙ୍କୁ କମେଣ୍ଟ ମାରିଥିଲେ। ବିରୋଧ କରିବାରୁ ଛବିଳ ସେମାନଙ୍କୁ ଆକ୍ରମଣ କରିଥିବା ପ୍ରଶାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଛବିଳ ମଧ ପାଲଟା ଅଭିଯୋଗ କରିଛନ୍ତି। ପ୍ରଶାନ୍ତ, ପ୍ରଫୁଲ୍ଲ ପ୍ରଧାନ, ଧୁବୁଣୀ ପ୍ରଧାନ ଓ ଚିଲି ପ୍ରଧାନ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୋଲିସ ନଂ. ୮୨/୨୦ରେ ମାମଲା ରୁଜୁ କରିଛି।

### ୧୦୭ ଜଣଙ୍କ ସ୍ୱାବ୍ ସଂଗ୍ରହ

ଢେଙ୍କାନାଳ ଅଫିସ, ୧୬।୬: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ସଙ୍ଗରୋଧ କେନ୍ଦ୍ରରେ ମଙ୍ଗଳବାର ସାମୂହିକ ସ୍ୱାବ୍ ସଂଗ୍ରହ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୭ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଛି। ତନ୍ମଧ୍ୟରେ ଢେଙ୍କାନାଳ ସଦର ମହକୁମା ସଙ୍ଗରୋଧ କେନ୍ଦ୍ରର ୧୭, ପୋରୁହଖୋଜର ୧୦, ନେଉଳପୋଇର ୩୨, ଗଁଦିଆର ୧୧, ବାଙ୍ଗଲୋର ୧ ଏବଂ କରମୂଳ କେନ୍ଦ୍ରର ୩୬ ଜଣ ଅଛନ୍ତି। ସ୍ୱାବ୍ ସଂଗ୍ରହ ବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କରମୂଳ ପଞ୍ଚାୟତ, ଆମ୍ବପଡ଼ା ବଜାର ଏବଂ ମେଡିକାଲ ଛକକୁ ସକାଳ ୮ଟାରୁ ସନ୍ଧ୍ୟା ୮ଟା ଯାଏ ଶଟ୍‌ଡାଉନ୍ କରାଯାଇଥିଲା। ଡ. ସ୍ୱାଧୀନ ରଥଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରପଞ୍ଚ ରାଜେଶ ନାୟକ, ୱାର୍ଡମେମ୍ବର ପ୍ରକାଶ ସାହୁ, ନିର୍ମଳ ଚିନାରା, ଚିରଞ୍ଜୀବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି କାଦୁଅ ଯୋଗୁ ଜମୁନି ବେପାର

- ହାଇସ୍କୁଲ ପଡ଼ିଆରେ ହାଟକୁ ନେଇ ଅସନ୍ତୋଷ
- ଆସିବାକୁ ମଙ୍ଗୁନାହାନ୍ତି ବ୍ୟବସାୟୀ, ଗ୍ରାହକ
- ପିଣ୍ଡି, ପାନୀୟ ଜଳ ବ୍ୟବସ୍ଥା ଦାବି

ବଅଁରପାଳ,୧୬।୬(ଡି.ଏନ.ଏ.)


ହାଟ ବସୁଥିବା ହାଇସ୍କୁଲ ପଡ଼ିଆରେ ବର୍ଷା ପାଣି ଜମି ରହିଛି।

କରୋନା କଟକଣା ଯୋଗୁ ବଅଁରପାଳ ସାପ୍ତାହିକ ହାଟକୁ ଦୁଇଭାଗ କରିଦିଆଯାଇଛି। ଗୋଟିଏ ହାଟ ପୁରୁଣା ସ୍ଥାନରେ ବସୁଥିବା ବେଳେ ଅନ୍ୟଟି ବଅଁରପାଳ ହାଇସ୍କୁଲ ପଡିଆରେ ବସୁଛି। ତେବେ ହାଇସ୍କୁଲ ପଡ଼ିଆରେ ବ୍ୟବସାୟ ପାଇଁ ବିଶେଷକିଛି ସୁବିଧା ନ ଥିବାରୁ ଏହାକୁ ନେଇ ବ୍ୟବସାୟୀ ଓ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ବର୍ତ୍ତମାନ ବର୍ଷା ସମୟରେ ପଡ଼ିଆଟି ପାଣି କାଦୁଅରେ ଭରିଯାଉଛି। ଏପରି ଅବସ୍ଥାରେ ବ୍ୟବସାୟ କରିବା କଷ୍ଟକର ହୋଇପଡ଼ିଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ମଙ୍ଗଳବାର ବଅଁରପାଳ ସାପ୍ତାହିକ ହାଟ ବସିଥାଏ। ଏଠାରେ ପନିପରିବାଠାରୁ ଆରମ୍ଭ କରି ମନୋହରି ସାମଗ୍ରୀ ଆଦି ବିକ୍ରି କରାଯାଏ। ଗୋତମରା, ବନ୍ଧା, ନୂଆହତା, ବୁଢ଼ାପଙ୍କ, କୁଲାଡ଼, ଗିରାଙ୍ଗ, ତଳମୂଳ, ସନ୍ତ୍ରୀ, ବଉଳିଗଡ଼, କଲଣ୍ଡାପାଳ ସମେତ ଆଖପାଖ ଅଞ୍ଚଳର ଲୋକେ ଏହା ଉପରେ ନିର୍ଭର କରନ୍ତି। କିନ୍ତୁ ଲକ୍‌ଡାଉନ୍ ପରଠାରୁ ଏହି ପୁରୁଣା ହାଟକୁ ୨ ଭାଗ କରାଯାଇଛି। ପୂର୍ବ ସ୍ଥାନରେ ଥିବା ହାଟରେ ପିଣ୍ଡିଠାରୁ ପାନୀୟ ଜଳ ଓ କଂକ୍ରିଟ୍ ସଡ଼କର ସୁବିଧା ରହିଛି। ଫଳରେ ସେଠାରେ ଭଲ ବ୍ୟବସାୟ ହେଉଥିବା ବେଳେ ନୂଆ ସ୍ଥାନ ହାଇସ୍କୁଲ ପଡ଼ିଆକୁ ଅଧିକ ଗ୍ରାହକ ଆସୁନାହାନ୍ତି। ଏହାଛଡ଼ା ବର୍ଷା ଯୋଗୁ ଏହି ପଡ଼ିଆରେ ପାଣି ଓ କାଦୁଅ ଭରିଯାଇଛି। ଫଳରେ ବ୍ୟବସାୟୀ ଓ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣିରେ ପଶି କିଏ ପରିବା କିଣିବ ବୋଲି ବ୍ୟବସାୟୀମାନେ ପ୍ରଶ୍ନ କରିଛନ୍ତି। ବ୍ୟବସାୟୀ ପ୍ରଦୀପ ବେହେରା ଓ କାଠିଆ ପରିଡା କହିଛନ୍ତି, ପୁରୁଣା ହାଟରେ ଯେଉଁଭଳି ବେପାର ହେଉଥିଲା ଏଠାରେ ତାହା ହେଉନାହିଁ। ସେଠାରେ ବହୁ ସୁବିଧା ରହିଥିଲା। କିନ୍ତୁ ଏଠାରେ ପାଣି ଓ କାଦୁଅ। ତେଣୁ ଦିନମାନ ବସି ରହିଲେ ବି ସେପରି ବେପାର ହେଉନାହିଁ। ଏଥିଯୋଗୁ କ୍ଷତି ସହିବାକୁ ପଡୁଛି। ଗ୍ରାହକ ପ୍ରକାଶ ଧୀର କହିଛନ୍ତି, ପୂର୍ବରୁ ଗୋଟିଏ ସ୍ଥାନରେ ହାଟ ବସୁଥିଲା। ଏବେ ୨ ମାସ ହେଲା ୨ଟି ସ୍ଥାନରେ ବସୁଛି। ବର୍ଷା କାଦୁଅ ଭିତରେ ଆସି ସ୍କୁଲ ପଡିଆରୁ ପନିପରିବା କିଣିବାକୁ ଆଗ୍ରହ ହେଉନାହିଁ।

## ଡିପୋ ସ୍ଥାନାନ୍ତର ନ ହେଲେ ଜୋର୍‌ଦାର ଆନ୍ଦୋଳନ


ବୈଠକରେ ୧୦ଟି ଗ୍ରାମର ଲୋକେ ଯୋଗ ଦେଇଛନ୍ତି।

ବଇଣ୍ଡା,୧୬।୬(ଡି.ଏନ.ଏ.)

**ଏକାଠି ହେଲେ ୧୦ ଗ୍ରାମବାସୀ**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ନିର୍ମାଣ ହାଇଥିବା ଏକ କୋଇଲା ଡିପୋକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ ହୋଇପାରୁ ନାହିଁ। ଏହି ଡିପୋକୁ ସ୍ଥାନାନ୍ତର କରିବାକୁ ଗୁଣ୍ଡୁରୀମୁଣ୍ଡା ଗ୍ରାମବାସୀ ଅଡ଼ି ବସିଥିବା ବେଳେ ଆଖପାଖ ୧୦ ଗ୍ରାମବାସୀ ତାହାକୁ ସମର୍ଥନ ଜଣାଇଛନ୍ତି। ମଙ୍ଗଳବାର ବଣିନାଳୀ ଆମ୍ବତୋଟା ପରିସରରେ ହଣ୍ଡପା ସରପଞ୍ଚ ଅମୀୟ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଧୋବେଇ ବେହେରା, ସୁଶାନ୍ତ ମହାପାତ୍ର, ବିଶ୍ୱଜିତ ମିଶ୍ର, ଅରବିନ୍ଦ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ବିନାୟକ ବିଶ୍ୱାଳ, ଅକ୍ଷୟ କୁମାର ପ୍ରଧାନ, ପଦ୍ମଲୋଚନ ସାହୁ, କଟରଙ୍ଗା ସରପଞ୍ଚ ପ୍ରିୟବ୍ରତ ପଲେଇ, ସନ୍ତୋଷ ବେହେରା, ସୌମ୍ୟରଞ୍ଜନ ଭୋଇ ପ୍ରମୁଖ ୧୦ଟି ଗ୍ରାମର ଲୋକେ ଯୋଗ ଦେଇଥିଲେ। ଯଦି ଏହି ଡିପୋ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଏ ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅପରପକ୍ଷରେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଶୁକ୍ରବାରଠାରୁ ଡିପୋକୁ ଅନ୍‌ଲୋଡ୍ ପାଇଁ ଆସିଥିବା ୭୨ଟି କୋଇଲା ବୋଝେଇ ଟ୍ରକ୍ ରାଜପଥ ପାର୍ଶ୍ୱରେ ଅଟକି ରହିଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି।

## ମ୍ୟାଲେରିଆ ମୂଳୋତ୍ପାଟନ ଅଭିଯାନ


ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଓଡ଼ାପଡ଼ା, ୧୬।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ଦୁର୍ଗମ ବାମଣ୍ଡା ଗ୍ରାମରେ ମଙ୍ଗଳବାର ମ୍ୟାଲେରିଆ ମୂଳୋତ୍ପାଟନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫ବର୍ଷରୁ ବଡ଼ ଶିଶୁ, ଗର୍ଭବତୀଙ୍କ ସମେତ ସମସ୍ତ ଗ୍ରାମବାସୀଙ୍କ ରକ୍ତନମୁନା ପରୀକ୍ଷା କରାଯାଇଥିଲା। ଅଞ୍ଚଳକୁ ମ୍ୟାଲେରିଆରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ଲାଗି ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱାସ୍ଥ୍ୟ ଅଧିକାରୀ ଡା. ଅନନ୍ତ ରାଉଳ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଦୀପକ ବିହାରୀ ସାହୁ, କର୍ମଚାରୀ ସୁଶାନ୍ତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

କଣିହାଁ,୧୬।୬(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଗ୍ରାମର ଦେବ ସାହୁ (୫୮) ମଙ୍ଗଳବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ଚାଷ ଜମିକୁ ଯାଉଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ପାଖ ଜମିରେ ଥିବା ଲୋକମାନେ ଏ ନେଇ ପରିବାର ଲୋକଙ୍କୁ ଖବର ଦେବା ପରେ ଦେବଙ୍କୁ କଣିହାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବନ ବିଭାଗ ପକ୍ଷରୁ ଚିକିତ୍ସା ଖର୍ଚ୍ଚ ପ୍ରଦାନ କରିବାକୁ ସରପଞ୍ଚ ଲୋକନାଥ ସାହୁ ଦାବି କରିଛନ୍ତି। ଏ ନେଇ କଣିହାଁ ବନପାଳ ସତ୍ୟାନନ୍ଦ ଧୀର କହିଛନ୍ତି, ବନ ବିଭାଗ ପକ୍ଷରୁ ରିପୋର୍ଟ ସହିତ ଚିକିତ୍ସା ସୁବିଧା କରାଯାଇଛି। ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

## ସଙ୍ଗରୋଧ ସାରି ବାହୁଡ଼ିଲେ ୯୪ ପ୍ରବାସୀ


ଘରକୁ ଫେରିବା ପୂର୍ବରୁ ପ୍ରବାସୀଙ୍କୁ ସମ୍ମାନିତ କରାଯାଉଛି।

ଭାପୁର, ୧୬।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା ସଦର ବ୍ଲକ କାକୁଡ଼ିଭାଗ ପଞ୍ଚାୟତର ୨ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୯୪ ପ୍ରବାସୀ ମଙ୍ଗଳବାର ଘରକୁ ବାହୁଡ଼ିଛନ୍ତି। ବାହାର ରାଜ୍ୟରୁ ଆସିଥିବା ସମ୍ପୃକ୍ତ ପ୍ରବାସୀ ୧୪ଦିନ ଧରି କାକୁଡ଼ିଭାଗସ୍ଥିତ ସ୍ୱପ୍ନେଶ୍ୱର ହାଇସ୍କୁଲ ଏବଂ ସିମିଳିପାଟଣା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଦୁଇଦିନ ତଳେ ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିଲା। ସୋମବାର ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ସଙ୍ଗରୋଧ ସମୟ ଅବଧି ପୂରଣ କରିସାରିଥିବାରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ନିର୍ବାହୀ ଅଧିକାରୀ କମଳିନୀ ଦେହୁରୀ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ୱାର୍ଡମେମ୍ବର ଉପସ୍ଥିତ ରହି ସମସ୍ତଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ମିଠାଖୁଆଇ ବନ୍ଦାପନା କରିବା ପରେ ପ୍ରବାସୀମାନେ ନିଜ ନିଜ ଘରକୁ ଫେରିଥିବା ଜଣାପଡ଼ିଛି। ସେମାନେ ଆଉ ୭ଦିନ ଘରେ ସଙ୍ଗରୋଧରେ ରହିବେ। ସରକାରଙ୍କ ଗାଇଡଲାଇନ ମାନି ଚଳିବାକୁ ପରାମର୍ଶ ଦିଆଯାଇଥିବା ସରପଞ୍ଚ କହିଛନ୍ତି।

## ଚିକୁନ୍ ହତ୍ୟାକାଣ୍ଡ: ୪୮ ଘଣ୍ଟା ପରେ ପୋଲିସ ହାତ ଖାଲି

ଢେଙ୍କାନାଳ ଅଫିସ, ୧୬।୬

ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଅଞ୍ଚଳର ଚିକୁନ ବିଶ୍ୱାଳ (୩୩) ହତ୍ୟାକାଣ୍ଡ ମାମଲାକୁ ୪୮ ଘଣ୍ଟା ବିତିଯାଇଥିବାବେଳେ ପୋଲିସ ହାତ ଖାଲିପଡ଼ିଛି। ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଛି। ସନ୍ଦେହ ବଳୟରେ ଥିବା କେତେଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଉଛି। ତଥାପି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ ପୋଲିସ। ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ଜିଲା ସମେତ ଜିଲା ବାହାରେ ଚଢ଼ାଉ ଜାରି ରହିଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ କହିଛନ୍ତି। ସୂଚନାଯୋଗ୍ୟ, ସାମାନ୍ୟ ବଚସାକୁ କେନ୍ଦ୍ର କରି ଚିକୁନଙ୍କୁ କେତେଜଣ ଯୁବକ ପିଟି ପିଟି ହତ୍ୟା କରିଥିଲେ। ଏଥିସହ ୨ଟି ବାଇକ୍ ମଧ ଭଙ୍ଗାରୁଜା ହୋଇଥିଲା। ହତ୍ୟାକାଣ୍ଡର ପ୍ରତିବାଦରେ ଅଞ୍ଚଳବାସୀଙ୍କ ଏବଂ ମୃତ ଯୁବକଙ୍କ ସମ୍ପର୍କୀୟମାନେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ କଳାପାଣି ଛକଠାରେ ରାସ୍ତାରୋକୋ କରିଥିଲେ।

## ମାଧପୁର ହାଟ ବନ୍ଦ

ମାଧପୁର,୧୬।୬

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ମାଧପୁର ଅଞ୍ଚଳରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବୁଧବାର ହେବାକୁ ଥିବା ସାପ୍ତାହିକ ହାଟକୁ ବନ୍ଦ କରାଯିବା ନେଇ ପଞ୍ଚାୟତ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପଞ୍ଚାୟତ ଆଖପାଖ କେତେକ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରରୁ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି।

## ଅଚିହ୍ନା ମୃତଦେହ ଉଦ୍ଧାର

କଣିହାଁ,୧୬।୬(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ବେଳେ ଜଣେ ଅଚିହ୍ନା ବୃଦ୍ଧା (୫୮)ଙ୍କ ମଙ୍ଗଳବାର ପୂର୍ବାହ୍ନରେ ମୃତ୍ୟୁ ହୋଇଛି। ମେଡିକାଲ ତରଫରୁ ଏ ନେଇ କଣିହାଁ ଥାନାକୁ ଖବର ଦିଆଯିବା ପରେ ପୋଲିସ ନଂ. ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ହନୁମାନପୁର ବସ୍‌ଷ୍ଟାଣ୍ଡରୁ ସମ୍ପୃକ୍ତା ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ରବିବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୭୨ ଘଣ୍ଟା ମଧ୍ୟରେ ମୃତଦେହ ଚିହ୍ନଟ ନ ହେଲେ ପ୍ରଶାସନ ପକ୍ଷରୁ ସଂସ୍କାର କାର୍ଯ୍ୟ କରାଯିବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

## ୫ ମାସ ପରେ ହେଲ୍ପ ଡେସ୍କ ଚଳଚଞ୍ଚଳ

ଅନୁଗୋଳ ଅଫିସ, ୧୬।୬

**ଧରିତ୍ରୀ ପ୍ରଭାବ**

ଚିକିତ୍ସାରେ ସହଯୋଗ ସହ ଚିକିତ୍ସାଳୟର ମାନ ବଢ଼ାଇବାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ହେଲ୍ପ ଡେସ୍କ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। ତେବେ ଦୀର୍ଘ ୫ ମାସ ହେବ ଏହି ହେଲ୍ପ ଡେସ୍କ ଏକପ୍ରକାର କୋମା ଅବସ୍ଥାକୁ ଚାଲିଯାଇଥିଲା। ଏ ନେଇ ଗତ ୧୪ ତାରିଖରେ ‘କୋମାରେ ହେଲ୍ପ ଡେସ୍କ’ ଶୀର୍ଷକ ଖବର ‘ଧରିତ୍ରୀ’ରେ ପ୍ରକାଶ ପରେ ଅନୁଗୋଳର ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କେତେଜଣ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନକୁ ଟୁଇଟ୍ କରିଥିଲେ। ତେବେ ମଙ୍ଗଳବାର ମେଡିକାଲ କାର୍ଯ୍ୟାଳୟ ଖୋଲିବା ପରେ ଏଡିଏମ୍‌ଓ ଏହାର ତନାଘନା କରିଥିଲେ। ଏହାପରେ ହେଲ୍ପ ଡେସ୍କ ମ୍ୟାନେଜରଙ୍କୁ ଡାକି ତାଗିଦ୍ କରିଥିଲେ। ତୁରନ୍ତ ହେଲ୍ପ ଡେସ୍କ ମ୍ୟାନେଜରଙ୍କ ସହ ଭଲ୍ୟୁଣ୍ଟରମାନେ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ପାଖରୁ ମତାମତ ସଂଗ୍ରହ କରିଥିବା ଦେଖାଯାଇଥିଲା। ଏପରି କି ବହିର୍ବିଭାଗକୁ ଆସୁଥିବା ରୋଗୀମାନଙ୍କ ପଞ୍ଜୀକରଣ କରିବା ସହ ସ୍ୱାସ୍ଥ୍ୟସେବାରେ କେତେ ସନ୍ତୁଷ୍ଟ ଅଛନ୍ତି ସେ ନେଇ ଫିଡ୍ ବ୍ୟାକ୍ ମଧ ସଂଗ୍ରହ କରାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଦିନ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୫-ଟି ବିଭାଗକୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କ ନିକଟରୁ ଫିଡ୍ ବ୍ୟାକ୍ ସଂଗ୍ରହ କରୁଛନ୍ତି ହେଲ୍ପ ଡେସ୍କ କର୍ମଚାରୀ।

## ଫଟୋରେ ଖବର


ସନ୍ଧ୍ୟାରେ ଅନୁଗୋଳ ଆକାଶରେ ବିଜୁଳିର ଚମକ। (ଫଟୋ: ବୁବୁ)


ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତସ୍ଥିତ ଦଦରାଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଉଦ୍‌ବୃତ୍ତ ବର୍ଷାଜଳ ଉଛୁଳି ମନଲୋଭା ପରିବେଶ ସୃଷ୍ଟି କରିଛି। (ଫଟୋ: ନିଗମାନନ୍ଦ)

## ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

ରାୟଗଡ଼ା ଅଫିସ, ୧୬।୬: ଗୁଣିଗାରେଡି ସନ୍ଦେହରେ ସୋମବାର ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ବଡ଼କସାପାଡୁ ଗ୍ରାମରେ ୨ବୃଦ୍ଧଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରେମାନନ୍ଦ ମାଣ୍ଡାଙ୍ଗିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ମଙ୍ଗଳବାର ରାୟଗଡ଼ା ଏସ୍ପି ଶର୍ବଣା ବିବେକ ଏମ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପରିବାରର ୩ଜଣଙ୍କୁ ଗୁଣିକରି ହତ୍ୟା କରିଥିବା ସନ୍ଦେହକରି ସୋମବାର ଅପରାହ୍ନରେ ପ୍ରେମାନନ୍ଦ ଗ୍ରାମର ୨ ବୃଦ୍ଧ ଯଦୁମଣି ମାଣ୍ଡାଙ୍ଗି ଏବଂ ପୋଲି ତାଡିଙ୍ଗିଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଅଭିଯୁକ୍ତଙ୍କ ଅଟକ ରଖି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

### ସଂକ୍ଷେପରେ

## ପ୍ରଶାସନ ପଦକ୍ଷେପ ନ ନେଲେ ସ୍ଥିତି ଜଟିଳ ହେବ

ମାଲକାନଗିରି,୧୬।୬(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ମଙ୍ଗଳବାର ୨୧ କରୋନା ରୋଗୀ ଚିହ୍ନଟ ପରେ ଜିଲା ପ୍ରଶାସନ ଚିନ୍ତାରେ ପଡ଼ିଛି। ତେବେ ଏବେ ବର୍ଷାଋତୁ ଚାଲିଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ। ଅନ୍ୟପକ୍ଷରେ ମାଲକାନଗିରି ଜିଲାରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୮୦ ପ୍ରତିଶତ ଲୋକ କରୋନା କଟକଣାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଏହା ଜିଲା ପାଇଁ ବିପଦ ସୃଷ୍ଟି କରିବ। ଏବେ ମଧ ପ୍ରବାସୀମାନେ ସୀମାନ୍ତ ମୋଟୁଠାରୁ ମାଲକାନଗିରି ଜିଲାକୁ ପ୍ରବେଶ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଗୃହ ସଙ୍ଗରୋଧରେ ରହୁଛନ୍ତି। ମାତ୍ର ଗୃହ ସଙ୍ଗରୋଧରେ ରହିବା ଅନେକ ପ୍ରବାସୀ ଶ୍ରମିକ ପକ୍ଷେ ସମ୍ଭବ ନୁହେଁ। ଏପରି କ୍ଷେତ୍ରରେ ପ୍ରଶାସନ କଡ଼ା ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସ୍ଥିତି ଜଟିଳ ହେବ ବୋଲି ମତ ପ୍ରକାଶ ପାଉଛି।

## ଗଜପତି ଜିଲାରେ ସଫଳ ହେବନି ଇ-ଶିକ୍ଷା: ବିଧାୟକ

### ସ୍ମାର୍ଟଫୋନ୍, ନେଟ୍ୱର୍କ ସମସ୍ୟା

ପାରଳାଖେମୁଣ୍ଡି,୧୬।୬(ସ୍ୱ.ପ୍ର.):ଗଜପତି ଜିଲା ଏକ ଆଦିବାସୀ ଅଧୁଷିତ ଅଞ୍ଚଳଭାବେ ପରିଚିତ। ଏବେ ବି ଗୋଟିଏ ସ୍ମାର୍ଟଫୋନ୍ କିଣିବା ଅନେକ ଲୋକଙ୍କ ପକ୍ଷରେ ସମ୍ଭବ ନୁହେଁ। ସେହିପରି ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଞ୍ଚଳରେ ନେଟ୍ୱର୍କ ସମସ୍ୟା ରହିଛି। ତେଣୁ ନେଟ୍ୱର୍କ ଓ ସ୍ମାର୍ଟଫୋନ୍ ବିନା ଜିଲାରେ ଅନ୍‌ଲାଇନ ଶିକ୍ଷା ସମ୍ଭବ ନୁହେଁ ବୋଲି ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଯୁକ୍ତି ବାଢ଼ିଛନ୍ତି । ଏହି ଯୋଜନାରେ କେବଳ ସରକାରଙ୍କ ପ୍ରଚାର ପ୍ରସାର ହେବ। ମାତ୍ର ପିଲାଙ୍କ ଉନ୍ନତି ହେବ ନାହିଁ ବୋଲି ସେ ଗଣମାଧମକୁ କହିଛନ୍ତି।

## ମାର୍ଲବାରେ ଜ୍ୱର ଆତଙ୍କ: ୨୫୦ ରକ୍ତ ନମୁନା ପରୀକ୍ଷା

ରାୟଗଡ଼(ଗଜପତି),୧୬।୬(ଡି.ଏନ୍.ଏ.): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅଧୀନ ମାର୍ଲବା ଗ୍ରାମରେ ଜ୍ୱର ଆତଙ୍କ ସୃଷ୍ଟି କରିଛି। ଗାଁର ଖ୍ରୀଷ୍ଟିଆନ ସାହିରେ ପ୍ରାୟ ୧୦ ଜଣ ଜ୍ୱରରେ ଆକ୍ରାନ୍ତ ହେବା ଜଣାପଡ଼ିବା ପରେ ରାୟଗଡ଼ର ୪ ଜଣିଆ ଡାକ୍ତରୀ ଟିମ୍ ପହଞ୍ଚି ୨୫୦ ଗ୍ରାମବାସୀଙ୍କ ରକ୍ତ ନମୁନା ପରୀକ୍ଷା କରିଛନ୍ତି। ପ୍ରଥମେ ଗାଁର ୨ ମହିଳାଙ୍କୁ ଜ୍ୱର ହୋଇଥିବାବେଳେ ଦୁହେଁ ଶନିବାର ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିଲେ। ପରେ ଗାଁରେ ପ୍ରାୟ ୧୦ ଜଣଙ୍କୁ ଜ୍ୱର ହୋଇଥିବା ଖବର ପାଇ ଡାକ୍ତରୀ ଟିମ୍ ଗାଁକୁ ଯାଇଥିଲେ। ସେଠାରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେହିପରି ସୋମବାର ଗ୍ରାମର ୧୪୮ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ମ୍ୟାଲେରିଆ ପରୀକ୍ଷା କରାଯାଇଥିବାବେଳେ ମଙ୍ଗଳବାର ଆଉ ୧୦୨ ନମୁନା ପରୀକ୍ଷା। ହୋଇଥିଲା। ତେବେ ସମସ୍ତ ରିପୋର୍ଟ ନେଗେଟିଭ୍ ରହିଥିବା ଜଣାପଡ଼ିଛି। ତେଣୁ ଭୟଭୀତ ହେବାର କାରଣ ନାହିଁ, ଏହା ଭାଇରାଲ୍ ଫିଭର ବୋଲି ନଗେନ ରାୟ ପଟ୍ଟନାୟକ କହିଛନ୍ତି। ଏଥିସହ ଜ୍ୱରରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଔଷଧ ଦିଆଯାଇଥିବା କହିଛନ୍ତି।

## ଡିଲର କିଣୁନାହାନ୍ତି ୧୦୦୧ ଧାନ

କାଶୀନଗର,୧୬।୬(ଡି.ଏନ୍.ଏ.): କୃଷି ବିଭାଗ ଜରିଆରେ ଚାଷୀଙ୍କୁ ୧୦୦୧ ନାମକ ଧାନ ବିହନ ଯୋଗାଇ ଦିଆଯାଉଛି। ମାତ୍ର ଏହି ବିହନରୁ ଉତ୍ପାଦିତ ଧାନ ସୋସାଇଟି ଡିଲର କିଣୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ପ୍ରତ୍ୟେକ ଫାର୍ମର ଆଇଡି ପିଛା ୧ହଜାର ଟଙ୍କାର କୀଟନାଶକରେ ୫ଶହ ଟଙ୍କା ସବ୍‌ସିଡି ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ତେବେ ଏହା ୧ ହେକ୍ଟର ଜମିରେ ହିଁ ସରିଯାଉଛି। ହେକ୍ଟରରୁ ଅଧିକ ଜମି ଥିବା ଚାଷୀ ଅଧିକ ଟଙ୍କା ଦେଇ କଳାବଜାରରେ କୀଟନାଶକ କିଣୁଥିବା କହିଛନ୍ତି। ତେଣୁ ପ୍ରତ୍ୟେକ ଆଇଡିରେ ହେକ୍ଟର ପିଛା ୧ହଜାର ଟଙ୍କାର କୀଟନାଶକ ସବ୍‌ସିଡିରେ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଏ ବିଷୟରେ କୃଷି ଅଧିକାରୀ ଶୋଭନ କୁମାର ଜେନା କହିଛନ୍ତି, ଗତବର୍ଷର ଗାଇଡ୍‌ଲାଇନ ଅନୁଯାୟୀ ସବ୍‌ସିଡି ଦିଆଯାଉଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ କୌଣସି ଗାଇଡ୍‌ଲାଇନ ଜାରି ହୋଇନାହିଁ। ସେହିପରି ୧୦୦୧ ଧାନ କିଣିବା ପାଇଁ ଡିଲରମାନଙ୍କୁ କୁହାଯାଇଛି। ଏଥିସହ ବିହନ ଓ କୀଟନାଶକ ମଧ ଡିଲରମାନଙ୍କ ଠାରୁ କିଣିପାରିବେ ବୋଲି କହିଛନ୍ତି। ତେବେ ପୁରୁଣା ବିହନ ନ କିଣି ୩୫ ଭଳି ନୂଆ ବିହନ କିଣିବାକୁ ସେ ପରାମର୍ଶ ଦେବା ସହ କୌଣସି ସମସ୍ୟା ଥିଲେ ଆଲୋଚନା କରିପାରିବେ ବୋଲି କହିଛନ୍ତି।

# ଶୁଣିଲାନି ପ୍ରଶାସନ, ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

- ପଞ୍ଚାୟତକୁ ୨୦ କି.ମି. ବୁଲିକରି ଯାଆନ୍ତି
- ଜଣେ ବ୍ୟକ୍ତି ଦେଲେ ନିଜ ଜମି
- କେହି ନ ଶୁଣିବାରୁ ନିଜେ ରାସ୍ତା ନିର୍ମାଣ କଲେ


୪ ଗ୍ରାମର ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି ।

ଦଶମନ୍ତପୁର,୧୬।୬( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଠେଲାପଦର ଗ୍ରାମରୁ ସଂଯୋଗ କରୁଥିବା ୪ଟି ଗ୍ରାମ ବାଲିଘାଟ, ଛାରନିବେଡ଼ା ଓ ମାଙ୍କଡ଼ଗୁଡ଼ା ଗ୍ରାମକୁ ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ମାତ୍ର ପ୍ରଶାସନ ନୀରବ ରହୁଥିଲା। ଶେଷରେ ଏହି ୪ ଗ୍ରାମର ଗ୍ରାମବାସୀ ଏକାଠି ହୋଇ ନିଜ ଗ୍ରାମକୁ ରାସ୍ତା ନିର୍ମାଣ କରିଛନ୍ତି। ଏହି ୪ ଗ୍ରାମରେ ୧୧୧ ପରିବାର ବସବାସ କରନ୍ତି। ଠେଲପଦର ଗ୍ରାମ ରାସ୍ତା ମଝିରେ ଡେଙ୍ଗା ଆମ୍ବଗଛ ନିକଟରେ ଏକ ନାଳ ରହିଛି। ଗ୍ରାମଗୁଡ଼ିକର ଗ୍ରାମବାସୀ ପିଣ୍ଡାପଦର ପଞ୍ଚାୟତକୁ ଯିବାକୁ ହେଲେ ୮ କି.ମି. ଅତିକ୍ରମ କରି ଯାଇଥାନ୍ତି। ତେବେ ଡେଙ୍ଗା ଆମ୍ବଗଛ ନାଳ ରାସ୍ତା ଅତି ଶୋଚନୀୟ ହୋଇ ପଡିଥିବାରୁ ଠେଲାପଦର ସହ ଉପରୋକ୍ତ ୪ଟି ଗ୍ରାମର ଆମେ ସବୁ ଗ୍ରାମବାସୀ ୨୦ କି.ମି. ବୁଲି ଦଶମନ୍ତପୁର ଦେଇ ଯାଇଥାଉ ବୋଲି କହନ୍ତି ଗ୍ରାମର ମନୋଜ ଗଉଡ଼, ରୁକଧର ଗଉଡ଼, ଗଦାଧର ଗଉଡ଼, ସଦନ ଗଉଡ଼। ନାଳ ଦେଇ ଯାଇଥିବା ରାସ୍ତା ସଜାଡିବାକୁ ଏହି ଗ୍ରାମବାସୀ ଅନେକ ଥର ଗ୍ରାମସଭାଠାରୁ ଆରମ୍ଭ କରି ପଲ୍ଲିସଭାରେ ମଧ ଜଣାଇଛନ୍ତି। ବ୍ଲକ କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ ସେମାନେ ଲିଖିତ ଓ ମୌଖିକ ଭାବେ ଅନେକ ଥର ଜଣାଇ କୌଣସି ସୁଫଳ ନ ମିଳିବାରୁ ଶେଷରେ ଗ୍ରାମବାସୀ ସମିତି ସଭ୍ୟ ଋଷିକେଶ ବିଶୋୟୀଙ୍କ ନେତୃତ୍ୱରେ ଏକାଠି ହୋଇ ପ୍ରଥମେ ପରସ୍ପର ମଧ୍ୟରେ ଚାନ୍ଦା କରି ୩୦ ହଜାର ଟଙ୍କା ଆଦାୟ କରିଥିଲେ। ଆବଶ୍ୟକ ପଡିବାରୁ ଗ୍ରାମର ପରାସର ବିଶୋୟୀ ନିଜ ଜମିରୁ କିଛି ଅଂଶ ଦାନ କରିଥିଲେ। ପରେ ରାସ୍ତା ନିର୍ମାଣ ଆରମ୍ଭ କରି ଗ୍ରାମବାସୀ ହ୍ୟୁମ୍ ପାଇପ ପକାଇ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଥିଲେ। ଏ ସମ୍ପର୍କରେ ବ୍ଲକ ଉପାଧକ୍ଷ ନାରାୟଣ ବିଶୋୟୀଙ୍କୁ ପଚାରିବାରୁ ସେ କହିଲେ ଯେ, ଆଗାମୀ ଦିନରେ ଏହି ୪ଟି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଦିଗରେ ମୁଁ ପଦକ୍ଷେପ ନେବି। ଏ ସମ୍ପର୍କରେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ ଯେ, ବୁଧବାର ସମ୍ପୃକ୍ତ ଗ୍ରାମକୁ ଯାଇ ଏନେଇ ଅନୁଧ୍ୟାନ କରିବି। ପରେ ଏଠାରେ ପୋଲ କିମ୍ବା କଲଭର୍ଟ ନିର୍ମାଣ ହେଲେ ରାସ୍ତା ଅବସ୍ଥା ଠିକ୍ ହେବ ସେ ସମ୍ପର୍କରେ ପଦକ୍ଷେପ ନେବି ବୋଲି ମଲ୍ଲିକ କହିଥିଲେ।

## ଗଜପତିରେ ପୁଣି ୭ ପଜିଟିଭ୍, ୬୦ ସୁସ୍ଥ

ପାରଳାଖେମୁଣ୍ଡି,୧୬।୬(ସ୍ୱ.ପ୍ର.)

ଗଜପତି ଜିଲାରେ ପୁଣି ୭ କରୋନା ପଜିଟିଭ ମଙ୍ଗଳବାର ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟା ୧୦୬ରେ ପହଞ୍ଚିଛି । ଉକ୍ତ ୭ ଜଣଙ୍କୁ ଆର୍.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗଜପତି ଜିଲାପାଳ ଅନୁପମ ସାହା ଏ ସମ୍ପର୍କରେ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୬୦ ଜଣ ଗଜପତି ଜିଲାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । କୋଭିଡ୍ ହସ୍ପିଟାଲରେ ବର୍ତ୍ତମାନ ୪୬ଜଣ ରହିଛନ୍ତି। ନୂତନ ଭାବେ ଯେଉଁ ୭ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ତାମିଲନାଡୁରୁ ୩ ଜଣ, ଆନ୍ଧ୍ରରୁ ୩ ଜଣ ଓ ତେଲଙ୍ଗାନାରୁ ଜଣେ ପ୍ରବାସୀ ଗଜପତି ଜିଲାକୁ ଫେରିଥିଲେ । ସେମାନଙ୍କୁ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଏହା ପଜିଟିଭ୍ ରିପୋର୍ଟ ଆସିଥିଲା। ସେମାନଙ୍କ ମଧ୍ୟରେ ଜଣେ ମହିଳାଙ୍କ ସମେତ ୬ ପୁରୁଷ ରହିଛନ୍ତି। ମହିଳାଙ୍କ ବୟସ ୫୦ ବର୍ଷ ହୋଇଥିବା ବେଳେ ପୁରୁଷଙ୍କ ବୟସ ୨୦ରୁ ୫୬ବର୍ଷ ମଧ୍ୟରେ ରହିଛି। ଏହି ୭ଜଣ ଗଜପତି ଜିଲାର ଗୋଷାଣୀ ବ୍ଲକର ପ୍ରବାସୀ ଅଟନ୍ତି।

### ତାମ୍ପରକଇଠା ଗ୍ରାମ କଣ୍ଟେନମେଣ୍ଟ ଜୋନ୍

ପାରଳାଖେମୁଣ୍ଡି,୧୬।୬(ସ୍ୱ.ପ୍ର.): ଗଜପତି ଜିଲା ଗୋଷାଣୀ ବ୍ଲକ୍ ବାଘଶଳା ପଞ୍ଚାୟତ ଅଧୀନ ତାମ୍ପରକଇଠା ଗ୍ରାମକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଗାଁର ଜଣେ ଚେନ୍ନାଇ ଫେରନ୍ତା ସଙ୍ଗରୋଧରୁ ଫେରିବା ପରେ ପୁଣି ତାଙ୍କ ନିକଟରେ କରୋନା ଲକ୍ଷଣ ଦେଖାଯାଇଥିବାରୁ ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଆର୍. ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେହିପରି ସଂକ୍ରମିତ ବ୍ୟକ୍ତିଙ୍କ ପରିବାର ଲୋକ ଏବଂ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ମଧ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ତେବେ ସଂକ୍ରମିତ ବ୍ୟକ୍ତି ଘରେ ଥିବା ସମୟରେ ଚିହ୍ନଟ ହୋଇଥିବାରୁ ସଂକ୍ରମଣକୁ ଏଡ଼ାଇବା ଲାଗି ଗାଁକୁ ୭ଦିନ ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନି ସୂଚନା ଦେଇଛନ୍ତି।

## ମାଲକାନଗିରି ଜିଲା: ଗୋଟିଏ ଦିନରେ ୨୧ ପଜିଟିଭ୍ ଚିହ୍ନଟ

ମାଲକାନଗିରି/କୋରୁକୋଣ୍ଡା, ୧୬।୬(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ମଙ୍ଗଳବାର ୨୧ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଚିହ୍ନଟଙ୍କ ମଧ୍ୟରୁ ୧୯ ଜଣ କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ସଙ୍ଗରୋଧ କେନ୍ଦ୍ରର ହୋଇଥିବା ବେଳେ ମାଲକାନଗିରି ବ୍ଲକ ପଦ୍ମଗିରି ପଞ୍ଚାୟତର ଜଣେ ଓ ଗୌଡଗୁଡା ପଞ୍ଚାୟତ ସଙ୍ଗରୋଧ ଗୃହର ଜଣେ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହିସବୁ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସମ୍ପୃକ୍ତ ଆକ୍ରାନ୍ତମାନେ କାହା କାହା ସଂସ୍ପର୍ଶରେ ଆସିଛନ୍ତି ସେନେଇ ପ୍ରଶାସନ ପକ୍ଷରୁ ଟ୍ରେସିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ତାର୍ଲାକୋଟା ସଙ୍ଗରୋଧ କେନ୍ଦ୍ରର ସମସ୍ତ ଆକ୍ରାନ୍ତ ପୁରୁଷ ହୋଇଥିବା ବେଳେ ତନ୍ମଧ୍ୟରୁ ଜଣେ ନାବାଳକ ରହିଥିବା ସରପଞ୍ଚ ସୋମନାଥ ବାରସେ ସୂଚନା ଦେଇଛନ୍ତି। ଏହି ୧୯ ଆକ୍ରାନ୍ତଙ୍କ ମଧ୍ୟରୁ ୧୩ ଜଣ ତାମିଲନାଡୁ, ୩ କର୍ନାଟକ, ୨ ଆନ୍ଧ୍ରପ୍ରଦେଶ ଫେରନ୍ତା ଓ ନାବାଳକ ଜଣକ ଛତିଶଗଡ଼ ଫେରନ୍ତା ବୋଲି ଜଣାପଡିଛି। କୋରୁକୋଣ୍ଡାର ତାର୍ଲାକୋଟା ସଙ୍ଗରୋଧ କେନ୍ଦ୍ର, ମାଲକାନଗିରି ବ୍ଲକର ଗୌଡ଼ଗୁଡା ଓ ପଦ୍ମଗିରି ସଙ୍ଗରୋଧ କେନ୍ଦ୍ରର ୧୦୦ ମିଟର ପରିସରକୁ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରିବା ସହ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ମଙ୍ଗଳବାର ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ପଜିଟିଭ ସଂଖ୍ୟା ୪୭କୁ ବୃଦ୍ଧି ପାଇଛି। ସେଥିରୁ ୨୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୬ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

## ରାସ୍ତା କାମ ଅଧାପନ୍ତରିଆ, ବଢୁଛି ସହରବାସୀଙ୍କ ସମସ୍ୟା

ପାରଳାଖେମୁଣ୍ଡି,୧୬।୬(ସ୍ୱ.ପ୍ର.)


ମେଡିକାଲ ଛକ ମୁଖ୍ୟ ରାସ୍ତାରେ କାମ ଅଧାପନ୍ତରିଆ ପଡ଼ି ରହିଛି।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରବାସୀଙ୍କ ପାଇଁ ରାସ୍ତା, ଜଳଯୋଗାଣ ଓ ବିଦ୍ୟୁତ୍ ସମସ୍ୟା ବଢ଼ିବାରେ ଲାଗିଛି । ଅଧିକାଂଶ ରାସ୍ତା କାମ ଅଧାପନ୍ତରିଆ ହୋଇ ରହିଥିବାରୁ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ବିଭିନ୍ନ ମୁଖ୍ୟ ରାସ୍ତା ଖାଲଖମାରେ ପରିଣତ ହୋଇଛି । ଏହାଦ୍ୱାରା ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି । ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ଦୀର୍ଘଦିନ ହେବ କାର୍ଯ୍ୟ ଚାଲିଥିଲେ ମଧ ଶେଷ ହେଉ ନାହିଁ । ସେହିପରି ମେଡିକାଲଠାରୁ କୋର୍ଟ ଛକ ରାସ୍ତା ମଧ୍ୟରେ ଥିବା ଦୋଳବନ୍ଧ ଛକ ସମ୍ମୁଖରେ ଅସରାଏ ବର୍ଷା ହେଲେ କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ଦ୍ୱାରା ହେଉଥିବା ଫରେଷ୍ଟ ଗେଟ୍‌ଠାରୁ ରାଣୀପେଣ୍ଠ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଅଧାପନ୍ତରିଆ ରହିଛି । ପାରଳାଖେମୁଣ୍ଡି ସହରରେ ପ୍ରବେଶ କଲାମାତ୍ରେ ଫରେଷ୍ଟ ଗେଟ୍ ରାସ୍ତାରେ ଖାଲ ସୃଷ୍ଟି ହୋଇଛି । ସେଠାରୁ କିଛି ଦୂର ଯିବାପରେ ପରିବହନ ବିଭାଗ ସମ୍ମୁଖ ରାସ୍ତା, ପୋଲିସ ଷ୍ଟେଶନ ଛକ, ବାଟଗୌଡ଼ ସାହି ଛକ, ଜନସ୍ୱାସ୍ଥ୍ୟ ବିଭାଗକୁ ଯାଇଥିବା ରାସ୍ତା ତଥା ମୁଖ୍ୟ ବଜାର ଛକ, ସିନେମା ହଲ୍ ଛକ, ନୂଆ ବସ୍‌ଷ୍ଟାଣ୍ଡ, ସୁଭାଷନଗର ଛକ, ସେହିପରି ସହରର ଶେଷ ରାଣୀପେଣ୍ଠ ପର୍ଯ୍ୟନ୍ତ ରାସ୍ତାରେ ଖାଲ ଭରି ରହିଛି । ସେହିପରି ପୌରାଞ୍ଚଳରେ ଆସୁଥିବା କୋର୍ଟ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଅଧାପନ୍ତରିଆଭାବେ ପଡ଼ିରହିଛି । ସେହିପରି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଠିକ୍ ଭାବେ ଯୋଗାଣ ହୋଇପାରୁ ନାହିଁ। ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ସ୍ଥାନରେ ଖାଲ ଖୋଳାଯାଇ ଦୀର୍ଘଦିନ ହେବ ପଡ଼ିରହିଛି। ଏହାଦ୍ୱାରା ଦୁର୍ଘଟଣା ଘଟିବା ସମ୍ଭାବନା ରହୁଛି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ ଦାସଙ୍କୁ ପଚାରିବାରୁ ସେ ଏହି ଖାଲଗୁଡ଼ିକ ପାଇଁ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗ ଉପରେ ଦୋଷାରୋପ କରିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଭାଗ ମଧ୍ୟରେ ସମନ୍ୱୟ ନ ରହିବା ଯୋଗୁ ଏପରି ସମସ୍ୟା ଉପୁଜି ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

## ଭାଜପାରେ ବରିଷ୍ଠ ନେତାଙ୍କୁ ଅଣଦେଖା ନେଇ କୁହୁଳୁଛି ଅସନ୍ତୋଷ

ଜୟପୁର ,୧୬।୬(ଡି.ଏନ.ଏ )

ରାଜ୍ୟ ଭାଜପାର ନୂତନ କର୍ମକର୍ତ୍ତା ଚୟନରେ କୋରାପୁଟ ଜିଲାର କେତେକ ବରିଷ୍ଠ ସଦସ୍ୟଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳର ପୁରାତନ ଏବଂ ବରିଷ୍ଠ ସଦସ୍ୟଙ୍କୁ ଅନ୍ୟ ଦଳରୁ ଆସି ଭାଜପାରେ ଯୋଗ ଦେଇଥିବା ସ୍ଥାନୀୟ ନେତୃବୃନ୍ଦ ସର୍ବଦା ଅବହେଳା କରୁଛନ୍ତି। ଦଳର କୌଣସି କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ ନ କରାଇ ଦେବା ନେଇ ଷଡ଼ଯନ୍ତ୍ର କରୁଛନ୍ତି । ଏପରି ଅଣଦେଖାକୁ ନେଇ ସମ୍ପୃକ୍ତ ବରିଷ୍ଠ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ରବିବାର ସ୍ଥାନୀୟ ଷ୍ଟାଡିୟମ ପଡିଆଠାରେ ସେମାନେ ଏକତ୍ରିତ ହୋଇ ସାମାଜିକ ଦୂରତା ରଖି ବୈଠକ କରିଥିଲେ । ଅନ୍ୟଦଳରୁ ଆସି ଭାଜପାରେ ସାମିଲ ହୋଇଥିବା କେତେକ ନେତାଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି । ଦଳର ବିଚାର ଏବଂ ଆଦର୍ଶ ପ୍ରତି ଆନୁଗତ୍ୟ ରଖିଥିବା ନେତାଙ୍କୁ ଅଣଦେଖା କରାଯାଉଛି । ଏସମ୍ପର୍କରେ ଆଗାମୀ ଜିଲାସ୍ତରୀୟ ବୈଠକରେ ଉପସ୍ଥାପନ କରାଯିବ। ରାଜ୍ୟ ନେତୃତ୍ୱ ଏ ଦିଗରେ ପଦକ୍ଷେପ ନ ନେଲେ ସେମାନେ ସାମୂହିକ ଭାବେ ପଦକ୍ଷପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ବାହିନୀପତି, ଅରୁଣ ଭଞ୍ଜମିଶ୍ର, ଅମରଲାଲ ଆହୁଜା, ଲଳିତ ଅଗ୍ରୱାଲ, ଶୁଭେନ୍ଦୁ ବ୍ରହ୍ମା, ମୀନକେତନ ପରିଚ୍ଛାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ । ଏନେଇ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ, ଏପରି ବୈଠକ ନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ । ଜିଲା କମିଟି ଗଠନ କରାଯାଇ ନାହିଁ । ଖୁବ୍ ଶୀଘ୍ର ଏହି କମିଟି ଗଠନ କରାଯାଇ ସମସ୍ତଙ୍କୁ ନେଇ ଦଳକୁ ସୁସଙ୍ଗଠିତ କରାଯିବ ବୋଲି ପ୍ରଧାନ କହିଥିଲେ।

## ଜିଆଇଇଟି ଛାତ୍ରୀଛାତ୍ର ପ୍ରସ୍ତୁତ କଲେ ହାତକୁ ଜୀବାଣମୁକ୍ତ କରୁଥିବା ଦ୍ରବଣ ଯନ୍ତ୍ର



ଉପଜିଲାପାଳଙ୍କୁ ଛାତ୍ରମାନେ ଦ୍ରବଣଯନ୍ତ୍ର ଦେଖାଉଛନ୍ତି ।

ଗୁଣୁପୁର,୧୬।୬(ଡି.ଏନ.ଏ.)

ମଙ୍ଗଳବାର ରାୟଗଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଗୁଣୁପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହାତକୁ ଜୀବାଣୁମକ୍ତ କରୁଥିବା ଦ୍ରବଣ ଯନ୍ତ୍ରକୁ ପ୍ରଦାନ କରାଯାଇଛି। ଏହାକୁ ଗ୍ରହଣ କରି ଉପ ଜିଲାପାଳ ବନ୍ଦର ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ଜିଆଇଇଟିର ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ଛାତ୍ର ସନ୍ଦିପ ସାହୁ, ଶ୍ରୀରାମ ସେଟି ସନମଖା, ପବନ ସେନାପତି, ସବଦ୍ଧି ଅନବେଶ, କେ.ଦକ୍ଷିଣ କୁମାର ପ୍ରମୁଖ ଏହି ଯନ୍ତ୍ର ପ୍ରସ୍ତୁତ କରିଥିଲେ। ଏହି ସମୟରେ ରେଜିଷ୍ଟ୍ରାର ଡ.ଏନ.ଭି.ଜେ.ରାଓ, ବିଭାଗୀୟ ମୁଖ୍ୟ ପ୍ରଫେସର ଶୁଭ୍ରଜିତ ପ୍ରଧାନ, କ୍ରୀଡା ଶିକ୍ଷକ ରବିନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ଯନ୍ତ୍ର ନିର୍ମାଣ କରିବାକୁ ଛାତ୍ରୀଛାତ୍ରଙ୍କୁ ୩ ଦିନ ସମୟ ଲାଗିଥିଲା। ଏଥିପାଇଁ ୧୨ଶହ ଟଙ୍କା ଖର୍ଚ୍ଚ ହୋଇଥିଲା।

## ୫୭ ପ୍ରବାସୀ ଶ୍ରମିକଙ୍କ ଜିଆର୍‌ଏସ୍‌ଙ୍କୁ ଦାବିପତ୍ର

ଦଶମନ୍ତପୁର,୧୬।୬(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ୨ଟି ଗ୍ରାମକୁ ଫେରିଥିବା ଓଡ଼ିଆ ପ୍ରବାସୀ ଶ୍ରମିକମାନେ ସେମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇଦେବାକୁ ମଙ୍ଗଳବାର ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ଲକ୍‌ଡାଉନ ବେଳେ ବାହାର ରାଜ୍ୟରେ ଥିବା ପଞ୍ଚାୟତର ପଖାର ଗ୍ରାମର ୩୪ ଜଣ ଏବଂ କନିଆ ଝୋଲା ଗ୍ରାମର ୨୩ ଜଣ ଶ୍ରମିକ ଅଗ୍ରଗାମୀର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକଙ୍କ ସହଯୋଗରେ ନିଜ ଗ୍ରାମକୁ ଫେରିଥିଲେ। ଏହି ଶ୍ରମିକମାନେ କୌଣସି କାମ ନ ପାଇ ଗ୍ରାମରେ ବସି ରହିଛନ୍ତି। ଫଳରେ ପରିବାର ଚଳିବା କଷ୍ଟକର ହେଉଛି। ସେମାନଙ୍କୁ କାମ ଯୋଗାଇଦେବାକୁ ମଙ୍ଗଳବାର ଜିଆର୍‌ଏସ୍ ଖଗେଶ୍ୱର କୁମ୍ଭରିଆଙ୍କୁ ଭେଟିଥିଲେ। ଏହି ଅବସରରେ ସରପଞ୍ଚଙ୍କ ଉପସ୍ଥିତିରେ ଶ୍ରମିକମାନେ ତାଙ୍କୁ ଏକ ଦାବିପତ୍ର ଦେଇଥିଲେ। ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଆସିବା ପରେ କାମ ଯୋଗାଇଦେବା ବ୍ୟବସ୍ଥା କରିବେ ବୋଲି ଜିଆର୍‌ଏସ୍ କୁମ୍ଭରିଆ ପ୍ରବାସୀ ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ମନେପଡିଲେ ସଉରା ଭାଷା, ଲିପିର ପ୍ରତିଷ୍ଠାତା

ଗୁଣୁପୁର,୧୬।୬(ଡି.ଏନ.ଏ.)

ରାୟଗଡା ଜିଲା ଗୁଣୁପୁରଠାରେ ସଉରା ଭାଷା ଓ ଲିପିର ଜନ୍ମଦାତା ତଥା ଏହାର ପ୍ରଚାରପ୍ରସାର କରିଥିବା ପଣ୍ଡିତ ମାଙ୍ଗେଇ ଗମାଙ୍ଗଙ୍କ ୧୦୪ ତମ ଜୟନ୍ତୀ ଶବର ସାଂସ୍କୃତିକ ସଂଘ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ସାମାଜିକ ଦୂରତା ରକ୍ଷା କରି ନିରାଡାମ୍ବର ଭାବେ ପାଳନ କରାଯାଇଥିଲା। ସଂଘ ସଭାପତି ଚକ୍ରପାଣି ଶବର, ଗାଡେ ଶବର, ବିଦ୍ୟାଧର ଶବର, ଫାଲଗୁନି ଶବର, ରାମ ପ୍ରସାଦ ଗମାଙ୍ଗଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପିଇଟି,କମ୍ପ୍ୟୁଟର ଅପରେଟର ନିଯୁକ୍ତିରେ ଦୁର୍ନୀତି ଅଭିଯୋଗ

ନବରଙ୍ଗପୁର,୧୬ ।୬(ବି.ପ୍ର.)

ନବରଙ୍ଗପୁର ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟରେ ବିଭିନ୍ନ ବର୍ଗର ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି ହୋଇଥିବା ଅଭିଯୋଗକରି ନବରଙ୍ଗପୁର ଜିଲା ମୂଳ ନିବାସୀ ବିକାଶ ପରିଷଦର ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝି ୫-ଟି ସଚିବଙ୍କୁ ୧୫ ତାରିଖରେ ଚିଠି ନମ୍ବର ୦୪/୨୦-୨୧ ମାଧ୍ୟମରେ ଜଣାଇଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ ଓ କିରାଣିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ଏଥିରେ ଦାବି କରାଯାଇଛି । ୧୦ଟି ବ୍ଲକରେ କମ୍ପ୍ୟୁଟର ଅପରେଟର ନିଯୁକ୍ତି କ୍ଷେତ୍ରରେ ୨୦୧୫-୧୬ ଆର୍ଥିକ ବର୍ଷରୁ ବିଜ୍ଞପ୍ତି ହୋଇ ନାହିଁ । ବିନା ବିଜ୍ଞପ୍ତିରେ ନିଯୁକ୍ତି ହୋଇଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତି ବର୍ଷ ବିଜ୍ଞପ୍ତି ପ୍ରକାଶ କରାଯାଇ ନିଯୁକ୍ତି କରାଯିବା କଥା ତାହା ହୋଇ ନାହିଁ । ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ଚିଠିରେ ଜନସୂଚନା ଅଧିକାର ଆଇନ ମାଧ୍ୟମରେ ପାଇଥିବା ରିପୋର୍ଟ ସଂଲଗ୍ନ କରାଯାଇଛି। ସେହିଭଳି ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ୨୦୧୩,୨୦୧୪,୨୦୧୬ ଓ ୨୦୧୭ରେ ନିଯୁକ୍ତି ହୋଇଥିବା ପିଇଟି (ଖେଳ) ଶିକ୍ଷକଙ୍କ ମଧ୍ୟରୁ ଅଧିକାଂଶଙ୍କ ଯୋଗ୍ୟତା ନ ଥାଇ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କୁ କେଉଁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଯାଇଛି ତାହାର ଅନୁସନ୍ଧାନ କରାଯାଉ ବୋଲି ଜଣାଇଛନ୍ତି । ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ସାମୟିକ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ଜିଲାପାଳଙ୍କ ବିନା ଅନୁମତିରେ ବଦଳି କରାଯାଇଛି । ଏହାର ମଧ ତଦନ୍ତ କରାଯିବା ଅତ୍ୟନ୍ତ ଜରୁରୀ ରହିଥିବା ଉଲ୍ଲେଖ କରିଛନ୍ତି। ନଚେତ୍ ପରିଷଦ ପକ୍ଷରୁ ଆଗାମୀ ଦିନରେ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଜଣାଇଛନ୍ତି।

# ଓଏଫଡିସିର ବେପରୁଆ ଗଛ କଟା

ଜୟପୁର,୧୬।୬(ଡି.ଏନ୍.ଏ.)


ବେପରୁଆ ଗଛକଟା ଯୋଗୁ କଲେଜ ଫାଟକ ଉପରେ ପଡିଥିବା ଗଛ ।

### ଭିଡି କଲେଜର ଫୁଟ୍ ଓଭରବ୍ରିଜ୍ ନିର୍ମାଣ

କୋରାପୁଟ ଜିଲା ଜୟପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଥିବା ରାଜ୍ୟର ଅନ୍ୟତମ ସର୍ବପୁରାତନ ବିକ୍ରମ ଦେବ(ଭିଡି) ସ୍ୱୟଂଶାସିତ ମହାବିଦ୍ୟାଳୟର ଉଭୟ ଭବନକୁ ଯାତାୟାତ ଲାଗି ଫୁଟ୍ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଆରମ୍ଭ ହେବ । ଏନେଇ ଦୁଇ ଭବନର ଉଭୟ ପାର୍ଶ୍ୱ ପରିସରରେ ବଡ଼ବଡ଼ ଗଛ ରହିଛି। ଏହି ଗଛ କାଟିବା ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ରାଜ୍ୟ ବନ ଉନ୍ନୟନ ନିଗମ (ଓଏଫଡିସି)କୁ ଦାୟିତ୍ୱ ଦେଇଥିଲା। ମଙ୍ଗଳବାରଠାରୁ ଓଏଫଡିସି ପକ୍ଷରୁ ଗଛ କଟା ଆରମ୍ଭ ହୋଇଛି । ପ୍ରଥମେ ବାଣିଜ୍ୟ ବିଭାଗ ପରିସରରେ ଥିବା ଗଛ କଟା ଆରମ୍ଭ ହୋଇଥିଲା। ତେବେ ଏଥିପାଇଁ ଓଏଫଡିସି କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିନି। ଏଥିଯୋଗୁ ଗଛ କାଟିବା ବେଳେ ଏହାର ଏକ ବଡ଼ ଡାଳ ପୁରାତନ ଭବନର ମୁଖ୍ୟ ଫାଟକ ଉପରେ ଲାଗିଥିବା ନାମଫଳକ ଉପରେ ପଡିବାରୁ ଫଳକ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଗଛ କାଟିବ ବେଳେ ସଂସ୍ଥାର ପରିଚାଳକ ଉତ୍ତମ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ନିଗମର ଜଣେ ଅଧିକାରୀଙ୍କ ଉପସ୍ଥିତିରେ ବେପରୁଆ ଭାବେ ଗଛ କାଟି ମହାବିଦ୍ୟାଳୟର ସମ୍ପତ୍ତି ନଷ୍ଟ କରାଯିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ମହାବିଦ୍ୟାଳୟର ଉଭୟ ଭବନ ମଧ୍ୟବର୍ତ୍ତୀ ଅଞ୍ଚଳରେ ୨୬ ନମ୍ବର ଜାତୀୟ ରାଜପଥ ରହିଛି। ଫଳରେ ଉଭୟ ଭବନ ମଧ୍ୟରେ ଛାତ୍ରୀଛାତ୍ର ଏବଂ ଅଧାପିକା ଅଧାପକଙ୍କୁ ଯାତାୟାତ ବେଳେ ସମସ୍ୟା ଉପୁଜୁଥିଲା। ବିଭିନ୍ନ ସମୟରେ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ସହ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା । ଏସବୁ ବିଚାରକୁ ନେଇ ଫୁଟ୍ ବ୍ରିଜ ନିର୍ମାଣ ପାଇଁ ୨୦୧୮ରେ ନିଷ୍ପତ୍ତି ଗ୍ରହଣ କରାଯାଇ ୭୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା। ୨୦୧୯ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜାତୀୟ ରାଜପଥ, ବିଦ୍ୟୁତ୍ ବିଭାଗ ଏବଂ ଜଙ୍ଗଲ ବିଭାଗର ଅନୁମତି ନେଇ ପ୍ରତିବନ୍ଧକ ସାଜିଥିଲା। ସ୍ଥାନୀୟ ବିଧାୟକ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ବାରମ୍ବାର ଉଦ୍ୟମ ଯୋଗୁ ସମ୍ପୃକ୍ତ ବିଭାଗରୁ ଅନୁମତି ମିଳି ଏବେ କାର୍ଯ୍ୟ ଆରମ୍ଭ ହୋଇଛି।

ଧରିତ୍ରୀ
DHARITRI



# କଳିଙ୍ଗ ଷ୍ଟାଡିୟମ ହେବ ସେଣ୍ଟର ଅଫ୍ ଏକ୍ସିଲେନ୍ସ

ନୂଆଦିଲ୍ଲୀ, ୧୬।୬(ପି.ଟି.)



କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଉତ୍ତମ କ୍ରୀଡ଼ା ଭିତ୍ତିଭୂମି ଥିବା ଦେଶର ୮ଟି ସ୍ଥାନକୁ ଚିହ୍ନଟ କରିଛନ୍ତି। ଏହା ମଧ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ୪ଟି ସ୍ଥାନ ଅନ୍ତର୍ଭୁକ୍ତ। ଏଗୁଡ଼ିକୁ ଖେଲୋ ଇଣ୍ଡିଆ ରାଜ୍ୟ ସେଣ୍ଟର ଅଫ୍ ଏକ୍ସିଲେନ୍ସ (କେଆଇଏସସିଇ)ରେ ପରିଣତ କରାଯିବ। ପ୍ରଥମ ପର୍ଯ୍ୟାୟରେ ମନ୍ତ୍ରଣାଳୟ କର୍ନାଟକ, ଓଡ଼ିଶା, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡ ରାଜ୍ୟ ଅଧୀନରେ ଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରିଛି। ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପରେ ଆବଶ୍ୟକତା ଅନୁସାରେ କେଆଇଏସସିଇ ପାଇଁ ଅର୍ଥ ଅନୁମୋଦନ କରାଯିବ। ‘‘ ଉତ୍ତମ କ୍ରୀଡ଼ା ଭିତ୍ତିଭୂମି ଥିବା ଏହି ସ୍ଥାନଗୁଡ଼ିକର ଚୟନ ପ୍ରକ୍ରିୟା ୨୦୧୯ ଅକ୍ଟୋବରରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସେମାନଙ୍କ ନିକଟରେ ଉପଲବ୍ଧ ଥିବା କ୍ରୀଡ଼ା ଭିତ୍ତିଭୂମିକୁ ଚିହ୍ନଟ କରିବା ପାଇଁ କୁହା ଯାଇଥିଲା। ସେମାନଙ୍କ ଏଜେନ୍ସି କିମ୍ବା ଅନ୍ୟ ଯୋଗ୍ୟ ଏଜେନ୍ସି ମାଧ୍ୟମରେ ଏହି ସ୍ଥାନ ଗୁଡ଼ିକୁ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିରେ ପରିଣତ କରାଯିବ’’ ବୋଲି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି ପ୍ରସ୍ତାବ ଆସିଥିଲା ଏବଂ ଅନୁଧ୍ୟାନ କରାଯିବା ପରେ ପ୍ରମୁଖ କ୍ରୀଡ଼ା ଗୁଡ଼ିକ ପାଇଁ ଟ୍ରେନିଂ ସୁବିଧା ସୁଯୋଗ ଏବଂ ଉତ୍ତମ ଭିତ୍ତିଭୂମି ଥିବା ୮ଟି ସ୍ଥାନକୁ ଶର୍ଟଲିଷ୍ଟ କରାଯାଇଥିଲା। ଅଲିମ୍ପିକ୍ସ ସ୍ପୋର୍ଟ୍ସକୁ ଦୃଷ୍ଟିରେ ରଖି ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଏହି ସେଣ୍ଟରକୁ କାର୍ଯ୍ୟକ୍ଷମ କରାଇବେ ଏବଂ ରହିବା, ଖାଇବା ଓ ରକ୍ଷଣାବେକ୍ଷଣ ସେମାନଙ୍କର ଦାୟିତ୍ୱରେ ରହିବ।

## ବିସିସିଆଇ ଏଥିକ୍ସ ଅଫିସରଙ୍କ କାର୍ଯ୍ୟକାଳ ବୃଦ୍ଧି

**ନୂଆଦିଲ୍ଲୀ, ୧୬।୬ (ପି.ଟି.):** ବିସିସିଆଇର ଏଥିକ୍ସ ଅଫିସର ଓ ଅମ୍ବୁଡ୍ସମ୍ୟାନ ଭାବେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଡି.କେ. ଜୈନଙ୍କ କାର୍ଯ୍ୟକାଳ ମିଆଦ ଏକବର୍ଷ ବୃଦ୍ଧି କରିଛି ଦେଶର କ୍ରିକେଟ ବୋର୍ଡ। ଜୈନ ୨୦୧୯ ଫେବୃୟାରୀରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ବିସିସିଆଇର ପ୍ରଥମ ଅମ୍ବୁଡ୍ସମ୍ୟାନ ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ଏଥିକ୍ସ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ଫେବୃୟାରୀ ୨୯ରେ ଶେଷ ହୋଇଥିଲା। କୋଭିଡ୍-୧୯ଜନିତ ପରିସ୍ଥିତି ଯୋଗୁ ଗତ ସପ୍ତାହରେ ତାଙ୍କ ଚୁକ୍ତିର ନବୀକରଣ କରାଯାଇଛି। ଜୈନଙ୍କ ନିକଟରେ ଅନେକ ମାମଲା ଫଇସଲା ନ ହୋଇ ପଡ଼ି ରହିଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଲିଆଇସନ ଅଫିସର ମୟଙ୍କ ପାରିଖଙ୍କ ବିରୋଧରେ ସ୍ୱାର୍ଥ ନିହିତ ମାମଲାର ରାୟ ଦିଆଯାଇ ନାହିଁ। ପାରିଖ ମୁମ୍ବାଇରେ ୬ଟି କ୍ଲବ ଚଳାଉଛନ୍ତି ବୋଲି ଅଭିଯୋଗ ହୋଇଥିଲା। ୨୦୧୯ରେ ଜୈନ ଦାୟିତ୍ୱ ଗ୍ରହଣ କରିବା ପରେ କେଏଲ୍ ରାଉଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ‘କଫି ୱିଥ୍ କରନ’ ବିବାଦ ଆରମ୍ଭ ହୋଇଥିଲା। ଏକ ଚ୍ୟାଟ୍ ଶୋରେ ଏହି ଦୁଇ କ୍ରିକେଟର ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ସେମାନଙ୍କୁ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରାଇ ଆଣିବା ସହ ସସ୍‌ପେଣ୍ଡ କରାଯାଇଥିଲା। ସେହିପରି କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ସଦସ୍ୟ ସଚିନ ତେନ୍ଦୁଲକର, ବର୍ତ୍ତମାନର ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏବଂ ଭିଭିଏସ୍ ଲକ୍ଷ୍ମଣଙ୍କ ବିରୋଧରେ ଆସିଥିବା ସ୍ୱାର୍ଥ ନିହିତ ମାମଲାର ସେ ଶୁଣାଣି କରିଥିଲେ। ଏଭଳି ସମାନ ଅଭିଯୋଗ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବଙ୍କ ବିରୋଧରେ ମଧ୍ୟ ଆସିଥିଲା। ମାତ୍ର ତାହା ଅମୂଳକ ବୋଲି ଦର୍ଶାଯାଇଥିଲା।

**ସଂକ୍ଷେପରେ**

### କ୍ରିକେଟ ଅଷ୍ଟ୍ରେଲିଆ ସିଇଓ ରବର୍ଟ୍ସଙ୍କ ଇସ୍ତଫା

**ମେଲବୋର୍ନ, ୧୬।୬ (ପି.ଟି.):** କ୍ରିକେଟ ଅଷ୍ଟ୍ରେଲିଆ (ସିଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କେଭିନ ରବର୍ଟ୍ସ ମଙ୍ଗଳବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଆଇସିସି ଟି୨୦ ବିଶ୍ୱକପ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହକ୍‌ଲେ କାମଚଳା ଦାୟିତ୍ୱ ତୁଲାଇବେ। କୋଭିଡ୍-୧୯ ଯୋଗୁ ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡ ଗୁରୁତର ଆର୍ଥିକ ସଙ୍କଟରେ ପଡ଼ିଥିବା ବେଳେ ଏହି ପରିବର୍ତ୍ତନ ଘଟିଛି। ବୋର୍ଡ ପକ୍ଷରୁ ରବର୍ଟ୍ସଙ୍କ ଇସ୍ତଫାପତ୍ର ଗ୍ରହଣ କରାଯାଇଛି ଏବଂ ତାଙ୍କ ସ୍ଥାନରେ ହକ୍‌ଲେଙ୍କୁ ନିଯୁକ୍ତି ଦିଆଯାଇଥିବା କ୍ରିକେଟ ଅଷ୍ଟ୍ରେଲିଆର ଚେୟାରମ୍ୟାନ ଇଅର୍ଲ୍ସ ଏଡିଙ୍ଗ୍ସ ସୂଚନା ଦେଇଛନ୍ତି। ୪୭ ବର୍ଷୀୟ ରବର୍ଟ୍ସ ୮ବର୍ଷ ଧରି କ୍ରିକେଟ ଅଷ୍ଟ୍ରେଲିଆ ସହିତ ସମ୍ପୃକ୍ତ ରହି ଆସିଥିଲେ। ପ୍ରଥମେ ସେ ବୋର୍ଡର ଜଣେ ସଦସ୍ୟ ଥିଲେ। ୨୦୧୮ ଅକ୍ଟୋବରରେ ସେ ଜେମ୍ସ ସଦରଲାଣ୍ଡଙ୍କ ସ୍ଥାନରେ ୩ ବର୍ଷ ପାଇଁ ନିଯୁକ୍ତି ପାଇଥିଲେ। ଅଷ୍ଟ୍ରେଲିଆ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲରେ ଛନ୍ଦି ହୋଇଯାଇଥିବାବେଳେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ମହାମାରୀ ଯୋଗୁ ଅକ୍ଟୋବର-ନଭେମ୍ବରରେ ଦେଶରେ ଟି୨୦ ବିଶ୍ୱକପ୍ ଆୟୋଜନ ନେଇ ଅନିଶ୍ଚିତତା ଦେଖାଦେଇଛି ବୋଲି ରବର୍ଟ୍ସ କିଛି ଦିନ ପୂର୍ବେ କହିଥିଲେ। ତେବେ ଏନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଫେବୃୟାରୀ ଓ ମାର୍ଚ୍ଚରେ ମହିଳା ଟି୨୦ ବିଶ୍ୱକପ୍‌ର ସଫଳ ଆୟୋଜନ ପଛରେ ଇଂଲଣ୍ଡରେ ଜନ୍ମିତ ହକ୍‌ଲେଙ୍କ ବିଶେଷ ଭୂମିକା ରହିଛି। ଅଷ୍ଟ୍ରେଲିଆ ମଧ୍ୟ ଏଥିରେ ଚାମ୍ପିୟନ ହୋଇଥିଲା। ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ହକ୍‌ଲେ ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ କ୍ରିକେଟ ଅଷ୍ଟ୍ରେଲିଆ କମର୍ସିଆଲ ପ୍ରୋଜେକ୍ଟ ମୁଖ୍ୟ ଥିଲେ। ଏହା ପୂର୍ବରୁ ୨୦୧୫ରେ ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଏବଂ ଲଣ୍ଡନ ଅଲିମ୍ପିକ୍ସ ଆୟୋଜକ କମିଟିରେ ୬ ବର୍ଷ ଧରି କାର୍ଯ୍ୟ କରିଛନ୍ତି।

### ଇଂଲଣ୍ଡକୁ ଚ୍ୟାଲେଞ୍ଜ ଦେବ ୱେଷ୍ଟଇଣ୍ଡିଜ ପେସ୍ ବାହିନୀ

**ଲଣ୍ଡନ, ୧୬।୬ (ପି.ଟି.):** ବିଶ୍ୱର ଯେକୌଣସି କ୍ରିକେଟ ଦଳକୁ ଚ୍ୟାଲେଞ୍ଜ ଦେଇପାରିବ ବୋଲି କହିଛନ୍ତି ଆସିଷ୍ଟାଣ୍ଟ କୋଚ୍ ରୋଡି ଇଷ୍ଟୱିକ୍। ଅତୀତରେ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ପେସ୍ ବାହିନୀ ପ୍ରତିଷ୍ଠା ଅର୍ଜନ କରିଥିଲା। ଏହାର ମୁଖ୍ୟ କାରଣ ହେଲା ଦଳ ଫିଟ୍‌ନେସ୍‌କୁ ଗୁରୁତ୍ୱ ଦେଇଥାଏ। ୭୦ ଓ ୮୦ ଦଶକରେ ୱେଷ୍ଟଇଣ୍ଡିଜ ପେସ୍ ବାହିନୀ ବିଶେଷ ସଫଳତା ହାସଲ କରିଥିଲା। କିନ୍ତୁ ଏବେକାର ବୋଲରମାନେ ସେମାନଙ୍କର ବ୍ୟକ୍ତିଗତ ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ଆମ ଦଳରେ କେମର ରୋଚ୍, ଶାନନ ଗାବ୍ରିଏଲ୍, ଅଲ୍‌ଜାରି ଯୋଶେଫ୍ ଏବଂ ଅଧିନାୟକ ଜାସନ ହୋଲ୍ଡର ରହିଛନ୍ତି। ସାଉଥାମ୍ପଟନରେ ଜୁଲାଇ ୮ରୁ ଆରମ୍ଭ ହେବାକୁଥିବା ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଇଂଲଣ୍ଡକୁ ଚ୍ୟାଲେଞ୍ଜ ଦେବା ଲାଗି ଆମ ଦଳ ପ୍ରସ୍ତୁତ। ଦୁଇ ଅଭିଜ୍ଞ ବୋଲର କେମର ଓ ଶାନନ୍ ବୋଲିଂ ଆକ୍ରମଣର ନେତୃତ୍ୱ ନେବେ। ଜାସନ ହୋଲ୍ଡର ଗତ ଦୁଇ ବର୍ଷ ହେଲା ଜଣେ ଉନ୍ନତ ଟେଷ୍ଟ ବୋଲର ଭାବେ ତାଙ୍କ ପ୍ରତିଭା ଦେଖାଇ ଆସୁଛନ୍ତି।

## ‘ଶାରୀରିକ ଶିକ୍ଷା, ଶିକ୍ଷକଙ୍କ ବିକାଶକୁ ଗୁରୁତ୍ୱ ଦିଆଯିବ’

ଭୁବନେଶ୍ୱର, ୧୬।୬(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ସଂସଦ ପକ୍ଷରୁ ‘କୋଭିଡ୍-୧୯ ସମୟରେ ଶାରୀରିକ ଶିକ୍ଷା ଓ ଯୋଗର ପ୍ରଭାବ’ ବିଷୟବସ୍ତୁକୁ ନେଇ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶାରୀରିକ ଶିକ୍ଷା ଶିକ୍ଷକ ଓ କ୍ରୀଡ଼ା କ୍ଷେତ୍ରକୁ ଭଲ ପାଉଥିବା ବ୍ୟକ୍ତିବିଶେଷଙ୍କୁ ନେଇ ପ୍ରଥମଥରପାଇଁ ଏପରି ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଗ ନେଇଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ଓଡ଼ିଶାଭଳି ରାଜ୍ୟରେ କିପରି ଶାରୀରିକ ଶିକ୍ଷା ଏବଂ ଶିକ୍ଷକ ମାନଙ୍କର ବିଭିନ୍ନ କ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରିବ ସେଥିପ୍ରତି ଯଥାଶୀଘ୍ର ଗୁରୁତ୍ୱ ଦିଆଯିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଥିଲେ।

ଅନୁଷ୍ଠାନର ସମ୍ପାଦକ ସମିମ୍ ଖାନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ୱେବିନାରରେ ସଭାପତି ଡ. ମନମୋହନ ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଭାଗ ନେବାପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ୩୫୦ ବ୍ୟକ୍ତିବିଶେଷ ନିଜ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ବକ୍ତବ୍ୟ ରଖିଥିବା ବ୍ୟକ୍ତିମାନେ ହେଲେ ପ୍ରଦୀପ କୁମାର ଲେଙ୍କା, ଗଗନେନ୍ଦୁ ଦାଶ, ଦେବେନ୍ଦ୍ରନାଥ ବେହେରା, ମୃତ୍ୟୁଞ୍ଜୟ ମିଶ୍ର, ସୁଶାନ୍ତ କୁମାର ଦାଶ, ଶକ୍ତିରଞ୍ଜନ ମିଶ୍ର, ଅଶୋକ କୁମାର ନାୟକ ଓ ମନମୋହନ ରାଉତ। ଏମାନଙ୍କର ବକ୍ତବ୍ୟ ଗୁଗଲ ମିଟ୍ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରେ ଥାଇ ବିଭିନ୍ନ ବ୍ୟକ୍ତିବିଶେଷ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ଜ୍ୟୋତିପ୍ରସାଦ ପରିଡ଼ା,

**‘କୋଭିଡ୍-୧୯ ସମୟରେ ଶାରୀରିକ ଶିକ୍ଷା ଓ ଯୋଗର ପ୍ରଭାବ’ ୱେବିନାର**

ଶତ୍ରୁଘ୍ନ ସୋମରାଜ, ସନ୍ତୋଷ ଜଗଦେବ, ଆଶିଷ ପ୍ରଧାନ, ନବକିଶୋର ପଣ୍ଡା ନିଜ କର୍ମକ୍ଷେତ୍ରରେ ଥାଇ ପରିଚାଳନାରେ ସହଯୋଗ କରିଥିବାବେଳେ ଶଙ୍କର୍ଷଣ ପ୍ରଧାନ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କର ସୁସ୍ଥ ସମାଜ ଗଠନରେ ନିଜ ଦାୟିତ୍ୱକୁ ନେଇ ଏକ ଇ-ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ଇ-ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଦୀପ କୁମାର ଦୋରା ସଂଯୋଜନା ଦାୟିତ୍ୱ ସମ୍ପାଦନ କରିଥିଲେ।

## ଓଡ଼ିଶା ଏଫ୍‌ସିରେ ଥୋଇବା ସାମିଲ



ଭୁବନେଶ୍ୱର, ୧୬।୬(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଯୁବ ଫୁଟବଲର ଥୋଇବା ସିଂ ମୋଇରାଙ୍ଗଥେମ୍ ଓଡ଼ିଶା ଏଫସି ଦଳରେ ଯୋଗ ଦେଇଛନ୍ତି। ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ)ର ୭ମ ସଂସ୍କରଣ ପୂର୍ବରୁ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ୧୭ ବର୍ଷୀୟ ସେଣ୍ଟ୍ରାଲ ମିଡ୍‌ଫିଲ୍ଡରଙ୍କ ସହ ୩ ବର୍ଷିଆ ଚୁକ୍ତି କରିଛି। ମଣିପୁରର ଏହି ଫୁଟବଲ ପ୍ରତିଭା ଭାରତୀୟ ଦଳ ପକ୍ଷରୁ ବିଭିନ୍ନ ବୟସବର୍ଗର ପ୍ରତିଯୋଗିତା ଖେଳିଛନ୍ତି। ଏହା ବ୍ୟତୀତ ସେ ଆଇ-ଲିଗ୍ ଦଳ ମିନର୍ଭା ପଞ୍ଜାବ ପକ୍ଷରୁ ଗତ ୨ ସିଜନ ଧରି ଖେଳି ଆସୁଥିଲେ। ମିନର୍ଭା ପକ୍ଷରୁ ଖେଳିବା ଅବସରରେ ସେ ଗତବର୍ଷ ଏଏଫସି କପ୍‌ରେ ସର୍ବକନିଷ୍ଠ ଖେଳାଳିଭାବେ ଏକ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ନୂଆ ଚୁକ୍ତି ସମ୍ପର୍କରେ ସୂଚନା ଦେଇ କ୍ଲବ ସଭାପତି ରୋହନ ଶର୍ମା କହିଛନ୍ତି ଯେ, ‘‘ଥୋଇବା ଜଣେ ଆଗ୍ରହୀ ଖେଳାଳି ଏବଂ ବହୁ ପ୍ରତିଭାର ଅଧିକାରୀ। ସେ ଓଡ଼ିଶା ଏଫସି ଦଳରେ ସାମିଲ ହୋଇଥିବାରୁ ମୁଁ ବହୁତ ଖୁସି। ସେ ଜଣେ କମ୍ ବୟସର ଖେଳାଳି ହୋଇଥିଲେ ହେଁ ଭାରତୀୟ ଯୁବ ଦଳରେ ଏବଂ ଆଇ-ଲିଗ୍‌ରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ତାଙ୍କ ମେଣ୍ଟର ଭିନିତ କ୍ଲବର ବିଚାରଧାରା ଅନୁସାରେ ତାଙ୍କୁ ଆଗକୁ ବଢ଼ିବାରେ ଏବଂ ଅଭିଜ୍ଞ ହେବାରେ ସହଯୋଗ କରିବେ। ଚଳିତ ବର୍ଷ ଶ୍ରେଷ୍ଠ ପ୍ରଦର୍ଶନ ସହ ଭବିଷ୍ୟତରେ ସେ ଜଣେ ଉତ୍ତମ ଖେଳାଳି ହେବା ଆଶା ରହିଛି’’। ଆଇଏସଏଲ ଖେଳିବା ପାଇଁ ଥୋଇବା ମଧ୍ୟ ବ୍ୟଗ୍ରତା ପ୍ରକାଶ କରିଛନ୍ତି। ‘‘ଓଡ଼ିଶା ଏଫସି ପକ୍ଷରୁ ଖେଳି ଆଇଏସଏଲ କ୍ୟାରିୟର ଆରମ୍ଭ କରିବାକୁ ମୁଁ ବ୍ୟଗ୍ର। ସେଠାରେ ଉତ୍ତମ ପ୍ରଦର୍ଶନ ସହ ମୁଁ ଭାରତୀୟ ଦଳରେ ମଧ୍ୟ ସ୍ଥାନ ପାଇବାକୁ ଆଶା ରଖିଛି। ଭାରତର ଅନେକ ଯୁବ ଖେଳାଳିଙ୍କୁ ନେଇ ଓଡ଼ିଶା ଏଫସି ସମୃଦ୍ଧ। ଏହାର ଏକ ସଦସ୍ୟ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏହି ଦଳ ପକ୍ଷରୁ ଖେଳି ଜ୍ଞାନ ଆହରଣ ସହ ଉନ୍ନତି କରିବା ନେଇ ମୁଁ ଦୃଢ଼ନିଶ୍ଚିତ’’ ବୋଲି ନିଜ ପ୍ରତିକ୍ରୀୟାରେ ଥୋଇବା ପ୍ରକାଶ କରିଛନ୍ତି।

## ‘ଟି୨୦ ବିଶ୍ୱକପ୍ ଆୟୋଜନ ଅବାସ୍ତବ ମନେ ହେଉଛି’

**ମେଲବୋର୍ନ, ୧୬।୬ (ପି.ଟି.):** କୋଭିଡ୍-୧୯ ମହାମାରୀ ଯୋଗୁ ଟି୨୦ ବିଶ୍ୱକପ୍ ଆୟୋଜନ ଅବାସ୍ତବ ମନେ ହେଉଛି ବୋଲି କହିଛନ୍ତି କ୍ରିକେଟ ଅଷ୍ଟ୍ରେଲିଆ ଚେୟାରମ୍ୟାନ ଇଅର୍ଲ ଏଡିଙ୍ଗ୍ସ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ୧୬ଟି ଦଳ ଦେଶକୁ ଆସିବା ସହଜ ନୁହେଁ। ସମଗ୍ର ବିଶ୍ୱରେ କରୋନା ଭାଇରସ୍ ସଂକ୍ରମିତଙ୍କ ସଂଖ୍ୟା ୮.୧ ନିୟୁତରୁ ଅଧିକ ରହିଛି। ବହୁ ଦେଶ ଯାତାୟାତରେ କଟକଣା ଜାରି କରିଥିବାରୁ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଏହି ପ୍ରତିଯୋଗିତାର ଆୟୋଜନ ନେଇ ଅନିଶ୍ଚିତତା ଦେଖା ଦେଇଛି ବୋଲି ଏଡିଙ୍ଗ୍ସ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତା ଆୟୋଜନ କରିବା ଲାଗି ବିକଳ୍ପ ବାଟ ଖୋଜିବାରେ ବ୍ୟସ୍ତ ରହିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ତେବେ କ୍ରିକେଟର ଏହି ବିଶ୍ୱ ପରିଚାଳନା ପରିଷଦ ଆସନ୍ତା ମାସରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଶୁଣିବାକୁ ମିଳୁଛି ଯେ, ଏହି ମେଗା ଇଭେଣ୍ଟକୁ ସ୍ଥଗିତ ରଖାଯିବ। ଯଦି ଏହା ହୁଏ ତେବେ ବର୍ତ୍ତମାନ ସସ୍‌ପେଣ୍ଡ ରଖାଯାଇଥିବା ଆଇପିଏଲ୍ ଆୟୋଜନ ପାଇଁ ରାସ୍ତା ଖୋଲିଯିବ। ସୂଚନାଯୋଗ୍ୟ, ଯେଉଁ କେତୋଟି ଦେଶ କରୋନାକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଅନ୍ୟତମ। ଏହି ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ମାତ୍ର ୭ ହଜାରରୁ ଅଧିକ। ତନ୍ମଧ୍ୟରୁ ୬୦୦୦ରୁ ଅଧିକ ସୁସ୍ଥ ହୋଇଛନ୍ତି। ଏଣେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୋଷାଧ୍ୟକ୍ଷ ଅରୁଣ ଧୂମଲ ବାରମ୍ବାର କହି ଆସୁଛନ୍ତି ଯେ, ଟି୨୦ ବିଶ୍ୱକପ୍ ଯଦି ସ୍ଥଗିତ ରୁହେ ତେବେ ଆଇପିଏଲ୍ ଆୟୋଜନ ହୋଇପାରିବ। ଆଇପିଏଲ୍ ଯଦି ଆୟୋଜନ ନ ହୁଏ ତେବେ ୪୦୦୦ କୋଟି ରାଜସ୍ୱ ହାନି ଘଟିବ। ଏହା ଏକ ବଡ଼ ସମସ୍ୟା ସୃଷ୍ଟି କରିବ।

## ବଢୁଛି ଆଇପିଏଲ୍ ଆଶା

ନୂଆଦିଲ୍ଲୀ, ୧୬।୬




ଚଳିତ ବର୍ଷର ଟି୨୦ ବିଶ୍ୱକପ ସମ୍ପର୍କରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି) ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିଲେ ହେଁ ଇଣ୍ଡିଆନ ପ୍ରିମିୟରଲିଗ୍(ଆଇପିଏଲ୍) ଆୟୋଜନ ଆଶା ବଢ଼ିବାରେ ଲାଗିଛି। କୋଭିଡ୍-୧୯ ସଂକ୍ରମଣ ଯୋଗୁ ଟି୨୦ ବିଶ୍ୱକପ୍ ଆୟୋଜନ ଅବାସ୍ତବ ମନେ ହେଉଛି ବୋଲି କହିଛନ୍ତି କ୍ରିକେଟ ଅଷ୍ଟ୍ରେଲିଆ ଚେୟାରମ୍ୟାନ ଇଅର୍ଲ ଏଡିଙ୍ଗ୍ସ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ୧୬ଟି ଦଳ ଦେଶକୁ ଆସିବା ସହଜ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଆଇପିଏଲ ଆୟୋଜନ ସମ୍ପର୍କରେ ଚିନ୍ତା କରୁଥିବା ସ୍ପଷ୍ଟ ହୋଇଛି। ସେ ବିସିସିଆଇ ସଦସ୍ୟଭୁକ୍ତ ରାଜ୍ୟଗୁଡ଼ିକୁ ଚିଠି ଲେଖି ନିଜ ଆଭିମୁଖ୍ୟ ଜଣାଇଛନ୍ତି। ଆଇପିଏଲ ୨୦୨୦ ପାଇଁ ସେପ୍ଟେମ୍ବର ୨୬ରୁ ନଭେମ୍ବର ୮କୁ ସମ୍ଭାବ୍ୟ ସମୟଭାବେ ଗାଙ୍ଗୁଲି ଏବଂ ତାଙ୍କ ଟିମ୍ ବିବେଚନା କରଥିବା ଜଣାଯାଇଛି। ତେବେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ ବାତିଲ ହେଲେ ଯାଇ ଆଇପିଏଲ ପାଇଁ ସମୟ ବାହାରିବା ସମ୍ଭବ ହେବ।

ଜୁନ୍ ୧୦ରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ଟି୨୦ ବିଶ୍ୱକପ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ପାରିନାହିଁ। ଜୁଲାଇରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ସମ୍ଭାବନା ରହିଛି। ତେବେ ସେତେବେଳ ପର୍ଯ୍ୟନ୍ତ ବିସିସିଆଇ ଚୁପ୍ ହୋଇ ବସିବାକୁ ଚାହୁଁନାହିଁ। ବ୍ରଡକାଷ୍ଟ ପାର୍ଟନରଙ୍କ ସହିତ ଆଲୋଚନା କରି ଆଇପିଏଲ ପାଇଁ ୱିଣ୍ଡୋ ବାହାର କରିବା ଦିଗରେ କାର୍ଯ୍ୟ କରୁଛି। ଆଇସିସି ଯେପରି ଟି୨୦ ବିଶ୍ୱକପ ସମ୍ପର୍କରେ ଚିନ୍ତା କରୁଛି ଆମେ ସେପରି ଆଇପିଏଲ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରୁଛୁ। ଟି୨୦ ବିଶ୍ୱକପ ବାତିଲ ହେଲେ ଆମେ ଆଇପିଏଲ ପାଇଁ କାର୍ଯ୍ୟ ଆରମ୍ଭ କରିବୁ। ତେଣୁ ସେପ୍ଟେମ୍ବର ୨୬ରୁ ନଭେମ୍ବର ୮କୁ ସମ୍ଭାବ୍ୟ ସମୟ ଧାର୍ଯ୍ୟ କରାଯାଇଛି ବୋଲି ବିସିସିଆଇର ଜଣେ ଅଫିସିଆଲ ଏକ ସାକ୍ଷାତକାରରେ କହିଛନ୍ତି। ଆଇପିଏଲ ପାଇଁ ସମ୍ଭାବ୍ୟ ୱିଣ୍ଡୋ ବାହାର କରାଯାଇଥିବାବେଳେ ବିସିସିଆଇ ପାଇଁ ପରବର୍ତ୍ତୀ ହର୍ଡଲ୍ସ ହେଉଛି ଭେନ୍ୟୁ ଚୂଡ଼ାନ୍ତ କରିବା। ଭେନ୍ୟୁ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନିଆଯାଇନାହିଁ। ଆସନ୍ତା ୩୦ ଦିନରେ କରୋନା ସ୍ଥିତିକୁ ଦେଖିବା ପରେ ଭାରତରେ ଏହି ଲିଗ୍ ଆୟୋଜନକୁ ପ୍ରାଧାନ୍ୟ ଦିଆଯିବ। ଏହା ଅଳ୍ପ ଭେନ୍ୟୁରେ ଏବଂ ବିନା ଦର୍ଶକରେ ମଧ୍ୟ ହୋଇପାରେ। ଆବଶ୍ୟକସ୍ଥଳେ ବିଦେଶରେ ମଧ୍ୟ ଏହାକୁ ଆୟୋଜନ କରାଯାଇପାରେ। ଏପରିକି ଏହାକୁ ଅନ୍ତର୍ଜାତୀୟ ଖେଳାଳିଙ୍କ ବିନା ମଧ୍ୟ ଖେଳାଯାଇପାରେ। ତେଣୁ ଟି୨୦ ବିଶ୍ୱକପ୍ ବାତିଲ ହେଲେ ଯେ କୌଣସି ପ୍ରକାରେ ଆଇପିଏଲ ଆୟୋଜନ ପାଇଁ ଭାରତୀୟ ବୋର୍ଡ ପ୍ରସ୍ତୁତ ହେଉଥିବା ଜଣାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ